# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, October 11/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 317 | ମୂଲ୍ୟ ₹୭/-





## ସଂକ୍ଷେପରେ

### ସଞ୍ଜୟ ସିଂଙ୍କ ହାଜତ ମିଆଦ ୧୩ ଯାଏ ବଢ଼ିଲା

**ନୂଆଦିଲ୍ଲୀ,୧୦।୧୦:** ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ଗିରଫ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ସଞ୍ଜୟ ସିଂଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତ ମିଆଦକୁ ସ୍ଥାନୀୟ ଏକ ଅଦାଲତ ଅକ୍ଟୋବର ୧୩ ପର୍ଯ୍ୟନ୍ତ ବୃଦ୍ଧି



କରିଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ନିବେଦନକ୍ରମେ ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲ ସିଂଙ୍କ ହାଜତ ମିଆଦ ବଢ଼ାଇଛନ୍ତି। ହାଜତ ଜେରା ବେଳେ ଏଏପି ନେତା ସହଯୋଗ କରୁ ନ ଥିବାରୁ ତାଙ୍କୁ ଅଧିକ ୫ ଦିନ ହାଜତରେ ରଖିବା ଲାଗି ଅନୁମତି ଦେବାକୁ ଇଡି ଅଦାଲତଙ୍କୁ ନିବେଦନ କରିଥିଲା। ମନିଲଣ୍ଡରିଂ ମାମଲାରେ ଇଡି ସଞ୍ଜୟ ସିଂଙ୍କୁ ଗତ ୪ ତାରିଖରେ ଗିରଫ କରିଥିଲା। ୫ ତାରିଖରେ କୋର୍ଟ ତାଙ୍କୁ ୧୦ ତାରିଖ ପର୍ଯ୍ୟନ୍ତ ଇଡି ରିମାଣ୍ଡରେ ଛାଡ଼ିଥିଲେ।

### ଏ. ରାଜାଙ୍କ ୧୫ ବେନାମୀ ସମ୍ପତ୍ତି ଦଖଲକଲା ଇଡି

**ନୂଆଦିଲ୍ଲୀ,୧୦।୧୦:** ମନିଲଣ୍ଡରିଂ ମାମଲାରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଡିଏମ୍‌କେ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ. ରାଜାଙ୍କ ୧୫ଟି ସ୍ଥାବର ବେନାମୀ ସମ୍ପତ୍ତିକୁ ଦଖଲକୁ ନେଇଛି। ଏହି ସମ୍ପତ୍ତିର ମୂଲ୍ୟ



୫୫ କୋଟି ଟଙ୍କା ହେବ। ରାଜାଙ୍କ ବେନାମୀ କମ୍ପାନୀ କୋଭାଇ ଶେଲ୍ଟର୍ସ ପ୍ରମୋଟର୍ସ ଇଣ୍ଡିଆ ପ୍ରା.ଲିଃ ନାମରେ ରହିଛି। ରାଜାଙ୍କ ବିରୋଧରେ ଚାଲିଥିବା ଆୟ ବହିର୍ଭୂତ ସମ୍ପତ୍ତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ କରୁଥିବାବେଳେ ପିଏମ୍‌ଏଲ୍‌ଏର ବ୍ୟବସ୍ଥା ଅନୁଯାୟୀ ବେନାମୀ ସମ୍ପତ୍ତିକୁ ତଦନ୍ତକାରୀ ସଂସ୍ଥା ନିଜ ଦଖଲକୁ ନେଇଛି। ଉକ୍ତ ସମ୍ପତ୍ତି ମଧ୍ୟରେ ରହିଛି କୋଏମ୍ବାଟୁର୍‌ରେ ୪୫ ଏକର ଜମି, ଯାହାକୁ ଗତ ଜୁନ୍‌ରେ ଇଡି ବାଜ୍ୟାପ୍ତ କରିଥିଲା।

### ଭାରତକୁ ଖଲିସ୍ତାନୀ ଆତଙ୍କବାଦୀ ପନ୍ନୁନଙ୍କ ଧମକ

**ନୂଆଦିଲ୍ଲୀ,୧୦।୧୦:** ଖଲିସ୍ତାନୀ ଆତଙ୍କବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁନ୍ ଅନ୍‌ଲାଇନରେ ଏକ ନୂଆ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦିଙ୍କୁ ଧମକ ଦେଇଛନ୍ତି। ଇସ୍ରାଏଲ୍-ପାଲେଷ୍ଟାଇନ୍ ଯୁଦ୍ଧରୁ ଶିକ୍ଷାଲାଭ କର, ନଚେତ୍ ଭାରତକୁ ସମାନ ପ୍ରତିକ୍ରିୟା ଅପେକ୍ଷା କରିଛି ବୋଲି ସେ କହିଛନ୍ତି। ଆମେରିକାରେ ବେଆଇନ ଶିଖ୍‌ସ ଫର୍ ଜଷ୍ଟିସ ସଂଗଠନର ମୁଖ୍ୟ ପନ୍ନୁନ୍ କହିଛନ୍ତି, ପଞ୍ଜାବରୁ ପାଲେଷ୍ଟାଇନ୍ ଆଧିପତ୍ୟ କରିଥିବା ଲୋକେ ପ୍ରତିକ୍ରିୟା ପ୍ରକାଶ କରିବେ ଏବଂ ହିଂସାର ଫଳ ହିଂସା ହେବ। ଭାରତ ଯଦି ପଞ୍ଜାବକୁ ଅକ୍ତିଆର କରିରଖେ, ତେବେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ମୋଦି ସେଥିପାଇଁ ଦାୟୀ ରହିବେ ବୋଲି ପନ୍ନୁନ କହିଛନ୍ତି।



ଗାଜାର ଏକ ସହର ଉପରେ ଆକାଶମାର୍ଗରୁ ଇସ୍ରାଏଲ ସେନାର ପ୍ରତି ଆକ୍ରମଣ।

## ଇସ୍ରାଏଲ୍‌କୁ ଭାରତ ଦୃଢ଼ ସମର୍ଥନ କରୁଛି: ମୋଦି



ବେଞ୍ଜାମିନ୍ ନେତାନ୍ୟାହୁ



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ,୧୦।୧୦**

କଠିନ ସମୟରେ ଭାରତ ଇସ୍ରାଏଲ୍ ସହ ଦୃଢ଼ ଭାବେ ଛିଡ଼ାହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଇସ୍ରାଏଲ୍ ପ୍ରତିପକ୍ଷ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କହିଛନ୍ତି। ମଙ୍ଗଳବାର ନେତାନ୍ୟାହୁ ଫୋନ୍ ଯୋଗେ ମୋଦିଙ୍କୁ ଇସ୍ରାଏଲ୍-ହମାସ ଯୁଦ୍ଧ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସବୁ ପ୍ରକାର ଆତଙ୍କବାଦକୁ ଭାରତ ଦୃଢ଼ ବିରୋଧ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇସ୍ରାଏଲ୍‌କୁ ସମର୍ଥନ ବାର୍ତ୍ତା ଉଲ୍ଲେଖନୀୟ, କାରଣ ଭାରତ ପୂର୍ବରୁ ପାଲେଷ୍ଟାଇନ ସମସ୍ୟାକୁ ସମର୍ଥନ କରିଆସୁଥିଲା। ବିଗତ କିଛିବର୍ଷ ହେଲା ଏହା ଇସ୍ରାଏଲ୍‌ର ନିକଟତର ହୋଇଛି। ଭାରତ ମଧ୍ୟପ୍ରାଚ୍ୟରେ ବଡ଼ ଭୂମିକା ନେବା ସ୍ଥିତିରେ ପହଞ୍ଚିଥିବା ସମୟରେ ଯୁଦ୍ଧ ଆରମ୍ଭ ହୋଇଥିବାରୁ କଠିନ କୂଟନୈତିକ ସ୍ଥିତିକୁ ଅତିକ୍ରମ କରିବାକୁ ହେବ। ସଙ୍କଟ ସମାଧାନରେ ବନ୍ଧୁ ରାଷ୍ଟ୍ର ଭାରତ ସହଯୋଗ କରିବ ବୋଲି ଉଭୟ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ଆଶାବାଦୀ ଅଛନ୍ତି।

# ଯୁଦ୍ଧ: ୧,୬୦୦ ଟପିଲା ମୃତ୍ୟୁ

## ଗାଜାରୁ ୨ ଲକ୍ଷ ଘର ଛାଡ଼ି ପଳାଇଲେଣି

**ଜେରୁଜେଲମ୍,୧୦।୧୦**

ପାଲେଷ୍ଟାଇନ୍‌ର ହମାସ୍ ଆତଙ୍କବାଦୀ ଏବଂ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧,୬୦୦ ଅତିକ୍ରମ କରିଛି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଇସ୍ରାଏଲ୍ ସେନା ଆକ୍ରମଣରେ ୧୪୩ ଶିଶୁ ଓ ୧୦୫ ମହିଳାଙ୍କ ସମେତ ମୋଟ ୭୦୪ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ୪,୦୦୦ରୁ ଅଧିକ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ଇସ୍ରାଏଲ୍‌ର ଅନ୍ୟୂନ ୯୦୦ ଲୋକ ନିହତ ହୋଇଥିବାବେଳେ ୨,୬୦୦ ଆହତ ହୋଇଛନ୍ତି। ଇସ୍ରାଏଲ୍‌ରୁ ୧,୫୦୦ ହମାସ୍ ବିଦ୍ରୋହୀଙ୍କ ମୃତଦେହ ମିଳିଥିବା ବେଳେ ଦେଶର ଦକ୍ଷିଣ ଭାଗକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଥିବା ସୈନ୍ୟବାହିନୀ ଦାବି କରିଛି। ଇସ୍ରାଏଲ୍ ଜୋର୍‌ଦାର ବୋମାମାଡ଼ ଜାରି ରଖିଥିବାରୁ ଗାଜାରୁ ୧,୮୭,୫୧୮ ଲୋକ ଜୀବନ ଭୟରେ ଘରଦ୍ୱାର ଛାଡ଼ି ପଳାଇଗଲେଣି ବୋଲି ଜାତିସଂଘ ମାନବୀୟ ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୧,୩୭,୪୨୭ ଜଣ ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୩ ସ୍କୁଲ୍‌ରେ ଆଶ୍ରୟ ନେଇଛନ୍ତି।

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡାକୁ ଧ୍ୱଂସ କରିବାକୁ ସଂକଳ୍ପ କରିଛନ୍ତି। ସେ କହିଛନ୍ତି, ଆମେ ଯୁଦ୍ଧ ଚାହୁଁ ନ ଥିଲୁ, ଆମକୁ ଏଥିପାଇଁ ବାଧ୍ୟ କରାଯାଇଛି। ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରି ନ ଥିଲା, କିନ୍ତୁ ଏହାର ପରିସମାପ୍ତ ଘଟାଇବ ବୋଲି ସେ କହିଛନ୍ତି। ନେତାନ୍ୟାହୁ ହମାସ୍‌କୁ ଇସ୍‌ଲାମୀୟ ଆତଙ୍କବାଦୀ ସଂଗଠନ ଆଇଏସ୍ ସହ ତୁଳନା କରିଛନ୍ତି। ହମାସ୍‌କୁ ପରାଜିତ କରିବା ଲାଗି ସବୁ ସଭ୍ୟତାର ଶକ୍ତି ଏକଜୁଟ ହେବେ ବୋଲି ସେ ଏକ୍ସରେ ପୋଷ୍ଟ କରିଛନ୍ତି। ଗାଜା ଷ୍ଟ୍ରିପ୍‌କୁ ଚାରିପଟୁ ସମ୍ପୂର୍ଣ୍ଣ ଅବରୋଧ କରିବା ସହ ସେଠାକୁ ଖାଦ୍ୟ, ଇନ୍ଧନ, ବିଦ୍ୟୁତ୍ ବନ୍ଦ କରିଦେବ ବୋଲି ସୋମବାର ଇସ୍ରାଏଲ୍ କହିଥିଲା। ଇତିମଧ୍ୟରେ ଗାଜାକୁ ଇସ୍ରାଏଲ୍ ବିଦ୍ୟୁତ୍ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। ଗାଜାର ନିରୀହ ଲୋକଙ୍କ ଘର ଉପରେ ଇସ୍ରାଏଲ୍ ବୋମାମାଡ଼ କଲେ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ହମାସ୍ ମୁଖପାତ୍ର ଅବୁ ଉବାଇଡା କହିଛନ୍ତି। ଏହାର ଜବାବରେ ହମାସ୍ ବନ୍ଦୀ କରି ରଖିଥିବା ଇସ୍ରାଏଲୀଙ୍କ ମୁଣ୍ଡକାଟ କରିବ ବୋଲି ସୋମବାର ଧମକ ଦେଇଥିଲା। ଇତିମଧ୍ୟରେ ଇସ୍ରାଏଲ୍‌କୁ ଆମେରିକା ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମରିକ ସହାୟତା ଯୋଗାଇ ଦେଇଥିବାବେଳେ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବ୍ବାସ୍ ରୁଷିଆ ଗସ୍ତରେ ଯିବେ ବୋଲି ଆଶା କରାଯାଉଛି। ହମାସ୍ ଆତଙ୍କବାଦୀଙ୍କ ଆକ୍ରମଣରେ ଅନ୍ୟୂନ ୧୧ ଆମେରିକୀୟ ନିହତ ହେଲେଣି। ହମାସ୍ ଅପହରଣ କରିନେଇଥିବା ଲୋକଙ୍କ ମଧ୍ୟରେ ଆମେରିକୀୟ ଥାଇପାରନ୍ତି ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି।

ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲି ଓ ବ୍ରିଟେନ୍ ଯୁଦ୍ଧରେ ଇସ୍ରାଏଲ୍‌କୁ ସମର୍ଥନ କରୁଥିବା ମଙ୍ଗଳବାର ଏକ ମିଳିତ ବିବୃତିରେ ଘୋଷଣା କରିଛନ୍ତି। ହମାସ୍‌ର ଆତଙ୍କବାଦୀ କାର୍ଯ୍ୟାନୁଷ୍ଠାନର କୌଣସି ଯଥାର୍ଥତା ନାହିଁ। ଏହା ବିଶ୍ୱବ୍ୟାପୀ ନିନ୍ଦା କରାଯିବା ଆବଶ୍ୟକ। ଏଭଳି ଅତ୍ୟାଚାରରୁ ଆମେ ଆମ ନାଗରିକମାନଙ୍କ ସୁରକ୍ଷା ପାଇଁ ଇସ୍ରାଏଲ୍‌ର ଉଦ୍ୟମକୁ ସମର୍ଥନ କରୁଛୁ ବୋଲି ଉପରୋକ୍ତ ଦେଶଗୁଡ଼ିକ କହିଛନ୍ତି।

## ଗୋଇନ୍ଦା ବିଫଳତା ପରେ କାର୍ଯ୍ୟାନୁଷ୍ଠାନରେ ବିଫଳ ହୋଇଛି ଇସ୍ରାଏଲ୍



ଆମୋସ୍ ୟାଡଲିନ୍

**ନୂଆଦିଲ୍ଲୀ,୧୦।୧୦**

ଇସ୍ରାଏଲ୍‌ର ଗୋଇନ୍ଦା ବିଫଳତା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନରେ ବିଫଳ ହେବାରୁ ଶନିବାର ହମାସ୍ ଆକ୍ରମଣରେ ଏତେ ସଂଖ୍ୟାରେ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଲା ବୋଲି ଏହାର ପୂର୍ବତନ ସାମରିକ ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ ଆମୋସ୍ ୟାଡଲିନ୍ କହିଛନ୍ତି। ୟାଡଲିନ୍ ଦୀର୍ଘ ୪୦ ବର୍ଷ ଇସ୍ରାଏଲ୍ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରିଛନ୍ତି। ସେ ୩୩ ବର୍ଷ ଯୁଦ୍ଧବିମାନ ପାଇଲଟ୍ ଥିବାବେଳେ ବାୟୁସେନାର ଉପକମାଣ୍ଡର ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଆଇଡିଏଫ୍ ମିଲିଟାରୀ ଇଣ୍ଟେଲିଜେନ୍ସ ଡାଇରେକ୍ଟୋରେଟ୍‌ର ମୁଖ୍ୟ ଥିଲେ। ହମାସ୍ ଜଳ, ସ୍ଥଳ ଓ ଆକାଶ ପଥରେ ଆକ୍ରମଣ କରିବା ବିସ୍ମୟକର। ଏନେଇ ଇସ୍ରାଏଲ୍ ଗୋଇନ୍ଦା ବିଭାଗ ପାଖରେ ପୂର୍ବରୁ କୌଣସି ସୂଚନା ନ ଥିଲା। ଯୁଦ୍ଧ ଶେଷ ହେବା ପରେ ଗୋଇନ୍ଦା ବିଫଳତାର କାରଣ ସମ୍ପର୍କରେ ତଦନ୍ତ ହେବା ଆବଶ୍ୟକ ବୋଲି ୟାଡଲିନ୍ କହିଛନ୍ତି। ଆଗୁଆ ଗୋଇନ୍ଦା ସୂଚନା ନ ଥିଲେ ମଧ୍ୟ ଅତ୍ୟାଧୁନିକ ଫେନ୍ସ୍ ବ୍ୟବସ୍ଥା ମଧ୍ୟ ଶତ୍ରୁକୁ ଅଟକାଇବା ପାଇଁ ସମୟ ଦେଇପାରିଥାନ୍ତା। ସୀମାରେ ସେନ୍‌ସର ଲାଗିଥିବା ସତ୍ତ୍ୱେ କେହି ସେଗୁଡ଼ିକୁ ନିଷ୍କ୍ରିୟ କରିଦେଇଥିଲେ। ତାହାର ମଧ୍ୟ ତଦନ୍ତ ହେବା ଜରୁରୀ ବୋଲି ପୂର୍ବତନ ଗୋଇନ୍ଦା ମୁଖ୍ୟ କହିଛନ୍ତି। ଆଇଏସ୍ ଭଳି ହମାସ୍‌ମାନେ ଅତି ନିର୍ଦ୍ଦୟ ଭାବେ ମହିଳା ଓ ଶିଶୁମାନଙ୍କୁ ହତ୍ୟା କରିଛନ୍ତି। ଇସ୍ରାଏଲ୍ ଏହାକୁ ବରଦାସ୍ତ କରିବ ନାହିଁ। ଆମେ ଏବେ ଖେଳର ନିୟମ ବଦଳାଇବାକୁ ଯାଉଛୁ ବୋଲି ସେ ଏକ ଗଣମାଧ୍ୟମକୁ କହିଛନ୍ତି।

## ନିଲମ୍ବନକୁ ଚ୍ୟାଲେଞ୍ଜ କଲେ ରାଘବ ଚଢ଼ା



**ନୂଆଦିଲ୍ଲୀ,୧୦।୧୦**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଢ଼ାଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟ ସଭାରୁ ନିଲମ୍ବନ କରାଯାଇଥିବାରୁ ଏହାକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଗୃହରୁ ତାଙ୍କୁ ଗୋଟିଏ ଅଧିବେଶନରୁ ଅଧିକ ସମୟ ପାଇଁ ନିଲମ୍ବନ କରାଯାଇଛି। ଏନେଇ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ନିଲମ୍ବନ ବେଆଇନ ଏବଂ ମନମାନୀ ବୋଲି ରାଘବ କହିବା ସହ ରାଜ୍ୟ ସଭା ସ୍ୱାଧିକାର କମିଟି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଏହି ପ୍ରସଙ୍ଗ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବିଳମ୍ବିତ ହେଉଛି। ୫ ଜଣ ଏମ୍‌ପିଙ୍କ ଦସ୍ତଖତରେ ଜାଲିଆତି କରିଥିବା ଅଭିଯୋଗରେ ରାଘବଙ୍କୁ ଗତ ଅଗଷ୍ଟରେ ପାର୍ଲାମେଣ୍ଟର ଉଚ୍ଚ ସଦନରୁ ନିଲମ୍ବନ କରାଯାଇଥିଲା। ରାଜ୍ୟ ସଭାରେ ଦିଲ୍ଲୀ ସେବା ବିଲ ଉପରେ ଏକ ପ୍ରସ୍ତାବ ଆଣିବା ପାଇଁ ସେ ଭାଜପା ଏମ୍‌ପି ଏସ୍. ଫଙ୍ଗନୋନ କୋନ୍ୟାକ, ନରହରି ଅମିନ, ସୁଧାଂଶୁ ତ୍ରିବେଦୀ, ଏଆଇଏଡିଏମ୍‌କେର ଏମ୍. ଥମ୍ବିଦୁରାଇ ଏବଂ ବିଜେଡିର ସସ୍ମିତ ପାତ୍ରଙ୍କ ଜାଲ୍ ଦସ୍ତଖତ କରିଥିବା ଅଭିଯୋଗ ହୋଇଥିଲା। ରାଘବଙ୍କ କାର୍ଯ୍ୟ ଅନୈତିକ ବୋଲି କହି ଭାଜପା ସଦସ୍ୟ ପୀୟୂଷ ଗୋୟଲ ତାଙ୍କ ବିରୋଧରେ ନିଲମ୍ବନ ପ୍ରସ୍ତାବ ଆଣିଥିଲେ।

## ୫ ପାଲେଷ୍ଟାଇନ୍ ଖବରଦାତା ନିହତ

**ଗାଜା,୧୦।୧୦**

ଇସ୍ରାଏଲ୍ ଆକ୍ରମଣରେ ପାଲେଷ୍ଟାଇନ୍‌ର ୫ ଖବରଦାତା ନିହତ ହେବା ସହ ୨ ଜଣ ଫଟୋଗ୍ରାଫର ନିଖୋଜ ହୋଇଛନ୍ତି। ମଙ୍ଗଳବାର ଗାଜା ସିଟି ଉପରେ ଇସ୍ରାଏଲ୍ ବିମାନରୁ ବୋମାମାଡ଼ କରାଯିବାରୁ ୨ ପାଲେଷ୍ଟିନୀୟ ଖବରଦାତାଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ନ୍ୟୁଜ୍ ସଂସ୍ଥା ୱାଫା ପକ୍ଷରୁ କୁହାଯାଇଛି। ମୃତକ ହେଲେ ସମ୍ପାଦକ ସଇଦ୍ ଅଲ୍ ତାୱିଲ୍ ଏବଂ ଫଟୋଗ୍ରାଫର ମହମ୍ମଦ ସୋବିହ। ଏକାଧିକ ଗଣମାଧ୍ୟମ କାର୍ଯ୍ୟାଳୟ ଥିବା ଏକ ଅଞ୍ଚଳ ଉପରେ ଇସ୍ରାଏଲ୍ ବୋମାମାଡ଼ କରିଥିଲା। ଶନିବାର ଗାଜାରେ ଖବର ସଂଗ୍ରହ କରୁଥିବା ୩ ପାଲେଷ୍ଟିନୀୟ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମୃତକ ହେଲେ ଇବ୍ରାହିମ ମହମ୍ମଦ ଲଫି, ମହମ୍ମଦ ଜରଘୌନ ଏବଂ ମୁକ୍ତବୃତ୍ତ ସାମ୍ବାଦିକ ମହମ୍ମଦ ଏଲ୍-ସାଲି।

## 'ଭାରତ ଚାହିଁଲେ ହମାସ୍ ସହ ଶାନ୍ତି ବୁଝାମଣା ହୋଇପାରିବ'

**ନୂଆଦିଲ୍ଲୀ,୧୦।୧୦**

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧକୁ ୪ ଦିନ ବିତିଥିବାବେଳେ ୧,୬୦୦ରୁ ଅଧିକ ଲୋକଙ୍କ ଜୀବନ ଯିବା ସହ ୬,୦୦୦ ଆହତ ହେଲେଣି। ଶାନ୍ତି ସ୍ଥାପନ କିମ୍ବା ଯୁଦ୍ଧ ବନ୍ଦ ହେବାର କୌଣସି ସଙ୍କେତ ମିଳୁ ନାହିଁ। ଜି-୨୦ ରାଷ୍ଟ୍ରଗୋଷ୍ଠୀରେ ଆଫ୍ରିକୀୟ ୟୁନିୟନକୁ ଯୋଡ଼ିବା ଏବଂ ବ୍ରିକ୍ସ ସଦସ୍ୟ ସଂଖ୍ୟା ୬କୁ ବଢ଼ାଇବାରେ ଆମେରିକା ସଫଳ ବୁଝାମଣା କରିଥିଲା। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧର ଅବସାନ ପାଇଁ ଭାରତ ପ୍ରମୁଖ ଭୂମିକା ନେଇପାରିବ ବୋଲି ଇସ୍ରାଏଲ୍‌ର ପୂର୍ବତନ ସାମରିକ ଗୋଇନ୍ଦା ମୁଖ୍ୟ ମେଜର ଜେନେରାଲ ଆମୋସ୍ ୟାଡଲିନ୍ କହିଛନ୍ତି। ହମାସ୍ କୌଣସି ଶାନ୍ତି ବୁଝାମଣା ପାଇଁ ରାଜି ହେବନାହିଁ। ଆଇଏସ୍ ଭଳି ଏହା ଏକ ଆତଙ୍କବାଦୀ ସଂଗଠନ, ଯିଏ ମହିଳା ଓ ଶିଶୁମାନଙ୍କୁ ହତ୍ୟା କରୁଛି। ଯଦି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚମତ୍କାରୀ କରିପାରନ୍ତି, ତେବେ ଆମେ ତାଙ୍କୁ ସମର୍ଥନ ଜଣାଇବୁ ବୋଲି ୟାଡଲିନ୍ ଏକ ଗଣମାଧ୍ୟମକୁ କହିଛନ୍ତି।

### ମହିଳା ଓ ଶିଶୁଙ୍କୁ ହତ୍ୟା କରୁଛନ୍ତି ଆତଙ୍କବାଦୀ



ଗୁପ୍ତଚର ବୃତ୍ତି ଅଭିଯୋଗରେ ରୁଷୀୟ ଜେଲରେ ଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ସାମ୍ବାଦିକ ଇଭାନ୍ ଗର୍ସ୍କୋଭିଚ୍‌ଙ୍କୁ ଶୁଣାଣି ପାଇଁ ମସ୍କୋର ଏକ କୋର୍ଟକୁ ନିଆଯାଉଛି।

## ମାରାତ୍ମକ ଗ୍ରୀଷ୍ମର ସମ୍ମୁଖୀନ ହେବେ ଭାରତ, ପାକ୍

**ନୂଆଦିଲ୍ଲୀ,୧୦।୧୦**

ଶତାବ୍ଦୀ ବଦଳିବା ସହ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇବାକୁ ଯାଉଛି, ଯାହା ଭାରତ ଓ ସିନ୍ଧୁ ଉପତ୍ୟକା ସମେତ ବିଶ୍ୱର ସବୁଠୁ ଜନବହୁଳ ଅଞ୍ଚଳରେ ହୃଦ୍‌ଘାତ ଏବଂ ଅଂଶୁଘାତ ସମସ୍ୟା ବଢ଼ିପାରେ। ଏକ ନୂଆ ଗବେଷଣାରେ ଏଭଳି ପୂର୍ବାନୁମାନ କରାଯାଇଛି। ପେନ୍ ଷ୍ଟେଟ୍ କଲେଜ ଅଫ୍ ହେଲ୍‌ଥ ଆଣ୍ଡ ହ୍ୟୁମ୍ୟାନ୍ ଡେଭେଲପମେଣ୍ଟ, ପୁର୍ଡ୍ୟୁ ୟୁନିଭର୍ସିଟି କଲେଜ ଅଫ୍ ସାଇନ୍ସ ଏବଂ ପୁର୍ଡ୍ୟୁ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏ ସଷ୍ଟେନେବଲ୍ ଫ୍ୟୁଚର ପକ୍ଷରୁ କରାଯାଇଥିବା ଅନ୍ତଃବିଭାଗୀୟ ଗବେଷଣାରୁ ଏହା ଜଣାଯାଇଛି। 'ପ୍ରୋସିଡିଂସ୍ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍'ରେ ପ୍ରକାଶିତ ଉକ୍ତ ଗବେଷଣାରେ ବିଶ୍ୱ ତାପମାତ୍ରା ପ୍ରାକ୍ ଶିଳ୍ପ ସ୍ତରରୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅପେକ୍ଷା ଅଧିକ ବଢ଼ିବ, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ବିପର୍ଯ୍ୟୟ



ସୃଷ୍ଟି କରିବ ବୋଲି କୁହାଯାଇଛି।

ହୃଦ୍‌ଘାତ ବା ଅଂଶୁଘାତ ଅନୁଭବ କରିବା ପୂର୍ବରୁ ମାନବ ଶରୀର କେବଳ ନିର୍ଦ୍ଦିଷ୍ଟ ତାପମାତ୍ରା ଓ ଆର୍ଦ୍ରତାକୁ ଗ୍ରହଣ କରିପାରେ। ଅଧ୍ୟୟନ ଅନୁଯାୟୀ ଯଦି ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗୀୟ ସ୍ତରଠାରୁ ୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଏ ତେବେ ଭାରତ ଓ ପାକିସ୍ତାନର ୨୨୦ କୋଟି ଲୋକ ଅସହ୍ୟ ତାତିର ସମ୍ମୁଖୀନ ହେବେ। ସେହିପରି ପୂର୍ବ ଚାଇନାର ୧୦୦ କୋଟି ଏବଂ ସବ୍-ସାହାରା ଆଫ୍ରିକା ଅଞ୍ଚଳର ୮୦ କୋଟି ଲୋକ ଅତ୍ୟଧିକ ଗ୍ରୀଷ୍ମ ଲହର ଅନୁଭବ କରିବେ ବୋଲି ଏଥିରେ କୁହାଯାଇଛି। ଅତ୍ୟଧିକ ଗ୍ରୀଷ୍ମ ଲହରର ସମ୍ମୁଖୀନ ହେବାକୁ ଥିବା ମହାନଗର ମଧ୍ୟରେ ଦିଲ୍ଲୀ, କୋଲକାତା, ସାଙ୍ଘାଇ, ମୁଲ୍‌ତାନ, ନାଞ୍ଜିଙ୍ଗ ଏବଂ ଉହାନ ରହିଛି। ଏହିସବୁ ଅଞ୍ଚଳରେ ନିମ୍ନ ଏବଂ ମଧ୍ୟମ ଆୟକାରୀ ଦେଶ ରହିଥିବାରୁ ଲୋକମାନେ ଏୟାର କଣ୍ଡିଶନର କିମ୍ବା ଘରକୁ ଶୀତଳ ରଖିବା ଲାଗି କୌଣସି ପ୍ରଭାବୀ ମାଧ୍ୟମ ଆପଣାଇବାକୁ ସକ୍ଷମ ନୁହନ୍ତି। ଯଦି ବିଶ୍ୱ ତାପମାତ୍ରା ୩ ଡିଗ୍ରୀ ଅଧିକ ବଢ଼ିଯାଏ, ତେବେ ଇଷ୍ଟର୍ନ ସିବୋର୍ଡ ସମେତ ଆମେରିକା ମଧ୍ୟଭାଗରେ ଥିବା ଫ୍ଲୋରିଡାରୁ ନ୍ୟୁୟର୍କ ଏବଂ ହଷ୍ଟନ୍‌ରୁ ସିକାଗୋ, ଦକ୍ଷିଣ ଆମେରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଅତ୍ୟଧିକ ଗ୍ରୀଷ୍ମ ଲହରର ସାମ୍ନା କରିବେ ବୋଲି ଗବେଷଣାରୁ ଜଣାପଡ଼ିଛି। ତେବେ ବିକଶିତ ରାଷ୍ଟ୍ରର ଜନସାଧାରଣ ଗ୍ରୀଷ୍ମ କଷ୍ଟରୁ ମୁକ୍ତି ପାଇଁ ଆବଶ୍ୟକ ଶୀତଳୀକରଣ ବ୍ୟବସ୍ଥା ଆପଣାଇପାରିବେ। ବିକାଶଶୀଳ ଏବଂ ଗରିବ ଦେଶର ଲୋକମାନେ ଗ୍ରୀଷ୍ମ ପ୍ରବାହରେ ଛଟପଟ ହେବେ ବୋଲି ଅଧ୍ୟୟନରେ କୁହାଯାଇଛି।

DHARITRI
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ | Bhubaneswar, Wednesday, October 11/2023 | ପୃଷ୍ଠା-୧



## ମଲାନଙ୍କ ଶତକରେ ଇଂଲଣ୍ଡ ବିଜୟୀ

ଦାଉିଦ ମଲାନଙ୍କ ଆକର୍ଷଣୀୟ ଶତକ ଯୋଗୁ ବାଂଲାଦେଶ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଇଂଲଣ୍ଡ ବିଜୟୀ ହୋଇଛି।

୧୩

୦୫

## ରାମ ଚରିତ୍ର ପାଇଁ ଛାଡ଼ିବେ ମଦ-ମାଂସ

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଆଗାମୀ ଫିଲ୍ମ 'ରାମାୟଣ'ରେ ସେ ରାମଙ୍କ ଭୂମିକା ନିଭାଉଥିବାବେଳେ ମଦ-ମାଂସ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି।



# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

**ନିଶା କବଳରେ ପ୍ରଭାବିତ ହୋଇ ଜୀବନ ଧାରାକୁ ଭୁଲିଯାଇଥିବା ଲୋକମାନଙ୍କୁ ଠିକ୍ ରାସ୍ତାକୁ ଆଣିବା ନିଶା ନିବାରଣ କେନ୍ଦ୍ରର କାମ। ଏଠାରେ ରହୁଥିବା ଅନ୍ତେବାସୀଙ୍କୁ ନିଶା ବର୍ଜନର ମାର୍ଗ ଦେଖାଇ ସେମାନେ କିପରି ଏକ ସୁସ୍ଥ ଜୀବନ ଜିଇଁ ପାରିବେ ସେନେଇ ଶିକ୍ଷା ଦିଆଯାଇଥାଏ। ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ମଧ ରହିଛି। ହେଲେ କେତେକ ସ୍ଥଳରେ ନିଶା ନିବାରଣ କେନ୍ଦ୍ରରେ ଶିକ୍ଷା ପରିବର୍ତ୍ତେ ବର୍ବର ଆଚରଣ ସହ ମାଡ଼ମରା ଯାଉଛି। ଏପରି କି ଏହି ବର୍ବରତାରୁ ଅନେକଙ୍କ ଜୀବନ ମଧ ଯାଉଛି।**

ଭୁବନେଶ୍ୱର,୧୦।୧୦(ସତ୍ୟଜିତ୍ ରାଉତ)

ରାଜଧାନୀ ଧଉଳି ଥାନା ଅଞ୍ଚଳରେ ଥିବା 'ସ୍ୱୀକାର' ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଝରଣାସାହିର କାଳୁ ନାୟକ (୪୮)। କାଳୁଙ୍କୁ ଉକ୍ତ କେନ୍ଦ୍ରରେ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ଝୁନି ନାୟକଙ୍କ ଏତଲାକୁ ଭିତ୍ତି କରି ଧଉଳି ପୋଲିସ ଏକ ହତ୍ୟା ମାମଲା (ନଂ.୧୯୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କାଳୁ ମାତ୍ରାଧିକ ନିଶା ସେବନ କରୁଥିବାରୁ ପରିବାର ଲୋକେ ତାଙ୍କୁ ୩ ମାସ ତଳେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିଥିଲେ। ଏଥିପାଇଁ ପରିବାର ☞ପୃଷ୍ଠା-୨

## ୬ ମାସରେ ଦ୍ୱିତୀୟ ଘଟଣା



କାଳୁ ନାୟକ

## ମାନୁନାହାନ୍ତି ନିର୍ଦ୍ଦେଶାବଳୀ, ବଢୁଛି ନିର୍ଯାତନା

ରାଜଧାନୀରେ ପୂର୍ବରୁ ନିଶା ନିବାରଣ କେନ୍ଦ୍ରଗୁଡ଼ିକରେ ନିର୍ଯାତନା ଦିଆଯାଇଥିବା ଘଟଣା ନଜରକୁ ଆସିଛି। ୨୦୨୩ ଏପ୍ରିଲ ପ୍ରଥମ ସପ୍ତାହରେ ଧଉଳି ଥାନା ଅନ୍ତର୍ଗତ ଶ୍ରଦ୍ଧା ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଥିଲା। ସେହିଭଳି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଭୋଟପଡ଼ାସ୍ଥିତ ସାଇକୃପା ନିଶା ନିବାରଣ କେନ୍ଦ୍ରରେ ଜାନୁୟାରୀ ୩୦ରେ ଅନ୍ତେବାସୀ ସର୍ବେଶ୍ୱର ବେହେରାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ମାଲିକଙ୍କ ସମେତ ୩ ଜଣ ଗିରଫ ହୋଇଥିଲେ। ୨୦୨୧ଅଗଷ୍ଟରେ ପାଣ୍ଡରା ନିକଟରେ ଥିବା କୃପା ଫାଉଣ୍ଡେଶନରେ ତ୍ରିନାଥ ସେଠୀଙ୍କ ମୃତ୍ୟୁ ମାମଲାରେ ମାଲିକ ଗିରଫ ହୋଇଥିଲେ। ସେହିଭଳି ୨୦୧୯ ଅଗଷ୍ଟରେ ତମାଣ୍ଡୋ କଳିଙ୍ଗବିହାରସ୍ଥିତ ସିଏଫ୍ଆଇର ନିଶା ନିବାରଣ କେନ୍ଦ୍ରରେ ଅକ୍ଷୟ ମାଝିଙ୍କୁ ପିଟିପିଟି ହତ୍ୟା କରାଯାଇଥିଲା। ସାମାଜିକ ଓ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ଜରିଆରେ ଏନ୍‌ଜିଓ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଏହି କେନ୍ଦ୍ର କରିବାକୁ ଦାୟିତ୍ୱ ଦିଆଯାଉଛି। ଏପରି କି ଏହି କେନ୍ଦ୍ରଗୁଡ଼ିକ କେମିତି ଚାଲିବ ☞ପୃଷ୍ଠା-୨

# ଯୁଦ୍ଧରୁ ଅସ୍ଥିରତା, ଅର୍ଥପୀଡ଼ା

## ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ମାନ୍ଦାବସ୍ଥାକୁ ଏଡ଼ାଇବା କଷ୍ଟକର: ବିଶ୍ୱ ବ୍ୟାଙ୍କ

**ବିଶ୍ୱ କୋଭିଡ୍-୧୯ ମହାମାରୀଜନିତ ଆର୍ଥିକ ଦୁର୍ଗତିରୁ ମୁକୁଳି ଅଣ୍ଟାସଳଖି ଛିଡ଼ାହେଲାବେଳକୁ ୨୦୨୨ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା ଶକ୍ତିଶାଳୀ ରୁଷିଆ। ସେବେଠୁ ୫୯୪ ଦିନ ଧରି ଲାଗିରହିଥିବା ଯୁଦ୍ଧର ବହୁଳ ପ୍ରଭାବ ସର୍ବତ୍ର ଅନୁଭୂତ। ଏହି ଦୀର୍ଘ ସଂଘର୍ଷ ୟୁରୋପରେ ଶାନ୍ତି ଭଙ୍ଗକରି ବିଶ୍ୱ ଅର୍ଥନୀତିକୁ ଦୋହଲାଇଦେଇଛି। ଦୁଇ ପ୍ରମୁଖ ଖାଦ୍ୟଶସ୍ୟ ଯୋଗାଣକାରୀ ରାଷ୍ଟ୍ର ଯୁଦ୍ଧରେ ମଜ୍ଜିଯିବା ପରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଗତ ୨୦ ମାସ ମଧ୍ୟରେ ପୃଥିବୀର ବିଭିନ୍ନ କ୍ଷେତ୍ରରେ ସନ୍ତୁଳନ ନଷ୍ଟହେବା ସହ ରାଜନୈତିକ ଅସ୍ଥିରତା, ଆର୍ଥିକ ସଙ୍କଟ ଦେଖାଦେଇଛି। ଖାଦ୍ୟାଭାବ, ମୁଦ୍ରାସ୍ଫୀତି, ପରିବେଶ ବିପର୍ଯ୍ୟୟ, ଦାରିଦ୍ର୍ୟର ସାନ୍ଦ୍ରତା ବୃଦ୍ଧି ଭଳି ଅନେକ ଆହ୍ୱାନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆମେରିକା, ଚାଇନା ଭଳି ବୃହତ୍ ଅର୍ଥନୀତି ଏବଂ ଭାରତ ପରି ଦ୍ରୁତତମ ଅଭିବୃଦ୍ଧିଶୀଳ ରାଷ୍ଟ୍ର ମଧ ଘୋର ପ୍ରଭାବିତ ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଘନଘଟା ଭିତରେ ଇସ୍ରାଏଲ-ହମାସ୍ ଯୁଦ୍ଧ ପୂର୍ବ ଆର୍ଥିକ କ୍ଷତକୁ ଆହୁରି ପୀଡ଼ାଦାୟକ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଚେତାଇ ଦେଇଛନ୍ତି।**



ନୂଆଦିଲ୍ଲୀ,୧୦।୧୦ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଇସ୍ରାଏଲ-ପାଲେଷ୍ଟାଇନ୍ ମଧ୍ୟରେ ଅନେକ ଦଶନ୍ଧି ଧରି କୁହୁଳୁଥିବା ଅସନ୍ତୋଷର ନିଆଁ ୨୦୨୩ ଅକ୍ଟୋବର ୭ରେ ହୁ ହୁ ଜଳିଉଠିଥିଲା। ଗାଜା ଶାସକ ହମାସ୍ ୨୦ ମିନିଟ୍ ମଧ୍ୟରେ ଇସ୍ରାଏଲ ଉପରେ ୫ ହଜାରରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିଥିଲା। ଇରାନ୍ ସମର୍ଥିତ ହମାସ୍ ଆତଙ୍କବାଦୀଙ୍କ ମୂଳପୋଛ ପାଇଁ ପଣ କରିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବିଧିବଦ୍ଧ ଯୁଦ୍ଧର ନିର୍ଦ୍ଦେଶ ଦେଲେ। ଏହି ଯୁଦ୍ଧରେ ଉଭୟ ପକ୍ଷର ପ୍ରାୟ ୨ ହଜାର ଲୋକ ନିହତ ହେଲେଣି। ଜାତିସଂଘର ଏକ ରିପୋର୍ଟ ଅନୁସାରେ ଗାଜାରୁ ପ୍ରାୟ ୨ ଲକ୍ଷ ☞ପୃଷ୍ଠା-୨

### ତୈଳ ଉପରେ ପ୍ରଭାବ

ଇସ୍ରାଏଲ ଓ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟପ୍ରାଚ୍ୟର ସ୍ଥିରତା ଉପରେ ଘନକଳା ବାଦଲ ଆଚ୍ଛାଦିତ କରିଦେଇଛି। ଏହି ଘଟଣାକ୍ରମ ବିଶ୍ୱ ଅର୍ଥନୀତି ପାଇଁ ଚିନ୍ତା ବଢ଼ାଇଛି। ଆଗକୁ ଯୁଦ୍ଧ ଯୋଗୁ ଭାରତର କ୍ରୁଡ୍ ଅଏଲ୍ ନିର୍ଭରଶୀଳତା ଏବଂ ଇସ୍ରାଏଲ ସହ ବାଣିଜ୍ୟିକ ସମ୍ପର୍କ ପ୍ରଭାବିତ ହେବ। ଅଶୋଧିତ ତୈଳ ବଜାରରେ ନିଆଁ ଲାଗିଲେ ମୁଦ୍ରାସ୍ଫୀତି ଉପରମୁହାଁ ହେବ। ଯୁଦ୍ଧ ପ୍ରଭାବରେ ସୋମବାର କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୩.୮୫% ବୃଦ୍ଧି ପାଇ ୮୫.୯୮ ଆମେରିକୀୟ ଡଲାରରେ ପହଞ୍ଚିଥିବାବେଳେ ବ୍ରେଣ୍ଟ୍ ଅଏଲ୍ ୩.୪୪% ବୃଦ୍ଧି ପାଇ ୮୭.୪୯ ଡଲାର ଛୁଇଁଥିଲା। ତୈଳ ମୂଲ୍ୟରେ ବୃଦ୍ଧି ବିଶ୍ୱ ଅର୍ଥନୀତିରେ ଉଚ୍ଚ ମୁଦ୍ରାସ୍ଫୀତିକୁ ବଢ଼ାଇପାରେ। ଆମେରିକା, ଭାରତ, ଚାଇନା ଓ ଅନ୍ୟ ବଡ଼ ଅର୍ଥନୀତିଗୁଡ଼ିକ ସର୍ବାଧିକ ତୈଳ ଆମଦାନୀକାରୀ ହୋଇଥିବାରୁ ଏହି ଦେଶର ଜନତାଙ୍କୁ ପେଟ୍ରୋଲ, ଡିଜେଲ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପରିବହନ ଖର୍ଚ୍ଚ ମଧ ବଢ଼ିଚାଲିବ। ଅନେକ ଶିଳ୍ପର ଉତ୍ପାଦନ ଖର୍ଚ୍ଚ ବଢ଼ିଯିବ। ଫଳରେ ସାଧାରଣ ନାଗରିକଙ୍କ ବଜେଟ ଉପରେ ଏହାର ସିଧା ପ୍ରଭାବ ପଡ଼ିବ। ଫଳରେ ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତର ଅଭିବୃଦ୍ଧି ଧିମେଇଯାଇପାରେ। ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ଏସୀୟ ପୁଞ୍ଜିବଜାରକୁ ମଧ ଦୁର୍ବଳ କରିଦେବା ଆଶଙ୍କା ଉପୁଜାଇଛି।

### ଭାରତ-ଇସ୍ରାଏଲ୍ ବାଣିଜ୍ୟ

ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁ ଇସ୍ରାଏଲ ସହ ଭାରତର ବାଣିଜ୍ୟିକ କାରବାର ପ୍ରଭାବିତ ହେବ। ଯୋଗାଣ ସୁଗମ ହୋଇ ନ ପାରିଲେ ନାନା ଅସୁବିଧା ହେବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଭାରତ ନିଜ ରପ୍ତାନିର ପ୍ରାୟ ୧.୮% ଇସ୍ରାଏଲକୁ କରିଥାଏ। ଇସ୍ରାଏଲ ୫.୫-୬ ବିଲିୟନ୍ ଡଲାର ମୂଲ୍ୟର ପେଟ୍ରୋଲିୟମ୍ ଉତ୍ପାଦ ଭାରତଠାରୁ ନେଇଥାଏ। ୨୦୨୩ ଆର୍ଥିକବର୍ଷରେ ଭାରତ ଇସ୍ରାଏଲକୁ ପଠାଇଥିବା ସାମଗ୍ରୀର ମୂଲ୍ୟ ୮.୪ ବିଲିୟନ ଡଲାର ରହିଥିଲା। ଯୁଦ୍ଧ ବଢ଼ିଲେ ଟଙ୍କା ଆହୁରି ଦୁର୍ବଳ ହୋଇ ୮୪ ଉପରକୁ ଚଢ଼ିବ। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଚିନ୍ତାରେ ପକାଇଦେବ। ଅନ୍ୟପକ୍ଷେ ଇସ୍ରାଏଲରୁ ଭାରତ ଆମଦାନୀ କରୁଥିବା ଯାନ୍ତ୍ରିକ ଉପକରଣ, ମୁକ୍ତା, ହୀରା ଓ ଅନ୍ୟ ଦାମୀ ତଥା ଅର୍ଦ୍ଧଦାମୀ ପଥରଗୁଡ଼ିକର ମୂଲ୍ୟ ମଧ ବଢ଼ିଯିବ। ୨୦୨୩ ଆର୍ଥିକବର୍ଷରେ ଭାରତ ଇସ୍ରାଏଲରୁ ୨.୩ ବିଲିୟନ୍ ଡଲାରର ସାମଗ୍ରୀ ଆମଦାନୀ କରିଥିଲା।

ଆଜିର ସମ୍ପାଦକୀୟ
ବାଉଁଶ ନୀତି






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାକୁର ଘରେ ବାଜିଲା ଘଣ୍ଟ<br>ପୋଲାଖିଆଙ୍କର ଉଠିଲା ଆଣ୍ଟ।**

ମାହାଳିଆ ଖାଇବାକୁ ଯିଏ ଆଶା କରିଥାନ୍ତି, ସେ ସର୍ବଦା ଠାକୁରଙ୍କ ଘଣ୍ଟ ଆଳତି ଦେଖି ହାଜର ହୋଇଯାଆନ୍ତି। ମାଗଣାରେ ଖାଦ୍ୟ ମିଳୁଥିବା ସ୍ଥାନକୁ ଆଖେଇ ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଠକ ପଣକୁ ତ ସରିଛି,<br>ଠାକୁରଙ୍କ ଘରେ ନିତି ପାଣି ଢଳା<br>ହଳଦୀ ସିନ୍ଦୂର ଜରିଛି।**

ସାଧାରଣତଃ ମଠ, ମନ୍ଦିର ତଥା ଆଶ୍ରମମାନଙ୍କରେ କେତେକ ଭଣ୍ଡ ସାଧୁ ଲୋକଙ୍କ ଧର୍ମୀୟ ଭାବନା ସହ ବିଶ୍ୱାସଘାତ କରୁଥିବାର ଦେଖିବାକୁ ମିଳିଥାଏ। ଉପରେ ଉପରେ ସାଧୁର ସମସ୍ତ ବେଶ ଏବଂ କର୍ମକୁ ଅନୁସରଣ କରି ଭିତରେ ଭିତରେ ଠକୁଥିବା ଭଣ୍ଡ ସାଧୁଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ୍ ବୋମା ଜବତ



**ମାଲକାନଗିରି, ୧୦।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକରେ ଥିବା ୧୪୨ ବାଟାଲିୟନ ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ ବୋମା ଜବତ କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ସକାଳେ ପଡ଼ିଆସ୍ଥିତ ୧୪୨ ବାଟାଲିୟନ ବିଏସ୍ଏଫ୍ ଯବାନମାନେ ଦୁର୍ଗମ ମୋଟେରୁ ପଞ୍ଚାୟତ ପର୍ସନପାଲ୍ଲୀ ଲିଙ୍କ୍ ରୋଡ୍‌ଠାରୁ ଅଢ଼େଇ କି.ମି. ଦୂରରେ ଥିବା କମାରଗୁଡ଼ା ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ଏକ ଗଛ ମୂଳେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଉକ୍ତ ଟିଫିନ୍ ବୋମା ଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ସ୍ଥାନରୁ ୫ଟି ଟିଫିନ୍ ବୋମା ଜବତ କରି ବୋମା ନିଷ୍କ୍ରିୟକାରୀ ଦଳକୁ ଖବର ଦେଇଥିଲେ। ନିଷ୍କ୍ରିୟକାରୀ ଦଳ ବୋମାଗୁଡ଼ିକୁ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।

# ‘ଛାଡ଼ପତ୍ରକୁ ସ୍ୱୀକାର କରନ୍ତୁ ବର୍ଷା’

## ସୋସିଆଲ ମିଡିଆରେ ନିବେଦନ କଲେ ଅନୁଭବ

**କଟକ,୧୦।୧୦(କାର୍ତ୍ତିକ ସାହୁ)**

କୌଣସି ପ୍ରକାର ଚରିତ୍ର ସଂହାର କରିବାର ଉଦ୍ଦେଶ୍ୟ ମୋର ନାହିଁ। ଏ ଭିଡିଓ ମୁଁ ସମ୍ମାନର ସହ ସୁଟ୍ କରୁଛି। ମୋ ବାପା ବହୁତ କଷ୍ଟରେ ଅଛନ୍ତି। ପରିବାରର କେହି ଶୋଇବି ପାରୁ ନାହାନ୍ତି। ଆମ ପରିବାର ତରଫରୁ ଅନୁରୋଧ କରୁଛୁ ଆପଣ ଛାଡ଼ପତ୍ରକୁ ସ୍ୱୀକାର କରନ୍ତୁ। ସାଂସଦ ଅନୁଭବ ମହାନ୍ତି ସୋସିଆଲ ମିଡିଆରେ ପୁଣି ଏକ ଭିଡିଓ ଜାରି କରି ବର୍ଷା ପ୍ରିୟଦର୍ଶିନୀଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଏହି ପୋଷ୍ଟକୁ ନେଇ କୌଣସି ଥଟ୍ଟମଜା ନ କରିବାକୁ ଅନୁଭବ ମଧ୍ୟ କହିଛନ୍ତି।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଅତ୍ୟନ୍ତ ଦୁଃଖ ତଥା



ଆବେଗର ସହ ଭିଡିଓ ଜରିଆରେ ନିଜର ସମସ୍ୟା ତାଙ୍କ ସ୍ତ୍ରୀ ଅଭିନେତ୍ରୀ ବର୍ଷାଙ୍କୁ କହିଛନ୍ତି। ଅନୁଭବ କହିଛନ୍ତି, ମୋ ବାପାଙ୍କ ଦେହ ଅସୁସ୍ଥ। ଘରେ ପାଳିଥିବା ପଶୁର ଦେହ ମଧ୍ୟ ଅସୁସ୍ଥ। ବାପାଙ୍କ କିଡ୍‌ନୀ ଡାଏଲିସିସ୍ ହେଉଛି। ବାପା ହୋସ୍‌ରେ ରହୁନାହାନ୍ତି। କାହାରିକୁ ଚିହ୍ନି ପାରୁନାହାନ୍ତି। ରାତିରେ ବାପା ଶୋଇପାରୁ ନାହାନ୍ତି। ବାପା ଶୋଇପାରୁ ନ ଥିବାରୁ ମା’ ମଧ୍ୟ ଶୋଇପାରୁ ନାହାନ୍ତି। ଆଉ ବାପାମାଆ ଶୋଇ ନ ପାରିଲେ ପୃଥିବୀରେ କୌଣସି ପୁଅ ବା ଝିଅ କେବେ ଶୋଇ ପାରିବେ ନାହିଁ। ସେ ପୂର୍ବରୁ ମଧ୍ୟ ଟୁଇଟର ଜରିଆରେ ବର୍ଷାଙ୍କୁ ଅନୁରୋଧ କରିଥିଲେ ସ୍ୱାମୀସ୍ତ୍ରୀ ଭାବରେ ରହିପାରିଲେ ନାହିଁ, ଭଲ ବନ୍ଧୁ ଭାବରେ ସାରା ଜୀବନ ରହିବାକୁ। ହେଲେ ବର୍ଷା ଏହାର କୌଣସି ଉତ୍ତର ରଖି ନ ଥିଲେ। ଓଲଟି ଅନୁଭବଙ୍କ ଆକାଉଣ୍ଟକୁ ବର୍ଷା ବ୍ଲକ୍ କରିଦେଇଥିଲେ ବୋଲି ଅନୁଭବ କହିଛନ୍ତି। ଏବେ ପୁଣି ଥରେ ଅନୁରୋଧ କରି ଛାଡ଼ପତ୍ର ଦ୍ୱାରା ପରସ୍ପରଠାରୁ ଅଲଗା ହୋଇଯିବା ନିମନ୍ତେ ଅନୁଭବ ଏହି ଭିଡିଓ ଜାରି କରିଥିବା ଭିଡିଓ ଜରିଆରେ କହିଛନ୍ତି।

# ୨୫ ପୌରସଂସ୍ଥାରେ କାର୍ଯ୍ୟକାରୀ ହେବ ‘ମୁକ୍ତା ସଫ୍ଟ ୧.୦’

**ଭୁବନେଶ୍ୱର, ୧୦।୧୦(ଅସମାପିକା ସାହୁ)**

ସହରାଞ୍ଚଳର ଗରିବ ଅଧିବାସୀଙ୍କ ଜୀବିକା ସୁରକ୍ଷା ନିମନ୍ତେ ଗୋଷ୍ଠୀ ଦ୍ୱାରା ସଞ୍ଚାଳିତ ତଥା ସମାଜର ସାଧାରଣ ସ୍ତରରୁ ଯୋଜନା ପ୍ରସ୍ତୁତ କରୁଥିବା ‘ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ-ମୁକ୍ତା’ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ ରୂପେ ଆଦୃତ ହୋଇଛି। ରାଜ୍ୟର ୧୧୫ଟି ପୌର ସଂସ୍ଥା ଅନ୍ତର୍ଗତ କାମ କରୁଥିବା ସହରାଞ୍ଚଳ ଶ୍ରମିକ ଓ ବିଭିନ୍ନ ସ୍ଥାନକୁ କାମ ସନ୍ଧାନରେ ଯାଉଥିବା ଶ୍ରମିକ (ପ୍ରବାସୀ ଶ୍ରମିକ)ଗୋଷ୍ଠୀଙ୍କୁ ଜୀବିକା ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଯୋଜନାର ଠିକ୍ ରୂପାୟନ ପାଇଁ ତଥା କାର୍ଯ୍ୟରତ ଶ୍ରମିକମାନଙ୍କୁ ଠିକ ସମୟରେ ତାଙ୍କ ପ୍ରାପ୍ୟ ମଜୁରି ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଏକ ୱେବ୍ ଆପ୍ ‘ମୁକ୍ତା ସଫ୍ଟ’ ଆରମ୍ଭ କରିଛନ୍ତି। ଏହି ୱେବ୍ ଆପ୍‌ର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ ନିମନ୍ତେ ପାଇଲଟ୍ ପରୀକ୍ଷଣ ଢେଙ୍କାନାଳ ଓ ଜଟଣୀ ପୌରପାଳିକାରେ କରାଯାଇଛି। ପାଇଲଟ୍ ପରୀକ୍ଷଣର ସଫଳତା ପରେ ମୁକ୍ତା ସଫ୍ଟ ଏବେ ରାଜ୍ୟର ୨୫ଟି ପୌରସଂସ୍ଥାରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ। ଏଥିମଧ୍ୟରେ ୫ ମହାନଗର ନିଗମ, ୧୪ ପ୍ରମୁଖ ପୌରପାଳିକା ଓ ୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଭୁକ୍ତ ବୋଲି ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

‘ମୁକ୍ତା ସଫ୍ଟ ୧.୦’ର ସଫଳ ରୂପାୟନ ନିମନ୍ତେ ରାଜ୍ୟସ୍ତରୀୟ ମୁକ୍ତା ପି.ଏମ୍.ୟୁ ତଥା ରାଜ୍ୟବ୍ୟାପୀ ୨୫ଟି ପୌରସଂସ୍ଥାର ମାଷ୍ଟର ଟ୍ରେନରମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତୀ ସ୍ତରରେ




କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ଉଦ୍‌ବୋଧନ ଦେଉଛନ୍ତି।

୨୫ଟି ପୌର ସଂସ୍ଥାର କର୍ମଚାରୀଙ୍କୁ ଏହି ମାଷ୍ଟର ଟ୍ରେନରମାନେ ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି। ‘ମୁକ୍ତା ସଫ୍ଟ ୧.୦’ର ବିଭିନ୍ନ ଦିଗକୁ ପରବର୍ତ୍ତୀ ସ୍ତରରେ ପୌର ସଂସ୍ଥାର କର୍ମଚାରୀଙ୍କୁ ପରିଚିତ କରାଇବାରେ ଏହି ମାଷ୍ଟର ଟ୍ରେନର୍‌ମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ୍ ମଙ୍ଗଳବାର ଏହି ମାଷ୍ଟର୍ ଟ୍ରେନରମାନଙ୍କୁ ଅଭିଭାଷଣ ଦେଇ ଏଭଳି ପ୍ରମୁଖ ମଜୁରି ଭିତ୍ତିକ ସହରାଞ୍ଚଳ ଜୀବିକା ସୁରକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ରାଜ୍ୟ ବୋଲି କହିଥିଲେ। ଜନସାଧାରଣଙ୍କ ମତାମତ ଭିତ୍ତିରେ କାର୍ଯ୍ୟକ୍ରମରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି ଏବଂ ସହରାଞ୍ଚଳ ଗରିବ ଶ୍ରମିକଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ ଦିଗରେ ଏହି ୱେବ୍ ଆଧାରିତ ଆପ୍ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଏହି ମାଷ୍ଟର ଟ୍ରେନରମାନଙ୍କୁ ପ୍ରମୁଖ ସମ୍ବଳ ବ୍ୟକ୍ତି ହିସାବରେ ଚୟନ କରାଯାଇଥିବାରୁ ‘ମୁକ୍ତା ସଫ୍ଟ ୧.୦’ ର ସଫଳ ରୂପାୟନ ଦିଗରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମାଥିଭାଥାନନ୍ ପ୍ରକାଶ କରିଥିଲେ। ରାଜ୍ୟର ୨୫ଟି ପୌର ସଂସ୍ଥାର ୩୦୦ ସମ୍ବଳ ବ୍ୟକ୍ତିଙ୍କୁ ପାଞ୍ଚଟି ବ୍ୟାଚ୍‌ରେ ପ୍ରଶିକ୍ଷଣ ଦିଆଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡା ସୂଚନା ଦେଇଥିଲେ।

# ଅସ୍ତବ୍ୟସ୍ତ କରୁଛି ଅକ୍ଟୋବର ତାତି

## ୩୬ ଡିଗ୍ରୀ ଉପରେ ୫ ସହର

**ଭୁବନେଶ୍ୱର,୧୦।୧୦(ଅନିଲ ଦାସ)**

ସେପ୍ଟେମ୍ବର ଶେଷ ସପ୍ତାହରେ ବର୍ଷା ଛାଡ଼ିଯିବା ପରେ ଅକ୍ଟୋବର ଆରମ୍ଭରୁ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଉଛି। ଅକ୍ଟୋବରରେ ସାଧାରଣ ବାୟୁର ଦିଗ ପରିବର୍ତ୍ତନ ହୋଇଥାଏ। ଉତ୍ତର-ପୂର୍ବ ଦିଗରୁ ବାୟୁ ପ୍ରବାହିତ ହୋଇଥାଏ। ଫଳରେ ଦିନର ତାପମାତ୍ରା ୩୦ରୁ ୩୨ ଡିଗ୍ରୀ ମଧ୍ୟରେ ରହିବା ବେଳେ ରାତ୍ରିରେ ୧୮ରୁ ୨୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଆସିଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଛି। ଦିନର ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ ଡିଗ୍ରୀ ସେଲ୍‌ସିୟସ ଯାଏ ବଢି ଯାଉଛି।

ଆଞ୍ଚଳିକ ପାଣିପାଗ ସୂଚନା ଅନୁଯାୟୀ ମଙ୍ଗଳବାର ଚାନ୍ଦବାଲିରେ ସର୍ବାଧିକ ତାପମାତ୍ରା ୩୬.୭ ଡିଗ୍ରୀ ସେଲ୍‌ସିୟସ ହୋଇଥିବା ବେଳେ ବାଲେଶ୍ୱରରେ ୩୬.୩, ପୁରୀ ୩୬.୧, ଝାରସୁଗୁଡ଼ା ୩୬.୨ ଏବଂ ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଛି। ଆକାଶ ମେଘମୁକ୍ତ ରହିବା ସହ ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଛି। ଏଥିସହିତ ବାୟୁମଣ୍ଡଳରେ ଜଳୀୟ କଣା ଥିଲେ ମଧ୍ୟ ତାହା ବର୍ଷା ପାଇଁ ପର୍ଯ୍ୟାପ୍ତ ହେଉ ନାହିଁ। ଫଳରେ ପରିବେଶ ଉଷ୍ମ ରହୁଛି। ଆସନ୍ତା ୨୦ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନର ସୂଚନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଯୁଦ୍ଧରୁ ଅସ୍ଥିରତା...

ବିସ୍ଥାପିତ ହୋଇଛନ୍ତି, ଯାହାକି ୨୦୧୪ ପରେ ସର୍ବାଧିକ। ୟୁଏନ୍ କୋଅର୍ଡିନେଶନ୍ ଅଫ୍ ହ୍ୟୁମାନିଟାରିଆନ୍ ଆଫେୟାର୍ସ ଅଫିସ ତଥ୍ୟାନୁସାରେ, ସୋମବାର ସୁଦ୍ଧା ଗାଜାରୁ ୧୮୭,୫୧୮ ଲୋକଙ୍କୁ ସେମାନଙ୍କ ଘରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ୟୁଏନ୍‌ଆର୍‌ଡବ୍ଲ୍ୟୁଏର ୮୩ ସ୍କୁଲରେ ୧୩୭,୪୨୭ ଶରଣାର୍ଥୀ ଆଶ୍ରୟ ନେଇଛନ୍ତି। ଯୁଦ୍ଧର ଚତୁର୍ଥ ଦିନ ଇସ୍ରାଏଲ ପକ୍ଷରୁ ଗାଜାକୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନର ବାଟ ବନ୍ଦ କରାଯିବା ଏବଂ ଆକାଶମାର୍ଗରୁ ତୁହାକୁ ତୁହା ଏୟାରଷ୍ଟ୍ରାଇକ୍ ହମାସ୍ ବିଦ୍ରୋହୀଙ୍କୁ ଆହୁରି ରକ୍ତମୁଖା କରିଦେଇଛି। ଏହି ସଂଘର୍ଷ କେବଳ ସମ୍ପୃକ୍ତ କ୍ଷେତ୍ରରେ ମାନବୀୟ ସଙ୍କଟ ସୃଷ୍ଟି କରିନାହିଁ, ବରଂ ସାରା ବିଶ୍ୱରେ ଏକ ସମ୍ଭାବ୍ୟ ଆର୍ଥିକ ସଂଘାତର କାରଣ ପାଲଟିଛି। ଏହାକୁ ଦେଖି ମଙ୍ଗଳବାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ମଧ୍ୟ ସତର୍କ କରାଇଛି। ଆଇଏମ୍ଏଫ୍ ଅନୁସାରେ ଅନ୍ତର୍ଜାତୀୟ ସ୍ତରରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଉଚ୍ଚ ସୁଧହାର ଲଗାଯିବା, ୟୁକ୍ରେନ୍ ଯୁଦ୍ଧ ଲମ୍ବିଚାଲିବା ଏବଂ ଭୂରାଜନୈତିକ ଫାଟର ବ୍ୟବଧାନ ବଢ଼ିବା ଯୋଗୁ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇସାରିଛି। ଚଳିତବର୍ଷ ବୈଶ୍ୱିକ ଆର୍ଥିକ ଅଭିବୃଦ୍ଧି ୩% ଥିବାବେଳେ ୨୦୨୪ରେ ଏହା ୨.୯%କୁ ଖସିବ। ମଧ୍ୟପ୍ରାଚ୍ୟରେ ନୂଆ ଯୁଦ୍ଧ ଲମ୍ବିଚାଲିଥିଲେ ନୀତି ନିର୍ଦ୍ଧାରକମାନଙ୍କ ଯୋଜନା ସଫଳ ହୋଇ ନ ପାରେ। ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗାଙ୍କ ମତରେ ବର୍ତ୍ତମାନ ଅର୍ଥନୀତିଗୁଡ଼ିକ ପାଇଁ ଭଙ୍ଗୁର ସ୍ଥିତି ରହିଛି। ଯୁଦ୍ଧ ଜାରି ରହିଲେ ସୁଧହାର ହ୍ରାସ ପାଇଁ ଚିନ୍ତା କରୁଥିବା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସକାଶେ ଆହ୍ୱାନ ସୃଷ୍ଟି ହେବ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଓ ମାନ୍ଦାବସ୍ଥାକୁ ଏଡ଼ାଇବା କଷ୍ଟକର ହୋଇପଡ଼ିବ। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ୟୁକ୍ରେନ୍ ଯୁଦ୍ଧ ଭଳି ସୁଦୂରପ୍ରସାରୀ ହୋଇ ନ ପାରେ। କିନ୍ତୁ ସଦ୍ୟ ସଂଘର୍ଷ ଯୋଗୁ ତୈଳ ଓ ଖାଦ୍ୟ ଦର ବଢ଼ିଛି। ଲଣ୍ଡନ୍ ବିଜନେସ୍ ସ୍କୁଲ ପ୍ରଫେସର ତଥା ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କର ପୂର୍ବତନ ମହାନିର୍ଦ୍ଦେଶକ ଲୁକ୍ରେଜିଆ ରିଚ୍ଲିନ୍ କହିଛନ୍ତି, ତୈଳ ଦର ବଢ଼ିଲେ ଆମେରିକାର ଫେଡେରାଲ ରିଜର୍ଭ ଓ ଅନ୍ୟ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ରେପୋ ରେଟ୍ ବଢ଼ାଇବାକୁ ବାଧ୍ୟହେବେ। କାରଣ ଶକ୍ତି କ୍ଷେତ୍ରରେ ଅନେକ ଦେଶ ଉଭୟ ରୁଷିଆ ଓ ମଧ୍ୟପ୍ରାଚ୍ୟ ଉପରେ ନିର୍ଭରଶୀଳ।

ଯୁଦ୍ଧ ଲମ୍ବିଲେ ଇରାନ ଓ ସାଉଦି ଆରବ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ରରୁ ହୋର୍ମୁଜ, ବବ୍-ଏଲ୍-ମାଣ୍ଡବ ଓ ସୁଏଜ୍ କେନାଲ ଦେଇ ଇନ୍ଧନ ପରିବହନବାଧାପ୍ରାପ୍ତ ହେବ। ଏହାଦ୍ୱାରା ଅଏଲ୍ ଏବଂ ଇକ୍ୱିଟି ମାର୍କେଟ ପ୍ରଭାବିତ ହେବ ବୋଲି ବ୍ୟାଙ୍କ ଅଫ୍ ଇଣ୍ଟରନ୍ୟାଶନାଲ ସେଟଲମେଣ୍ଟ୍ସ ଜେନେରାଲ ମ୍ୟାନେଜର ଅଗଷ୍ଟିନ୍ କାର୍ଷ୍ଟେନ୍ସ କହିଛନ୍ତି। ଯୁଦ୍ଧ, ଆର୍ଥିକ ଅସ୍ଥିରତା, ସଙ୍କଟ ଓ ସଂଘର୍ଷ ସମୟରେ ୟୁଏସ୍ ଟ୍ରେଜେରିକୁ ସୁରକ୍ଷିତ ମନେକରାଯାଇଥାଏ। ସୁଧହାର ହ୍ରାସ ଖାଉଟି ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକ ପାଇଁ ଆଶ୍ୱସ୍ତି ଆଣିଦେଇପାରେ। କିନ୍ତୁ ସଦ୍ୟ ଯୁଦ୍ଧ ଯୋଗୁ ଆମେରିକୀୟ ବଣ୍ଡ ପ୍ରାଇସ୍ ବଢ଼ିବାରେ ଲାଗିଛି, ଯାହାକି ଏକ ଅଶୁଭ ସଙ୍କେତ। ଅନ୍ୟପକ୍ଷେ ଆମେରିକା ଟ୍ରେଜେରି ସେକ୍ରେଟାରି ଜନେଟ୍ ଏଲ୍. ୟେଲେନ୍ କହିଛନ୍ତି, ଏଭଳି ଜଟିଳ ଆର୍ଥିକ ଚ୍ୟାଲେଞ୍ଜର ସମାଧାନ ଦିଗରେ ଚାଇନା ବଡ଼ ଭୂମିକା ନେଇପାରେ। ତେବେ ନୂଆ ଆହ୍ୱାନ ଆମେରିକା ଉପରେ ମାନ୍ଦାବସ୍ଥା ବଡ଼ ବୋଝ ସାଜିବ ନ ପାରେ। ତେବେ ହମାସ ସମର୍ଥନରେ ବାହାରିଥିବା ଇରାନ ଓ ମଧ୍ୟପ୍ରାଚ୍ୟ ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେଲେ ଅବସ୍ଥା ଆହୁରି ଅସମ୍ଭାଳ ହୋଇପଡ଼ିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ନିଶା ନିବାରଣ...

ଲୋକେ ପ୍ରଥମେ ୨୦ ହଜାର ଟଙ୍କା ଦେଇଥିଲେ। ପରେ ଆଉ ୨୦ ହଜାର ଟଙ୍କା ଦେବା ପାଇଁ ମାଲିକ ଦାବି କରୁଥିଲେ ବୋଲି ସ୍ତ୍ରୀ ଝୁନି କହିଛନ୍ତି। ଝୁନିଙ୍କ କହିବା ଅନୁଯାୟୀ, ଭୋର ୪ଟା ବେଳେ ତାଙ୍କ ସ୍ୱାମୀଙ୍କ ହୃତ୍‌ସ୍ପନ୍ଦନ ଅଟକି ଯାଇଥିବା କର୍ମଚାରୀମାନେ ଫୋନ୍ ଦ୍ୱାରା ଖବର ଦେଇଥିଲେ। ପ୍ରଥମେ ଶ୍ରୀ ହସ୍ପିଟାଲକୁ ଆସିବାକୁ ତାଙ୍କୁ କୁହାଯାଇଥିଲା। ହେଲେ କିଛି ସମୟ ପରେ ତାଙ୍କ ସ୍ୱାମୀଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା ବୋଲି ସେ ଜାଣିବାକୁ ପାଇଥିଲେ। ହସ୍ପିଟାଲକୁ ଆସିବା ପରେ ମୃତ କାଳୁଙ୍କ ପାଟି ଓ ନାକରୁ ଫେଣ ବାହାରୁଥିବା ସହ ପିଠିରେ ପାଇପ୍ ମାଡ଼ ଚିହ୍ନ ଥିଲା ବୋଲି ସେ କହିଛନ୍ତି। ଅଭିଯୋଗକାରିଣୀ ଝୁନି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏନେଇ ଥାନାଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ସିସିଟିଭି ଫୁଟେଜ୍ ଯାଞ୍ଚରୁ କାଳୁଙ୍କୁ ମାଡ଼ ମରାଯାଇଥିବା କୌଣସି ପ୍ରମାଣ ମିଳିନହିଁ। ମୃତଦେହରେ ମାଡ଼ର ଆଘାତ ଚିହ୍ନ ନ ଥିବା ଡାକ୍ତର କହିଛନ୍ତି। ତେବେ ହୃଦ୍‌ଘାତରୁ ତାଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ରାଉତ କହିଛନ୍ତି।

### ମାନୁନାହାନ୍ତି ନିର୍ଦ୍ଦେଶାବଳୀ...

ସେନେଇ ନିର୍ଦ୍ଦେଶାବଳୀ ମଧ୍ୟ ରହିଛି। ପ୍ରତି ରୁମ୍‌ରେ ସିସି କ୍ୟାମେରା, ମାଡ଼ ନ ଦେଇ ନିଶା ଛଡ଼ାଇବା, ଯୋଗ, ବ୍ୟାୟାମ ଓ ଆଧ୍ୟାତ୍ମିକ ଶିକ୍ଷା ବ୍ୟବସ୍ଥା, ସୁରକ୍ଷାକର୍ମୀ ରହିବା ଆଦି ଗାଇଡ୍‌ଲାଇନ୍ ରହିଛି। ହେଲେ ଏହାକୁ ବିଭିନ୍ନ କେନ୍ଦ୍ରର ମାଲିକ ମାନୁନାହାନ୍ତି। ଏପରି କି ଏନେଇ ସରକାରଙ୍କ ପକ୍ଷରୁ ଠିକ୍ ଭାବେ ତଦାରଖ କରାଯାଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

### ଅନ୍ତେବାସୀଙ୍କ ସକାରାତ୍ମକ ଶକ୍ତି ବଢ଼ାଇବା ଦରକାର

ମାନସିକ ରୋଗ ବିଶେଷଜ୍ଞ ସମ୍ରାଟ କରଙ୍କ କହିବା କଥା, ନିଶା ନିବାରଣ ଏକ ମାନସିକ ସମସ୍ୟା। ଯେଉଁମାନଙ୍କ କିଛି ମାନସିକ ଚାପ ଥାଏ, ସେମାନେ ନିଶା ସେବନ କରିଥାନ୍ତି। ନିଶା ଛାଡ଼ିଲା ପରେ ସେମାନଙ୍କ ଛାତି ଧଡ଼ଧଡ଼ ହେବା ସହ ହାତ ଥରିବା ଆଦି ସମସ୍ୟା ଦେଖା ଦେଇଥାଏ। ଔଷଧ ସେବନ ଓ କାଉନ୍‌ସେଲିଂ ଦ୍ୱାରା ସେମାନେ ଭଲ ହୋଇଥାନ୍ତି। ନିଶା ଛଡ଼ାଇବା ପାଇଁ ମାଡ଼ ମାରିଲେ, ସେମାନେ ଅଧିକ ସମସ୍ୟାରେ ପଡ଼ିବେ। ତେଣୁ ସେମାନଙ୍କୁ ସହାନୁଭୂତି ଦେବା ସହ ସେମାନଙ୍କ ମନରେ ଉତ୍ସାହ ଭରିବା ଦରକାର। ନିଶା ନିବାରଣ କେନ୍ଦ୍ରଗୁଡ଼ିକ ମାନସିକ ରୋଗ ବିଶେଷଜ୍ଞ (ମେଣ୍ଟାଲ ହେଲ୍‌ଥ ପ୍ରଫେସନାଲ)ଙ୍କ ସାହାଯ୍ୟ ନେବା ଦରକାର। ଅନ୍ତେବାସୀଙ୍କୁ ବାଡ଼େଇଲେ ଭଲ ହୋଇଯିବ ବୋଲି ନିଶା ନିବାରଣ କେନ୍ଦ୍ର କର୍ମଚାରୀ ଭାବୁଛନ୍ତି। ହେଲେ ଏହାଦ୍ୱାରା ରୋଗ ଅଧିକ ବଢ଼ିଯାଏ। ତେଣୁ ନିଶା ଛଡ଼ାଇବା ପାଇଁ ଅନ୍ତେବାସୀଙ୍କ ସକାରାତ୍ମକ ଶକ୍ତି ବଢ଼ାଇବା ଦରକାର ବୋଲି ଡାକ୍ତର କର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧନାଧିପ ଯୁକ୍ତ ଚନ୍ଦ୍ର ହେତୁ ପ୍ରତ୍ୟେକ ଦିଗରୁ ମନ ଖୁସି ରହିବ, କାମଗୁଡ଼ିକୁ ମଧ୍ୟ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳ କାରଖାନା, ଜଳଜାତ ଦ୍ରବ୍ୟ, ତୈଳ କିମ୍ବା ବିଦ୍ୟୁତ ବ୍ୟବସାୟରୁ ଲାଭବାନ ହେବେ। ବିବାଦରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ଆଜି ନୀଚାରୋହୀ ରାଶ୍ୟାଧିପ ଚନ୍ଦ୍ର ସଂଯୋଗରୁ ଶାରୀରିକ ଓ ମାନସିକ ଅସୁସ୍ଥତା ସୃଷ୍ଟି କରିପାରନ୍ତି। ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହଯୋଗରୁ ଉପକୃତ ହେବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ କରି କୃତକାର୍ଯ୍ୟ ହେବେ। ଜମିଜମା ବିବାଦ କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ମୁଖଭାବରେ ଚନ୍ଦ୍ର ଓ ଶୁକ୍ର ଆପଣଙ୍କୁ ଗୁଣଗ୍ରାହୀମାନଙ୍କୁ ସନ୍ତୁଷ୍ଟ କରାଇବାରେ ସହାୟକ ହେବେ। କେହି ଜଣେ ବିନା କାରଣରେ ଅଭିଯୋଗ ଆଣିପାରନ୍ତି। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ ; ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ। ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଧନାଧିପ ସ୍ୱଗୃହସ୍ଥ ଯୋଗୁ ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ। କିନ୍ତୁ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ବାଧ୍ୟବାଧକତାରେ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ପଡ଼ିପାରେ। କଳା, ସାହିତ୍ୟ, ସଂଗଠନ, ପ୍ରଶାସନିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କନ୍ୟା** ସ୍ୱରାଶିରେ ବୁଧଙ୍କ ଯୋଗୁ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ ନ କଲେ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ଆଜି ସୁଦ୍ଧା ପାଇ ନ ଥିବା ଜିନିଷଟି ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ରାଶିରେ ମଙ୍ଗଳ ଓ କେତୁଜନିତ ଦୁର୍ଭାବନାରେ ମନରେ ଉତ୍ତେଜନା ଭରି ରହିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ଦୁଃସ୍ଥାନରେ ମଙ୍ଗଳ ପାପଯୁକ୍ତ ହେତୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ସନ୍ତାନଙ୍କ ସମସ୍ୟା ସଙ୍ଗକୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା, ସାହିତ୍ୟ, ସାମ୍ବାଦିକତାରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ। ପରିସ୍ଥିତିରେ ପଡ଼ି ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** ଗୁରୁଚଣ୍ଡାଳ ଯୋଗ ପ୍ରଭାବରୁ ବିଭିନ୍ନ ସମସ୍ୟାରେ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା, କଳାଧନ, କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାରୁ ସମସ୍ୟା ଆସିପାରେ। ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ପରିସ୍ଥିତିରେ ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ପ୍ରଯତ୍ନ କରିପାରନ୍ତି।

**ମକର** ପାରିବାରିକ ସମସ୍ୟା ହେତୁ ମାନସିକ ସ୍ଥିତି ଭଲ ରହିବନାହିଁ। ତଥାପି ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ, ଏଣୁ ସତର୍କ ରହିବା ଭଲ। ସନ୍ଧ୍ୟାରେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବ।

**ମୀନ** ଦିନ ଭିତରେ ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇପାରିବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା କାରନରୁ ମନ ହାଲୁକା ହୋଇଯିବ। ପୂର୍ବ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ଅକ୍ଟୋବର ୧୧ ତାରିଖ, ବିଶ୍ୱ କନ୍ୟା ସନ୍ତାନ ଦିବସ, ଅନ୍ତର୍ଜାତୀୟ ବାଳିକା ଦିବସ, ବାଜିରାଉତ ଶହୀଦ ଦିବସ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ, ରାଶିନକ୍ଷତ୍ର, ଦିବା ଘ.୦୮.୪୪ମି. ଗତେ, ପୂର୍ବା ଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୩ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୩୩ମି. ଗତେ ଘ.୦୧.୦୦ମି. ମଧ୍ୟେ ରାହୁକାଳ।

# ଗାଁ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି: ମୁଖ୍ୟମନ୍ତ୍ରୀ




**'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ**

- କେନ୍ଦୁଝର, ଭଦ୍ରକ ଜିଲାରେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଖର୍ଚ୍ଚ ହେବ ୩୩୯୭ କୋଟି
- ପ୍ରତି ପଞ୍ଚାୟତକୁ ମିଳିବ ୫୦ ଲକ୍ଷ
- ସଂସ୍କୃତିର ସୁରକ୍ଷା ସହ ଅତ୍ୟାଧୁନିକ ଭିତ୍ତିଭୂମିର ବିକାଶ ହେବ
- ଲୋକଙ୍କ ଆବଶ୍ୟକତାକୁ ନେଇ ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଅନୁମୋଦନ କରିଛନ୍ତି: ୫-ଟି ସଚିବ

ଭୁବନେଶ୍ୱର,୧୦।୧୦ (ଅନିଲ ଦାସ)

'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ଫୋକସ୍ ହେବ ପ୍ରତି ପଞ୍ଚାୟତ ଓ ଗାଁ। ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସ ଯୋଗେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଓ ଭଦ୍ରକ ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ୬୭୯୪ ପଞ୍ଚାୟତ ସାମିଲ ହେବ ଏବଂ ୯୦,୭୨୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ୩୩୯୭ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍‌ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ସମସ୍ତ ଗାଁ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି। ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ୱାର୍କସ ହବ୍ ସହ ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଥମିକ ସ୍କୁଲଗୁଡ଼ିକ ମଧ୍ୟ ସାମିଲ ହେବ। ଏହା ଯୁବଗୋଷ୍ଠୀ, ମହିଳା, ଚାଷୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଅମାପ ସୁଯୋଗ ଆଣିବ। ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡ଼ିଶାର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ। ଏହି ନୂଆ ଓଡ଼ିଶାରେ ଭିତ୍ତିଭୂମି ସୁଦୃଢ଼ ସହ ଆକାଂକ୍ଷୀ ଓଡ଼ିଶା ପରିକଳ୍ପନା ସାକାର ରୂପ ପାଇବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାର ୬ଟି ନିର୍ବାଚନମଣ୍ଡଳୀର ୨୯୭ଟି ଗ୍ରାମ ପଞ୍ଚାୟତର ୩୫୬୮ ପ୍ରକଳ୍ପ ପାଇଁ ୧୪୮ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ, ଭଦ୍ରକ ଜିଲାର ୫ଟି ନିର୍ବାଚନମଣ୍ଡଳୀର ୨୧୮ଟି ଗ୍ରାମ ପଞ୍ଚାୟତର ୩୩୩୭ ପ୍ରକଳ୍ପ ପାଇଁ ୧୦୯ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରତ୍ୟେକ ଜିଲାର ନିର୍ବାଚନମଣ୍ଡଳୀର ବିଧାୟକ, ଜିଲା ପରିଷଦ ସଭାପତି, ଜିଲା ପରିଷଦ ସଦସ୍ୟ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଭର୍ଚ୍ଚୁଆଲ ମାଧ୍ୟମରେ ଆଲୋଚନାରେ ଭାଗନେଇ ଗାଁ ଗାଁରେ ବିକାଶର ନୂଆ ପର୍ବର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଯୋଗୁ ଗରିବ ଓ ଅବହେଳିତ ଲୋକମାନଙ୍କ ମୁହଁରେ ହସ ଫୁଟିଛି ବୋଲି ସେମାନେ କହିଛନ୍ତି। ଏଥିସହିତ ୫-ଟି ସଚିବଙ୍କ ଗସ୍ତ ଯୋଗୁ ଜିଲାସ୍ତରରେ ବିକାଶ ତ୍ୱରାନ୍ୱିତ ହେବା ସହିତ ଅନେକ ଦିନରୁ ପଡ଼ିରହିଥିବା ସମସ୍ୟାଗୁଡ଼ିକ ମଧ୍ୟ ଦୂର ହୋଇଛି ବୋଲି କହିଛନ୍ତି। ଆଲୋଚନାରେ ଭାଗନେଇ ୫-ଟି ସଚିବ ପାଣ୍ଡିଆନ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ସମସ୍ୟା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ତତ୍ପର। ଓଡ଼ିଶାର ପ୍ରତି ଗାଁର ବିକାଶ ପାଇଁ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଅଞ୍ଚଳ ପାଇଁ ଯେଉଁ ଯେଉଁ ପ୍ରକଳ୍ପ ସବୁ ମଞ୍ଜୁର କରିଛନ୍ତି, ସେ ସମ୍ପର୍କରେ ପାଣ୍ଡିଆନ ସୂଚନା ଦେଇଥିଲେ। ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଲୋକଙ୍କ ପ୍ରସ୍ତାବିତ ପ୍ରକଳ୍ପ ଓ ଆବଶ୍ୟକତାକୁ ଦେଖି ମୁଖ୍ୟମନ୍ତ୍ରୀ ଅର୍ଥ ମଞ୍ଜୁର କରିଛନ୍ତି। ଏହାକୁ ସମସ୍ତେ ସ୍ୱଚ୍ଛତାର ସହ ଓ ଠିକ୍ ସମୟରେ ଶେଷ କରିବାକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଛନ୍ତି।

# ପଡ଼ିଆରେ ଶୋଇଥିବା ବେଳେ ଚଢ଼ିଗଲା ଟ୍ରକ୍



ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ନାତୁଣୀ ନାତିଙ୍କ ସହ ଚିତ୍ର ପଧାନ।

କାମାକ୍ଷାନଗର, ୧୦।୧୦
(ସୁଧୀର ପରିଡ଼ା)

**ଆଦିବାସୀ ମଲ୍ଲାର ପରିବାରର ୨ ମୃତ**

ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା କୁଟୁରିଆ ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପଡ଼ିଆରେ ଶୋଇଥିବା ଏକ ଆଦିବାସୀ ମଲ୍ଲାର ପରିବାରର ୨ ସଦସ୍ୟଙ୍କ ଉପରେ ଏକ ଟ୍ରକ୍ ଚଢ଼ିଯିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାମାକ୍ଷାନଗର ଥାନା ଜୟପୁରାକାଟେଣି ପଞ୍ଚାୟତ ବେଲବସନ୍ତ ଗ୍ରାମର ରୁନୁ ପଧାନ (୩୫) ଓ ସାନ ପୁଅ ଲିପୁ ପଧାନ (୮)। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ନେଇ ସେଠାରୁ ଚମ୍ପଟ ମାରିଥିବା ବେଳେ ଖବରପାଇ ମଙ୍ଗଳବାର ସକାଳେ ମହାବିରୋଡ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜୟପୁରାକାଟେଣି ପଞ୍ଚାୟତ ବେଲବସନ୍ତ ଗ୍ରାମର ଆଦିବାସୀ ମଲ୍ଲାର ପରିବାରର ଚିତ୍ର ପଧାନ (୬୫), ଜ୍ୱାଇଁ ତ୍ରିନାଥ ପଧାନ (୪୦), ଝିଅ ରୁନୁ ପଧାନ (୩୫) ସେମାନଙ୍କ ୪ ସନ୍ତାନ କୁଟୁରିଆ ଯାତ୍ରା ପଡିଆରେ ରହୁଥିଲେ। ବଣ ଜଙ୍ଗଲ ବୁଲି ମହୁ ସଂଗ୍ରହ ଓ ମୂଲ ମଜୁରି ଲାଗି ସେମାନେ ଜୀବିକା ନିର୍ବାହ କରୁଥିଲେ। ରୁନୁଙ୍କ ବଡ଼ଝିଅ ବାହାରେ ରହି କାମ କରନ୍ତି। ସୋମବାର ରାତିରେ ପରିବାରର ସଦସ୍ୟମାନେ ପଡ଼ିଆରେ ଖୋଲା ଆକାଶ ତଳେ ଶୋଇଥିଲା ବେଳେ ଏକ ଟ୍ରକ୍ ରୁନୁ ଓ ତାଙ୍କ ସାନ ପୁଅ ଲିପୁ ଉପରେ ଚଢ଼ିଯାଇଥିଲା। ପାଖରେ ଶୋଇଥିବା ଚିତ୍ର, ଜ୍ୱାଇଁ ତ୍ରିନାଥ ଓ ୨ ପିଲା ଠୁରୁ ପଧାନ (୧୦ବର୍ଷ), ସାନ ଝିଅ ସମ୍ବାରୀ(୩ବର୍ଷ) ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଏ ନେଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ପରେ ଆମ୍ବୁଲାନ୍ସ ଯୋଗେ ରୁନୁ ଓ ପୁଅ ଲିପୁକୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ରୁନୁଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଲିପୁଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ମହାବିରୋଡ୍ ଥାନାରେ ନଂ. ୧୬୯/୨୩ରେ ଏକ ମାମଲା ରୁଜୁ କରାଯାଇଛି। କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ରେଡ୍‌କ୍ରସରୁ ତୁରନ୍ତ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ ସହାୟତା ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

ନୂଆପଡ଼ା,୧୦।୧୦(ମକାରୁ ବେମାଲ)

**ଚେକ୍‌ଡ୍ୟାମ୍‌ରୁ ପାଣି ଉଠାଇ ଚାଷ କରୁଥିଲେ**

ନୂଆପଡ଼ା ଜିଲା ଜୋଙ୍କ ଥାନା ଅଧୀନ ପରକୋଡ଼ ଗାଁରେ ଚାଷ କାମ କରିବା ବେଳେ ମଙ୍ଗଳବାର ଏକ ଅଘଟଣ ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସ୍ତ୍ରୀ ଓ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମେଶ୍ୱର ରାଉତ (୩୯) ଓ ତାଙ୍କ ସ୍ତ୍ରୀ ବିମଳା ରାଉତ (୩୫)। ସୂଚନା ଅନୁସାରେ ପୂର୍ବାହ୍ନରେ ପରକୋଡ଼ ଗାଁର ଦମ୍ପତି ନିଜ ଚାଷ ଜମିକୁ କାମ ପାଇଁ ଯାଇଥିଲେ। ଚାଷ ଜମି ନିକଟରେ ଜାତୀୟ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ଚେକ୍‌ଡ୍ୟାମ୍ ତିଆରି ହୋଇଛି। ଏହି ଚେକ୍‌ଡ୍ୟାମରୁ ମୋଟର ସାହାଯ୍ୟରେ ପାଣି ଉଠାଇ ଚାଷ କାମ କରୁଥିଲେ। ଏହି ସମୟରେ ମୋଟରର ବିଦ୍ୟୁତ୍ ଆଘାତ ପାଇ ଉଭୟେ ଚେକଡ୍ୟାମ୍ ଭିତରେ ପଡ଼ିଯାଇଥିଲେ। ନିକଟରେ କାମ କରୁଥିବା କେତେଜଣ ଲୋକ ଏହା ଦେଖି ଜଣାଇବା ପରେ ଗାଁର ଯୁବକମାନେ ମୋଟରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ଖରିଆରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜୋଙ୍କ ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ଆଇଆଇସି ଗୁରୁଦେବ କର୍ମୀ କହିଛନ୍ତି।

# ଓସିଏସ୍ ପରୀକ୍ଷା ଆଡ୍‌ମିଟ୍ କାର୍ଡ ତ୍ରୁଟି ସଂଶୋଧନ ବିଜ୍ଞପ୍ତି

କଟକ,୧୦।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**କେନ୍ଦ୍ରଗୁଡ଼ିକର ସମ୍ପୂର୍ଣ୍ଣ ଠିକଣା ଦେଲା ଓପିଏସ୍‌ସି**

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୨ ପ୍ରିଲିମିନାରି ପରୀକ୍ଷା ପାଇଁ ଦିଆଯାଇଥିବା ଆଡ୍‌ମିଟ କାର୍ଡରେ ଥିବା ତ୍ରୁଟିର ସଂଶୋଧନ କରାଯାଇଛି। ଆଡ୍‌ମିଟ୍ କାର୍ଡରେ ପରୀକ୍ଷା କେନ୍ଦ୍ରଗୁଡ଼ିକର ଠିକଣା ସମ୍ପୂର୍ଣ୍ଣ ନ ଥିବାରୁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହାପରେ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ସଂଶୋଧିତ ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି।

ଆସନ୍ତା ୧୫ ତାରିଖରେ ଓସିଏସ୍ ପ୍ରିଲିମିନାରି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୫ଟି ଜୋନ୍‌ରେ ପରୀକ୍ଷା କେନ୍ଦ୍ର କରାଯାଇଛି। ବାଲେଶ୍ୱର ସମେତ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ଜୋନ୍‌ରେ ଏହି ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଛି। ତେବେ ପୂର୍ବରୁ ପ୍ରକାଶିତ ଆଡ୍‌ମିଟ୍ କାର୍ଡରେ ଭୁବନେଶ୍ୱର ଜୋନ୍‌ର ୮ଟି କେନ୍ଦ୍ର ଓ ବାଲେଶ୍ୱରର ଗୋଟି କେନ୍ଦ୍ର ଠିକଣା ଅସମ୍ପୂର୍ଣ୍ଣ ଥିଲା। ଏହାପରେ ସମ୍ପୂର୍ଣ୍ଣ ଠିକଣା ଥିବା କେନ୍ଦ୍ରର ତାଲିକା ଓପିଏସସି ପକ୍ଷରୁ ପ୍ରକାଶ ପାଇଛି। ସଂଶୋଧିତ ବିଜ୍ଞପ୍ତିରେ ଓସିଏସ୍ ପରୀକ୍ଷାର୍ଥୀଙ୍କ ଆଡ୍‌ମିଟ କାର୍ଡରେ ଥିବା ପରୀକ୍ଷା କେନ୍ଦ୍ରର ଠିକଣାରେ ଟାଇପୋଗ୍ରାଫି ତ୍ରୁଟି ରହିଥିଲା ବୋଲି କୁହାଯାଇଛି। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ କେନ୍ଦ୍ର ଖୋଜିବାରେ ଯେପରି କୌଣସି ସମସ୍ୟା ନ ହୁଏ ଅସମ୍ପୂର୍ଣ୍ଣ ଥିବା ଠିକଣା କେନ୍ଦ୍ରଗୁଡ଼ିକର ସମ୍ପୂର୍ଣ୍ଣ ଠିକଣା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲା ଭୁବନେଶ୍ୱର ଜୋନ୍‌ର ନୂଆ ବସ୍‌ଷ୍ଟାଣ୍ଡ ନିକଟ ବୀଣାପାଣି ଶିଶୁ ମନ୍ଦିର, ସାମନ୍ତରାପୁର ମହିଳା ମହାବିଦ୍ୟାଳୟ, ଏସ୍‌ବିଆଇ ଛକ ନିକଟ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ, ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ର ସମ୍ ନର୍ସିଂ କଲେଜ, ଡୁମଡୁମା ଫେଜ-୨ ହାଉସିଂ ବୋର୍ଡ କଲୋନିର ଗାଇଡାନ୍ସ ଇଂଲିଶ ମିଡିୟମ ସ୍କୁଲ, ୟୁନିଟ-୨ କ୍ୟାପିଟାଲ ବାଳିକା ଉଚ୍ଚବିଦ୍ୟାଳୟ। ସେହିପରି ବାଲେଶ୍ୱର ଜିଲା କୁରୁଡାର ମଡର୍ନ ପବ୍ଲିକ ସ୍କୁଲ କେନ୍ଦ୍ର ରହିଛି।

ସୂଚନାଥାଉକି ଓସିଏସ୍-୨୦୨୨ ନିମନ୍ତେ ୨୦୨୨ ଡିସେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମୋଟ ୬୮୩ ପଦବୀ ପାଇଁ ୨୦୨୩ ଜାନୁୟାରୀ ୧୭ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହୋଇଥିଲା। ପରୀକ୍ଷା ଦୁଇଟି ସିଟିଂରେ କରାଯିବ। ୧୫ତାରିଖ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୧୦୦ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୧ ପରୀକ୍ଷା କରାଯିବ। ସେହିପରି ଅପରାହ୍ନ ୧ଟା ୩୦ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ୮୦ ମାର୍କ ବିଶିଷ୍ଟ ଜେନେରାଲ୍ ଷ୍ଟଡିଜ୍ ପେପର-୨ ପରୀକ୍ଷା କରାଯିବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଉଭୟ ସିଟିଂରେ ୪୦ ମିନିଟ୍ ଲେଖାଏଁ ଅଧିକ ସମୟ ଦିଆଯିବ।

# ସ୍ତ୍ରୀଙ୍କ ତଣ୍ଟିଚିପି ରାସ୍ତାକଡ଼ରେ ଫିଙ୍ଗିଦେଲେ



ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ବାସୁଦେବପୁର, ୧୦।୧୦
(ନାରାୟଣ ପ୍ରସାଦ ବାରିକ୍)

**ଥାନାରେ ସ୍ୱାମୀଙ୍କ ଆତ୍ମସମର୍ପଣ**

ସ୍ତ୍ରୀଙ୍କ ତଣ୍ଟିଚିପି ହତ୍ୟା କରି ରାସ୍ତାକଡ଼ରେ ଫିଙ୍ଗିଦେଲେ ସ୍ୱାମୀ। ଏଭଳି ଏକ ନୃଶଂସ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଖରିଦା ବିନାୟକପୁର ପଞ୍ଚାୟତର ବାଗ୍‌ଦା ବିନାୟକପୁର ଗ୍ରାମରେ। ପରେ ଅଭିଯୁକ୍ତ ସ୍ୱାମୀ ବାସୁଦେବପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତ ମହିଳା ହେଲେ ରାଧାରାଣୀ ବେହେରା(୨୫)। ସୋମବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି। ମଙ୍ଗଳବାର ପଞ୍ଚାୟତର ପ୍ରବେଶ ପଥ ରାସ୍ତାକଡ଼ରୁ ରାଧାରାଣୀଙ୍କ ମୃତଦେହ ପୋଲିସ ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ଦୀପକ ବେହେରାଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି। ଦୀପକ ରାଧାରାଣୀଙ୍କ ବେକକୁ ଗାମୁଛାରେ ଭିଡ଼ି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିପାରିଛି।

୫ବର୍ଷ ପୂର୍ବେ ଖରିଦା ବିନାୟକପୁର ଗ୍ରାମର ଦିବାକର ବେହେରାଙ୍କ ଝିଅ ରାଧାରାଣୀଙ୍କ ସହ ଦୀପକଙ୍କର ପ୍ରେମବିବାହ ହୋଇଥିଲା। ସେମାନଙ୍କର ୩ବର୍ଷର ଏକ ଶିଶୁକନ୍ୟା ମଧ୍ୟ ଅଛି। ପ୍ରାୟ ୧ ମାସ ତଳେ ଦୀପକ ଓ ରାଧାରାଣୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରିବା ପାଇଁ ତାମିଲନାଡୁ ଯାଇଥିଲେ। ସେଠାରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଘରକୁ ଫେରିଆସିଥିଲେ। ସୋମବାର ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଗାଁମୁଣ୍ଡ ଛକରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଉକ୍ତ ସ୍ଥାନରେ ଦୀପକ ଉତ୍ତେଜିତ ହୋଇ ଏକ ଗାମୁଛାରେ ରାଧାରାଣୀଙ୍କ ତଣ୍ଟି ଚିପି ମାରି ଦେଇଥିବା ସ୍ୱୀକାର କରିଛନ୍ତି। ପରେ ଶିଶୁକନ୍ୟାକୁ ନିଜ ଘରେ ସମ୍ପର୍କୀୟଙ୍କ ପାଖରେ ଛାଡ଼ି ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାସ୍ଥଳରୁ ଦମ୍ପତିଙ୍କ ଆସବାବପତ୍ର ଓ ଲୁଗାପଟା ଭର୍ତ୍ତି ଏକ ଟ୍ରଲି ବ୍ୟାଗ୍ ପୋଲିସ ଜବତ କରିଛି। ଅପରପକ୍ଷେ ଏନେଇ ମୃତ ରାଧାରାଣୀଙ୍କ ବାପା ଦିବାକରଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ହତ୍ୟା ମାମଲା (ନଂ. ୫୭୦/୨୩) ରୁଜୁ ହୋଇଛି। ବିବାହ ପରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ରାଧାରାଣୀଙ୍କୁ ନିର୍ଯାତନା ଦେବା ସହ ଯୋଜନାବଦ୍ଧ ଭାବେ ସ୍ୱାମୀ ଓ ପରିବାର ଲୋକ ତାଙ୍କୁ ମାରି ଫୋପାଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି। ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ କରିଛନ୍ତି।

# ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ୍ ବୋମା ଜବତ



ମାଲକାନଗିରି, ୧୦।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପଡ଼ିଆ ସଦର ବ୍ଲକରେ ଥିବା ୧୪୨ ବାଟାଲିୟନ ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ୫ ଟିଫିନ ବୋମା ଜବତ କରାଯାଇଛି। ପ୍ରକାଶ ଯେ, ମଙ୍ଗଳବାର ସକାଳେ ପଡ଼ିଆସ୍ଥିତ ୧୪୨ ବାଟାଲିୟନ ବିଏସ୍‌ଏଫ୍ ଯବାନମାନେ ଦୁର୍ଗମ ମୋଟେରୁ ପଞ୍ଚାୟତ ପର୍ସନପାଲ୍ଲୀ ଲିଙ୍କ୍ ରୋଡ୍‌ଠାରୁ ଅଢ଼େଇ କି.ମି. ଦୂରରେ ଥିବା କମାରଗୁଡ଼ା ଜଙ୍ଗଲରେ କୋମ୍ବିଂ କରୁଥିବା ସମୟରେ ଏକ ଗଛ ମୂଳେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଉକ୍ତ ଟିଫିନ୍ ବୋମା ଥିବା ଜାଣିବାକୁ ପାଇଥିଲେ । ପରେ ଉକ୍ତ ସ୍ଥାନରୁ ୫ଟି ଟିଫିନ୍ ବୋମା ଜବତ କରି ବୋମା ନିଷ୍କ୍ରିୟକାରୀ ଦଳକୁ ଖବର ଦେଇଥିଲେ। ନିଷ୍କ୍ରିୟକାରୀ ଦଳ ବୋମାଗୁଡ଼ିକୁ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।

# ଅଚିହ୍ନା ମୃତଦେହ ସଂସ୍କାର ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୦।୧୦ (ବନ୍ଦନା ସେଠୀ)

**ବାହାନଗା ଟ୍ରେନ୍ ଟ୍ରାଜେଡି**

- ଭରତପୁର ଶ୍ମଶାନରେ ଜଳିଲା ଜୁଇ

ବାହାନଗା ଟ୍ରେନ୍ ଦୁର୍ଘଟଣାର ୪ମାସ ପରେ ଅଚିହ୍ନା ମୃତଦେହ ସତ୍କାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ଅଚିହ୍ନା ହୋଇ ରହିଯାଇଥିବା ୨୮ଟି ମୃତଦେହ ଭୁବନେଶ୍ୱର ଏମ୍‌ସରେ ସଂରକ୍ଷିତ ହୋଇ ରହିଥିଲା। ତେବେ ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍‌ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେବା ପରେ ମଙ୍ଗଳବାର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଏମ୍ସ ପକ୍ଷରୁ ବିଏମ୍‌ସିକୁ ୩ଟି ମୃତଦେହ ହସ୍ତାନ୍ତର କରାଯିବା ପରେ ଭରତପୁର ଶ୍ମଶାନରେ ସେଗୁଡ଼ିକୁ ସତ୍କାର କରାଯାଇଥିଲା। ଏହା ପରେ ରାତି ୧୦ଟା ସୁଦ୍ଧା ମୋଟ୍ ୨୧ଟି ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହିବ ବୋଲି ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି। ବିଏମ୍‌ସି, ପୂର୍ବତଟ ରେଳପଥ ଏବଂ ସିବିଆଇ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ମୃତଦେହ ହସ୍ତାନ୍ତର କରାଯାଇଥିଲା। ତେବେ ପ୍ରାୟ ୪ମାସ ହେବ ମୃତଦେହଗୁଡ଼ିକ ଫ୍ରିଜରେ ରହିଥିବାରୁ ସଂସ୍କାର ପାଇଁ ସମୟ ଲାଗିଥିଲା। ତେଣୁ ପ୍ରାୟ ଦିନେ ଦୁଇଦିନ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ମୃତଦେହ ସଂଗ୍ରହ ଏବଂ ଶ୍ମଶାନକୁ ନେବା ପାଇଁ ୩ଟି ଗାଡ଼ି ନିୟୋଜିତ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଜୁନ ୨ରେ ବାଲେଶ୍ୱର ଜିଲାର ବାହାନଗା ରେଳଷ୍ଟେଶନଠାରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱର ଏମ୍ସକୁ ମୋଟ୍ ୧୬୨ଟି ମୃତଦେହ ଆସିଥିଲା। ଫିଜିକାଲ ଭେରିଫିକେଶନ ପରେ ତନ୍ମଧ୍ୟରୁ ୮୧ଟି ତତ୍କାଳ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଅନେକ ମୃତଦେହ ଚିହ୍ନଟରେ ସମସ୍ୟା ଉପୁଜିବାରୁ ଡିଏନ୍‌ଏ ମ୍ୟାଚିଂ ସହାୟତା ନିଆଯାଇଥିଲା। ଏହାପରେ ଆଉ ୫୩ଟି ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହାପରେ ବି ଆହୁରି ୨୮ଟି ମୃତଦେହ ଅଚିହ୍ନା ରହିଯାଇଥିଲା। ତେଣୁ ଅନ୍ତିମ ସଂସ୍କାର ପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖାଯାଇଥିଲା। ଏନେଇ ଅକ୍ଟୋବର ୭ରେ ଖୋର୍ଦ୍ଧା ଜିଲାପାଳ ଚିଠି ଲେଖିବା ପରେ ବିଏମ୍‌ସି ଏସ୍‌ଓପି ଜାରି କରି ମଙ୍ଗଳବାରଠାରୁ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଛି।

# 'ସମ୍ବିଧାନର ୮ମ ଅନୁଚ୍ଛେଦରେ ମୁଣ୍ଡାରୀ ଭାଷା ସାମିଲ ହେଉ'

ଭୁବନେଶ୍ୱର, ୧୦।୧୦
(ଅସମାପିକା ସାହୁ)

ମୁଣ୍ଡା ସମାଜର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଭେଟି ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କୁ ସୁପାରିସ ନିମନ୍ତେ ଏହି ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ୍‌ଙ୍କ ସହିତ ଅନୁସୂଚିତ ଜାତି ତଥା ଅନୁସୂଚିତ ଜନଜାତି କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ରାଜ୍ୟ ସରକାର ଏ ବାବଦରେ ଖୁବ୍‌ଶୀଘ୍ର ସକାରାତ୍ମକ ପଦକ୍ଷେପ ନେବେ ବୋଲି ବାଲକ୍ରିଷ୍ଣନ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭାରତ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ରନାଥ ସିଂ, ମୁଣ୍ଡାରୀ ସମାଜ ସାୱାଁର ଜାମଡ଼ା, ବିର୍ସାମୁଣ୍ଡା ମେମୋରିଆଲ କଲ୍‌ଚର ଫାଉଣ୍ଡେଶନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସିଂ, ନନ୍ଦଲାଲ ସିଂ, ଶିବପ୍ରସାଦ ସିଂ, ସନ୍ତୋଷ କୁମାର ସିଂ, ରାଜେନ୍ଦ୍ରନାଥ ସିଂ, ଶବରନ୍ ସିଂ, ଡ. ମହେନ୍ଦ୍ର ସିଂ, ବଳରାମ ସିଂ, ରୋହିଆ ସିଂ, ଅରୁଣ ସିଂ, ଜେନାପ୍ରସାଦ ସିଂ, ତପନ ସିଂ, ଭାରତୀ ସିଂ ଏବଂ ମଞ୍ଜୁଲତା ସିଂଙ୍କ ସମେତ ଓଡ଼ିଶାର ବିଭିନ୍ନ ସମ୍ପ୍ରଦାୟର ମୁଣ୍ଡା ସମାଜର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଆର୍. ବାଲକ୍ରିଷ୍ଣନ୍‌ଙ୍କୁ ମୁଣ୍ଡା ସମାଜର ପ୍ରତିନିଧି ମଣ୍ଡଳୀ ଦାବିପତ୍ର ଦେଉଛନ୍ତି।

❝ ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା



# ବାଉଁଶ ନୀତି

ବାଉଁଶରୁ ଅଧିକ ଲାଭ ପାଇବା ଲାଗି ନୀତି ଆୟୋଗ ଏକ ବ୍ୟାପକ ଯୋଜନା ଉପରେ କାମ କରୁଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ବାଉଁଶ ଚାଷ ଓ ଏହାର ବ୍ୟବହାରକୁ ବ୍ୟାପକ କରିବା ଲାଗି ନକ୍ସା ପ୍ରସ୍ତୁତ କରିବାକୁ ଆୟୋଗ ଦ୍ୱାରା ଅନେକ ବୈଠକ କରାଯାଇଛି। ଉତ୍ପାଦନ ବୃଦ୍ଧିକରି ବିଭିନ୍ନ କ୍ଷେତ୍ରରେ ବାଉଁଶର ବ୍ୟବହାରକୁ ବଢ଼ାଇବା ପାଇଁ ସମ୍ଭାବ୍ୟ ରଣନୀତିରେ ଏହାର ଚାଷ, ଉତ୍ପାଦନ, ପ୍ରକ୍ରିୟାକରଣ, ମାନକୀକରଣ ଓ ବ୍ୟବହାରକୁ ସାମିଲ କରିଥିବା ଜଣାପଡ଼ିଛି। ତେବେ ପ୍ରକୃତ କଥା ହେଉଛି, ଜୀବାଶ୍ମ ଇନ୍ଧନ ଉପରେ ଅଧିକ ନିର୍ଭରଶୀଳ ନ ହେବା ଲାଗି ସରକାର ବାଉଁଶରୁ ଜୈବ ଇନ୍ଧନ ଉତ୍ପାଦନ ପ୍ରତି ଆଗ୍ରହୀ ଥିବାରୁ ନୀତି ଆୟୋଗର ତତ୍ପରତା ପ୍ରକାଶ ପାଇଛି। ଏହି କାର୍ଯ୍ୟରେ ମାଲେସିଆ ପୃଥିବୀର ଅଗ୍ରଣୀ ଦେଶ ଭାବେ ପରିଚିତ। ଏଥିପାଇଁ ମାଲେସିଆ ବିଭିନ୍ନ ପ୍ରଜାତିର ବାଉଁଶ ଉପରେ ଅନେକ ଗବେଷଣାକରି ସଫଳ ହୋଇଛି। ନୀତି ଆୟୋଗର ଏହି ଯୋଜନା ଶୁଣିବାକୁ ଭଲ ଲାଗୁଛି, କିନ୍ତୁ ଭାରତରେ ଏ ଦିଗରେ ଏ ପର୍ଯ୍ୟନ୍ତ ଗବେଷଣା କରିବା ଲାଗି ସରକାର କିମ୍ବା କୌଣସି ବୃହତ୍ ଘରୋଇ କମ୍ପାନୀ ଅର୍ଥ ଖର୍ଚ୍ଚ କରିନାହାନ୍ତି ବୋଲି ଜଣାପଡ଼ିଛି। ସବୁବେଳେ ଅନ୍ୟ ଦେଶରେ କରାଯାଉଥିବା ପାଇଲଟ ପ୍ରୋଜେକ୍ଟକୁ ନିଜର ବୋଲି କହି ଉତ୍ତାରିବା ବା କପିକରିବା ଫଳରେ ସେଗୁଡ଼ିକର ଉନ୍ନତି ବା ଅପ୍‌ଗ୍ରେଡେଶନ ଭାରତରେ କରାଯାଉ ନ ଥିବାରୁ ଅନେକ ବାଧା ସୃଷ୍ଟି ହେଉଛି। ଉଲ୍ଲେଖନୀୟ ଯେ, ବାଉଁଶକୁ ଘାସ ଜାତୀୟ ଉଦ୍ଭିଦ ପ୍ରଜାତିରେ ଅନ୍ତର୍ଭୁକ୍ତ କରାଯାଇଛି। ପୂର୍ବରୁ ୧୯୨୭ ଜଙ୍ଗଲ ଆଇନ ଅନୁଯାୟୀ ଏହାକୁ ଏକ ଗଛ ଭାବେ ଶ୍ରେଣୀଭୁକ୍ତ କରାଯାଇଥିଲା। କିନ୍ତୁ ୨୦୧୭ରେ ମୋଦି ସରକାର ଅମଳରେ ଜଙ୍ଗଲ ଆଇନରେ ସଂଶୋଧନ କରାଯାଇ ବାଉଁଶକୁ ଘାସ ଭାବେ ସ୍ଥାନିତ କରାଯାଇଛି। ଏହାକୁ କାଟିବା ଏବଂ ପରିବହନ କ୍ଷେତ୍ରରେ ଥିବା ବାଧା ହଟାଇବା ଲାଗି ଏଭଳି କରାଯାଇଥିଲା। ଲକ୍ଷ୍ୟ ଥିଲା ବାଉଁଶ ଚାଷ ବ୍ୟାପକ ହେବ ଓ ଲୋକମାନେ ଏହାର ଆର୍ଥିକ ଦିଗ ପ୍ରତି ଅଧିକ ଆକର୍ଷିତ ହେବେ। କିନ୍ତୁ ତାହା ଆଶାନୁରୂପ ହୋଇ ନ ଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଛି। ୨୦୧୮-୧୯ରେ ଜାତୀୟ ବାଉଁଶ ମିଶନର ପୁନର୍ଗଠନ ହେବା ପରେ ଉତ୍ପାଦକ ଓ ବାଉଁଶ ଶିଳ୍ପ ସହ ଜଡ଼ିତ ଅଂଶୀଦାରଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳୁ ନ ଥିବାରୁ ଏହାର ଉତ୍ପାଦନରେ ଆଖିଦୃଶିଆ ଅଗ୍ରଗତି ହୋଇପାରିନାହିଁ ବୋଲି ରିପୋର୍ଟରୁ ଜଣାପଡ଼ିଛି।

ବାଉଁଶ ସମ୍ପଦରେ ସମୃଦ୍ଧ ଭାରତରେ ୧୪୮ ପ୍ରଜାତିର ବାଉଁଶ ଅଛି। ମୁଖ୍ୟତଃ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକର ଜଙ୍ଗଲ ଓ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଏହା ଅଧିକ ଦେଖାଦିଏ। ଏହା ବ୍ୟତୀତ ବିଭିନ୍ନ ରାଜ୍ୟର ଗାଁଗହଳିର ଘରୋଇ ଜମି କିମ୍ବା ସର୍ବସାଧାରଣ ଜମିରେ ମଧ୍ୟ ବାଉଁଶ ଚାଷ କରାଯାଏ। ବାଉଁଶ ଉତ୍ପାଦନ କ୍ଷେତ୍ରରେ ଚାଇନା ପରେ ଭାରତର ସ୍ଥାନ ଦ୍ୱିତୀୟ। ଏହି ୨ ଦେଶ ଓ ମ୍ୟାନ୍‌ମାରରେ ବିଶ୍ୱର ମୋଟ ବାଉଁଶ ଜମିର ୮୦% ରହିଛି। ଚାଇନା ବାଉଁଶ ଶିଳ୍ପ ଓ ଏହାର ଯୋଗାଣରେ ବିଶ୍ୱରେ ଆଧିପତ୍ୟ ବିସ୍ତାର କରିଥିବାବେଳେ ଦ୍ୱିତୀୟ ଉତ୍ପାଦନକାରୀ ଦେଶ ଭାବେ ଭାରତ ଏଥିରେ ଆଖିଦୃଶିଆ ଅଗ୍ରଗତି କରିପାରିନାହିଁ। ଅପରପକ୍ଷରେ ବାଉଁଶ ଜଙ୍ଗଲର ପରିସୀମା କମିବାରେ ଲାଗିଛି। ଆମ ରାଜ୍ୟରେ ଦଶପଲ୍ଲା ବାଉଁଶ ଜଙ୍ଗଲ ଏହାର ଏକ ଉଦାହରଣ। କେବଳ ଯୋଜନା ଦ୍ୱାରା ସବୁକିଛି ସଫଳ ହେବ ବୋଲି ଆଶା କରିବା ବୃଥା। କାରଣ ଉତ୍ତର ପୂର୍ବ ରାଜ୍ୟ ଓ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳର ଲୋକମାନଙ୍କୁ ବାଦ୍ ଦେଲେ ଘରୋଇ ଭାବେ ବାଉଁଶ ଚାଷ ଓ ଏହାର ବ୍ୟବହାର କମୁଛି। ଅତୀତକୁ ଦେଖିଲେ ଗାଁ ଗହଳିରେ ସବୁଠି ବାଉଁଶର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଘରର ଅନେକ ବ୍ୟବହାର୍ଯ୍ୟ ଉପକରଣଠାରୁ ଆରମ୍ଭକରି ଚାଷ, ଘର ନିର୍ମାଣ ଆଦି କ୍ଷେତ୍ରରେ ଏହା ବ୍ୟବହାର ହେଉଥିଲା। ଘରବାଡ଼ିରେ ବାଉଁଶ ବୁଦାଟିଏ ବି ଥିଲା। ଏବେ ତାହା ଦେଖିବାକୁ ମିଳୁନାହିଁ। ସରକାରୀ ଭାବେ ଜଙ୍ଗଲ ଜମିରେ ଯେତିକି କରାଯାଉଛି ତାହା ହିଁ ବାଉଁଶ ଚାଷର ପରିସୀମା। ସମଗ୍ର ଭାରତରେ ଏହି ଚାଷ ଲାଗି ଅନୁକୂଳ ପରିବେଶ ଥିବାବେଳେ ଏହାକୁ ସମ୍ପ୍ରସାରିତ କରିବାରେ ସରକାରୀ ଉଦ୍ୟମ ବ୍ୟତୀତ ଘରୋଇ ଭାଗୀଦାରି ଆବଶ୍ୟକ। ଅନ୍ୟପକ୍ଷରେ ଭାରତରେ ବିଶ୍ୱର ସବୁଠୁ ନିପୁଣ ବାଉଁଶ କାରିଗର ସମ୍ପ୍ରଦାୟ ଅଛନ୍ତି, ହେଲେ ସେମାନେ ପ୍ରାୟତଃ ଆର୍ଥିକ ଅନଗ୍ରସର ବର୍ଗର। ଏଭଳି ପ୍ରଚ୍ଛଦପଟରେ ନୀତି ଆୟୋଗ ଦେଶର ବାସ୍ତବତାଠାରୁ ଯଥେଷ୍ଟ ଦୂରରେ ଯାଇ ବିଭିନ୍ନ ନୀତି ସୃଷ୍ଟି କରିବା ପାଇଁ ଚେଷ୍ଟିତ ଭଳି ମନେହୁଏ। ବାଉଁଶରୁ ଇନ୍ଧନ ସୃଷ୍ଟି କରିବା କେବଳ ଆକର୍ଷଣୀୟ ଶୁଣାଯାଉନାହିଁ, ସେଥିରୁ ଅର୍ଥନୈତିକ ଉନ୍ନତି ମଧ୍ୟ କରାଯାଇପାରିବ ଯେଉଁଥିରେ ବାଉଁଶ ଚାଷକୁ ପ୍ରଥମେ ପ୍ରୋତ୍ସାହନ ଦେବା ଆବଶ୍ୟକ। ତାହା ନ ହେବା ପର୍ଯ୍ୟନ୍ତ ସବୁ ନୀତି ଅବାସ୍ତବ ବୋଲି କହିହେବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 9 | | 6 | 2 | | 3 | | 1 |
| 3 | | | | | | | 4 | |
| 2 | | | | | | 6 | | |
| | | | 1 | 5 | 3 | | | 9 |
| | | | | 8 | | | | |
| | 1 | | | | | | | 7 |
| | | 4 | | | | | | |
| | | | | 7 | 6 | | 9 | 8 |
| | | 3 | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 8 | 7 | 6 | 2 | 9 | 1 |
| 2 | 9 | 6 | 1 | 3 | 4 | 8 | 7 | 5 |
| 7 | 8 | 1 | 5 | 9 | 2 | 6 | 3 | 4 |
| 3 | 6 | 5 | 4 | 1 | 8 | 7 | 2 | 9 |
| 8 | 4 | 9 | 7 | 2 | 5 | 1 | 6 | 3 |
| 1 | 7 | 2 | 3 | 6 | 9 | 4 | 5 | 8 |
| 9 | 2 | 8 | 6 | 5 | 1 | 3 | 4 | 7 |
| 6 | 1 | 3 | 9 | 4 | 7 | 5 | 8 | 2 |
| 4 | 5 | 7 | 2 | 8 | 3 | 9 | 1 | 6 |

ଗତକାଲିର ଉତ୍ତର



# ଗୋଲ୍ଡିନଙ୍କ ଦୃଷ୍ଟିରେ ଲିଙ୍ଗଗତ ମଜୁରି ବ୍ୟବଧାନ

ରୁଦ୍ରପ୍ରସନ୍ନ ମିଶ୍ର

ପ୍ରିୟଙ୍କା ଚୋପ୍ରା ବିବିସିକୁ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଥିଲେ, ବଲିଉଡ୍‌ରେ ପୁରୁଷ ଓ ମହିଳା କଳାକାରଙ୍କ ଦରମାରେ ସମାନତା ନାହିଁ। ଏହା କେବଳ ବଲିଉଡ୍ କିମ୍ବା ଭାରତର ପରିସ୍ଥିତି ନୁହେଁ। ସମଗ୍ର ବିଶ୍ୱରେ ଏବଂ ସମସ୍ତ କ୍ଷେତ୍ରରେ ମହିଳାମାନେ ବେତନ ସମାନତାରେ ଭେଦଭାବର ସମ୍ମୁଖୀନ ହୁଅନ୍ତି।

ମହିଳାମାନେ ଘର ଓ କର୍ମକ୍ଷେତ୍ରରେ ବିଭିନ୍ନ ଦାୟିତ୍ୱ ତୁଲାଇ ଥାଆନ୍ତି। ସେମାନେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ବ୍ୟାପକ ଯୋଗଦାନ କରନ୍ତି। ବର୍ତ୍ତମାନ ଭାରତରେ ପାଖାପାଖି ୪୩୫ ନିୟୁତ କର୍ମଜୀବୀ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୩୪୦ ନିୟୁତ ଅସଂଗଠିତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ମାକେଞ୍ଜି ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟର ଏକ ରିପୋର୍ଟରେ ଆକଳନ କରାଯାଇଛି ଯେ, କେବଳ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରି ଭାରତ ୨୦୨୫ ସୁଦ୍ଧା ଏହାର ଜିଡିପିରେ ୭୭୦ ବିଲିୟନ ଆମେରିକୀୟ ଡଲାର ଯୋଡ଼ିପାରିବ। ତଥାପି ଜିଡିପିରେ ମହିଳାଙ୍କ ଯୋଗଦାନ ଏବେ ମାତ୍ର ୧୮% ରହିଛି।

ସମଗ୍ର ବିଶ୍ୱରେ ପ୍ରାୟ ଅଧା (୫୦ ପ୍ରତିଶତ) ମହିଳା ଚାକିରି କରୁଥିବା ବେଳେ ପାଖାପାଖି ୮୦ ପ୍ରତିଶତ ପୁରୁଷ ବେତନଭୋଗୀ। ଦେଖାଯାଇଛି ଯେ, ମହିଳାମାନେ ସାଧାରଣତଃ ପୁରୁଷମାନଙ୍କ ତୁଳନାରେ କମ୍ ରୋଜଗାର କରନ୍ତି ବା କମ୍ ଆୟ କରନ୍ତି। ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ନିଯୁକ୍ତି ଏବଂ ରୋଜଗାରର ସ୍ତର କିପରି ଏବଂ କାହିଁକି ଭିନ୍ନ ହୁଏ, ତାହା ବୁଝିବା ଉଭୟ କ୍ଷୁଦ୍ର ଏବଂ ଦୀର୍ଘକାଳୀନ ସାମାଜିକ କାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ପ୍ରସଙ୍ଗ ସମାଜର ସମ୍ବଳର ସବୁଠାରୁ ଦକ୍ଷ ବ୍ୟବହାର ସହିତ ଜଡ଼ିତ। ଯଦି ମହିଳାମାନଙ୍କୁ ଶ୍ରମ ବଜାରରେ ଅଂଶଗ୍ରହଣ କରିବାର ସମାନ ସୁଯୋଗ ନ ଥାଏ, କିମ୍ବା ସେମାନେ ଅସମାନ ସର୍ତ୍ତରେ ଅଂଶଗ୍ରହଣ କରନ୍ତି, ତେବେ ଶ୍ରମ ଏବଂ ଦକ୍ଷତା ନଷ୍ଟ ହୋଇଯାଏ। ଯଦି ଚାକିରି ସବୁଠାରୁ ଯୋଗ୍ୟ ବ୍ୟକ୍ତିଙ୍କୁ ନ ମିଳେ, ତେବେ ତାହା ଅର୍ଥନୀତିକୁ ପଙ୍ଗୁ କରିଥାଏ ଏବଂ ଯଦି ସମାନ କାମ କରିବା ପାଇଁ ମହିଳାମାନଙ୍କ ଦରମା ଅଲଗା ହୁଏ, ତେବେ ମହିଳାମାନେ କାମ କରିବାକୁ ଏବଂ କ୍ୟାରିୟର କରିବାକୁ ଅନୁତ୍ସାହିତ ହୋଇଯିବେ।

ଚଳିତବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ କ୍ଲାଉଡିଆ ଗୋଲ୍ଡିନ ଜିତିଛନ୍ତି। ସେ ପୁରୁଷ ଓ ମହିଳାଙ୍କ ମଧ୍ୟରେ ମଜୁରି ଅସମାନତା ଉପରେ ତାଙ୍କର କାର୍ଯ୍ୟ ପାଇଁ ଏହି ପୁରସ୍କାର ଜିତିଛନ୍ତି। ଗୋଲ୍ଡିନ ମହିଳାଙ୍କ କର୍ମ ଜୀବନ ଏବଂ ଆୟକୁ ଗ୍ରାଫ୍ କରି ଦର୍ଶାଇଛନ୍ତି ଯେ, ଶିଳ୍ପ ବିପ୍ଳବ ପୁରୁଷଙ୍କ ତୁଳନାରେ ମହିଳାଙ୍କର ସ୍ୱାଧୀନ ରୋଜଗାରରେ ବିପୁଳ ହ୍ରାସ ଆଣିଥିଲା; ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଲୋକଙ୍କ ମନୋଭାବ ପରିବର୍ତ୍ତନ ଦ୍ୱାରା ତ୍ୱରାନ୍ୱିତ ହୋଇଥିଲା।

ଗୋଲ୍ଡିନ ୧୯୯୦ରେ ପ୍ରକାଶିତ ତାଙ୍କ ପୁସ୍ତକ, ଅଣ୍ଡରଷ୍ଟାଣ୍ଡିଂ ଦି ଜେଣ୍ଡର ଗ୍ୟାପ୍ : ଆନ୍ ଇକୋନୋମିକ ହିଷ୍ଟ୍ରି ଅଫ୍ ଆମେରିକାନ୍ ଓମେନ୍‌ରେ ଗତ ୨୫୦ ବର୍ଷ ମଧ୍ୟରେ ମଜୁରି ଅସମାନତା କିପରି ବିକଶିତ ହୋଇଥିଲା ଦର୍ଶାଇଛନ୍ତି। ଆଧୁନିକ ଯୁଗରେ ଦମ୍ପତିମାନଙ୍କ ଆୟରେ ନିର୍ଣ୍ଣାୟକ ପାର୍ଥକ୍ୟ ସେତେବେଳେ ଜନ୍ମ ନିଏ, ଯେତେବେଳେ ସେମାନେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରନ୍ତି।



ଶ୍ରମ ଅର୍ଥନୀତି, ଲିଙ୍ଗଗତ ଅର୍ଥନୀତି ଏବଂ ଶିକ୍ଷାର ବିଭିନ୍ନ ଦିଗ ଉପରେ ସେ ଅନେକ କାମ କରିଛନ୍ତି। କର୍ମକ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ପ୍ରଭାବିତ କରୁଥିବା କାରଣ ଏବଂ ଅର୍ଥନୈତିକ ବିକାଶ ଉପରେ ପ୍ରଭାବ ସମ୍ପର୍କରେ ସେ ଆଲୋକପାତ କରିଛନ୍ତି।

ଗୋଲ୍ଡିନଙ୍କ ସବୁଠାରୁ ଉଲ୍ଲେଖନୀୟ ଅବଦାନ ହେଉଛି, ଲିଙ୍ଗଗତ ମଜୁରି ବ୍ୟବଧାନର ପରୀକ୍ଷା। ମହିଳାମାନେ ପ୍ରାୟତଃ ପୁରୁଷଙ୍କ ତୁଳନାରେ କମ୍ ରୋଜଗାର କରନ୍ତି। ଗୋଲ୍ଡିନଙ୍କ ଗବେଷଣା ଏହି ସରଳ ପର୍ଯ୍ୟବେକ୍ଷଣଠାରୁ ଅଧିକ। ସେ ଏହି ସମସ୍ୟାର ଅନ୍ତର୍ନିହିତ କାରଣଗୁଡ଼ିକ ବିଷୟରେ ଅନୁସନ୍ଧାନ କରିଛନ୍ତି। ଗୋଲ୍ଡିନଙ୍କ ଅନୁଧ୍ୟାନ ବୃତ୍ତିଗତ ପୃଥକୀକରଣର ଭୂମିକା ଉପରେ ଗୁରୁତ୍ୱାରୋପ କରେ। ସେ ଦର୍ଶାଇଛନ୍ତି ଯେ, ମହିଳାମାନେ କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଚାକିରି ବା ବୃତ୍ତି କରିଥାଆନ୍ତି। ପ୍ରାୟତଃ ଏଭଳି କାମରେ କମ୍ ଦରମା ମିଳେ। ଏହି ବୃତ୍ତିଗତ କନ୍‌ସେନ୍‌ଟ୍ରେଶନ ମହିଳାଙ୍କ ରୋଜଗାର କ୍ଷମତା ଉପରେ ସିଧାସଳଖ ପ୍ରଭାବ ପକାଇଥାଏ।

ଏହା ବ୍ୟତୀତ ଗୋଲ୍ଡିନଙ୍କ ଗବେଷଣାରେ ଦର୍ଶାଯାଇଛି ଯେ, କାର୍ଯ୍ୟ ସମୟ ଏବଂ କ୍ୟାରିୟର ପସନ୍ଦରେ ପାର୍ଥକ୍ୟ କିପରି ଲିଙ୍ଗଗତ ଆୟ ବ୍ୟବଧାନରେ ଯୋଗଦାନ କରେ। ମହିଳାମାନେ ଅନେକ ସମୟରେ 'ମାତୃତ୍ୱ ଦଣ୍ଡ'ର ସମ୍ମୁଖୀନ ହୁଅନ୍ତି। ମାତୃତ୍ୱ ପ୍ରାପ୍ତି ପରେ ମହିଳାମାନଙ୍କୁ ନିଜ ସନ୍ତାନର ଯତ୍ନ ନେବା ପାଇଁ ସମୟ ଦେବାକୁ ପଡ଼େ। କର୍ମ ସମୟ ହ୍ରାସ ଏବଂ ସୀମିତ କ୍ୟାରିୟର ଉନ୍ନତି ସୁଯୋଗ କାରଣରୁ ସନ୍ତାନ ଜନ୍ମ ହେବା ପରେ ରୋଜଗାର ହ୍ରାସ ପାଇଥାଏ।

ଗୋଲ୍ଡିନଙ୍କ ଗବେଷଣା ଦର୍ଶାଏ ଯେ, ଗର୍ଭ ନିରୋଧକ ବଟିକାର ପ୍ରଭାବ ମହିଳାଙ୍କ ଅର୍ଥନୈତିକ ପ୍ରଗତି ଉପରେ ପଡ଼ିଛି। ସେ ଦର୍ଶାଇଥିଲେ ଯେ, ଗର୍ଭ ନିରୋଧକ ବଟିକାର ଉପଲବ୍ଧତା ମହିଳାମାନଙ୍କୁ ଉଚ୍ଚ ଶିକ୍ଷା ଏବଂ କ୍ୟାରିୟର ଗଢ଼ିବାରେ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗର୍ଭ ନିରୋଧକ ପଦ୍ଧତିର ଉପଲବ୍ଧତା, ମହିଳାମାନଙ୍କୁ ପ୍ରଜନନ ଅଧିକାର ଏବଂ ପରିବାର ନିୟୋଜନର ସାମର୍ଥ୍ୟ ଦେବା ସହ ଶ୍ରମଶକ୍ତିରେ ଅଧିକ ଭାବରେ ଅଂଶଗ୍ରହଣ କରି ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିବାର ସୁଯୋଗ ସୃଷ୍ଟି କରିପାରିଛି।

କ୍ଲାଉଡିଆ ଗୋଲ୍ଡିନ ମହିଳାଙ୍କ ଶ୍ରମଶକ୍ତି ଅଂଶଗ୍ରହଣର ଜୀବନଚକ୍ର ଢାଞ୍ଚାକୁ ମଧ୍ୟ ପରୀକ୍ଷା କରିଛନ୍ତି, ସେମାନଙ୍କ କ୍ୟାରିୟର ଉପରେ ପରିବାର ଯତ୍ନ ଦାୟିତ୍ୱର ପ୍ରଭାବ ବିଷୟରେ ଆଲୋକପାତ ମଧ୍ୟ କରିଛନ୍ତି। ମହିଳାମାନେ ସାଧାରଣତଃ ପାରିବାରିକ ଆଶା ଓ କର୍ମକ୍ଷେତ୍ରରେ ସୁଯୋଗ ଭିତରେ ଘାଣ୍ଟି ହୁଅନ୍ତି। ସେମାନଙ୍କୁ ଉଭୟ କର୍ମମୟ ଜୀବନ ଏବଂ ପରିବାରର ଯତ୍ନ ନେବାକୁ ପଡ଼ିଥାଏ। କାର୍ଯ୍ୟ-ଜୀବନ ସନ୍ତୁଳନ, ପାରିବାରିକ ଛୁଟି ଏବଂ ସୁଲଭ ଶିଶୁଯତ୍ନ ବ୍ୟବସ୍ଥା ଆଦିକୁ ପ୍ରୋତ୍ସାହିତ କରୁଥିବା ନୀତି ଏ ଦିଗରେ ମହିଳାମାନଙ୍କୁ ସାହାଯ୍ୟ କରିପାରିବ।

ଅର୍ଥନୈତିକ ଅଭିବୃଦ୍ଧିରେ ଲିଙ୍ଗଗତ ଅଂଶଗ୍ରହଣ ଉପରେ ପ୍ରଭାବ ଦୃଷ୍ଟିରୁ ଗୋଲ୍ଡିନଙ୍କ ଗବେଷଣା ନୀତି ନିର୍ଦ୍ଧାରକ ଏବଂ କର୍ମାନୁଷ୍ଠାନଗୁଡ଼ିକ ପାଇଁ ଏକ ରୋଡ୍‌ମ୍ୟାପ ପ୍ରଦାନ କରେ। ବୃତ୍ତିଗତ ସ୍ୱାଚ୍ଛନ୍ଦ୍ୟ, କାର୍ଯ୍ୟ-ଜୀବନ ସନ୍ତୁଳନକୁ ସମର୍ଥନ କରିବା, ଶିକ୍ଷା ଏବଂ ପରିବାର ନିୟୋଜନର ଉପଲବ୍ଧତାକୁ ପ୍ରୋତ୍ସାହିତ କରୁଥିବା ନୀତିର ଗୁରୁତ୍ୱ ଉପରେ ଏହା ଆଲୋକପାତ କରେ। ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ସମାଜଗୁଡ଼ିକ ସେମାନଙ୍କର ମହିଳା ଶ୍ରମଶକ୍ତିର ପୂର୍ଣ୍ଣ ପୋଟେନ୍‌ସିଆଲକୁ ଉପଯୋଗ କରିପାରିବେ, ଯାହା ଦ୍ୱାରା ଅଧିକ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସମୃଦ୍ଧିରେ ଯୋଗଦାନ କରାଯାଇପାରିବ।

ଗୋଲ୍ଡିନଙ୍କ ଗବେଷଣାରୁ ଜଣାପଡିଛି ଯେ, ଶ୍ରମ ବଜାରରେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ପାର୍ଥକ୍ୟ ସାମାଜିକ ବିକାଶର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣ ଦ୍ୱାରା ପ୍ରଭାବିତ ହୋଇଥାଏ। ଯେଉଁ ନୀତି ନିର୍ମାତାମାନେ ଏହି ପାର୍ଥକ୍ୟକୁ ଲୋପ କରିବାକୁ ଚାହୁଁଛନ୍ତି, ସେମାନେ ପ୍ରଥମେ ବୁଝିବା ଆବଶ୍ୟକ ଯେ ଏହି ପାର୍ଥକ୍ୟ ଅଛି କାହିଁକି। କ୍ଲାଉଡିଆ ଗୋଲ୍ଡିନଙ୍କ ଗବେଷଣା ଶ୍ରମ ବଜାରରେ ଲିଙ୍ଗଗତ ଅସମାନତା ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ବିଷୟରେ ଆମର ବୁଝାମଣାକୁ ଯଥେଷ୍ଟ ଉନ୍ନତ କରିଛି। କର୍ମକ୍ଷେତ୍ରରେ ଅଧିକ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ଲିଙ୍ଗଗତ ଆୟ ବ୍ୟବଧାନ, ବୃତ୍ତିଗତ ପୃଥକୀକରଣ ଏବଂ ମାତୃତ୍ୱ-ଦଣ୍ଡ ଭଳି ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବାର ଗୁରୁତ୍ୱ ଉପରେ ତାଙ୍କର ଅନୁସନ୍ଧାନ ଆଲୋକପାତ କରିଛି। ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣକୁ ସମର୍ଥନ କରୁଥିବା ନୀତିଗୁଡ଼ିକୁ କାର୍ଯ୍ୟକାରୀ କରି ଦେଶଗୁଡ଼ିକ ସେମାନଙ୍କ ମହିଳା କର୍ମଚାରୀଙ୍କ ଅବ୍ୟବହୃତ ସମ୍ଭାବନାକୁ ଖୋଲିପାରିବେ ଏବଂ ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିପାରିବେ।

ମୁମ୍ବାଇ, ମୋ: ୭୭୩୮୩୦୨୨୨୮



# ବଡ଼ ଅବିନୀତ ଟୋକା

ଡ. ଉଦ୍ଧବ ଚରଣ ନାୟକ

୧୯୩୮ ସେପ୍ଟେମ୍ବର ୧ରେ ଜେନାପୁରଠାରେ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା ଗଡ଼ଜାତ ରାଜ୍ୟ ସାରଙ୍ଗଧର ଦାସଙ୍କ ଅଧ୍ୟକ୍ଷତାରେ। ତା'ପରଠାରୁ ଢେଙ୍କାନାଳର ଆନ୍ଦୋଳନ ତୀବ୍ରତର ହୋଇ ଉଠିଥିଲା। ଢେଙ୍କାନାଳ ପ୍ରଜାମଣ୍ଡଳ ନିର୍ଦ୍ଦେଶ ଦେଇଥିଲା, ''ରାଜାର ପୋଲିସ, ହାକିମ, କାନକୁହା ଦଲାଲ ଓ ଟାଉଟରମାନଙ୍କୁ ବାସନ୍ଦ କର।'' ଢେଙ୍କାନାଳର ୨୪ଗୋଟି ବିଶ ବା ପ୍ରଗଣାର ହଜାର ହଜାର ସତ୍ୟାଗ୍ରହୀ ଏକାଠି ୨୦-୨୫ ଦଳରେ ବିଭକ୍ତ ହୋଇ ଢେଙ୍କାନାଳରେ ଆନ୍ଦୋଳନ ଜାରି ରଖିଲେ। ରାଜା ନିରୂପାୟ ହୋଇ ପ୍ରଜାମଣ୍ଡଳର ତୁଙ୍ଗନେତାମାନଙ୍କୁ ନେଇ ଜେଲରେ ରଖିଦେଲେ। ପରେ ରାଜା ବିନା ସର୍ତ୍ତରେ ବନ୍ଦୀ ହୋଇଥିବା ନେତାମାନଙ୍କୁ ଖଲାସ କରିବାକୁ ବାଧ୍ୟହେଲେ। କିନ୍ତୁ ଆନ୍ଦୋଳନ ପୂର୍ବ ଅପେକ୍ଷା ଆହୁରି ତୀବ୍ରତର ହେଲା।

ଢେଙ୍କାନାଳ ରାଜା ଶଙ୍କର ପ୍ରତାପ ବାଧ୍ୟହୋଇ ଗୋରା ସରକାରର ଶରଣ ପଶିଲେ। ପଲଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍ ଢେଙ୍କାନାଳରେ ପହଞ୍ଚି ଆନ୍ଦୋଳନକାରୀ ନେତାମାନଙ୍କ ସହ ଆଲୋଚନାର ବାହାନାକରି ବିଫଳ ହେଲେ। ଫଳରେ ସେ ଗୋର୍ଖା ପଲଟନ୍ ଓ ଶିଖ୍ ପଲଟନ୍‌କୁ ଢେଙ୍କାନାଳ ପଠାଇ ଦେଲେ ଆନ୍ଦୋଳନ ଦମନ କରିବା ଉଦ୍ଦେଶ୍ୟରେ। ଏହି ପଲଟନ୍ ଢେଙ୍କାନାଳ ରାଜାର ପୋଲିସ ବାହିନୀ ସହ ଗାଁଗଣ୍ଡାରେ ପ୍ରବେଶକରି ଅକଥନୀୟ ଅତ୍ୟାଚାର ଆରମ୍ଭ କରିଦେଲେ।

ପ୍ରଜାମଣ୍ଡଳର ତୁଙ୍ଗନେତା ବୀର ବୈଷ୍ଣବ ପଟ୍ଟନାୟକ ଓ ଆନ୍ଦୋଳନର କ୍ୟାପ୍‌ଟେନ ଶ୍ରୀକାନ୍ତ ରାଉତ ୨ଶହ ଆନ୍ଦୋଳନକାରୀଙ୍କ ସହ ଅକ୍ଟୋବର ୧ରୁ ୧୦ ଯାଏ ଭୁବନ ଥାନାକୁ ଘେରାଉକରି ପୋଲିସଙ୍କୁ କାବୁ କରିଦେଇଥିଲେ। ଏ ଖବର ଶୁଣି ରାଜା ଶଙ୍କର ପ୍ରତାପ ବିବ୍ରତ ହୋଇ ସେହି ପଲଟନକୁ ଭୁବନ ଅଭିମୁଖେ ଯିବା ପାଇଁ ଆଦେଶ ଦେଲେ। ସେହି ପଲଟନ ମଢ଼ି (କାମାକ୍ଷାନଗର)ରୁ ଭୁବନ ଆଡ଼କୁ ମାଡ଼ି ଆସିଲେ। ୧୦ ତାରଖରେ ସେମାନେ ଭୁବନରେ ପହଞ୍ଚି ଗୁଳି ଫୁଟାଇ ୨ଜଣଙ୍କୁ ନିର୍ମମ ଭାବେ ହତ୍ୟାକଲେ। ତଥାପି ଲୋକେ ଛାଡୁ ନ ଥାନ୍ତି। ଫଉଜ ପ୍ରମାଦ ଗଣିଲେ। ଭୁବନ ଅଞ୍ଚଳ ତ୍ୟାଗ ନ କଲେ ବିପଦରେ ଫସିଯିବାର ଭୟ ପାଇ ଦ୍ରୁତଗତିରେ ମାଡ଼ିଆସିଲେ ନୀଳକଣ୍ଠପୁର ଆଡ଼କୁ। ଏଠାରେ ବ୍ରାହ୍ମଣୀନଦୀ ପାରହୋଇ ଗଡ଼କୁ ଫେରିଯିବା ପାଇଁ ମସୁଧା କଲେ। ବାଟରେ ଯାହାକୁ ପାଇଲେ ଗୁଳି ଚଳାଇଲେ।

ଗୋରା ଫଉଜ ଓ ଢେଙ୍କାନାଳ ପୋଲିସ ରାତି ଅଧରେ ଆସି ପହଞ୍ଚିଲେ ନୀଳକଣ୍ଠପୁର ଘାଟରେ। ଦେଖିଲେ ସରକାରୀ ଡଙ୍ଗାକୁ ବୁଡ଼ାଇ ଦିଆଯାଇଛି। ଗୋଟିଏ ଘରୋଇ ଡଙ୍ଗାରେ ବସିଛନ୍ତି

## ବାଜି ରାଉତଙ୍କ ବଳିଦାନ ଦିବସ ଉପଲକ୍ଷେ



୬ଜଣ ସତ୍ୟାଗ୍ରହୀ। ବାଜି ରାଉତ ସେହି ଡଙ୍ଗାର ଦଉଡିକୁ ଅଣ୍ଟାରେ ବାନ୍ଧି ବୀର ବେଶରେ ଠିଆ ହୋଇଛି। ପାଖରେ ଅଛନ୍ତି ଭୁବନର ଗୁରି ନାୟକ, ରଘୁ ନାୟକ, ନୀଳକଣ୍ଠପୁରର ହୁରୁଷି ପ୍ରଧାନ, ନଟ ମଲ୍ଲିକ ଓ ଲକ୍ଷ୍ମଣ ମଲ୍ଲିକ। ଫଉଜର ମୁଖ୍ୟ କହିଲେ, ''ଆରେ, ବଦମାସ ବଜାତ ଦଳ ଶୀଘ୍ର ଡଙ୍ଗା କୂଳକୁ ଆଣ। ଆମେ ନଦୀ ପାରହୋଇ ସେପାରିକୁ ଯିବୁ। ନ ହେଲେ ଏହି ଗୁଳିରେ ପ୍ରାଣଦେବା ପାଇଁ ପ୍ରସ୍ତୁତ ହୋଇ ଯାଆ।'' ବାଜି ରାଉତ କହିଲା, ''ଆରେ, ରଖ ତୋ ଗୁଳି! ପ୍ରଜାମଣ୍ଡଳର ଆଦେଶ ନାହିଁ ତୁମମାନଙ୍କ ପରି ରାଜାର ଅଇଁଠାଖିଆ ଚାକରମାନଙ୍କୁ ଆମ ଡଙ୍ଗାରେ ପାରି କରିବାକୁ।'' ପୋଲିସ ପକ୍ଷରୁ ପ୍ରଥମେ ବାଜି ରାଉତ ଉପରକୁ ଗୁଳିଚଳାଇ ତା'ପରେ ଅନ୍ୟମାନଙ୍କ ଉପରେ ଗୁଳିବର୍ଷଣ କରି ହତ୍ୟାକଲେ। ବାଜିଆକୁ ଗୁଳି ମାରିବା ବେଳେ ସେ ଭାରତ ମାତା କୀ ଜୟ, ପ୍ରଜାମଣ୍ଡଳୀ କୀ ଜୟ ଓ ମହାତ୍ମା ଗାନ୍ଧୀ କୀ ଜୟ କହି ପ୍ରାଣ ବିସର୍ଜନ କଲେ। ଫଉଜମାନେ ନିଜେ ଡଙ୍ଗା ବାହି ଆରପାରିକୁ ଚାଲିଗଲେ। ଭୁବନ ଅଞ୍ଚଳରେ ଶୋକର ଛାୟା ଖେଳିଗଲା। ନଦୀ ସେ ପାଖରେ ଜେନାପୁର ରେଳଷ୍ଟେଶନ। ବୀର ବୈଷ୍ଣବ, ରବି ଘୋଷ ଓ କଂଗ୍ରେସ ନେତା ସୁଧୀର ଘୋଷ ଏହି ୬ଜଣ ଶହୀଦଙ୍କର ଶବକୁ ନଦୀରେ ନେଇ ଜେନାପୁର ଷ୍ଟେଶନରେ ପହଞ୍ଚିଲେ। ଏଠାରୁ ମାଲବାହୀ ରେଳର ଏକ ବଗିରେ ବୁକ୍‌କରି ଯାଇ ପହଞ୍ଚିଲେ କଟକ ରେଳଷ୍ଟେଶନରେ। କଟକ ସହର ଓଡ଼ିଶାର ରାଜଧାନୀ। କଟକ ସ୍ତବ୍ଧ ହୋଇଗଲା। ଶବଗୁଡ଼ିକୁ ଶଗଡ଼ରେ ଶୋଭାଯାତ୍ରାରେ ନେବା ପାଇଁ ବିନା ପଇସାରେ ଶଗଡ଼ିଆମାନେ ଆଗେଇ ଆସିଲେ। ନେତାମାନଙ୍କ ନିଷ୍ପତ୍ତିକ୍ରମେ ଛାତ୍ରସଂଘର କର୍ମୀମାନେ ଶଗଡ଼ିଆ ବା ଶବବାହକ ହେବା ପାଇଁ ସ୍ଥିର ହେଲା। ବିଶ୍ୱନାଥ ପଶାୟତ, ରବି ଘୋଷ, ଅନନ୍ତ ପଟ୍ଟନାୟକ, ସଚ୍ଚି ରାଉତରାୟ, ମୋତିଲାଲ ତ୍ରିପାଠୀ ଓ ଗୋବିନ୍ଦ ମହାନ୍ତି ହେଲେ ଶବବାହକ ଶଗଡ଼ିଆ। ବିରାଟ ଶୋଭାଯାତ୍ରା ବାହାରିଲା। କାଠଗଣ୍ଡିରେ ବିରାଟ ଚିତା ପ୍ରସ୍ତୁତ ହେଲା ଖାନନଗର ଶ୍ମଶାନ ଘାଟରେ। ଶଗଡ଼ିଆ ଛାତ୍ରମାନେ ମୁଖାଗ୍ନି ଦେଲେ। ସବା ଉପରେ ରହିଲା ରାଜି ରାଉତଙ୍କ ଶବ। ଚିତା ହୁ ହୁ ହୋଇ ଜଳିବାରେ ଲାଗିଲା। ସଚ୍ଚି ରାଉତରାୟ ଏହି ଚିତାକୁ ଲକ୍ଷ୍ୟକରି ରଚନା କଲେ-

ନୁହେଁ ବନ୍ଧୁ ନୁହେଁ ଏହି ଚିତା,
ଏମିତି ତିମିର ତଳେ ଅଲିଭା ମୁକତି ସଳିତା,
ନୁହେଁ ଏହା ଜଳିଯିବା ପାଇଁ, ଏହାର ଜନମ ଏଠି
ଜାଳିପୋଡ଼ି ଦେବାକୁ ଧସାଇ।।

ଏହା ପରେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ରଚନା କରିଥିଲେ-

କୋଣାରକଠାରୁ ଗଢ଼ିଲା ଦେଉଳ ବଡ଼,
ନ ମାନିଲା ସେ ତ ଗୁଳିବନ୍ଧୁକ ଝଡ଼।
ଏଡ଼େ ଅବିନୀତ ଟୋକା, ଢେଙ୍କାନାଳର
କଙ୍କାଳଟାଣି
ବଜାଇଲା ଜଳଢକା ।।

ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୮୨୯୯୧୭୪

## ଏଇ ଭାରତରେ

ମୁରୁକେଶାନଙ୍କ ପେସା ମାଛ ଧରିବା। ହେଲେ ସେହି କାର୍ଯ୍ୟ ମଧ୍ୟରେ ସେ ୧ ଲକ୍ଷ ଗଛ ଲଗାଇପାରିଛନ୍ତି। ଏଥିପାଇଁ ତାଙ୍କୁ ଲୋକେ 'ମ୍ୟାନ୍‌ଗ୍ରୋଭ ମ୍ୟାନ୍' ବୋଲି ସମ୍ବୋଧନ କରୁଛନ୍ତି। ମୁରୁକେଶାନ ରହନ୍ତି କୋଚିରେ, ପଢିଛନ୍ତି ୮ମ ଯାଏ। ସେ ଲଗାତର ବାତ୍ୟାରେ ମ୍ୟାନ୍‌ଗ୍ରୋଭ ହ୍ରାସ ପାଉଥିବା ଲକ୍ଷ୍ୟ କରି ୧୦ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୩ରେ ଗଛ ଲଗା ଅଭିଯାନ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ଏହି କାର୍ଯ୍ୟରେ ନିଜକୁ ସମର୍ପିତ କରି ଦେଇଛନ୍ତି। ମୁରୁକେଶାନ ୨୦ ବର୍ଷ ବୟସରେ ମାଛଧରାରେ ଜଡ଼ିତ ରହିବା ସମୟରୁ ମ୍ୟାନ୍‌ଗ୍ରୋଭ ଓ ଉପକୂଳର ସୁରକ୍ଷା ବିଷୟ ଚିନ୍ତା କରିଥିଲେ। ସମୟ ଆଗକୁ ବଢିବାବେଳେ ସେ ଯୋଜନା ପ୍ରସ୍ତୁତ କରି ମ୍ୟାନ୍‌ଗ୍ରୋଭର ସୁରକ୍ଷା ପ୍ରତି ସମୟ ଦେଇଥିଲେ। ଏବେ ମୁରୁକେଶାନଙ୍କ କାର୍ଯ୍ୟରେ ସ୍ୱାମୀନାଥନ ଫାଉଣ୍ଡେଶନ ଆଣ୍ଡ ଗ୍ରାସ୍‌ରୁଟ ସହଯୋଗ କରୁଛି। ସେ ଜୀବନ ସାରା ଏହି କାର୍ଯ୍ୟରେ ବିତାଇବେ ବୋଲି କହିଛନ୍ତି। କେବଳ ଏତିକି ନୁହେଁ, ସେ ଏହି ଗଛ ଲଗାଇବା ଲାଗି ଅନ୍ୟମାନଙ୍କୁ ପ୍ରେରିତ କରୁଛନ୍ତି ଓ ପ୍ରତିବର୍ଷ ୧୦ଟି ମ୍ୟାନ୍‌ଗ୍ରୋଭ ଚାରା ରୋପଣ କରିବାକୁ ପରାମର୍ଶ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଅକ୍ଟୋବର ୧୯୯୮

- ଆସ୍ଥା ଭୋଟରେ ପରାଜିତ ହେବା ପରେ ଇଟାଲୀର ପ୍ରଧାନମନ୍ତ୍ରୀ ପଦରୁ ରୋମାନୋ ପ୍ରୋଡିଙ୍କ ଇସ୍ତଫା ପ୍ରଦାନ।
- ଦେଶର ସର୍ବୋଚ୍ଚ ଆଇନ ଭାବେ ଇସ୍‌ଲାମକୁ ମାନ୍ୟତା ଦେବା ପାଇଁ ଉଦ୍ଦିଷ୍ଟ ବିବାଦୀୟ ଶରିୟାତ୍ ବିଲ୍‌ର ଅନୁମୋଦନ ସପକ୍ଷରେ ପାକିସ୍ତାନର ନ୍ୟାସନାଲ ଆସେମ୍ବ୍ଲିର ସ୍ୱୀକୃତି ପ୍ରଦାନ।
- ଭାରତର ପ୍ରଧାନ ବିଚାରପତି ଭାବେ ଆଦର୍ଶ ସେନ ଆନନ୍ଦଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

''ବିଶ୍ୱ ପାରାବାର ତଳେ
ଲୁଚିଅଛି ଅସଂଖ୍ୟ ରତନ
''ଉଦ୍ଧାରି ଆଣିବା ଆଶେ
ବେଳ ଥାଉଁ ହୁଅ ନିମଗନ।
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମନିର୍ଭରଶୀଳ ହେବା ଉତ୍ତମ ଲକ୍ଷଣ

ମହାଶୟ,

ଆଜିକାଲିର ଯୁବବର୍ଗ ଆତ୍ମନିର୍ଭରଶୀଳ ହେବା ଉଚିତ। ପାଠପଢ଼ା ସରିବା ପରେ ବାପା, ମା'ଙ୍କ ଟଙ୍କାରେ ଅୟସ ନ କରି ନିଜ ପାଇଁ କିଛି କର୍ମ ସଂସ୍ଥାନର ବ୍ୟବସ୍ଥା କରିବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଦୃଢ଼ ଇଚ୍ଛା ଶକ୍ତି ବୃଦ୍ଧି ପାଇବ। ସମାଜର ପ୍ରତିକୂଳ ପରିବେଶରେ ମଧ୍ୟ ନିଜକୁ ସଂଗଠିତ କରିବାର ସୁଯୋଗ ପାଇବେ ସେମାନେ। ଯେଉଁମାନେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଚଳାଉଛନ୍ତି ସେମାନଙ୍କ ପ୍ରତି ବାପା, ମା' ମାନେ ସହଯୋଗ କରିବାରେ ସମକକ୍ଷ ହୋଇପାରିବ। ଆତ୍ମନିର୍ଭରଶୀଳ ଏକ ଅନ୍ତର୍ନିହିତ ସ୍ୱଭାବ। ଏହାକୁ ସମସ୍ତେ ପାଳନ କରିବା ଉଚିତ।

ସତ୍ୟସିଂହ ଶତପଥୀ, ହାଇସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବାଳିକା ସବୁ କ୍ଷେତ୍ରରେ ଆଗୁଆ



## ଅନ୍ତର୍ଜାତୀୟ ବାଳିକା ଦିବସ

ଏବେ ସବୁ କ୍ଷେତ୍ରରେ ବାଳିକାମାନେ ଆଗୁଆ। ଜୀବନର ସମସ୍ତ ଆହ୍ୱାନକୁ ସେମାନେ ସହଜରେ ଗ୍ରହଣ କରିବାକୁ ସକ୍ଷମ। ଭବିଷ୍ୟତରେ ବଡ଼ ହୋଇ ପରିବାର ସମ୍ଭାଳିବାଠାରୁ ଆରମ୍ଭ କରି ଦେଶର ନେତୃତ୍ୱ, ଦେଶରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପ୍ରତିପାଦନ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ବେଶ୍ ସଜାଗ। ଆଜିର ବାଳିକା କାଲିର ମହିଳା ହୋଇ ନିଜର ଦାୟିତ୍ୱବୋଧ ଠିକ୍ ଭାବେ ତୁଲାଇବାକୁ ପ୍ରତିଶ୍ରୁତିବଦ୍ଧ। ତେବେ ପୃଥିବୀର କେତେକ ଦେଶରେ ଏବେ ମଧ୍ୟ ଲିଙ୍ଗଗତ ସମାନତା ଆସିନି। ତେଣୁ ବାଳିକାଙ୍କ ବିକାଶ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ କରାଯାଉଛି। ଲିଙ୍ଗଗତ ସମାନତା ଆଣିବା ପାଇଁ ମିଳିତ ଜାତିସଂଘ ଦ୍ୱାରା ରଣନୀତି ପ୍ରସ୍ତୁତ କରାଯାଇଥିଲା। ବାଳିକାମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ପାଇଁ ଠିକ୍ ଢାଞ୍ଚା ପ୍ରସ୍ତୁତି ଉପରେ ଏକ ବ୍ଲୁପ୍ରିଣ୍ଟ ପ୍ରଥମେ ୧୯୯୫ରେ ଚାଇନା ବେଜିଂର ମହିଳା ସମ୍ମିଳନୀରେ ଆରମ୍ଭ ହୋଇଥିଲା। ଜାତିସଂଘ ପକ୍ଷରୁ ସ୍ଥିରୀକୃତ ହୋଇଥିବା ପ୍ଲାଟଫର୍ମ ଫର ଆକ୍ସନ ଘୋଷଣାନାମାକୁ ଉପସ୍ଥିତ ସମସ୍ତ ସଦସ୍ୟ ଦେଶ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ। ଏହା କେବଳ ମହିଳା ନୁହେଁ ବାଳିକାମାନଙ୍କର ଅଧିକାରକୁ ଅଗ୍ରଗତି କରିବା ପାଇଁ ସବୁଠୁ ପ୍ରଗତିଶୀଳ ବ୍ଲୁ ପ୍ରିଣ୍ଟ ଭାବରେ ପରିଗଣିତ ହୋଇଥିଲା। ଏହାପରେ, ୨୦୧୧ ଡିସେମ୍ବର ୧୮ରେ, ଜାତିସଂଘର ସାଧାରଣ ସଭାରେ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଅକ୍ଟୋବର ୧୧କୁ ଅନ୍ତର୍ଜାତୀୟ ବାଳିକା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଅବସରରେ ବାଳିକାଙ୍କର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ଉପରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଇଥାଏ।

# ରାମ ଚରିତ୍ର ପାଇଁ ଛାଡ଼ିବେ ମଦ-ମାଂସ


ରଣବୀର କପୁର

**ମୁମ୍ବାଇ:** ସାଉଥ୍ ଅଭିନେତା ପ୍ରଭାସଙ୍କ 'ଆଦିପୁରୁଷ'ପରେ ନିକଟରେ ଆଉ ଏକ ରାମାୟଣ ଆସିବାକୁ ଯାଉଛି। ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ'ରେ ରାମ ଚରିତ୍ରରେ ବଲିଉଡ୍ ଅଭିନେତା ରଣବୀର କପୁରଙ୍କୁ ଦେଖିବାକୁ ମିଳିବ। ଏନେଇ ଆସନ୍ତା ଦୀପାବଳିରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ତେବେ ରଣବୀର ରାମଙ୍କ ଚରିତ୍ରରେ ଅଭିନୟ ପାଇଁ ମଦ-ମାଂସ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ନିଜ ଭିତରେ ରାମଙ୍କ ଅନୁଭବ ଆଣିବାକୁ ପୂରା ସାତ୍ତ୍ୱିକ ଜୀବନ ବିତାଇବେ। ସେ ଲୋକଙ୍କୁ ଖୁସି କରିବାକୁ ନୁହେଁ ବରଂ ନିଜ ଚରିତ୍ରକୁ ନ୍ୟାୟ ଦେବାକୁ ମଦ-ମାଂସ ତ୍ୟାଗ କରିବେ ବୋଲି ନିଜେ ସୂଚନା ଦେଇଛନ୍ତି। ତେବେ ରଣବୀରଙ୍କ ସହ ସୀତାଙ୍କ ଚରିତ୍ରରେ ସାଉଥ୍ ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କୁ ଦେଖିବାକୁ ମିଳିବ। ଏଥିସହ ସାଉଥ୍ ଅଭିନେତା ୟଶ୍ ରାବଣଙ୍କ ଭୂମିକାରେ ନଜରକୁ ଆସିବେ। ରଣବୀର ୧୯୯୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା କରିସାରିଛନ୍ତି। ଶେଷ ଥର ପାଇଁ ସେ ଫିଲ୍ମ 'ତୁ ଝୁଟି ମେ ମକ୍କାର'ରେ ନଜରକୁ ଆସିଥିଲେ। ଏଥିସହ ସେ କିଛି ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ୨୯୮ କେ.ଜି.ର ମଣିଷ



**ଲଣ୍ଡନ:** ମୋଟାପା ହେଉଛି ଅନେକ ରୋଗର ଗନ୍ତାଘର। ସେଥିପାଇଁ ଲୋକେ ଏବେ ଫିଟ୍‌ନେସ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ନିକଟରେ ବ୍ରିଟେନର ଜଣେ ବ୍ୟକ୍ତି ତାଙ୍କ ମୋଟାପା କାରଣରୁ ଚର୍ଚ୍ଚାରେ ଅଛନ୍ତି। ୩୩ ବର୍ଷୀୟ ଜଶନ ହଲଟନଙ୍କ ଓଜନ ୨୯୮ କିଲୋ। ଅଧିକ ମୋଟା କାରଣରୁ ତାଙ୍କ ଦେହରେ ରକ୍ତ ଜମାଟ ବାନ୍ଧି ଦେଇଛି। ଫଳରେ ତାଙ୍କର ଜୀବନ ଯିବା ଭଳି ସମ୍ଭାବନା ରହିଛି। ତେବେ ଡାକ୍ତର ତାଙ୍କ ଶରୀର ଏକ୍ସ-ରେ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ସେ ଯେତେବେଳେ ଏକ୍ସ-ରେ ପାଇଁ ଗଲେ, ସେତେବେଳେ ଏକ୍ସ-ରେ ମେଶିନ ତାଙ୍କ ଓଜନ ସମ୍ଭାଳି ନ ପାରି ଭାଙ୍ଗି ଯାଇଥିଲା। ପରେ ତାଙ୍କୁ ଚିଡ଼ିଆଖାନାକୁ ପଠାଇ ଦିଆଗଲା। ସେଠାରେ ପ୍ରାଣୀଙ୍କ ପାଇଁ ଥିବା ମେଶିନରେ ତାଙ୍କର ଏକ୍ସ-ରେ କରାଗଲା। ଜଶନ ସେତେବେଳେ ଚର୍ଚ୍ଚାକୁ ଆସିଲେ, ଯେତେବେଳେ ତାଙ୍କୁ ଘରୁ ଏକ କ୍ରେନ୍ ସାହାଯ୍ୟରେ ବାହାରକୁ କଢାଗଲା। ତାଙ୍କୁ ବାହାର କରିବାକୁ ମୋଟ ୩୦ ଦମକଳ ବାହିନୀ ନିଯୁକ୍ତ ହୋଇଥିଲେ। ଗତ କିଛିଦିନ ହେବ ଜଶନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ। ପୂର୍ବରୁ ଜଶନ କେବଳ ଖାଇବାକୁ ପସନ୍ଦ କରୁଥିଲେ। ଘରୁ କୁଆଡ଼େ ବାହାରକୁ ଯିବାକୁ ଇଚ୍ଛା କରୁ ନ ଥିଲେ। ଜଶନଙ୍କ ମା' ତାଙ୍କର ସମସ୍ତ ଧ୍ୟାନ ରଖନ୍ତି। ଡାକ୍ତରଙ୍କ କହିବା କଥା ଯେ ଏପରି ମୋଟାପଣରେ ୪୦ରୁ ଅଧିକ ବୟସ ବଞ୍ଚିବା କଷ୍ଟକର।

# ସପ୍ତାହରେ ଖର୍ଚ୍ଚ କରୁଛନ୍ତି ୧୦ କୋଟି


ଲିଣ୍ଡା ଆଣ୍ଡ୍ରେ

**ଦୁବାଇ**

ଅନେକ ଝିଅ ଏପରି ପରିବାରରେ ବିବାହ କରିବାକୁ ଚାହାନ୍ତି, ଯେଉଁଠାରେ ଟଙ୍କାର କିଛି ଅଭାବ ନ ଥିବ। ସେ ଭଲରେ ଚଳିପାରୁଥିବେ। ଜଣେ ମହିଳାଙ୍କ ସ୍ୱାମୀ କୋଟିପତି ହୋଇଥିବାରୁ ସେ ଏହାର ଅଧିକ ଫାଇଦା ଉଠାଉଛନ୍ତି। ତାଙ୍କର ଏହି ଜୀବନଧାରଣକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ମହିଳା ଜଣକ ସପ୍ତାହରେ ୧୦ କୋଟି ଟଙ୍କା ଉଡାଇ ଦେଉଛନ୍ତି। ନିଜକୁ ଦୁବାଇର ଗୃହିଣୀ କହୁଥିବା ଲିଣ୍ଡା ଆଣ୍ଡ୍ରେ ସୋସିଆଲ ମିଡିଆରେ ଜଣେ ଇନ୍‌ଫ୍ଲୁଏନଶର। ସେ ଅନେକ ସମୟରେ ତାଙ୍କ ନିଜ କାହାଣୀ ଲୋକଙ୍କୁ ଶେୟାର କରିଥାନ୍ତି। ଜୋର୍ଡାନରେ ଜନ୍ମ ନେଇଥିବା ଲିଣ୍ଡା ୧୯ ବର୍ଷ ବୟସରେ କ୍ରିପ୍ଟୋ ବ୍ୟବସାୟୀ ରିକି ଆଣ୍ଡ୍ରେଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ରିକିଙ୍କ ପାଇଁ ଲିଣ୍ଡା ସଉକଭରା ଜୀବନଶୈଳୀ ବଞ୍ଚୁଛନ୍ତି। ସେ ମହଙ୍ଗା କାର୍‌ରେ ବୁଲୁଥିବାବେଳେ ରାଜମହଲ ଭଳି ଘରେ ରୁହନ୍ତି। ଯାହା ଇଚ୍ଛା ତାହା କିଣନ୍ତି। ନିକଟରେ ସେ ତାଙ୍କର ବିଳାସମୟ ଜୀବନ ବାବଦରେ ଶେୟାର କରିଛନ୍ତି। ଲିଣ୍ଡା କହିଛନ୍ତି, ତାଙ୍କ ସ୍ୱାମୀ ଗତ ସପ୍ତାହରେ ତାଙ୍କୁ ୧୧.୬୬ କୋଟି ଟଙ୍କା ଦେଇଥିଲେ। ସେଥିରୁ ସେ ୧୦ କୋଟି ଟଙ୍କା ଏକ ସପ୍ତାହରେ ଶେଷ କରିଦେଇଛନ୍ତି। ତା' ଭିତରେ ସେ ୬ ଲକ୍ଷ ଟଙ୍କାର ଚକୋଲେଟ୍ ଖାଇଥିବା ମଧ୍ୟ କହିଛନ୍ତି। ରିକି ଲିଣ୍ଡାଙ୍କୁ ଆଉ ୨ କୋଟି ଟଙ୍କା ଦେଇଥିଲେ, ଯାହାକୁ ସେ କକ୍‌ଟେଲରେ ଖର୍ଚ୍ଚ କରିଦେଇଥିବା କହିଛନ୍ତି। ତେବେ ସେ ଜଣେ କୋଟିପତିଙ୍କୁ ବିବାହ କରି ଖୁସି ନ ଥିବା କହିଛନ୍ତି। କାରଣ ସେ ତାଙ୍କ ମନ ମୁତାବକ କିଛି କାର୍ଯ୍ୟ କରିପାରୁନାହାନ୍ତି।

# ଅମ୍ବାନୀ ଶ୍ରେଷ୍ଠ ଧନୀ


ମୁକେଶ ଅମ୍ବାନୀ


ଗୌତମ ଆଦାନୀ

## ହୁରୁନ ଇଣ୍ଡିଆ ଧନୀ ତାଲିକା

## ଦ୍ୱିତୀୟ ସ୍ଥାନରେ ଆଦାନୀ

**ନୂଆଦିଲ୍ଲୀ,୧୦।୧୦**

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀଙ୍କୁ ପଛରେ ପକାଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଧନୀ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ହୁରୁନ ଇଣ୍ଡିଆ ଧନୀ ତାଲିକା ପ୍ରକାଶ ପାଇଛି। ଉକ୍ତ ତାଲିକା ଅନୁଯାୟୀ ଗତବର୍ଷ ତୁଳନାରେ ଅମ୍ବାନୀଙ୍କ ସମ୍ପତ୍ତି ୨ ପ୍ରତିଶତ ବୃଦ୍ଧି ପାଇଁ ୮,୦୮,୭୦୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୪ରେ ତାଙ୍କର ସମ୍ପତ୍ତି ପରିମାଣ ୧,୬୫,୧୦୦ କୋଟି ଟଙ୍କା ଥିଲା। ଅନ୍ୟ ପକ୍ଷରେ ଆଦାନୀଙ୍କ ସମ୍ପତ୍ତି ଗତବର୍ଷ ତୁଳନାରେ ୫୭ ପ୍ରତିଶତ ହ୍ରାସ ପାଇ ୪,୭୪,୮୦୦ କୋଟିରେ ପହଞ୍ଚିଛି। ତାଲିକାର ତୃତୀୟ ସ୍ଥାନରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପ୍ରମୋଟର ପୁଣେର ସାଇରସ୍ ଏସ୍. ପୁନାୱାଲା ଓ ପରିବାର ରହିଛନ୍ତି। ସେମାନଙ୍କର ସମ୍ପତ୍ତି ପରିମାଣ ଗତବର୍ଷ ତୁଳନାରେ ୩୬ ପ୍ରତିଶତ ବୃଦ୍ଧି ପାଇ ୨,୭୮,୫୦୦ କୋଟି ଟଙ୍କାରେ ପହଞ୍ଚିଛି। ୨,୨୮,୯୦୦ କୋଟି ଟଙ୍କାର ସମ୍ପତ୍ତି ସହ ଶିବ ନାଦାର ଚତୁର୍ଥ ସ୍ଥାନରେ ରହିଥିବାବେଳେ ଲଣ୍ଡନରେ ରହୁଥିବା ଗୋପିଚାନ୍ଦ ହିନ୍ଦୁଜା (୧,୭୬,୫୦୦ କୋଟି ଟଙ୍କା) ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ଷଷ୍ଠ ସ୍ଥାନରେ ଅଛନ୍ତି ସନ୍ ଫାର୍ମାସ୍ୟୁଟିକାଲ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ଦିଲୀପ ଶାଙ୍ଘଭି (୧,୬୪,୩୦୦ କୋଟି ଟଙ୍କା)।

# ଜଙ୍ଗଲୀ କନ୍ଦାରୁ ହୋଇପାରିବ ସୁସ୍ୱାଦୁ କୁକିଜ,ନମ୍‌କିନ୍

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା


ଗବେଷଣାଗାରରେ ଡ.ଦେବବ୍ରତ ପଣ୍ଡା।

**କୋରାପୁଟ,୧୦।୧୦(ଅମିତାଭ ବେହେରା)**

କୋରାପୁଟ ଜିଲାର ଆଦିମ ଅଧିବାସୀମାନେ ବ୍ୟବହାର କରୁଥିବା ଜଙ୍ଗଲୀ କନ୍ଦାରୁ ଗୁଣାତ୍ମକ ଓ ସୁସ୍ୱାଦ କୁକିଜ୍ (ବିସ୍କୁଟ) ଓ ନମ୍‌କିନ୍ ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ସହାୟକ ପ୍ରଫେସର ଡ.ଦେବବ୍ରତ ପଣ୍ଡା। ସେ ଦୀର୍ଘ ୧୦ ବର୍ଷ ଧରି କୋରାପୁଟ ମାଳଭୂମିର ଆଦିବାସୀମାନେ ବ୍ୟବହାର କରୁଥିବା ବିଭିନ୍ନ କନ୍ଦାକୁ ନେଇ ଗବେଷଣା କରୁଥିଲେ। ଆଦିବାସୀମାନେ ପ୍ରାୟ ୮ ପ୍ରକାର ଜଙ୍ଗଲୀ କନ୍ଦା ଯଥା କଷା କନ୍ଦା, ପିଟ୍ କନ୍ଦା, ଶିକା କନ୍ଦା, କୁଳିଆ କନ୍ଦା, ଚେରେଙ୍ଗା କନ୍ଦା, ସୋରନ୍ଦା କନ୍ଦା, ତାରଗାଈ କନ୍ଦା ଏବଂ ପିତାକନ୍ଦାକୁ ଖାଦ୍ୟ ଓ ଔଷଧ ରୂପେ ବ୍ୟବହାର କରୁଛନ୍ତି ବୋଲି ଡ. ପଣ୍ଡା କହିଛନ୍ତି। ଏଥିରୁ ଦୁଇଟି କନ୍ଦା କଷା କନ୍ଦା ଓ ସୋରନ୍ଦା କନ୍ଦାରୁ ସୁସ୍ୱାଦ କୁକିଜ୍ ବିସ୍କୁଟ ଓ ନମ୍‌କିନ୍ ପ୍ରସ୍ତୁତ ହୋଇପାରିବ। ଏହା ଅଧିକ ପୋଷାକଯୁକ୍ତ ଓ ପୁଷ୍ଟିକର ବୋଲି ସେ ଦର୍ଶାଇଛନ୍ତି। ଏଥିରେ ଅଧିକ ପରିମାଣରେ ପ୍ରୋଟିନ, ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ ରହିଛି। ଏ ସମ୍ପର୍କରେ ଫୁଡ୍ ଆଣ୍ଡ ହ୍ୟୁମାନିଟି ଜର୍ନାଲରେ ପ୍ରକାଶିତ ତାଙ୍କ ରିସର୍ଚ୍ଚ ସ୍କଲାର ଡ. ବନ୍ଦନା ପଧାନ, ମୋନାଲି ନନ୍ଦ, ଅନ୍ତର୍ଯାମୀ ସାହୁ ଓ ଡ.ଜୟନ୍ତ ନାୟକଙ୍କ ସହ ମିଶି ପ୍ରକାଶ କରିଛନ୍ତି। ଏହାର ଅଧିକ ପ୍ରଚାରପ୍ରସାର ଓ ବ୍ୟବହାର ଉପରେ ଧ୍ୟାନଦେବାକୁ ପଣ୍ଡା ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟର କଫି,କଳାଜିରା ଧାନ, ମାଣ୍ଡିଆ ଭଳି ଏହି ଜଙ୍ଗଲୀ କନ୍ଦାର କୁକିଜ୍ ବିସ୍କୁଟ ଓ ନମ୍‌କିନ ପ୍ରଚାରପ୍ରସାର ହୋଇପାରିଲେ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

College of Pharmaceutical Sciences, Berhampur
At/PO: Mohuda (GM)- 760002 (Orissa)
Estd:1979
(Approved by AICTE, PCI & UGC and affiliated to BPUT, BU & OSBP)
www.cpsmohuda.org, Mobile No.7894824133, 9439868992
WALK IN INTERVIEW FOR PHARMACY FACULTY
POST : ASST. PROFESSOR
Specialization : Pharmacognosy, (Preferable) Pharmaceutical Chemistry Pharmaceutics, Pharmacology, Pharma Analysis, Pharmacy Practice
Eligibility : As per PCI norms
Pay : NEGOTIABLE
Date of Interview : 15.10.2023 (Sunday) by 10.00 A.M.
Venue : Administrative Office, GPCDA Kamalavari Street, Near Big Bazar Berhampur-760002
Please send your C.V. by E.mail: "placementcellcps@gmail.com" with in seven days and attend interview in with complete C.V., Original certificates as well as photo copies of all certificates.
PRINCIPAL
NB: No TA/DA will be given for attending the interview.

ଏକ ସ୍ୱୀକୃତିପ୍ରାପ୍ତ ପଞ୍ଚକର୍ମ ମସାଜ୍ ଥେରାପିଷ୍ଟ ଆବଶ୍ୟକ
ଡ୍ୟୁଟି ସମୟ:୧ରୁ ୨ ଘଣ୍ଟା।
ଦରମା: ମାସକୁ ୯୦୦୦ରୁ ୧୫୦୦୦।
ଚାକିରି ଅବସ୍ଥାନ: ପାତ୍ରପଡା, ଭୁବନେଶ୍ୱର
ଯୋଗାଯୋଗ ନଂ.
9337550748

WANTED
ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଯୋଗାଯୋଗ କରନ୍ତୁ:
8093176446
9861510398

See Career Appointment on every Wednesday & Saturday

ATHMALLIK FOREST DIVISION
NOTICE No.199 of 2023-24, Date:09.10.2023
WALK IN INTERVIEW ON 27.10.2023
No.MM-210:Athmallik Forest Division requires qualified candidates with M.Sc. in Zoology/ Wildlife Biology/ Lifesciences/ Animal Biotechnology/ Microbiology/ Forestry/ Biodiversity Conservation/ Biochemistry/ Veterinary Science or allied subject from a recognized university for temporary engagement as one Wildlife Study Expert. The Walk-in-Interview is scheduled on 27.10.2023 at Conference Hall of Athmallik Forest Division. The application form alongwith detail terms and conditions shall be available on the website www.angul.nic.in and www.odishaforest.in from 10.10.2023.
Sd./- Divisional Forest Officer
Athmallik Division
OIPR-08125/11/0007/2324

NRI Academy Of Sciences
(NRI MEDICAL COLLEGE, GENERAL & SUPER SPECIALITY HOSPITAL)
Chinakakani, Mangalagiri Mandal, Guntur District. A.P.
Phone: 91 8645-230101, 230102, 230197, 9849986271
NRI Medical College & General Hospital is a premier institution of Medical Education and Healthcare in the state of Andhra Pradesh. It has more than 1200 bed capacity with all General and Super Specialities.
Applications are invited for the following positions:
1. PROFESSORS in the departments of Anatomy, Forensic Medicine, General Medicine, General Surgery, Paediatrics, Cardiology, Neuro Surgery & Emergency Medicine.
2. ASSOCIATE PROFESSORS in the departments of Pharmacology, Forensic Medicine, SPM, Critical Care Medicine & Emergency Medicine.
3. ASST. PROFESSORS in the departments of Pharmacology, Forensic Medicine, Community Medicine (SPM), Anaesthesiology, Cardiology, Neurology, Neuro Surgery, Medical Oncology, Medical Gastroenterology, Emergency Medicine, CT Surgery & Critical Care Medicine.
4. SENIOR RESIDENTS in the departments of Emergency Medicine, Forensic Medicine & Critical Care Medicine.
5. MEDICAL OFFICERS for Aarogyasri/Ayushman Bharat i.e, government sponsored medical insurance schemes and Anti-Retroviral Therapy (ART) centre.
Qualifications for the positions 1 to 4, as per National Medical Commission (NMC) norms.
Salary is not a constraint for deserving candidates. Interested candidates may send their resumes within 10 days through email to: hrm@nrias.ac.in.
Website: www.nrias.net

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGERS
Roles and Responsibilities:-
- Lead and own all market related needs of the company - Distributor, Agents, and Retailers.
- Work with the circulation team of Company and Distributor to achieve company objectives.
- Action all the market related plans with respect to distribution and visibility of our brands.
- Competitive tracking and analysis to identify and pursue target accounts.
- Work with ad sales and marketing team to create and package to drive circulation.
- Achieve sales targets for bulk sales.
Requirements:-
- 5-6 years sales experience in frontline sales in print media.
- Ability to develop custom marketing proposals and ideas.
- Proficiency in MS-Office.
Apply immediately to :
recruitment@dharitri.com
Attractive salary commensurate with experience

## ସାପ କାମୁଡାରେ ଯୁବକ ମୃତ

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ହାତମୁଡା ଗାଁର ଜଣେ ଯୁବକଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ପୁଷ୍ପକ ଝାଙ୍କର(୩୨)। ସୋମବାର ରାତିରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ମଙ୍ଗଳବାର ସକାଳେ ପରିବାର ଲୋକେ ତାଙ୍କୁ ଝଡାଫୁଙ୍କା ପରେ ସ୍ଥାନୀୟ ସରକାରୀ ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ନିଆଯିବାକୁ ଉଦ୍ୟମ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

## ଗୋପବନ୍ଧୁ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ମୁରିବାହାଲ,୧୦।୧୦(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମକୁମାରେ ଗୋପବନ୍ଧୁ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଯାଉଛି। ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି। ପରେ ଗୋପବନ୍ଧୁ ଯୁବକ ସଂଘ ସମ୍ପାଦକ ଜିତେନ୍ଦ୍ରୀୟ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧଙ୍କ ଆର୍ଦଶ, ତ୍ୟାଗ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୁଧିଷ୍ଠିର ବଘାର, ବରିଷ୍ଠ ସଦସ୍ୟ ଯଦୁପତି ଅଗସ୍ତି, ଅଜିତ କୁମାର ତରିଆ, ଭୀମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଶାନ୍ତରାମ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ସଫଳ ସମାପନରେ ହରେକୃଷ୍ଣ ବାଘାର, ଅନ୍ତରାମ ପଧାନ, ତପନ ବଘାର, ଅବିନାଶ ଭୋଇ ସହଯୋଗ କରିଥିଲେ। ଅଗସ୍ତି ବାଘାର ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଦନ ସମ୍ପର୍କିତ ସୂଚନା ଥାନାକୁ ଜଣାଅ

ଲାଠୋର,୧୦।୧୦(ଭୁବନେଶ୍ୱର ବାରିକ)



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜିଲା ପ୍ରଶାସନ, ପୋଲିସ ଏବଂ ଆଡ଼ ଏଟ ଆକ୍ସନର ମିଳିତ ଉଦ୍ୟମରେ ଜିଲାସ୍ତରୀୟ ବେଆଇନ ଦାଦନ ଶ୍ରମିକ ଚାଲାଣ ଉପରେ ସଚେତନତା ସହାୟତା ଅଭିଯାନ କାର୍ଯ୍ୟକ୍ରମ ଉଦ୍ଧାର-୨ ଅନୁଷ୍ଠିତ ହୋଇଯାଇଛି। ଏଡ଼ ଏଟ ଆକ୍ସନ ପ୍ରୋଗ୍ରାମ ଅଫିସର ସରୋଜ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନୀତ ଅତିଥିଭାବେ ଏସ୍‌ପି ଋଷିକେଷ ଖିଲାରୀ ଯୋଗଦେଇ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିଶୁ ଶ୍ରମିକ, ଗର୍ଭବତୀ କିମ୍ବା ବୟସ୍କ ଲୋକଙ୍କୁ କେହି ପ୍ରଲୋଭନ ଦେଖାଇ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ କରୁଥିଲେ ସ୍ଥାନୀୟ ପିଆରଆଇ ମେମ୍ବର, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ

**ଦାଦନ ଚାଲାଣ ସଚେତନତା କାର୍ଯ୍ୟକ୍ରମ**

ତୁରନ୍ତ ନିକଟସ୍ଥ ଥାନାକୁ ଖବର ଦିଅନ୍ତୁ। ପୋଲିସ ଉଦ୍ଧାର କରି ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରି ଥାଇଥାନ କରିବେ ବୋଲି ଜିଲାପାଳ କହିଥିଲେ। ଅପରପକ୍ଷରେ ଯେଉଁ ଶ୍ରମିକମାନେ ଦାଦନ ଖଟିବାକୁ ଯାଉଛନ୍ତି ସେମାନେ ପ୍ରଶାସନର ନଜରେ ଯାଆନ୍ତୁ ବୋଲି କହିଥିଲେ। ପାଟଣାଗଡ ଉପଜିଲାପାଳ ଡ଼.ବିଜୟାନନ୍ଦ ସେଠୀ, ଏସ୍‌ଡ଼ିପିଓ ଜ୍ୟୋତିର୍ମୟ ଭୁକ୍ତା, ଜିଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଖପ୍ରାଖୋଲ ବିଡ଼ିଓ ଆକାଶ ରଞ୍ଜନ ସାହୁ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡ଼ିପିଓ ସୁଜାତା ଦୋରା ପ୍ରମୁଖ ଅଧିକାରୀ ଶ୍ରମିକମାନଙ୍କ ପାଇଁ ଥିବା ସରକାରୀ ଯୋଜନା ରହିଛି ତାହା ଉପରେ ଉପସ୍ଥିତ ୫ ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଦାଦନ ଶ୍ରମିକ ଏବଂ ସାଧାରଣ ଜନତାଙ୍କୁ ବୁଝାଇଥିଲେ। ଏହି ଅବସରରେ ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ସମେତ ପୋଲିସ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସନ୍ଧ୍ୟାରାଣୀ ପତି ପରିଚାଳନା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଏନ୍‌ଏଚ୍‌ଆରସି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସସ୍ମିତା ବାରିକ।

## ଗାଳ୍ପିକା ଡ. ହିରଣ୍ମୟୀ ମିଶ୍ର ପାଇବେ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ଡ. ହିରଣ୍ମୟୀ ମିଶ୍ର।

ସମାଜ-ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ଅନୁଷ୍ଠାନ ରଚନା ପକ୍ଷରୁ ଆସନ୍ତା ୧୩ ତାରିଖ ପତିତପାବନ ଏକାଡେମୀ ସଭାଗୃହରେ କଥାକାର ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ସମାରୋହ ଓ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବ। ଏଥିରେ ଅତିଥି ବକ୍ତା ଭାବେ ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀର ଅବସରପ୍ରାପ୍ତ ପ୍ରଫେସର ଡ଼. କଇଳାଶ ପଟ୍ଟନାୟକ ଅତିକଳ୍ପନାର ଗଳ୍ପ ବିଷୟରେ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ଏହି ସମାରୋହରେ ବିଶିଷ୍ଟ ଗାଳ୍ପିକା ଡ଼. ହିରଣ୍ମୟୀ ମିଶ୍ରଙ୍କୁ ରାଜ୍ୟସ୍ତରୀୟ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର-୨୩ ଅର୍ପଣ କରାଯିବ। ଡ଼. ମିଶ୍ରଙ୍କ ଏଯାଏଁ ପ୍ରକାଶିତ ୧୦ଟି ଗଳ୍ପ ସଙ୍କଳନ ଓ ତିନିଟି ଉପନ୍ୟାସ ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ସମସାମୟିକ ଓଡ଼ିଆ ଗଳ୍ପ ଜଗତରେ ଏକ ଶାଣିତ ଓ ବହୁପ୍ରସ୍ଥୀ ସ୍ୱର ଭାବରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର। ତାଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର ସହ ୧୦ ହଜାର ଟଙ୍କା ଦିଆଯିବ ବୋଲି ରଚନା ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମାରୋହରେ ରଚନା ପକ୍ଷରୁ କବି ଅଞ୍ଜଳି ପଟ୍ଟନାୟକଙ୍କ ସରାଗାତର ସୁରଗୀତି କବିତା ସଙ୍କଳନ ଉନ୍ମୋଚନ ହେବ।

## ୭୮ତମ ଭାଗବତ ମହୋତ୍ସବ ପାଇଁ ପ୍ରସ୍ତୁତି

ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ୭୮ ତମ ଭାଗବତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେଣ୍ଡା ମଠ ମହନ୍ତ ପୁରୁଷୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭଗବତ ମହୋତ୍ସବ ପାଳନ କରାଯିବ । ଦିନବେଳା ଭଗବତ ଚର୍ଚ୍ଚା ଏବଂ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ପ୍ରବଚକ ପୁରୀ ଶ୍ରୀକ୍ଷେତ୍ରର ବିକ୍ରମ କେଶରୀ ମହାରାଜ, ମନୋରଞ୍ଜନ ଦାସ, ଗିରିଧାରୀ ମିଶ୍ର, ମାନଭଞ୍ଜନ ଦାସ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବକୁ ନେଇ ଏକ କମିଟି ଗଠିତ ହୋଇଛି । ଭିକାରୀ ତ୍ରିପାଠୀ ସଭାପତି, ସମ୍ପତି ପଧାନ ସମ୍ପାଦକ, ସୁବଳ ସାହୁ ଓ ଶିବଶଙ୍କର ସାହୁ କୋଷାଧକ୍ଷ୍ୟ ମନୋନୀତ ହୋଇଛନ୍ତି। ଅକ୍ଷୟ ତ୍ରିପାଠୀ, ନବୀନ ପଣ୍ଡା, ସୁନ୍ଦରମଣୀ ପଧାନ, ସମ୍ପତି ମନହୀରା, ବାଙ୍କବିହାରୀ ମିଶ୍ର, ଯବଦୁ ପଧାନ ସଭ୍ୟ ରହିଛନ୍ତି।

## ମାରପିଟ ନେଇ ଥାନାରେ ଏତଲା ଦେଲେ ଅନନ୍ତ

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ମନମୋହନ ସାମଲଙ୍କ ବଲାଙ୍ଗୀର ଗସ୍ତ ରାଲି ବେଳେ ସ୍ଥାନୀୟ ଆରଟିଓ ଅଫିସ ଛକରେ ମାରପିଟ୍ ଉପରେ ମତ ରଖିଛନ୍ତି ୨୦୧୯ ନିର୍ବାଚନରେ ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଅନନ୍ତ ଦାଶ। ସୋମବାର ଆରଟିଓ ଛକରେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ସେ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗପତ୍ରରେ କିନ୍ତୁ କାହାରି ନାଁ ନାହିଁ। ଗଣମାଧ୍ୟମକୁ ଦାଶ ଆଜି କହିଛନ୍ତି ଯେ, ରାଜ୍ୟ ସଭାପତି ସାମଲଙ୍କୁ ସେ ଫୁଲମାଳ ଦେବାକୁ ଯାଉଥିଲେ। ତାଙ୍କୁ ବାରଣ କରାଗଲା। ଯେଉଁମାନେ ତାଙ୍କୁ ବାରଣ କଲେ ସେମାନେ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ବଳାରାମ ସିଂ ଯାଦବ ତାଙ୍କ ସହ ଥିଲେ ବୋଲି ସେ କହିଛନ୍ତି।

## କିନ୍ନରଙ୍କ ରାଜ୍ୟସ୍ତରୀୟ ଫ୍ୟାଶନ୍ ଶୋ, ସେମିନାର



କିନ୍ନରଙ୍କ ଫ୍ୟାଶନ୍ ଶୋ ଓ ସେମିନାରରେ ଉପସ୍ଥିତ ଅତିଥି ଓ ପ୍ରତିଯୋଗୀ।

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ସଙ୍ଗଠକ ଜିତେନ୍ଦ୍ର ସ୍ୱାଇଁ ଓ ଅଜୟ କୁମାର ନାଗଙ୍କ ନେତୃତ୍ୱରେ କିନ୍ନରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତାଳି ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ କିନ୍ନରମାନଙ୍କ ଉପରେ ରାଜ୍ୟସ୍ତରୀୟ ସେମିନାର ଏବଂ ଫେଶନ ଶୋ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଓଡିଶା ଟ୍ରାନ୍ସଜେଣ୍ଡର ଆସୋସିଏଶନ୍ ସଭାପତି ମୀରା ପରିଡ଼ା, ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସମାଜସେବୀ ପ୍ରେମ୍‌ରାଜ୍ ନିହାଲ, ନିହାଲ ସିଂ, ଧନେଶ୍ୱର ତାଣ୍ଡି, ହିମାଂଶୀ ଯୋଶୀ, ବିଚାରକ ଭାବରେ ସ୍ୱିଟି ସାହୁ ଓ ଦୀପିକା ସାହୁ ଉପସ୍ଥିତ ଥିଲେ। ପ୍ରିୟଂଶୀ ଦାସ ପରିଚାଳନା କରିଥିଲେ। ଫେଶନ ଶୋ ପ୍ରତିଯୋଗିତାରେ ବୁର୍ଲାର ମିସ୍ ବର୍ଷା ପ୍ରଥମ, ସମ୍ବଲପୁରର ଭକ୍ତି ଦ୍ୱିତୀୟ ମିସ ବର୍ଷା ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରୂପା ଦାସ, ନାରୀଶକ୍ତି ଫାଉଣ୍ଡେସନ୍‌ର ସମସ୍ତ ସଦସ୍ୟ, ସଞ୍ଜୀବ, ଏମ୍‌ଏନ୍ ରଞ୍ଜିତ, ସୁଦର୍ଶନ, ରାମ ଦାଶ, ଉତ୍ତମ ନନ୍ଦ ସହଯୋଗ କରିଥିଲେ।

## ମିଳିତ ଅମଲା ମଞ୍ଚ ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ସାଧାରଣ ପରିଷଦ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସଂଘ ଆବାହକ ସୁଧାକର ମହାପାତ୍ରଙ୍କ ଆହ୍ୱାନକ୍ରମେ ଏବଂ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବନଛୋରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲାର ଶତାଧିକ ଅମଲା ଯୋଗଦେଇ ସରକାର ସେମାନଙ୍କ ଦାବିକୁ ଉପେକ୍ଷା କରିଥିବାରୁ ପୁଣି ଥରେ ଆନ୍ଦୋଳନ କରିବା ସକାଶେ ପ୍ରସ୍ତୁତ ରହିବାକୁ ମତ ଦେଇଥିଲେ । ଜିଲାସ୍ତରୀୟ ଅମଲାମାନଙ୍କ ଏକମାତ୍ର ନ୍ୟାର୍ଯ୍ୟ ଦାବି ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମୂଳ ଦରମା ୧୯୦୦ (ଲେଭେଲ ୪)ରୁ ୪୨୦୦ (ଲେଭେଲ ୯)କୁ ବୃଦ୍ଧି ନିମନ୍ତେ ଗତ ଜୁନ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡିଶାର ୩୦ଟି ଜିଲାରେ କାର୍ଯ୍ୟରତ ୩୦ ହଜାରରୁ ଉର୍ଦ୍ଧ୍ୱ ଅମଲା ସମୂହ ଛୁଟିରେ ରହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ୧୭ ଦିନର ଆନ୍ଦୋଳନ ପରେ ୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ ପ୍ରତିଶ୍ରୁତିକ୍ରମେ ସମଗ୍ର ରାଜ୍ୟସ୍ତରରେ ଜିଲାସ୍ତରୀୟ ଅମଲା ସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିଲା । ମାତ୍ର ଦୀର୍ଘତିନିମାସରୁଉର୍ଦ୍ଧ୍ୱସମୟ ବିତିଯାଇଥିଲେ ସୁଦ୍ଧା ସରକାର ଅମଲାମାନଙ୍କ ଦାବି ପୂରଣରେ କୌଣସି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ବୈଠକରେ ଓଡିଶା ଅମଲା ସଂଘ ପୂର୍ବତନ ରାଜ୍ୟ ସଭାପତି ଶତ୍ରୁଘ୍ନ ପାଣିଗ୍ରାହୀ, ଅମଲା ସଂଘ ସଭାପତି ଅନନ୍ତ ନାରାୟଣ ପାଣିଗ୍ରାହୀ, ଉପଦେଷ୍ଟା ହରିବନ୍ଧୁ ପାଣି, ରାଜସ୍ୱ ଅମଲା ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ସମ୍ପାଦକ ଚୈତନ୍ୟ ବାଗ ମଞ୍ଚାସୀନ ଥିଲେ।

## ତାଲପାଲିପଡ଼ାରେ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ


ବିଧାୟକ ମିଶ୍ର ତାଲପାଲିପଡା-ରାଧାକୃଷ୍ଣନଗର ଠାରେ କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟିର ୱାର୍ଡନମ୍ବର ୪ ଅନ୍ତର୍ଗତ ତାଲପାଲିପଡା-ରାଧାକୃଷ୍ଣନଗରଠାରେ ବିଧାୟକ ନରସିଂହ ମିଶ୍ର ପଡାବାସୀଙ୍କ ଅବସର ବିନୋଦନ ସକାଶେ ବିଧାୟକ ଅନୁଦାନ ପାଣ୍ଠିରୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଠାରେ ଆୟୋଜିତ ସଭାରେ ବିଧାୟକ ମିଶ୍ର ଉପସ୍ଥିତ ପଡାବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହ ତାର ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଧାକୃଷ୍ଣନଗର ରାସ୍ତା ଯେପରି ନୂଆ ହୋଇପାରିବ ସେଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଥିଲେ । ବଞ୍ଚିଥିବା ଯାଏ ବଲାଙ୍ଗୀରର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିବେ ବୋଲି ବିଧାୟକ ମିଶ୍ର ସେଠାରେ କହିଥିଲେ । ଅନୁଷ୍ଠିତ ସଭାରେ ୱାର୍ଡ ନମ୍ବର ୪ର କାଉନସିଲର ଅରବିନ୍ଦ ପରୁଆ, ବସନ୍ତ ମହାନ୍ତି, ବସନ୍ତ ଷାଣ୍ଢ, ପରକ୍ଷିତ ଶତପଥି, ବାସୁଦେବ ମେହେର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ଟାଉନ ସଭାପତି ବୁଲୁ ଦାନୀ, ଜିଲା ଉପସଭାପତି ମନୀଷ ମିଶ୍ର, ଜ୍ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ସୁମନ୍ତ ପଣ୍ଡା, ଅଭିନାଶ ସାଏ ଉପସ୍ଥିତ ଥିଲେ ।

## ବଳରାମଙ୍କ ନାଁରେ ଅଭିଯୋଗ ଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନି: ସଙ୍ଗୀତା

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଭାଜପାରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବଳରାମ ସିଂ ଯାଦବଙ୍କ ନାଁରେ ପୂର୍ବରୁ ସୁବର୍ଣ୍ଣପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ସୁବର୍ଣ୍ଣପୁର ଜିଲା ଭାଜପା ସଭାପତି ପ୍ରମୋଦ କୁମାର ମହାପାତ୍ର ଗତ ଅଗଷ୍ଟ ୨୮ ତାରିଖରେ ଏସପିଙ୍କୁ ଲିଖିତ ଜଣାଇ ଯାଦବ ଭାଜପାର ନୁହେଁ ଏବଂ ସେ ଦଳ ନାଁରେ ସୋନପୁରରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ଜଣାଇଥିଲେ। ଗତ ଅଗଷ୍ଟ ମାସରୁ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କଲେ ମଧ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି।

## ଶିଶୁ ସମସ୍ୟା ଉପରେ ଆଲୋଚନା

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ସୁରକ୍ଷା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀରର ଏକ ହୋଟେଲରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନାଥ ଏବଂ ବିପନ୍ନ ଶିଶୁମାନଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା, ଯତ୍ନ ଏବଂ ସେବା ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ୱାସିଡିଏର ସମ୍ପାଦକ ରାଜେନ୍ଦ୍ର ମେହେର, ସମ୍ମାନିତ ଅତିଥି ବିପିନ ବିହାରୀ ମହାନ୍ତି, ଡ. ସଞ୍ଜୟ ମିଶ୍ର, ସରସ୍ୱତୀ ନନ୍ଦ, ଦିଲୀପ କୁମାର ଯୋଶୀ ଓ ଡ଼. ପ୍ରଦୀପ ଷଡଙ୍ଗୀ ଯୋଗଦେଇ ନିଜସ୍ୱ ଅନୁଭୂତି, ଶିଶୁ ସୁରକ୍ଷା ନିୟମକାନୁନ ଓ ସରକାରୀ ବିଧିବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଅନାଥ ଶିଶୁମାନେ ଅନାଥାଳୟରୁ କିଭଳି ପରିବାର ଭିତରକୁ ଯିବେ ଏବଂ ସୁରକ୍ଷିତ ରହି ପାରିବାରିକ ସ୍ନେହଶ୍ରଦ୍ଧା ଲାଭ କରିବେ ଆଲୋଚନା କରାଯାଇଥିଲା। ସହରର କେତେକ ବ୍ୟକ୍ତି ଯେଉଁମାନେ ଏଭଳି ଅନାଥ ଶିଶୁଙ୍କୁ ଘରେ ରଖି ଯତ୍ନ କରୁଛନ୍ତି ସେମାନେ ଅନୁଭୂତି କହିଥିଲେ। ସଭାରେ ସହରର ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଦଳୀୟ ରାଲିରେ ମାରପିଟ ଦୁର୍ଭାଗ୍ୟଜନକ: ନରସିଂହ

ବଲାଙ୍ଗୀର,୧୦।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରରେ ଭାଜପା ରାଲି ବେଳେ ରାଜ୍ୟ ସଭାପତିଙ୍କ ସମ୍ମୁଖରେ ଦଳର ଦୁଇଗୋଷ୍ଠୀ ସୋମବାର ଅପରାହ୍ଣରେ ଯେଭଳି ମାରପିଟ୍ ହେଲେ ତାହା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର । ବୁଡିଗଲା ଗୋଡ ତଳକୁ ତଳକୁ କହି ଭାଜପାର ସୂର୍ଯ୍ୟାସ୍ତ ହେବ ବୋଲି କହିଛନ୍ତି। ଏହି ଅବସରରେ ସେ କିଛିଦିନ ତଳେ ହୋଇଥିବା ବିଜେଡିର ନୂଆଁଖାଇ ଭେଟ୍‌ଘାଟରେ ଜିଲା ସଭାପତି ତଥା ଟିଟିଲାଗଡ ବିଧାୟିକାଙ୍କ ଅନୁପସ୍ଥିତି, ଟାଉନ ହଲଠାରେ କଟକ ମେୟରଙ୍କ ସହ ଅନ୍ୟ ଏକ କାର୍ଯ୍ୟକ୍ରମରେ ସେ ଉପସ୍ଥିତି ରହିବା ବିଜେଡିର ଫାଟକୁ ପ୍ରଦର୍ଶିତ କରୁଛି ବୋଲି ବିଧାୟକ ମିଶ୍ର କହିଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ରାଲି

ବେଲପଡ଼ା,୧୦।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୱାଇସିଡିଏ, ବି.ଏନ.ଆଇ,ବାଙ୍ଗାଲୋର୍ ସହାୟତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇ ଅଛି। ଏଥିରେ ମାନସିକ ଅସୁସ୍ଥଙ୍କୁ କିପରି ସାହାଯ୍ୟ କରିବା, ଚିକିତ୍ସା ପାଇଁ ଆଣିବା ପାଇଁ ସଚେତନ କରାଯାଇଥିବା ବେଳେ ମହାବିଦ୍ୟାଳୟ ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ବେଲପଡା ପର୍ଯ୍ୟନ୍ତ ସଚେତନତା ରାଲି ହେବା ସହିତ ମାନସିକ ଅସୁସ୍ଥଙ୍କୁ କିପରି ସାହାଯ୍ୟ କରିପାରିବା ଏକ ଆଲୋଚନା ଚକ୍ର ହୋଇଥିଲା, ଏହି ଅବସରରେ ପୂର୍ବରୁ ହୋଇଥିବା ପ୍ରତିଯୋଗିତା ପାଇଁ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ସୁରେଶ ଚନ୍ଦ୍ର ମେହେର, ମନୋଜ ମହାକୁଡ,ତୋଫାନ ପରିଡା, ସୁଭ୍ରାଂଶୁ ପଧାନ ରହିଥିବା ବେଳେ, ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓ୍ୱାଇ.ସି.ଡି.ଏ, ବେଲପଡାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଂଯୋଜକ ତୋଫାନ ପରିଡା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ କହିଥିବାବେଳେ, ଶେଷରେ ଓ୍ୱାଇ.ସି.ଡି.ଏ, ବେଲପଡାର ପକ୍ଷରୁ ଶର୍ବେଶ୍ୱର ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଓ୍ୱାଇ.ସି.ଡି.ଏ, ସେୱଚ୍ଛାସେବୀ ମାନେ, ଓ୍ୱାଇ.ସି.ଡି.ଏ ମିଲେଟ ମିଶନ ଓ ବି.ଆର୍.ସି ଟିମ ସହଯୋଗ କରିଥିଲେ।



ବିଶ ମାନସିକ ଦିବସ ଅବସରରେ ହୋଇଥିବା କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ କରାଯାଇଛି।

## ରାମ ମନ୍ଦିର କଂକ୍ରିଟ ରାସ୍ତା ଜବରଦଖଲମୁକ୍ତ

ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ)


ପୋଲିସ ଉପସ୍ଥିତିରେ ରାଜସ୍ୱ ବିଭାଗ ପକ୍ଷରୁ ଡିମାର୍କେଶନ କରାଯାଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ରାମ ମନ୍ଦିର ତଥା ସାପ୍ତାହିକ ବଜାର କଂକ୍ରିଟ ରାସ୍ତା ୨ ବର୍ଷ ହେଲା ବୁରୋଭାଡି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଜବରଦଖଲରେ ଥିଲା। ମାନସ ଯଜ୍ଞ କମିଟି, ବୁଢୀପଦର ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀଙ୍କ ଉଦ୍ୟମ କ୍ରମେ ଲୋଇସିଂହା ରାଜସ୍ୱ ବିଭାଗ ପକ୍ଷରୁ ପୋଲିସ ଉପସ୍ଥିତିରେ ସୋମବାର ଜବରଦଖଲ ଜମି ମାପଚୁପ କରାଯାଇଥିଲା । ଜବରଦଖଲ କଂକ୍ରିଟ ରାସ୍ତା ସରକାରୀ ଜମି ବାହାରିବାରୁ ଜବରଦଖଲ ମୁକ୍ତ କରାଯାଇଛି । ଦୀର୍ଘ ୨ ବର୍ଷ ପରେ ରାସ୍ତା ଫିଟିଥିବାରୁ ଏହା ଅଞ୍ଚଳବାସୀଙ୍କ ବିଜୟ ବୋଲି ମାନସ ଯଜ୍ଞ କମିଟି ସଭାପତି ଯଧିଷ୍ଠିର ପଧାନ କହିଛନ୍ତି।

ରୁଗୁଡିଖାଲ ରାମ ମନ୍ଦିର ସଂଲଗ୍ନ ପ୍ଲଟ ନଂ ୧୦ର ସରକାରୀ ଜମିରେ ଦୀର୍ଘ ବର୍ଷ ହେଲା ଶୁକ୍ରବାର ସାପ୍ତାହିକ ବଜାର ବସିଆସୁଛି। ମନ୍ଦିର ଏବଂ ବଜାରକୁ ଯିବା ପାଇଁ ବଲାଙ୍ଗୀର--ବରଗଡ ୨୬ ନଂ ଜାତୀୟ ରାଜପଥରୁ ଏକ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି । ଉକ୍ତ ରାସ୍ତାରେ ସୁବିଧାରେ ବ୍ୟବସାୟୀ, ଗ୍ରାହକ ଏବଂ ମନ୍ଦିର ଭକ୍ତ ଯିବା ଆସିବା କରୁଥିଲେ। ହେଲେ ବିଗତ ଦୁଇବର୍ଷ ହେଲା ସମ୍ପୃକ୍ତ ବ୍ୟକ୍ତି ଜଣକ ରଏତି ଦାବି କରି ତାରବାଡ ଦେଇ ଜବରଦଖଲ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଭକ୍ତ, ଜନସାଧାରଣ, ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଜବରଦଖଲମୁକ୍ତ ପାଇଁ ଅଞ୍ଚଳବାସୀ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସମ୍ବଲପୁର ରାଜସ୍ୱ କମିଶନର ଏବଂ ରାଜ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପରିକି ବିଭିନ୍ନ ସମୟରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପେରଦ ହୋଇ ନ୍ୟାୟ ଦାବି କରି ଆସୁଥିଲେ । ଅନେକ ସମୟରେ ଜବରଦଖଲ ମୁକ୍ତ ପାଇଁ ଜମି ଡିମାର୍କେସନ ହୋଇଥିଲେ ସୁଦ୍ଧା ବିବାଦୀୟ ପରିସ୍ଥିତି ଯୋଗୁ ସମାଧାନ ସୂତ୍ର ବାହାରି ପାରୁ ନ ଥିଲା । ସୋମବାର ପୋଲିସ ଫୋର୍ସ ଉପସ୍ଥିତିରେ ଯୋଗୀସର୍ଡା ରାଜସ୍ୱ ନିରୀକ୍ଷକ ସୀମାରାଣି ସ୍ୱାଇଁ, ଏଆରଆଇ ସଞ୍ଜୀବ ନନ୍ଦ ଓ ଷ୍ଟାଫ କ୍ଷେତ୍ରକୁ ଯାଇ ଜମି ମାପଚୁପ କରିଥିଲେ ।

## କକାଙ୍କୁ ମରଣାନ୍ତକ ଆକ୍ରମଣ, ପୁତୁରା ଫେରାର

ବେଲପଡା, ୧୦।୧୦(ମନୋଜ କୁମାର ମିଶ୍ର)

ପୂର୍ବ ଶତ୍ରୁତାକୁ ନେଇ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ଚାଚେରବଙ୍ଗ ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସମ୍ପର୍କୀୟ ପୁତୁରା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଗୋପାଳ ପୁଟେଲ(୫୨)। ଗୁରୁତର ଅବସ୍ଥାରେ ତାଙ୍କୁ ବେଲପଡ଼ା ଡାକ୍ତରଖାନା ଓ ପରେ ବରଗଡ ବିକାଶ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ପୁତୁରା ଭକ୍ତ ପଟେଲ (୩୫) ଫେରାର ହୋଇଯାଇଛନ୍ତି। କିଛିବର୍ଷ ହେଲା ଜମିବାଡ଼ିକୁ କେନ୍ଦ୍ର କରି କକା, ପୁତୁରା ପରିବାର ମଧ୍ୟରେ ବିବାଦ ରହିଥିଲା। ମଙ୍ଗଳବାର ଅପରାହ୍ନ ୪ଟାରେ ଗୋପାଳ ଗ୍ରାମ ଶେଷମୁଣ୍ଡରେ ଥିବା ତାଙ୍କ କିରାନା ଦୋକାନ ଖୋଲିବା ପାଇଁ ଯାଉଥିବା ବେଳେ ପ୍ରହରୀ ମଣ୍ଡପଠାରେ ଭକ୍ତ ଗୋପାଳଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଦେଇଥିଲେ। ପରେ ଏକ ଖଣ୍ଡାରେ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଓ ଶରୀରର ଅନ୍ୟ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଗୋପାଳଙ୍କ ଭାଇ ଫକୀର ପଟେଲ ବେଲପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

**କମ୍ୟୁନିଟି ସେଣ୍ଟର ଶିଳାନ୍ୟାସ**

ବୌଦ୍ଧ,(ଅଜିତ କୁମାର ବାରିକ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ପଞ୍ଚାୟତର ପିପଲକଟା ଗ୍ରାମରେ ମଙ୍ଗଳବାର ଦିନ ଏକ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରାଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ୮ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ ' ଏହି ଅବସରରେ କାର୍ତ୍ତିକ ଦେହୁରୀ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ବସନ୍ତ କୁମାର ସ୍ୱାଇଁ, ହରିଶ ମିଶ୍ର, ୱାର୍ଡମେମ୍ବର ନନ୍ଦିରାଜ ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଚୋରା କାଠପଟା ଜବତ: ୨ ଗିରଫ

ତଳଗାଁ,୧୦।୧୦( କୁନା ବେହେରା)

ବନବିଭାଗ ପକ୍ଷରୁ ସୋମବାର ଚଢାଉ କରାଯାଇ ଚୋରା କାଠ ପଟା ବୋଝେଇ ଏକ ଗାଡି ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ବୌଦ୍ଧ ବନଖଣ୍ଡର ମାଧପୁର ରେଞ୍ଜ ଅଞ୍ଚଳରେ ଚୋରା କାଠ ପଟା ଚାଲାଣ ବହୁ ଦିନରୁ ଚାଲି ଆସୁଛି । ସୋମବାର ବିଳମ୍ବିତ ରାତ୍ରିରେ ତଳଗାଁ ଅଞ୍ଚଳରୁ ବେଆଇନ ଭାବେ ଏକ ମ୍ୟାକ୍ସ ପିକ୍‌ଅପ (ନଂ ଓଡି-୦୫ଏଏନ୯୧୭୩)ଗାଡି ଯୋଗେ ୩୯ଖଣ୍ଡ ଶାଗୁଆନ ପଟା, ୮ ଖଣ୍ଡ ଶାଳପଟା ଚୋରାଚାଲାଣ ହେଉଥିବା ନେଇ ମାଧପୁର ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କର୍ମଚାରୀଙ୍କ ସହ ଜଗି ରହିଥିଲେ । ଗାଡିଟି ମାଧପୁର ଛକଠାରେ ବିଭାଗୀୟ କର୍ମଚାରୀଙ୍କୁ ଚକମା ଦେଇ ପଳାଇ ଯାଉଥିବା ବେଳେ ବନ କର୍ମଚାରୀ ପିଛା କରି ରାଣୀଗଞ୍ଜ ଗ୍ରାମ ନିକଟରେ ଧରିଥିଲେ । ଏହି ଘଟଣାରେ କନ୍ଧମାଳ ଜିଲା ଖଜୁରୀପଡା ଥାନା ଅଞ୍ଚଳର ଅକ୍ଷୟ କୁମାର ବେହେରା (୩୬) ଓ ଶକ୍ତିକାନ୍ତ ନାଏକ (୨୩)ଙ୍କୁ ଗିରଫ କରାଯାଇଛି । ଚଢ଼ାଉରେ ରେଞ୍ଜ ଅଧିକାରୀଙ୍କ ସମେତ ଫରେଷ୍ଟର ସୁଶୀଲ ହୋତା, ଅଭିମନ୍ୟୁ ମହାନ୍ତି, ରବୀନ୍ଦ୍ର କୁମ୍ଭାର, ଫରେଷ୍ଟଗାର୍ଡ ଶରତ ନାଏକ, ସୁନିଲ କ୍ଷେତ୍ରି, ଦୀପକ ପ୍ରଧାନ, ସ୍ୱାଧୀନ ପ୍ରଧାନଙ୍କ ଅନ୍ୟ କର୍ମଚାରୀ ସାମିଲ ଥିଲେ । ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି। ଜବତ ପଟା ଗୁଡିକର ଆନୁମାନିକ ମୂଲ୍ୟ ୨ ଲକ୍ଷ ହେବ ବୋଲି ରେଞ୍ଜ ଅଧିକାରୀ ଆସିକ କୁମାର ଦିଗାଲ ସୂଚନା ଦେଇଛନ୍ତି ।

### ସାଇବର ସୁରକ୍ଷା ଅଭିଯାନ

ଘଣ୍ଟାପଡ଼ା,୧୦।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଗତ ୨ ତାରିଖ ଗାନ୍ଧି ଜୟନ୍ତୀରୁ ବାହାରିଥିବା ସାଇବର ସୁରକ୍ଷା ରଥ ନବମ ଦିନରେ କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ାରେ ପହଞ୍ଚିଛି। ରଥ ଘଣ୍ଟାପଡ଼ା ଥାନାରେ ପହଞ୍ଚିବା ପରେ ସାଇବର ଟିମଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ରଥ ଘଣ୍ଟାପଡ଼ା ମାର୍କେଟ ଛକରେ ପହଞ୍ଚିଥିଲା। ସେଠାରେ ବଣିକ ସଂଘ ତରଫରୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରାଯିବା ପରେ ଘଣ୍ଟାପଡ଼ା ଡିଗ୍ରୀ କଲେଜରେ ପହଞ୍ଚିଥିଲା। ସେଠାରେ ଛାତ୍ରୀଛାତ୍ର ସାଇବର ରଥ ସହ ସାଇବର ଟିମ୍‌କୁ ସ୍ୱାଗତ କରିଥିଲେ । ଏହି ଅବସରରେ କଲେଜ ପରିସରରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଥାନାଧିକାରୀ ବଳଭଦ୍ର ଗଣ୍ଡାଙ୍କ ସଭାପତିତ୍ୱରେ କଲେଜର ଅଧକ୍ଷ ଗିରିଧର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଇବର ଠକେଇରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସାଇବର ଟିମ୍‌ର ସଦସ୍ୟା ଏସ୍‌ଆଇ ସସ୍ମିତା ମଗର ଯୋଗଦେଇ ସାଇବର କ୍ରାଇମ ଓ ତାର ପ୍ରତିକାର ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସାଇବର ଟିମ୍ ତରଫରୁ ନାଚ ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା । କୁଇଜ,ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଅଧବାଟରେ ପ୍ରସବ କଲେ ମହିଳା

- ଫବସିପାଲି ଗ୍ରାମକୁ ନାହିଁ ରାସ୍ତା
- ରାସ୍ତା ପାଇଁ ମଞ୍ଜୁର ହୋଇଥିଲା ୯ ଲକ୍ଷ ଟଙ୍କା
- ଘରୋଇ ଜମି ଥିବାରୁ ହୋଇପାରିଲା ନାହିଁ ରାସ୍ତା କାମ

ଅମରପାଲି,୧୦।୧୦(ପୀତାମ୍ବର ସାହୁ)



ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହୋଇ ନିଆଯାଉଛି ।

ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ହୀନସ୍ତା ହେବାକୁ ପଡ଼ିଛି। ନିଜ ଘରୁ ଗର୍ଭବତୀଙ୍କୁ ଖଟିଆରେ ବୁହା ହୋଇ ରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯିବା ବେଳେ ବାଟରେ ମହିଳା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତ ଗୌଡ଼ଗାଡ଼ (ଫବସିପାଲି) ଗ୍ରାମର ଫିରୋଜ ମିର୍ଦ୍ଧାଙ୍କ ସ୍ତ୍ରୀ ଗୋଲାପି(୨୧)ଙ୍କ ଅପରାହ୍ନ ସାଢ଼େ ୨ଟା ସମୟରେ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ପାଇଁ ଫୋନ କରି ଡାକିଥିଲେ। ଖବରପାଇ ଆମ୍ବୁଲାନ୍ସ ଆସିଥିଲା। ମାତ୍ର ଫବସିପାଲି ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅମରପାଲି-ଗୌଡଗାଡ ରାସ୍ତାରେ ଅଟକି ରହିଥିଲା। ଫଳରେ ପରିବାର ଲୋକେ ଗର୍ଭବତୀଙ୍କୁ ଖଟିଆରେ ବୋହି ରାସ୍ତା ପର୍ଯ୍ୟନ୍ତ ଆଣୁଥିଲେ। ବାଟରେ ଏକ ନାଳ ପାରି ହେଲା ପରେ ଗର୍ଭ ଯନ୍ତ୍ରଣା ଅଧିକ ହୋଇଥିଲା। ଶେଷରେ ଗର୍ଭବତୀ ଜଣକ ଆସିବା ବାଟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରିବାର ଓ ସାହିପଡିଶା ଲୋକେ ଉଭୟ ମା' ଓ ଛୁଆକୁ ସେହି ଖଟିଆରେ ଅଧ କିଲୋମିଟର ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଉଭୟ ମା', ଝିଅ ଏବେ ସୁସ୍ଥ ଥିବା ଜଣାପଡିଛି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମକୁ ରାସ୍ତା ପାଇଁ ୩ ବର୍ଷ ପୂର୍ବେ ଏମଜିଏନଆରଇଜିଏସ ଯୋଜନରେ ପ୍ରାୟ ୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ମୁଖ୍ୟ ରାସ୍ତାରୁ ଫବସିପାଲି ପର୍ଯ୍ୟନ୍ତ ରାସ୍ତାରେ କିଛି ଅଂଶ ଘରୋଇ ଜମି ଥିବାରୁ ରାସ୍ତା ନିର୍ମାଣ ହୋଇ ପାରି ନ ଥିଲା। ଉକ୍ତ ଘଟଣାକୁ ବୀରମହାରାଜପୁର ଜୋନ -୧ ଜିଲା ପରିଷଦ ତଥା ବରିଷ୍ଠ କଂଗ୍ରେସ ନେତା ଲବ କୁମାର ସାହୁ ନିନ୍ଦା କରିଛନ୍ତି। ଜିଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଜଣେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଥାଇ ମଧ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଏଭଳି ସମସ୍ୟା ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ବହଲପଦର ପଞ୍ଚାୟତର ସରପଞ୍ଚ ନିରୁପମା ସେଠୀଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଛି । ମାତ୍ର ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ରାସ୍ତା କାମ ହୋଇ ପାରିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରି ଖୁବଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ନିର୍ବାଚନ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଲେ ମନମୋହନ



ଭାଜପା ରାଜ୍ୟ ସଭାପତି ଲୋକଙ୍କ ନିକଟରୁ କଳସରେ ମାଟି ସଂଗ୍ରହ କରୁଛନ୍ତି।

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି। ପୂର୍ବାହ୍ନରେ ସାମଲ ଜାତୀୟ ରାଜପଥରେ ଆସି ସହର ଉପକଣ୍ଠ ଝିଙ୍କିଠାରେ ପହଞ୍ଚିବା ପରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ଏକ ବାଇକ୍ ରାଲିରେ ସାମଲଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ସହରର ପଟାଭାଡିରେ ଆୟୋଜିତ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ ମନମୋହନ ଜନସାଧାରଣଙ୍କ ନିକଟରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ଯେଉଁମାନେ ଦେଶ ପାଇଁ ଶହୀଦ ହୋଇଛନ୍ତି, ଦେଶମାତୃକା ପାଇଁ ସଂଘର୍ଷ କରିଛନ୍ତି, ଆମକୁ ସୁରକ୍ଷିତ ରଖିଛନ୍ତି, ସେହି ପବିତ୍ର ମାଟିକୁ ସଂଗ୍ରହ କରି ସମସ୍ତଙ୍କୁ ସ୍ମରଣ କରିବା ପାଇଁ ଦିଲ୍ଲୀରେ ଅମୃତ ବାଟିକା ନିର୍ମାଣ କରାଯାଉଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ପ୍ରାକ୍ତନ ଭାଜପା ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପରେ ସାମଲ କଳାପଥର ସ୍ଥିତ ଭାଜପା ଜିଲା କାର୍ଯ୍ୟଳୟରେ ଆୟୋଜତି ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦାନ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସେ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଇଥିଲେ। ସମସ୍ତ ବୁଥ୍‌ରେ ଦଳୀୟ ସଂଗଠନକୁ ମଜବୁତ୍ କରିବା ଉପରେ ସେ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସହ ଜଡିତ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ପ୍ରଶାସନିକ ଶାସନ ଚାଲିଛି। ନିର୍ବାଚିତ ଲୋକପ୍ରତିନିଧିଙ୍କ କଥା ଶୁଣାଯାଉନାହିଁ। ଗଣତନ୍ତ୍ର ବୋଲି ରାଜ୍ୟରେ କିଛି ନାହିଁ। ଲୋକଙ୍କ ଅଭିଯୋଗ ଶୁଣାଯାଉନି। ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିଛି। ନଦୀ ନାଳ ପରିବେଷ୍ଟିତ ଏହି ଜିଲାର ଚାଷୀଙ୍କ ଜମିକୁ ଜଳସେଚନ ହୋଇପାରିନି। କେନ୍ଦ୍ର ସରକାରଙ୍କ ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ପକ୍କା ଘର ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମୋଦି ସରକାର ଆସିବା ପରେ ଗତ ୯ ବର୍ଷରେ ଓଡିଶାକୁ ବିକାଶମୂଳକ କାର୍ଯ୍ୟ ପାଇଁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ଘର, ପାଇଖାନା ଓ ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର, ରେଳବାଇ ଓ ଜାତୀୟ ରାଜପଥ ଭଳି ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଦିଆଯାଇଛି। ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ସାମଲ ଅନୁରୋଧ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ସାମଲ ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଗଢିବା ନିଶ୍ଚିତ ବୋଲି କହିଥିଲେ। ଭାଜପା ସୁବର୍ଣ୍ଣପୁର ଜିଲା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ସଭାପତି ବିଜୟ ମହାକୁର, ରାଜକିଶୋର ମେଣ୍ଡଲି, ସୁରେଶ ମହଲା, ବିମଳ ମିଶ୍ର, ଶରତ ଶତପଥୀ, ସୁଦେଷ୍ଣା ନେଗୀ, ସାନନ୍ଦ ମେହେର, ସ୍ୱରୂପ ପାତ୍ର ଓ ହେମନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ସାଇବର ସୁରକ୍ଷା ରଥକୁ ସ୍ୱାଗତ

ଅମରପାଲି,୧୦।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ମଙ୍ଗଳବାର ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଥିଲା। ସୁବଳୟା ପୋଲିସ ସମେତ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର ସୁରକ୍ଷା ରଥ ସାରା ରାଜ୍ୟ ପରିକ୍ରମା କରୁଛି। ଏହି ଅବସରରେ ସୁବଳୟା ଯୁକ୍ତ୨ ମହାବିଦ୍ୟାଳୟରେ ଟିଭି ପରଦାରେ ସାଇବର ସୁରକ୍ଷା ସମ୍ପର୍କିତ ବିଭିନ୍ନ ଉପାୟ ଅବଲମ୍ବନ ନେଇ ସଚେତନ କରାଯାଇଥିଲା। ଅନୁଷ୍ଠିତ ସଭାରେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ ମୁଖ୍ୟଅତିଥି, ସୁବଳୟା ସମିତି ସଭ୍ୟା ଲିଲି ମେହେର, ସୁବଳୟା ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ଭୋଳାନାଥ କର୍ମୀ, ସୁବଳୟା ଯୁକ୍ତ ତିନି ମହାବିଦ୍ୟାଳୟର ଅଧକ୍ଷ ବଳଦେବ ପୁଝାରୀ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ଶୁଭ୍ରତା କଳତା, ଅରୁଣ ମେହେର ଓ ଲିପ୍ସାରାଣୀ ଖମାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଅଧାପକ ରମାକାନ୍ତ ପୁରୋହିତ, ସୁରେନ୍ଦ୍ର ସାହୁ, ଗୋପାଳ ଭୋଇ, ଏସଆଇ ଦୀପ୍ତି ରଞ୍ଜନ ଦିଗାଲ, ଏସଆଇ କୁଞ୍ଜଲତା ବେହେରା, ଏସଆଇ ସୁଷମା ଦାଶ, ଏଏସଆଇ ଗୌରହରି ମେହେର, ଏଏସଆଇ କୈଳାସ ସାହୁ, ସନ୍ତୋଷ ସିନ୍ଦରିଆ, ଅର୍ପିତା ଦିଗାଲ, ହାବିଲଦାର ମନୋଜ ପଣ୍ଡା, ହାବିଲଦାର ସୁଧୀର ଷାଣ୍ଡ, ଦିଲୀପ ମେହେର, ପୂର୍ଣ୍ଣଚନ୍ଦ୍ର ମେହେରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ସେହିଭଳି ସ୍ଥାନୀୟ ହାଇସ୍କୁଲରେ ମଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ଓ ବିକାଶ ପାଇଁ ଉଦ୍ୟମ



ଉଦ୍‌ଯାପନୀ ସଭାରେ ଅତିଥି।

ବୌଦ୍ଧ,୧୦।୧୦(ଅଜିତ କୁମାର ବାରିକ)

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ**

ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମ ବିରନରସିଂହପୁରଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଛି। ଉଦଯାପନୀ ସଭାରେ ଜିଲାପାଳ ନୃସିଂହଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପାଇଁ ସରକାର ସବୁବେଳେ ତତ୍ପର ଓ ସେମାନଙ୍କ ସୁରକ୍ଷା ପ୍ରତି ସବୁବେଳେ ଗୁରୁତ୍ୱ ଦେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କର ଲୁକାୟିତ ପ୍ରତିଭାର ପରିପ୍ରକାଶ, ବିକାଶ ତଥା ଚିହ୍ନିତିକରଣ କରି ଜିଲା ,ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଛି । ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହ କୌଣସି ଅସୁବିଧା ହେଲେ ପୋଲିସ ତଥା ଜିଲା ପ୍ରଶାସନର ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ନବୀନ ଚନ୍ଦ୍ର ବଘାର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିଶୁ ପ୍ରତିନିଧି ସ୍ୱାଗତିକା ପ୍ରଧାନ ଯୋଗଦେଇ ଦୁଇ ଦିନ ଧରି ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ କୃତି ଛାତ୍ରୀଛାତ୍ର ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗତ ସୋମବାର ଦିନ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦାମୋଦର ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଡ୍ରଇଂ ଓ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋଟ ୮୦ ଶିଶୁ ଅଂଶ ଗ୍ରହଣକରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୨୮ ଜଣ ପ୍ରତିଯୋଗୀ ଆସନ୍ତା ମାସରେ କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଶଂଗ୍ରହଣ କରିବେ । ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ରାଜେନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ । ବସନ୍ତ ଦିଶିରି, ସହଦେବ ନାୟକ, ଚିତ୍ରସେନ ସାହୁଙ୍କ ସମେତ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




ମଞ୍ଚାସୀନ ଅତିଥିବୃନ୍ଦ।

ଅମରପାଲି,୧୦।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ରେଆର ସୋନପୁର ତରଫରୁ ବେସିକ ନିଡସ ଇଣ୍ଡିଆ ସହାୟତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ରେଆରର ସମ୍ପାଦକ ଅନଙ୍ଗ ନେଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱମ୍ଭର ସାହୁ ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜ୍ୟୋସ୍ନାମୟୀ ପଣ୍ଡା, ମେଡିକାଲ ଅଫିସର (ଆୟୁଷ) ପ୍ରମୋଦ କୁମାର ମହାପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଲ କୁମାର ପରିଡା, ପିତାମ୍ବର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଦିଲିପ ପଧାନ ଓ ସଂଗୀତା ମହାପାତ୍ର ଯୋଗ ଦେଇଥିଲେ। କ୍ଷେତ୍ର ସହାୟକ ମିତ୍ରଭାନୁ ମଲିକ ବ୍ଲକ ଅନ୍ତର୍ଗତ ୧୧ଗୋଟି ପଞ୍ଚାୟତରେ ମାନସିକ କାର୍ଯ୍ୟକ୍ରମର ସ୍ଥିତି ବିଷୟରେ ଉପସ୍ଥାପନ କରିଥିଲେ । ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା, ଚିକିତ୍ସା ଏହି ଦିବସ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ଅସୁସ୍ଥ ବ୍ୟକ୍ତି, ସିୟା ପରିବାରର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

# ସୁରଭି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରୁଛି

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। କୁମାରକେଳି କ୍ଲଷ୍ଟର ଅନ୍ତର୍ଗତ ୭ଟି ବିଦ୍ୟାଳୟରୁ ବିଭିନ୍ନ ପ୍ରତିଯୋଗିତାରେ ମନୋନୀତ ଛାତ୍ରୀଛାତ୍ର ଏଠାରେ ଅଂଶଗ୍ରହଣ କରି ଉଲୁଣ୍ଡା ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଚତୁର୍ଥରୁ ସପ୍ତମ କନିଷ୍ଠ ବିଭାଗ ଏବଂ ଅଷ୍ଟମରୁ ଦଶମ ବରିଷ୍ଠ ବିଭାଗ ଭାବେ ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ ହୋଇଥିଲା। ବରିଷ୍ଠ ବିଭାଗ ଓଡ଼ିଆ ପ୍ରବନ୍ଧରେ ବବଲି ବେହେରା, ତର୍କରେ ମିଥିଲେସ ସାହୁ, ଚିତ୍ରାଙ୍କନରେ ସିକିତା ପଧାନ, କୁଇଜରେ ପ୍ରଗତିକା ଭୋଇ, ସୃଜନାତ୍ମକ ଲିଖନରେ ପ୍ରିୟଦର୍ଶିନୀ ପଣ୍ଡା, ବାକପଟୁତାରେ ପୂର୍ଣ୍ଣିମା ମେଣ୍ଡିଲି, ଗୀତରେ ପ୍ରଗତିକା ଭୋଇ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଗୀତା ଓ ସାଥୀ, ମଧାହ୍ନ ଭୋଜନ ଚିତ୍ରକଳା ଓ ଶିଳ୍ପକଳାରେ ପ୍ରତିଜ୍ଞା ପଧାନ ଓ ଇପ୍ସିତା ଶତପଥୀ ଏବଂ କନିଷ୍ଠ ବିଭାଗରେ ଚିତ୍ରାଙ୍କନରେ ଲୁସି ସାହୁ, କୁଇଜରେ ରିତମ ପଧାନ, ସୃଜନ ଲିଖନରେ ପୁନମ ମେଣ୍ଡିଲି, ବାଗ୍ମିତାରେ ସୁନିତା ସାହୁ, ଗୀତରେ ବର୍ଷା ମହାନନ୍ଦ ଏବଂ ଶ୍ରୁତଲିଖନରେ ଏଲିନା ପଧାନ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ସ୍ତର ପାଇଁ ମନୋନୀତ ହୋଇଛନ୍ତି। ଅତିଥି ଭାବେ ସହ ଗୋଷ୍ଠୀ ଅଧିକାରୀ ମାର୍କଣ୍ଡ ମିଶ୍ର ଯୋଗଦାନ କରି ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରୁଛି ବୋଲି କହିଥିଲେ। ଆଞ୍ଚଳିକ ସାଧନ ସଂଯୋଜକ ବାବୁଲୁ ସେଠୀ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟରାମ ତ୍ରିପାଠୀ, ବିଜ୍ଞାନ ଶିକ୍ଷକ ବାଚସ୍ପତି ପଣ୍ଡା, କୁମାରକେଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା କୁଅଁର ଯୋଗ ଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ହୃଷିକେଶ ଚାନ୍ଦ ପରିଚାଳନା କରିଥିଲେ। ଭରତ ହରିପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ନରେନ୍ଦ୍ର ନାଗ, ସତ୍ୟ ନାରାୟଣ ମେହେର, ଦିଲିପ ପଣ୍ଡା, ଶିବରାମ ଚାନ୍ଦ, ରାଜୁରାମ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀ ବୃନ୍ଦ।

# ଜାତୀୟ ରାଜପଥ ନିର୍ମାଣ ବିଳମ୍ବ ନେଇ ୨ ଦିନ ଧରି ରାସ୍ତାରୋକୋ

- ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ
- ନଭେମ୍ବର ସୁଦ୍ଧା କାମ ଶେଷ ପାଇଁ ମିଳିଲା ପ୍ରତିଶ୍ରୁତି
- ଆନ୍ଦୋଳନ ସ୍ଥଗିତ

ଡୁଙ୍ଗୁରିପାଲି,୧୦।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି-ଚିନାଜୁରୀ ୧୪ କିଲୋମିଟର ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ ଜାରି ରଖିଥିଲେ। ତେବେ ନଭେମ୍ବର ସୁଦ୍ଧା କାମ ଶେଷ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ଡୁଙ୍ଗୁରିପାଲି ସହରର ସ୍କୁଲ, କଲେଜ,ଡାକ୍ତରଖାନା ବ୍ୟତୀତ ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା । ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ମାଜିଷ୍ଟ୍ରେଟ ଦାୟିତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅପରପକ୍ଷରେ ଏ ନେଇ ଜିଲାପାଳ ବିମଳେନ୍ଦୁ ରାୟ ବଲାଙ୍ଗୀର ଏନଏଚ ଡିଭିଜନ ମୁଖ୍ୟଯନ୍ତ୍ରୀଙ୍କୁ ରାସ୍ତା କାମ ସମ୍ପର୍କରେ ପଚାରି ବୁଝିଥିଲେ । ମୁଖ୍ୟଯନ୍ତ୍ରୀ ଆସନ୍ତା ନଭେମ୍ବର ମାସ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିବାରୁ ଜିଲାପାଳ ରାମପୁର ତହସିଲଦାରଙ୍କୁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ମିର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କୁ ଆସନ୍ତା ନଭେମ୍ବର ମାସ ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ଘଟଣାସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱ ନେଇଥିବା ଗୋପାଳ ବାରିକ, ବିପ୍ରଚରଣ ସାହୁ, ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଅଞ୍ଚଳବସୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସମେତ ପୋଲିସ କର୍ମଚାରୀ ଓ ଫୋର୍ସ ମୁତୟନ ଥିଲେ ।



ଘଟଣାସ୍ଥଳରେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଓ ଆନ୍ଦୋଳନକାରୀ ।

## ବିଦେଶୀ ମଦ ଜବତ, ଯୁବକ ଅଟକ

ଲହୁଣୀପଡ଼ା (ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ କୁଚେଇତା ନିକଟରେ ପୋଲିସ ଜଣେ ଯୁବକଙ୍କ ନିକଟରୁ ବିଦେଶୀ ମଦ ଜବତ କରିଥିବା ଜଣାପଡିଛି। ଧରମ ଯାଦବ (୩୫)ଏକ ବ୍ୟାଗରେ ବିଦେଶୀ ମଦ ନେଇ କୁଚେଇତାରୁ ଚାନ୍ଦିପୋଷ ରାସ୍ତାରେ ଚାଲି ଯାଉଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଚାନ୍ଦିପୋଷ ପୋଲିସ ପହଞ୍ଚି ସନ୍ଦେହରେ ଯାଞ୍ଚ କରିଥିଲା। ତାଙ୍କ ବ୍ୟାଗ ଭିତରୁ ୩୫ଟି ନିବ ଓ ୧୦ଟି ବିୟର ବୋତଲ ଜବତ କରିବା ସହିତ ଯୁବକକୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

## ସଂକ୍ଷେପରେ

### ତାଲା ଭାଙ୍ଗି ଘରୁ ଚୋରି, ଥାନାରେ ଏତଲା

**କୁଆଁରମୁଣ୍ଡା,୧୦।୧୦(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ରାଏବୋଗା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଘର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଟିଭି, କଂସାବାସନ ଇତ୍ୟାଦି ପ୍ରାୟ ୪୦ ହଜାର ମୂଲ୍ୟର ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ପୂର୍ଣ୍ଣଚନ୍ଦ୍ର ମଙ୍ଗଳବାର ରାଏବୋଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଗତ ସପ୍ତାହ ତଳେ ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପରିବାର ଘରୋଇ କାର୍ଯ୍ୟରେ ସୁନ୍ଦରଗଡ଼ରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ହେଲେ ଘରକୁ ଫେରିବା ପରେ ତାଙ୍କ ଘରର ତାଲା ଭାଙ୍ଗିଯାଇଥିବା ଦେଖିବାକୁ ପାଇ ଥାନାରେ ଅଭିଯୋଗ କରିଛନ୍ତି।

### ଟ୍ରକ୍ ପଛରେ ଧକ୍କା ଦେଲା ଟ୍ରକ୍: ଚାଳକ ଗୁରୁତର

**ଲହୁଣୀପଡ଼ା, ୧୦।୧୦(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କୁନ୍ଦୁରୁବୁରୁ ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଟ୍ରକ ପଛରେ ଟ୍ରକ ଧକ୍କା ଦେଇଛି। ଫଳରେ ଚାଳକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। କୋଇଡା ଖଣି ଅଞ୍ଚଳରୁ ଓଡ଼ି ୦୫ଏଏଲ ୭୭୪୫ ନଂ. ଲୁହାପଥର ବୋଝେଇ ଟ୍ରକଟି ଲହୁଣୀପଡ଼ା ପଟେ ଆସୁଥିଲା। ସେହିଭଳି କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଓଡ଼ି ୨୯ଟି ୮୮୬୧ ଟ୍ରକ ଦ୍ରୁତଗତିରେ ଆସି ପୂର୍ବ ଟ୍ରକର ପଛରେ ଶକ୍ତ ଧକ୍କା ଦେଇଥିଲା। ଫଳରେ ଧକ୍କା ଦେଇଥିବା ଟ୍ରକର ଚାଳକ ଗୁରୁତର ଆହତ ହୋଇଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ଗାଡି ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### କୁକୁଡ଼ା ଲଢ଼େଇ ଚାଲିଥିବାବେଳେ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

**ବିଶ୍ରା,୧୦।୧୦(ବଟକୃଷ୍ଣ ସ୍ୱାଇଁ):** ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଥିବା ସଗାଯୋଡିରେ ପ୍ରତି ଗୁରୁବାର ଓ ରବିବାରରେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ହୋଇ ଆସୁଛି। ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଏହି ସଗଯୋଡ଼ି ଝାଡ଼ଖଣ୍ଡ ରାଜ୍ୟର ମନୋହରପୁର ନିକଟ ଯାରେଇକେଳା ଥାନା ଅଧୀନରେ ରହିଛି। ରବିବାର କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଚାଲିଥିବା ବେଳେ କିଛି ଲୋକ ପୋଲିସ ପୋଷାକରେ ଆସି ବନ୍ଧୁକ ଦେଖାଇ ଜୁଆଖେଳ ଉପରେ ଚଢ଼ାଉ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଜୁଆ ଆଡ୍ଡାରେ ଥିବା ଲୋକ ଭୟରେ ପଳାଇ ଥିଲେ। କିଛି ଗ୍ରାମବାସୀ ପଛରେ ଗୋଡ଼େଇ ଥିଲେ। ସେମାନଙ୍କ ବନ୍ଧୁକ ଆଗରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଫେରିଥିଲେ। ପ୍ରକୃତରେ ବନ୍ଧୁକ ଧରି ଆସି ଜୁଆ ଆଡ୍ଡା ଉପରେ ଚଢ଼ଉ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବା ବେଳେ ସେମାନେ କିଏ ଥିଲେ ଜଣାପଡ଼ିନାହିଁ। ସେମାନେ କିପରି ଭାବରେ ଏହି ସ୍ଥାନକୁ ଆସି ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୱାର୍ଡ ସଭା

**ବ୍ରଜରାଜନଗର,୧୦।୧୦(ବିଜୟ ବରାଡ):** ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଖଲିଆକାନି ଗ୍ରାମବାସୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଅଧିକାରୀଙ୍କୁ ନେଇ ୱାର୍ଡ଼ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ଜୟ ପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ ରୋଗୀ କଲ୍ୟାଣ ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ସାମାଜିକ କର୍ମୀ ତଥା ଆଇନଜୀବୀ ପବିତ୍ର ବିଶି, ବ୍ରଜରାଜନଗର ଆର୍‌ଆଇ ଖଗେଶ୍ୱର ପଟେଲ, ୱାର୍ଡ଼ ଅଫିସର ନବ କିଶୋର ପ୍ରଧାନ, କାଉନସିଲର ରୁଦ୍ରନାରାୟଣ ଭୋଇ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ, ଷ୍ଟାଫ କ୍ୱାର୍ଟର୍ସ, ଆହାର କେନ୍ଦ୍ର ଗୃହ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ଖଲିଆକାନି ଗ୍ରାମବାସୀ ସବୁପ୍ରକାର ସହଯୋଗ କରିବେ ବୋଲି ପ୍ରକାଶ କରିଥଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବା ଚାଷରୁ ଆର୍ଥିକ ସମୃଦ୍ଧି

**ପରିବା ଚାଷ କରି ଚାଷୀଙ୍କ ଆର୍ଥିକ ଅବସ୍ଥାରେ ବିକାଶ**

**ସୁନ୍ଦରଗଡ଼,୧୦।୧୦(ଜୟ ନାରାୟଣ ମେଣ୍ଡୁଲି)**

ପରିବା ଚାଷ ଲୋକଙ୍କ ଭାଗ୍ୟ ବଦଳାଇ ଦେଇପାରେ। ଏଭଳି ଉଦାହରଣ ରାଜ୍ୟ ବାହାରୁ ଅନେକ ଦେଖିଛନ୍ତି। ତେବେ ରାଜ୍ୟ ଭିତରେ ମଧ୍ୟ ଏହି ଉଦାହରଣ କିଛି କମ୍ ନୁହେଁ। ସୁନ୍ଦରଗଡ଼ ଜିଲାରେ ଟାଙ୍ଗର ଭୂମିରେ ପରିବା ଫଳାଇ ଅନେକ ଚାଷୀ ଯେ କେବଳ ଆତ୍ମନିର୍ଭରଶୀଳ ହୋଇଛନ୍ତି ତାହା ନୁହେଁ ବରଂ ପରିବାରୁ ରୋଜଗାର ଅନେକଙ୍କର ଦୈନନ୍ଦିନ ଆର୍ଥିକ ଆବଶ୍ୟକତାକୁ ଅନେକ ମାତ୍ରାରେ ପୂରଣ କରୁଛି। କହିବାକୁ ଗଲେ ପରିବା ଚାଷରୁ ଆର୍ଥିକ ସମୃଦ୍ଧି ହୋଇଛି।

ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ଜିଲାର ୬ଟି ବ୍ଲକ୍‌ରେ ପ୍ରାୟ ୩୦୦୦ ଏକର ଜାଗାରେ ୱାଡି କାର୍ଯ୍ୟକ୍ରମ ଅଧିନରେ ୨୦୨୦ ମସିହାରୁ ବିଭିନ୍ନ ପ୍ରକାର ପନିପରିବା ଚାଷ କରାଯାଇଛି। ଟାଙ୍ଗରା ଭୂମିକୁ ଶସ୍ୟଶ୍ୟାମଳା କରି ଏଥିରେ ଏକାଧିକ ଫସଲ ଫଳାଇ ଲୋକଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବାର ଏହି ଅଭିନବ ପ୍ରୟାସ ସଫଳ ହୋଇଛି। ମୋଟ୍ ୧୭୧୮ ଜଣ ଚାଷୀ ଏହି ପ୍ରୟାସରେ ସାମିଲ ହୋଇଛନ୍ତି। ଖଣି ପ୍ରଭାବିତ ବ୍ଲକ୍ ଯଥା, କୁତ୍ରା, କୋଇଡା, ଲହୁଣୀପଡା, ରାଜଗାଙ୍ଗପୁର, ହେମଗିରି, କୁଆଁରମୁଣ୍ଡା ଆଦିରେ ପ୍ରାୟ ୫୦୦ ଏକର ଲେଖାଏଁ ଜମିରେ ଆମ୍ବ, ଲେମ୍ବୁ, ଲିଚୁ, କାଜୁବାଦାମ ଆଦି ଗଛ ଲଗାଯାଇଛି। ଏଠାରେ ଚାଷୀମାନଙ୍କୁ ବିହନ, ସାର, ସୌରଚାଳିତ ଜଳସେଚନ ସହ ଶୀତଳଭଣ୍ଡାର ବ୍ୟବସ୍ଥା ଏବଂ ବଜାର ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଏହି କ୍ଷେତରୁ ବାହାରୁ ଥିବା ପୋଟଳ, ବରଗୁଡି, ଲଙ୍କା ସହ ବିଭିନ୍ନ ଶାଗ ଆଦିକୁ ବଜାରରେ ବିକ୍ରି କରି ଚାଷୀ ବେଶ୍ ଦୁଇ ପଇସା କମାଉଛନ୍ତି। ଏହି ପରିବା ସବୁ ମୋ ବାଡି ପରିବା ନାମରେ ବିକ୍ରି ହେଉଛି। ହେମଗିରି ବ୍ଲକର ଟାପରିଆ, ଲାଇକେରା, ବିଶ୍ୱନାଥପୁର, ସୁରୁଲତା, କୋଡାବାହାଲ ଆଦି ଗାଁରେ ପ୍ରାୟ ୨୦୦ ଏକର ଜାଗାରେ ଚଳିତବର୍ଷ ପୋଟଳ ଆଦି ଚାଷ ବେଶ୍ ଭଲ ହୋଇଛି। ଏଥିରେ ପ୍ରାୟ ୨୬୯ ଜଣ ଚାଷୀ ଚାଷ କାମ କରି ଲାଭବାନ ହୋଇଛନ୍ତି। ଏହି ସବୁ ଚାଷୀମାନେ ପ୍ରତି ରବିବାର ପୋଟଳ ତୋଳି ନିକଟସ୍ଥ ହାଟରେ ବିକିବା ସହ ଏହାକୁ ଅନ୍ୟ ବଡ ବେପାରୀଙ୍କୁ ମଧ୍ୟ ଦେଇଥାଆନ୍ତି। ପୋଟଳର ଦାମ ବର୍ଷର ବିଭିନ୍ନ ସମୟରେ କିଲୋପିଛା ୨୦ ଟଙ୍କାରୁ ୪୦ ଟଙ୍କାଯାଏ ବିକ୍ରି ହୋଇଥାଏ। ପ୍ରତି ଚାଷୀ ବର୍ଷ ସାରା ପରିଶ୍ରମ କରି ପୋଟଳ ଆଦି ପରିବା ଚାଷରୁ ବର୍ଷକୁ ୮୦ ହଜାରରୁ ଲକ୍ଷେ ଟଙ୍କା ଯାଏ ରୋଜଗାର କରିଥାଆନ୍ତି। ଛତିଶଗଡର ବେପାରୀମାନେ ଗାଡି ନେଇ ପ୍ରତି ରବିବାର ପରିବା ସଂଗ୍ରହ କରୁଥିବାବେଳେ ଅନେକ ସମୟରେ ମହିଳାମାନେ ଏହି ପରିବାକୁ ନିଜ ପାଖ ଗାଁ ହାଟରେ ବିକ୍ରି କରିଥାଆନ୍ତି। ଚାଷୀମାନଙ୍କର ଏହି ରୋଜଗାର ସେମାନଙ୍କର ପୁଅଝିଅ କିମ୍ବା ନାତିନାତୁଣୀଙ୍କୁ ଶିକ୍ଷା ଏବଂ ସେମାନଙ୍କ ସ୍ୱାସ୍ଥ୍ୟପାଇଁ ଖର୍ଚ୍ଚ ହୋଇଥାଏ। ଅନେକ ନିଜର ଘରର ମରାମତି କରିବା ସହ ବିଭିନ୍ନ ପର୍ବପର୍ବାଣୀରେ ମଧ୍ୟ ଏହି ଅର୍ଥକୁ ଖର୍ଚ୍ଚ କରିଥାଆନ୍ତି। ପୋଟଳ ବାଦ୍ ଚାଷୀମାନେ ପୋଟଳ ଚାରା ମଧ୍ୟ ବିକ୍ରି କରିଥାଆନ୍ତି। ଏହି ବାବଦରେ ସେମାନେ ବର୍ଷକୁ ୩୦,୦୦୦ ରୁ ୪୦,୦୦୦ ଟଙ୍କା ଅଲଗା ରୋଜଗାର କରିଥାନ୍ତି। ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ଏହି କୃଷିକାମର ନିୟମିତ ତଦାରଖ କରାଯାଉଅଛି। ଚାଷୀମାନଙ୍କୁ ନର୍ସରୀ ବେଡ ପ୍ରସ୍ତୁତି, ଚାରା ପ୍ରସ୍ତୁତି, କମ୍ କୀଟନାଶକ ପ୍ରୟୋଗ କରି ଫସଲ କରିବା, ଜଳସେଚନ କରିବା, ଫସଲ ଉତ୍ପାଦନ କରିବା ଏବଂ ଏହାର ବଜାରୀକରଣ ଉପରେ ନିୟମିତ ତାଲିମ୍ ଦିଆଯାଉଛି। ଏହା ଲୋକମାନଙ୍କୁ ବୈଷୟିକ ରୂପେ ସଶକ୍ତ କରିବା ସହ ଉପଯୁକ୍ତଭାବେ ବଜାରକୁ ବୁଝି ବେପାର କରିବାରେ ସହାୟକ ହୋଇଥାଏ। ପରିବା ଚାଷରୁ ଆର୍ଥିକ ସମୃଦ୍ଧି ମିଳିବାଦ୍ୱାରା ଅନେକ ନିମ୍ନ ଏବଂ ମଧ୍ୟବିତ୍ତ ପରିବାରର ଅପୂରଣୀୟ ଏବଂ ଅପହଞ୍ଚ ସ୍ୱପ୍ନ ସବୁ ସାକାର ହେବାରେ ଲାଗିଛି। ଏହା ସେମାନଙ୍କ ଜୀବନକୁ ବଞ୍ଚିବାକୁ ନୂଆ ଦିଶା ଏବଂ ଦଶା ପ୍ରଦାନ କରିଛି।



ସୁନ୍ଦରଗଡ଼ ଜିଲାର ପରିବା ଚାଷୀ।

# ଘରକୁ ଫେରିଲେ ମା'ଝିଅ

**ସୁନ୍ଦରଗଡ଼,୧୦।୧୦(ଜୟ ନାରାୟଣ ମେଣ୍ଡୁଲି)**

**ବିବସ୍ତ୍ର ଅବସ୍ଥାରେ ରାସ୍ତା ଉପରୁ ଉଦ୍ଧାର ଘଟଣା**

ବିବସ୍ତ୍ର ଅବସ୍ଥାରେ ରାସ୍ତା ଉପରୁ ଉଦ୍ଧାର ହୋଇ ସୁନ୍ଦରଗଡ଼ ଆସ୍ଥା ଗୃହରେ ଥିବା ମା', ଝିଅ ମଙ୍ଗଳବାର ନିଜ ଘର ଛତିଶଗଡ଼ ରାଜ୍ୟ ତୁମଲା ଥାନା ଅନ୍ତର୍ଗତ ଖାରିବାହାଲ ଗ୍ରାମକୁ ଫେରିଛନ୍ତି। ଜିଲା ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ, ସଦର ଏସ୍‌ଡିପିଓ ହିମାଂଶୁ ବେହେରା, ଆସ୍ଥା ଗୃହର ସମ୍ପାଦିକା ସ୍ନେହଲତା ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ପରିବାର ଲୋକଙ୍କ ସୂଚନା ଅନୁଯାୟୀ ଗତ ୨୦୧୨ରୁ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଛୁଆଙ୍କୁ ଧରି ରହୁଥିବା ଏହି ମହିଳାଙ୍କ ମାନସିକ ସ୍ଥିତି ବିଗିଡି ଯାଇଥିଲା। ତିନି ପୁଅଝିଅଙ୍କୁ ନେଇ ତାଙ୍କ ପରିବାର। ସଂସାର ବୋଝରେ ଭାଙ୍ଗି ପଡିଥିଲାବେଳେ ଗତ ବୁଧବାର ସେ ତାଙ୍କର ଜଣେ ଝିଅଙ୍କ ସହ ଘରୁ ଚାଲି ଆସିଥିଲେ। ଏହା ପରେ ଶୁକ୍ରବାର ସୁନ୍ଦରଗଡ଼ ଇବ୍ ନଦୀ ପୋଲ ଉପରେ ଉଭୟ ମା' ଓ ଝିଅ ବିବସ୍ତ୍ର ହୋଇ ଚାଲିଚାଲି ଯାଉଥିବା ବେଳେ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଦେଖି ସେମାନଙ୍କୁ ଉଦ୍ଧାର କରି ଆସ୍ଥା ଗୃହକୁ ହସ୍ତାନ୍ତର କରିଥିଲେ। ଆସ୍ଥା ଗୃହରେ ଉଭୟ ମହିଳାଙ୍କୁ କାଉନସେଲିଂବେଳେ ସେମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି ବୋଲି କହିଥିଲେ। ସୋମବାର ତାଙ୍କ ପରିବାର ଲୋକ ପହଞ୍ଚିବା ପରେ ତାଙ୍କର ଚିହ୍ନଟ ହୋଇଥିଲା।

# ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ




ବୈଠକରେ ଉପସ୍ଥିତ ଅମଲା କର୍ମଚାରୀ।

**ସୁନ୍ଦରଗଡ଼,୧୦।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ମିଳିତ ଅମଲା ମଞ୍ଚର ଏକ ଜିଲାସ୍ତରୀୟ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ମଞ୍ଚର ଆବାହକ ପ୍ରଦୀପ୍ତ କୁମାର ମହାନ୍ତି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ପରେ ଓଡ଼ିଶା ଅମଲା ସଂଘ ସୁନ୍ଦରଗଡ଼ ଶାଖାର ସମ୍ପାଦକ ପ୍ରଭାସ ଚନ୍ଦ୍ର ମିଶ୍ର ମିଶନ ଗ୍ରେଡ ପେ ୪୨୦୦ ଉପରେ ସରକାରଙ୍କ ଆଭିମୁଖ୍ୟ ଓ ନିଷ୍ପତ୍ତି ତଥା ଟାଳଟୁଳ ନୀତି ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା ଓ ମିଶନ ଗ୍ରେଡ ପେ ପାଇଁ ସଭ୍ୟାସଭ୍ୟମାନଙ୍କର ମତାମତ ଲୋଡିଥିଲେ। ଏହା ପରେ ମଞ୍ଚର ଉପଦେଷ୍ଟା ପ୍ରଦୀପ କୁମାର ବହିଦାର ଏହି ମିଶନ ଗ୍ରେଡ ପେ-୪୨୦୦ ଉପରେ ଆଲୋଚନା କରିଥିଲେ। ସମସ୍ତ ସଭ୍ୟାସଭ୍ୟ ନିଜର ମତ ଉପସ୍ଥାପନ କରିଥିଲେ। ଏହି ବୈଠକରେ ମିଶନ ଗ୍ରେଡ ପେ ୪୨୦୦ ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥଗିତ ଥିବା ଆନ୍ଦୋଳନ ଅକ୍ଟୋବର ୧୯ତାରିଖ ଠାରୁ ଚାଲୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହିତ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରଖିବାକୁ ନିଷ୍ପତ୍ତି ଗ୍ରହଣୀୟ କରାଯାଇଛି। ଆସନ୍ତା ୧୧ ପରେ ରାଜ୍ୟର ୩୦ଜିଲାର ଅମଲାମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଧର୍ମଜୀତ ସାହୁ ବୈଠକ ପରିଚାଳନା କରିଥିଲେ। କୌତୁକ ମେହେର, ଅଶୋକ ରାଓ, ଦେବଲାଲ ରଥ, ପ୍ରବୀର ସାହୁ, ବର୍ଷା ଅଗ୍ରୱାଲ, ଆଲିଶା ପଟେଲ, ପ୍ରଭାକର ସାହୁ, ବିଭୂତି ଧର, ଅଶୋକ ପଣ୍ଡା ପ୍ରମୁଖ ଅମଲାଙ୍କ ଦାବି ଉପରେ ଆଲୋଚନା କରିଥିଲେ।




କୁତ୍ରାରେ ଜିଲା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅତିଥି।

# କୁତ୍ରାରେ ସାଇବର ସଚେତନତା ଅଭିଯାନ

**କୁତ୍ରା, ୧୦।୧୦(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ପୋଲିସ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଚେତନତା ରଥ କୁତ୍ରା ପହଞ୍ଚିବା ପରେ ତାକୁ ସ୍ଥାନୀୟ ବିଡିଓ ରବୀନ୍ଦ୍ର କୁମାର ସେଠୀ, ସରପଞ୍ଚ ଭୁବନ କୁଜୁର, ସ୍ୱୟଂସହାୟକ ଗୋଷ୍ଠୀ ସମେତ ସାଂସ୍କୃତିକ ଦଳ ସ୍ୱାଗତ ଜଣାଇଥିଲେ। ପରେ ବିଦ୍ୟାଳୟର ଭାରତ ସ୍କାଉଟସ୍ ଗାଇଡସ୍, ଜୁନିୟର ରେଡକ୍ରସ ଓ ଏନସିସି ଦଳ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ପରେ ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ଓ ବିଡିଓ ରବୀନ୍ଦ୍ର କୁମାର ସେଠୀ ଆଜିର ଡିଜିଟାଲ ଯୁଗରେ ଲୋକେ କିଭଳି ଭାବରେ ସାଇବର ଠକେଇର ଶିକାର ହେଉଛନ୍ତି ଏବଂ କଣ କଲେ ସାଇବର ଠକେଇରୁ ରକ୍ଷା ପାଇବେ ସେ ଦିଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପରେ ସାଇବର ସଚେତନତା ଆଧାରିତ ଏକ ଜଣାଅଜଣା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ଦାସ, ସାଇବରସେଲ ବିଭାଗ ପ୍ରଶାନ୍ତ ସାହୁ, କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିକ୍ଷକ ବିଭୀଷଣ ବାରିକ ମଞ୍ଚାସୀନ ଥିଲେ। ଏହି ଅବସରରେ ଆସିଥିବା ସାଇବର ମସ୍କଟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଚିନ୍ଦ୍ର ସିଂ, ବିଜୟ ସୁନା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ହରିଶଙ୍କର ପଟେଲ, ସୁପ୍ରଭା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ବଡ଼ଗାଁ ଅଞ୍ଚଳରେ ବୁଲୁଛନ୍ତି ଠକ: ଦେଉଛନ୍ତି ନକଲି ନୋଟ୍

**ବଡ଼ଗାଁ,୧୦।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ବୁଲୁଛନ୍ତି ଠକ। ଦୋକାନୀଙ୍କଠାରୁ ସାମଗ୍ରୀ ନେଲାପରେ ସୁଯୋଗ ଉଣ୍ଡି ଫେରାର ହୋଇଯାଉଛନ୍ତି। ଏହା ସହିତ ୫ ଶହ ଟଙ୍କିଆ ଜାଲ ନୋଟ ଦେଇ ଠକୁଥିବା ଜଣାପଡିଛି। ଏହିପରି ଘଟଣା ଦୃଷ୍ଟିକୁ ଆସିଛି। ସୋମବାର ମଧ୍ୟାହ୍ନରେ ଜରଙ୍ଗଲୋଇ ନିକଟ ଝାରମୁଣ୍ଡା ଗ୍ରାମର କ୍ଷୀରଧର ସାହୁଙ୍କ ଦୋକାନକୁ ବାଇକ୍‌ରେ ଜଣେ ବ୍ୟକ୍ତି ଆସିଥିଲେ। ସେ ଗାଁ ନିକଟରେ ହେଉଥିବା ଜଳ ଯୋଗାଣ କାର୍ଯ୍ୟର କର୍ମଚାରୀ ପରିଚୟ ଦେଇ ୧ ଲିଟର ପେଟ୍ରୋଲ ବାଇକ୍‌ରେ ଭର୍ତ୍ତି କରିବା ସହିତ ୫ ଲିଟର ରିଫାଇନ ତେଲ କିଣିଥିଲେ। ଭଲ ଚାଉଳ ଆଣିଲେ କିଣି ନେବେ କହି ୨ଟି ପାଞ୍ଚଶହ ଟଙ୍କିଆ ନୋଟ ଦେଇଥିଲେ। କିଛି ଘଣ୍ଟା ପରେ ଜଳଯୋଗାଣ କାର୍ଯ୍ୟରେ ନିୟୋଜିତ ୱାଚର ଦୋକାନକୁ ଆସିଥିବାବେଳେ କ୍ଷୀରଧର ସାହୁ ତାଙ୍କୁ ପଚାରି ବୁଝିବାରୁ କୌଣସି କର୍ମଚାରୀ ନ ଥିବା କହିଥିଲେ। ସନ୍ଦେହ ହେବାରୁ ପାଞ୍ଚଶହ ଟଙ୍କିଆ ନୋଟ୍ ଯାଞ୍ଚ କରିବାରୁ ଗୋଟିଏ ନୋଟ ନକଲି ଜଣାପଡିଥିଲା। ଗତ ସପ୍ତାହ ଗୁରୁବାର ପୂର୍ବାହ୍ନ ୧୧ ଟାରେ କୁରେଇବଗା ଗ୍ରାମର ନରୋତ୍ତମ ପୃଷେଟଙ୍କ ଦୋକାନକୁ ବାଇକ୍‌ରେ ଆସି ଜଣେ ବ୍ୟକ୍ତି ପାଞ୍ଚ ଲିଟର ପେଟ୍ରୋଲ ମାଗିଥିଲେ। ୫ଟି ବୋତଲରେ ପେଟ୍ରୋଲ ଦେଲାପରେ ଦୋକାନୀଙ୍କୁ ବ୍ୟାଗ୍ ମାଗିଥିଲେ। ନରୋତ୍ତମ ଦୋକାନ ସଂଲଗ୍ନ କୋଠରୀକୁ ବ୍ୟାଗ୍ ଆଣିବାକୁ ଗଲାପରେ ଦୋକାନରେ ରଖିଥିବା ତାଙ୍କ ମୋବାଇଲ ନେଇ ସମ୍ପୃକ୍ତ ଠକ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ ଦୁଇ ମାସ ପୂର୍ବେ କେତେକ ବ୍ୟକ୍ତି ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସମ୍ପର୍କୀୟ ହୋଇଥିବା କହି ସେମାନଙ୍କ ଘରୁ କଂସା ବାସନ ଚୋରି କରି ନେଇଥିଲେ। ଅଞ୍ଚଳରେ ଠକ ବୁଲୁଥିବା ଓ ନକଲି ନୋଟ ଦେଉଥିବାରୁ ବ୍ୟବସାୟୀମାନେ ଏଥିପ୍ରତି ନଜର ରଖିବା ଜରୁରୀ ହୋଇପଡ଼ିଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଅଂଶଗ୍ରହଣ କଲେ ୧୨ ବିଦ୍ୟାଳୟର ୧୩୦ ଛାତ୍ରୀଛାତ୍ର**

**କୁଆଁରମୁଣ୍ଡା,୧୦।୧୦(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ରାଏବୋଗା ଶିକ୍ଷା କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ୧୩୦ ଛାତ୍ରୀଛାତ୍ରଙ୍କୁ ନେଇ ମଙ୍ଗଳବାର ନିକଟସ୍ଥ କୃଷ୍ଣଗଡତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ,ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଇଓ ଡୋରୋଥିଆ ଟପ୍ପୋ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ବିଦ୍ୟାର୍ଥୀମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇ ଲୋକଲୋଚନକୁ ଆସିଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମ କୃଷ୍ଣଗଡତିଆ ସ୍କୁଲର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବିଭୀଷଣ ତନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସ୍ଥାନୀୟ ସିଆରସିସି ବିକାଶ ଚନ୍ଦ୍ର ସାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ।




କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନିଯୁକ୍ତି ଦାବିରେ ବେକାର ଯୁବତୀ ଯୁବକଙ୍କ ବିକ୍ଷୋଭ

- ନିଯୁକ୍ତି ନାହିଁ ତ ଭୋଟ ନାହିଁ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସୁନ୍ଦରଗଡ,୧୦।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାର ବିଭିନ୍ନ ଖଣି ଖାଦାନ ଓ ଶିଳ୍ପ ପ୍ରତିଷ୍ଠାନ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦାବିରେ ସୋମବାର ବେକାର ଯୁବତୀ ଯୁବକମାନଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ଠାରୁ ଶତାଧିକ ବେକାର ଯୁବତୀଯୁବକ ଶୋଭାଯାତ୍ରାରେ ବାହାରିବା ନିଯୁକ୍ତି ନାହିଁ ତ,ଭୋଟ ନାହିଁ ଆଦି ବିଭିନ୍ନ ନାରା ଦେଇ ଆସିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳ ବିଭିନ୍ନ କମ୍ପାନୀଗୁଡିକ ସହିତ ଆଲୋଚନା କରି କିଭଳି ସ୍ଥାନୀୟ ବେକାର ଯୁବତୀ ଯୁବକ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପାଇବେ ସେ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି କରିଥିଲେ। ସାମାଜିକ କର୍ମୀ ପାଉଲ ମେହେର, ଚନ୍ଦ୍ର ଭାନୁ ଜୁରା, ଶୁଭମ ମହାପାତ୍ର, ଦେବଲୋଚନ କୁମୁରା, ଦୁଷ୍ମନ୍ତ ଭୋଇପାଲି ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।




ବେକାର ଯୁବତୀ ଯୁବକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

**ନାକଟିଦେଉଳ,୧୦।୧୦(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ଉପରମୁଣ୍ଡାସ୍ଥିତ ମାହେଶ୍ୱରୀ ଯୁବକ ସଂଘ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘର ସଭାପତି ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଡିଓ ବିଦ୍ୟାଧର ରାଉତରାୟ ମୁଖ୍ୟଅତିଥି, ରିଆମାଳ ବ୍ଲକ ମହାସିନ୍ଧୁ ଆଶ୍ରମର ବ୍ରହ୍ମଚାରୀ ଅଭୟ ଚୈତନ୍ୟ ଜୀ ମହାରାଜ ମୁଖ୍ୟବକ୍ତା ଓ ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସୁବାସ କୁମାର ବେହେରା, ସାମାଜିକ କର୍ମୀ ରମେଶ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ ଦେଶ ଭକ୍ତି ଓ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ନିଗମାନନ୍ଦ ସାହୁ ବିବରଣୀ ପାଠ ଓ ଧୀରେନ୍ଦ୍ର କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକ ସଂଘ ପରିସରରେ ଥିବା ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ।

### ବାଲ୍ୟବିବାହ ଉଚ୍ଛେଦ ଉପରେ କର୍ମଶାଳା

**ଜମନକିରା,୧୦।୧୦(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ସାମ୍ବାଦିକ ଭବନଠାରେ ମଙ୍ଗଳବାର ସିଡ଼ି ଆନୁକୂଲ୍ୟରେ ତଥା କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ସହଯୋଗରେ ବ୍ଲକ ଅନ୍ତର୍ଗତ ୬ ପଞ୍ଚାୟତର ପିଆର୍‌ଆଇ ମେମ୍ବରଙ୍କୁ ନେଇ ବାଲ୍ୟବିବାହ ଉଚ୍ଛେଦ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ଉପରେ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଭାରେ ଖବରଦାତାଙ୍କ ସମେତ ସମିତିସଭ୍ୟା ସୁନନ୍ଦା କିଷାନ, ପୂର୍ବତନ ସମିତି ସଭ୍ୟ ଆଦି ପ୍ରସାଦ ମହାକୁଲ, ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ବହିଦାର, ସମିତିସଭ୍ୟ ଜେମାଦେଇ ମାଝି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଉପସ୍ଥିତ ଥିବା ସମସ୍ତ ସଦସ୍ୟ ବାଲ୍ୟବିବାହ ଉଚ୍ଛେଦକୁ ନେଇ ଶପଥ ପାଠ କରିଥିଲେ। ସିଡ଼ି କର୍ମକର୍ତ୍ତା ପ୍ରଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସିଡିର ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସଞ୍ଜୟ ଧରୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବ ରେଡକ୍ରସର ଜିଲାସ୍ତରୀୟ ବୈଠକ

**ସମ୍ବଲପୁର,୧୦।୧୦(ବି.ଶଙ୍କର):** ଯୁବ ରେଡକ୍ରସର ସମ୍ବଲପୁର ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକ ମଙ୍ଗଳବାର ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଛାତ୍ରୀଙ୍କୁ ସେବା ବ୍ରତୀ ହେବା ପାଇଁ ଯୁବ ରେଡକ୍ରସର ଭୂମିକା ଉପରେ ଆଲୋକପାତ କରିଥିଲେ । ଭାରତୀୟ ରେଡକ୍ରସ ସମ୍ବଲପୁର ଜିଲା ଶାଖାର ଆବାହକ ସମ୍ପାଦକ ତଥା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପବିତ୍ର ମୋହନ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଜିଲା ଶାଖା ସମ୍ପାଦକ ଜୟ ଜର୍ଜ ରେଡକ୍ରସର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ।

# ଖଟିଆରେ ନେବାବେଳେ ଅଧାବାଟରେ ପ୍ରସବ କଲେ ମହିଳା

ଅମରପାଲି,୧୦।୧୦(ପୀତାମ୍ବର ସାହୁ)



ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହୋଇ ନିଆଯାଉଛି।

■ଫବସିପାଲି ଗ୍ରାମକୁ ନାହିଁ ରାସ୍ତା
■ରାସ୍ତା ପାଇଁ ମଞ୍ଜୁର ହୋଇଥିଲା ୯ ଲକ୍ଷ ଟଙ୍କା
■ଘରୋଇ ଜମି ଥିବାରୁ ହୋଇପାରିଲା ନାହିଁ ରାସ୍ତା କାମ

ରାସ୍ତା ନ ଥିବାରୁ ଜଣେ ଗର୍ଭବତୀଙ୍କୁ ହୀନସ୍ତା ହେବାକୁ ପଡ଼ିଛି। ନିଜ ଘରୁ ଗର୍ଭବତୀଙ୍କୁ ଖଟିଆରେ ବୁହା ହୋଇ ରାସ୍ତାରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯିବା ବେଳେ ବାଟରେ ମହିଳା ଜଣକ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଲପଦର ପଞ୍ଚାୟତ ଗୌଡ଼ଗାଡ଼ (ଫବସିପାଲି) ଗ୍ରାମର ଫିରୋଜ ମିର୍ଦ୍ଧାଙ୍କ ସ୍ତ୍ରୀ ଗୋଲାପି(୨୧)ଙ୍କ ଅପରାହ୍ନ ସାଢ଼େ ୨ଟା ସମୟରେ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ତୁରନ୍ତ ଆମ୍ବୁଲାନ୍ସ ପାଇଁ ଫୋନ କରି ଡାକିଥିଲେ। ଖବରପାଇ ଆମ୍ବୁଲାନ୍ସ ଆସିଥିଲା। ମାତ୍ର ଫବସିପାଲି ଗ୍ରାମକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅମରପାଲି-ଗୌଡଗାଡ ରାସ୍ତାରେ ଅଟକି ରହିଥିଲା। ଫଳରେ ପରିବାର ଲୋକେ ଗର୍ଭବତୀଙ୍କୁ ଖଟିଆରେ ବୋହି ରାସ୍ତା ପର୍ଯ୍ୟନ୍ତ ଆଣୁଥିଲେ। ବାଟରେ ଏକ ନାଳ ପାରି ହେଲା ପରେ ଗର୍ଭ ଯନ୍ତ୍ରଣା ଅଧିକ ହୋଇଥିଲା। ଶେଷରେ ଗର୍ଭବତୀ ଜଣକ ଆସିବା ବାଟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରିବାର ଓ ସାହିପଡ଼ିଶା ଲୋକେ ଉଭୟ ମା' ଓ ଛୁଆକୁ ସେହି ଖଟିଆରେ ଅଧ କିଲୋମିଟର ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ଉଭୟ ମା', ଝିଅ ଏବେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମକୁ ରାସ୍ତା ପାଇଁ ୩ ବର୍ଷ ପୂର୍ବେ ଏମଜିଏନଆରଇଜିଏସ ଯୋଜନରେ ପ୍ରାୟ ୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମାତ୍ର ମୁଖ୍ୟ ରାସ୍ତାରୁ ଫବସିପାଲି ପର୍ଯ୍ୟନ୍ତ ରାସ୍ତାରେ କିଛି ଅଂଶ ଘରୋଇ ଜମି ଥିବାରୁ ରାସ୍ତା ନିର୍ମାଣ ହୋଇ ପାରି ନ ଥିଲା। ଉକ୍ତ ଘଟଣାକୁ ବୀରମହାରାଜପୁର ଜୋନ -୧ ଜିଲା ପରିଷଦ ତଥା ବରିଷ୍ଠ କଂଗ୍ରେସ ନେତା ଲବ କୁମାର ସାହୁ ନିନ୍ଦା କରିଛନ୍ତି। ଜିଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଜଣେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଥାଇ ମଧ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରିବାରୁ ଏଭଳି ସମସ୍ୟା ଉପୁଜିଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବହଲପଦର ପଞ୍ଚାୟତର ସରପଞ୍ଚ ନିରୁପମା ସେଠୀଙ୍କୁ ପଚାରିବାରେ ରାସ୍ତା ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଛି । ମାତ୍ର ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ରାସ୍ତା କାମ ହୋଇ ପାରିନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ କରି ଖୁବଶୀଘ୍ର ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ହିଣ୍ଡାଲକୋ ପକ୍ଷରୁ ସିଲେଇ ଶିକ୍ଷା କାର୍ଯ୍ୟକ୍ରମ

ସମ୍ବଲପୁର,୧୦।୧୦(ବି.ଶଙ୍କର)

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ମଙ୍ଗଳବାର ନୂତନ ସିଲେଇ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହୀରାକୁଦ ନିକଟ ଗୁଣ୍ଡୁରପଡା ଓ ଖଡ଼ିଆପଡା ଅଞ୍ଚଳର ମହିଳା ଓ ବାଳିକାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ କମ୍ପାନୀ ପକ୍ଷରୁ ଏହି ପ୍ରୟାସ କରାଯାଇଛି। ଏହା ଆସନ୍ତା ୬ ମାସ ଧରି ଚାଲିବ। ଶେଷରେ ଶିକ୍ଷା ସମାପ୍ତ କରିଥିବା ପ୍ରାର୍ଥୀମାନଙ୍କୁ ପ୍ରମାଣପତ୍ର ଦିଆଯିବ। ହିଣ୍ଡାଲକୋ ଏମ୍‌ସିଓଇ ବିଭାଗର ଜେନେରାଲ ମ୍ୟାନେଜର ମୌସୁମୀ ପାଢ଼ୀ ଯୋଗଦେଇ ମହିଳାମାନେ ସିଲେଇ ଶିକ୍ଷା ମାଧ୍ୟମରେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ପରାମର୍ଶ ଦେଇଥିଲେ। ହିଣ୍ଡାଲ୍‌କୋର ଅଧିକାରୀ ବିଘ୍ନେଶ୍ୱର ପଣ୍ଡା, ସିଏସ୍‌ଆର୍ ବିଭାଗର ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ପରାମର୍ଶ ତଥା ଓଡିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ସମ୍ବଲପୁର,୧୦।୧୦(ବି.ଶଙ୍କର)

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମଙ୍ଗଳବାର ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ବୁର୍ଲା ଭିମ୍‌ସାର ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ଭିଜିଲାନ୍ସ ଜଜ୍ ଧନୁର୍ଦ୍ଧର ସେନାପତି, ଭିମ୍‌ସାର ଆସୋସିଏଟ ପ୍ରଫେସର ବୀରେନ୍ଦ୍ର ନାରାୟଣ ନାୟକ, ଭିମ୍‌ସାର ମେଡିକାଲ ମ୍ୟାନେଜର ଦୀପିକା ପ୍ରଧାନ, ସମାଜିକ କର୍ମୀ ନିହାଲ ସିଂ, ଦୁଷ୍ମନ୍ତ ବେହେରା ଓ ଅଙ୍କିତ ଗୁରୁ ଏହି ଦିବସର ଲକ୍ଷ୍ୟ ଉପରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ବୁଝାଇଥିଲେ । ଜିଲା ଆଇନସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିର୍ବାଚନ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଲେ ମନମୋହନ



ଭାଜପା ରାଜ୍ୟ ସଭାପତି ଲୋକଙ୍କ ନିକଟରୁ କଳସରେ ମାଟି ସଂଗ୍ରହ କରୁଛନ୍ତି।

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି। ପୂର୍ବାହ୍ନରେ ସାମଲ ଜାତୀୟ ରାଜପଥରେ ଆସି ସହର ଉପକଣ୍ଠ ଝିଙ୍କିଠାରେ ପହଞ୍ଚିବା ପରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ଏକ ବାଇକ୍ ରାଲିରେ ସାମଲଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ସହରର ପଟାଭାଡିରେ ଆୟୋଜିତ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦିଲ୍ଲୀରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ ମନମୋହନ ଜନସାଧାରଣଙ୍କ ନିକଟରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ଯେଉଁମାନେ ଦେଶ ପାଇଁ ଶହୀଦ ହୋଇଛନ୍ତି, ଦେଶମାତୃକା ପାଇଁ ସଂଘର୍ଷ କରିଛନ୍ତି, ଆମକୁ ସୁରକ୍ଷିତ ରଖିଛନ୍ତି, ସେହି ପବିତ୍ର ମାଟିକୁ ସଂଗ୍ରହ କରି ସମସ୍ତଙ୍କୁ ସ୍ମରଣ କରିବା ପାଇଁ ଦିଲ୍ଲୀରେ ଅମୃତ ବାଟିକା ନିର୍ମାଣ କରାଯାଉଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ପ୍ରାକ୍ତନ ଭାଜପା ରାଜ୍ୟ ସଭାପତି କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପରେ ସାମଲ କଳାପଥର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦାନ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସେ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତ୍ରଣା ଦେଇଥିଲେ। ସମସ୍ତ ବୁଥ୍‌ରେ ଦଳୀୟ ସଂଗଠନକୁ ମଜବୁତ୍ କରିବା ଉପରେ ସେ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟା ସହ ଜଡିତ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବର୍ତ୍ତମାନ ପ୍ରଶାସନିକ ଶାସନ ଚାଲିଛି। ନିର୍ବାଚିତ ଲୋକପ୍ରତିନିଧିଙ୍କ କଥା ଶୁଣାଯାଉନାହିଁ। ଗଣତନ୍ତ୍ର ବୋଲି ରାଜ୍ୟରେ କିଛି ନାହିଁ। ଲୋକଙ୍କ ଅଭିଯୋଗ ଶୁଣାଯାଉନି। ଦୁର୍ନୀତି ଓ ଭ୍ରଷ୍ଟାଚାର ବଢିଛି। ନଦୀ ନାଳ ପରିବେଷ୍ଟିତ ଏହି ଜିଲାର ଚାଷୀଙ୍କ ଜମିକୁ ଜଳସେଚନ ହୋଇପାରିନି। କେନ୍ଦ୍ର ସରକାରଙ୍କ ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ପକ୍କା ଘର ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ମୋଦି ସରକାର ଆସିବା ପରେ ଗତ ୯ ବର୍ଷରେ ଓଡିଶାକୁ ବିକାଶମୂଳକ କାର୍ଯ୍ୟ ପାଇଁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ଘର, ପାଇଖାନା ଓ ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର, ରେଳବାଇ ଓ ଜାତୀୟ ରାଜପଥ ଭଳି ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟାପ୍ତ ଅନୁଦାନ ଦିଆଯାଇଛି। ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ସାମଲ ଅନୁରୋଧ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ସାମଲ ଆଗାମୀ ଦିନରେ ରାଜ୍ୟରେ ଭାଜପା ସରକାର ଗଢିବା ନିଶ୍ଚିତ ବୋଲି କହିଥିଲେ। ଭାଜପା ସୁବର୍ଣ୍ଣପୁର ଜିଲା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ପ୍ରାକ୍ତନ ଜିଲା ସଭାପତି ବିଜୟ ମହାକୁର, ରାଜକିଶୋର ମେଣ୍ଡଲି, ସୁରେଶ ମହଲା, ବିମଳ ମିଶ୍ର, ଶରତ ଶତପଥୀ, ସୁଦେଷ୍ଣା ନେଗୀ, ସାନନ୍ଦ ମେହେର, ସ୍ୱରୂପ ପାତ୍ର ଓ ହେମନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ

ନାକଟିଦେଉଳ,୧୦।୧୦(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ବାଳିକା ଶିଶୁ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଛାତ୍ରୀ ତେଜସ୍ୱିତା ସାହୁ ଓ ପୁରାତନ ଛାତ୍ର ମାନସ ମହାପାତ୍ର ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସାମାଜ ବ୍ୟବସ୍ଥାରେ ବାଳିକା ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ସିକି ସ୍ୱାଇଁ, ସ୍ୱାତି ବେହେରା, ବର୍ଷାରାଣୀ ସାହୁ ଓ ରେନି ପ୍ରଧାନ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ ପରିଚାଳନା କରିଥିବା ବେଳେ ଛାତ୍ର ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବାର ୧୦ ସଭ୍ୟ ରେଡକ୍ରସର ଆଜୀବନ ସଦସ୍ୟ

ସମ୍ବଲପୁର,୧୦।୧୦(ବି.ଶଙ୍କର)

ସମ୍ବଲପୁର ଜିଲାର ସାମାଜିକ ଅନୁଷ୍ଠାନ ସେବାର ୧୦ ଜଣ ସଭ୍ୟ ମଙ୍ଗଳବାର ଜିଲା ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ହୋଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ଅନନ୍ୟା ଦାସଙ୍କ ଉପସ୍ଥିତିରେ ସେବା ନାରାୟଣ ଦେଓ, କିଶୋର ନାଏକ, ଦ୍ୱିଜ ମେହେର, ପୁତଲି ବେହେରା, ଝିଲି ନାଏକ, ଭାଗ୍ୟଲତା ଚୌଧୁରି, କଳ୍ପନା ମହାନ୍ତି, ମିନାକ୍ଷୀ ଦାଶ, ବୈଜୟନ୍ତି ପଟ୍ଟନାୟକ, ସୁନିତା ପାଇକ ପ୍ରମୁଖ ୧୦ଜଣ ସଦସ୍ୟତା ଗ୍ରହଣ କରିଛନ୍ତି। ସେବା ସଭାପତି ତଥା ଜିଲା ରେଡକ୍ରସର ଉପ ପୃଷ୍ଠପୋଷକ ଦୀପକ ପାଣ୍ଡେ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲା ରେଡକ୍ରସ ସୋସାଇଟିର ସମ୍ପାଦକ ଜୟ ଜର୍ଜ, ରେଡକ୍ରସର କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା, ସେବା ସମ୍ପାଦିକା ସଲିଳା ପଣ୍ଡା ଉପସ୍ଥିତ ଥିଲେ।

## ଗାଧୁଆଘାଟ ସଫେଇ କଲେ ମହିଳା ସରପଞ୍ଚ



କୁଚିଣ୍ଡା,୧୦।୧୦(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ମହିଳା ସରପଞ୍ଚ ସରସ୍ୱତୀ ଠାକୁର ଗ୍ରାମବାସୀଙ୍କ ସହ ମିଶି ଗାଧୁଆଘାଟ ସଫେଇ କରିଛନ୍ତି। ସୂଚନା ଅନୁଯାୟୀ, ବର୍ଷା ଯୋଗୁ ଗ୍ରାମର ନଈତୁଠରେ ଥିବା ସିମେଣ୍ଟ ଗାଧୁଆଘାଟ ଶିଉଳି ଲାଗି ଚିକ୍କଣ ହୋଇଯାଇଥିଲା। ଫଳରେ ଗୋଡ ଖସି ବହୁ ମହିଳା ଓ ପୁରୁଷ ଆହତ ହେଉଥିଲେ। ଗ୍ରାମବାସୀ ଘାଟ ସଫେଇ ପାଇଁ ପଞ୍ଚାୟତକୁ ଅନୁରୋଧ କରିଆସୁଥଲେ। ଏହାକୁ ଦୃଷ୍ଟିରେ ରଖି ବକ୍ସମା ପଞ୍ଚାୟତ ସରପଞ୍ଚ ଠାକୁର ଗ୍ରାମବାସୀଙ୍କ ସହ ମିଶି ସବୁ ଘାଟ ସଫେଇ କରିଛନ୍ତି। ଏହି ସଫେଇରେ ଲାଡ ଗ୍ରାମର ମହିଳା ଏସ୍‌ଏଚ୍‌ଜି, ଏମ୍‌ବିକେ ହୁମସିନୀ ଠାକୁର, ବକ୍ସମା ପଞ୍ଚାୟତ ବିଜେଡି ସଭାପତି ବିକାଶ ପୃଷେଠ ପ୍ରମୁଖ ସାମିଲ ହୋଇଥିଲେ।

## ମହାବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ

ସମ୍ବଲପୁର,୧୦।୧୦(ବି.ଶଙ୍କର)

ବ୍ୟାଙ୍କ ଅଫ ବରୋଦା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ମୋ କଲେଜ ଅଭିଯାନରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ମହାବିଦ୍ୟାଳୟକୁ ୫ଟି କମ୍ପ୍ୟୁଟର ପ୍ରଦାନ କରାଯାଇଛି । ବ୍ୟାଙ୍କ ଶାଖା ମୁଖ୍ୟ ସୁରେନ୍ଦ୍ର ଗୋଣ୍ଡ ମୁଖ୍ୟଅତିଥି ଓ ସିନିୟର ମ୍ୟାନେଜର ସ୍ୱଦୀପ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୋ କଲେଜ ଅଭିଯାନର ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, ସଭ୍ୟ ଡ. ଅଶ୍ୱିନୀ କୁମାର ସୁପକାର, ଡ. ପୁଷ୍ପାରାଣୀ ନାଥ, ନୟନା ପଣ୍ଡା, ଡ. ଅକ୍ଷୟ କୁମାର ସୁତାର, ସଂଯୋଜକ ଡ. ସିଦ୍ଧାନ୍ତ ମହାନ୍ତି ଉପସ୍ଥିତ ଥିଲେ।

## ରୋଟାରି କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ସମ୍ବଲପୁର,୧୦।୧୦(ବି.ଶଙ୍କର):** ରୋଟାରି କ୍ଲବ ଅଫ ସମ୍ବଲପୁର ପକ୍ଷରୁ ନୂଆଖାଇ ଭେଟ୍‌ଘାଟ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହୀରାକୁଦ କଲୋନୀ ରୋଟାରି କ୍ଲବ କାର୍ଯ୍ୟାଳୟଠାରେ ସମ୍ବଲପୁରୀ ନୃତ୍ୟ, ଗୀତ ଓ ବାଦ୍ୟ ପରିବେଷିତ ହୋଇଥିଲା। କ୍ଲବର ସଭାପତି ରୋଟାରିଆନ ସୁବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ସମ୍ପାଦକ ୱାସେ ମଲ୍ଲିକ ଅତିଥି ଓ କ୍ଲବର ସମସ୍ତ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସମ୍ବଲପୁର ଟ୍ରାଭେଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର ନୃତ୍ୟଗୁରୁ ଆଲୋକ ପଣ୍ଡାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସୁରଭି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରୁଛି

ସୋନପୁର,୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

**କୁମାରକେଲିରେ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। କୁମାରକେଲି କ୍ଲଷ୍ଟର ଅନ୍ତର୍ଗତ ୭ଟି ବିଦ୍ୟାଳୟରୁ ବିଭିନ୍ନ ପ୍ରତିଯୋଗିତାରେ ମନୋନୀତ ଛାତ୍ରୀଛାତ୍ର ଏଠାରେ ଅଂଶଗ୍ରହଣ କରି ଉଲୁଣ୍ଡା ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଛନ୍ତି। ଚତୁର୍ଥରୁ ସପ୍ତମ କନିଷ୍ଠ ବିଭାଗ ଏବଂ ଅଷ୍ଟମରୁ ଦଶମ ବରିଷ୍ଠ ବିଭାଗ ଭାବେ ବିଭିନ୍ନ ପ୍ରତିଯୋଗିତା ର ଆୟୋଜନ ହୋଇଥିଲା। ବରିଷ୍ଠ ବିଭାଗ ଓଡ଼ିଆ ପ୍ରବନ୍ଧରେ ବବଲି ବେହେରା, ତର୍କରେ ମିଥିଲେସ ସାହୁ, ଚିତ୍ରାଙ୍କନରେ ସିକିତା ପଧାନ, କୁଇଜରେ ପ୍ରଗତିକା ଭୋଇ, ସୃଜନାତ୍ମକ ଲିଖନରେ ପ୍ରିୟଦର୍ଶିନୀ ପଣ୍ଡା, ବାକପଟୁତାରେ ପୂର୍ଣ୍ଣିମା ମେଣ୍ଡିଲି, ଗୀତରେ ପ୍ରଗତିକା ଭୋଇ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଗୀତା ଓ ସାଥୀ, ମଧ୍ୟାହ୍ନ ଭୋଜନ ଚିତ୍ରକଳା ଓ ଶିଳ୍ପକଳାରେ ପ୍ରତିଜ୍ଞା ପଧାନ ଓ ଇପ୍ସିତା ଶତପଥୀ ଏବଂ କନିଷ୍ଠ ବିଭାଗରେ ଚିତ୍ରାଙ୍କନରେ ଲୁସି ସାହୁ, କୁଇଜରେ ରିତମ ପଧାନ, ସୃଜନ ଲିଖନରେ ପୁନମ ମେଣ୍ଡିଲି, ବାଗ୍ମିତାରେ ସୁନିତା ସାହୁ, ଗୀତରେ ବର୍ଷା ମହାନନ୍ଦ ଏବଂ ଶୃତଲିଖନରେ ଏଲିନା ପଧାନ ପ୍ରଥମ ଶ୍ରେଣୀ ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ସ୍ତର ପାଇଁ ମନୋନୀତ ହୋଇଛନ୍ତି। ଅତିଥି ଭାବେ ସହ ଗୋଷ୍ଠୀ ଅଧିକାରୀ ମାର୍କଣ୍ଡ ମିଶ୍ର ଯୋଗଦାନ କରି ସୁରଭି କାର୍ଯ୍ୟକ୍ରମ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରୁଛି ବୋଲି କହିଥିଲେ। ଆଞ୍ଚଳିକ ସାଧନ ସଂଯୋଜକ ବାବୁଲୁ ସେଠୀ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟରାମ ତ୍ରିପାଠୀ, ବିଜ୍ଞାନ ଶିକ୍ଷକ ବାଚସ୍ପତି ପଣ୍ଡା, କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା କୁଅଁର ଯୋଗ ଦାନ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ହୃଷିକେଶ ଚାନ୍ଦ ପରିଚାଳନା କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀ ବୃନ୍ଦ।

# ଜାତୀୟ ରାଜପଥ ନିର୍ମାଣ ବିଳମ୍ବ ନେଇ ୨ ଦିନ ଧରି ରାସ୍ତାରୋକୋ

ଡୁଙ୍ଗୁରିପାଲି,୧୦।୧୦(ଦୀନବନ୍ଧୁ ସୁନା)



ଘଟଣାସ୍ଥଳରେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଓ ଆନ୍ଦୋଳନକାରୀ।

■ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ
■ନଭେମ୍ବରରୁ ସୁଦ୍ଧା କାମ ଶେଷ ପାଇଁ ମିଳିଲା ପ୍ରତିଶ୍ରୁତି
■ଆନ୍ଦୋଳନ ସ୍ଥଗିତ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ୨୬ ନମ୍ବର ଜାତୀୟ ରାଜପଥର ଚେରୁପାଲି-ଚିନାଜୁରୀ ୧୪ କିଲୋମିଟର ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ ଜାରି ରଖିଥିଲେ। ତେବେ ନଭେମ୍ବର ସୁଦ୍ଧା କାମ ଶେଷ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ଡୁଙ୍ଗୁରିପାଲି ସହରର ସ୍କୁଲ, କଲେଜ,ଡାକ୍ତରଖାନା ବ୍ୟତୀତ ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ସକାଳ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ମାଜିଷ୍ଟ୍ରେଟ ଦାୟିତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅପରପକ୍ଷରେ ଏ ନେଇ ଜିଲାପାଳ ବିମଳେନ୍ଦୁ ରାୟ ବଲାଙ୍ଗୀର ଏନଏଚ ଡିଭିଜନ ମୁଖ୍ୟଯନ୍ତ୍ରୀଙ୍କୁ ରାସ୍ତା କାମ ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟଯନ୍ତ୍ରୀ ଆସନ୍ତା ନଭେମ୍ବର ମାସ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିବାରୁ ଜିଲାପାଳ ରାମପୁର ତହସିଲଦାରଙ୍କୁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ମିର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କୁ ଆସନ୍ତା ନଭେମ୍ବର ମାସ ସୁଦ୍ଧା ରାସ୍ତା କାମ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅଞ୍ଚଳବାସୀ ରାସ୍ତାରୋକୋ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ଘଟଣାସ୍ଥଳରେ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱ ନେଇଥିବା ଗୋପାଳ ବାରିକ, ବିପ୍ରଚରଣ ସାହୁ, ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ଅଞ୍ଚଳବସୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସମେତ ପୋଲିସ କର୍ମଚାରୀ ଓ ଫୋର୍ସ ମୁତୟନ ଥିଲେ ।

**ଖଣ୍ଡାବସା ପୂଜା ପ୍ରସ୍ତୁତି ପାଇଁ ଉପକୁଳପତିଙ୍କ ନର୍ଲା ପଲ୍ଲୀ ଗସ୍ତ**

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲାସ୍ଥିତ କ୍ଷେତ୍ରୀୟ ପାଇକ ସମାଜ ପଲ୍ଲୀ ସଭା ଗୃହକୁ ଭବାନୀପାଟଣା ପୂର୍ବମଣ୍ଡଳ କ୍ଷେତ୍ରୀୟ ପାଇକ ସମାଜ ଉପ କୁଳପତି ତଥା କଳିଙ୍ଗ ପାଇକ ସେନା ରାଜ୍ୟ ସଭାପତି ଭୈରବ ପ୍ରସାଦ ନାୟକ ମଙ୍ଗଳବାର ଗସ୍ତ କରିଥିଲେ। ନର୍ଲା କ୍ଷେତ୍ରୀୟ ପାଇକ ସମାଜ ପକ୍ଷରୁ ସମ୍ପାଦକ ଉଦିତ ପାତ୍ର ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମଣ୍ଡଳ ସମ୍ପାଦକ ବାସୁଦେବ ପ୍ରଧାନୀ, ସଭାପତି ଅନିରୁଦ୍ଧ ପାତ୍ର, ପୂର୍ବତନ ସଭାପତି ଦଣ୍ଡସେନା ପୂଝାରୀ, ଚନ୍ଦ୍ରଶେଖର ପୂଝାରୀ, ଦିଗାମ୍ବର ପୂଝାରୀ, ଚମାର ବଣୁଆ, ଜାମୁ ଜଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ

ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପାଇଁ ପ୍ରସ୍ତୁତି ବୈଠକ**

- ୮ ଚାଷୀଙ୍କୁ ମେଳାରେ ସମ୍ବର୍ଦ୍ଧନା କରାଯିବ
- ଉନ୍ନତ କିସମର ଗାଈ, ଛେଳି, ମେଣ୍ଢା ପ୍ରଦର୍ଶନ କରାଯିବ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପାଳଙ୍କ ବାସଗୃହ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ତଥା କୃଷି ଯାନ୍ତ୍ରୀକରଣ ମେଳା ଆୟୋଜନ ପାଇଁ ଆୟୋଜକ କମିଟି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ସିଡିଭିଓ ଡଃ ହେମନ୍ତ ପ୍ରଧାନ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଆୟୋଜନ ନିମନ୍ତେ କାର୍ଯ୍ୟ ପ୍ରସ୍ତୁତି ଯୋଜନାକୁ ପିପିଟି ମାଧ୍ୟମରେ ଦର୍ଶାଇଥିଲେ। ଗୃହିତ ପ୍ରସ୍ତାବ ଅନୁଯାୟୀ ଆସନ୍ତା ନଭେମ୍ବର ୧୭ ଓ ୧୮ ୨ ଦିନ ଧରି କଳାହାଣ୍ଡି କୃଷି ବିଶ୍ୱବିଦ୍ୟାଳୟ ପଡିଆରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହେବ। ଜିଲାରେ ମତ୍ସ୍ୟ ଉତ୍ପାଦନ, କୁକୁଡା ଚାଷ ଓ ଅଣ୍ଡା ଉତ୍ପାଦନ, ଗୋପାଳନ ଓ ପ୍ରାଣୀସମ୍ପଦରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା, ଉତ୍ପାଦନକୁ ବଢାଇବା, ସଚେତନତା କରାଇବା ସହ ଏଥିରେ ଜୀବିକା ନିର୍ବାହ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ଓ ଜିଲା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏହି ମେଳାର ଆୟୋଜନ କରୁଛନ୍ତି।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦରେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଓ ଇଚ୍ଛୁକ ଥିବା ପ୍ରାୟ ୭ଶହ ଜଣ ହିତାଧିକାରୀ ସମସ୍ତ ବ୍ଲକରୁ ମେଳାରେ ଯୋଗଦେବେ। ୮ଜଣ ଚାଷୀଙ୍କୁ ଏହି ମେଳାରେ ସମ୍ବର୍ଦ୍ଧନା କରାଯିବ। ମେଳାରେ କୃଷି, ମତ୍ସ୍ୟ, ପ୍ରାଣୀ, ଉଦ୍ୟାନ, ଶିଳ୍ପ ଓ ବିଭିନ୍ନ ବିଭାଗୀୟ ୨୫ଟି ଷ୍ଟଲ, କଣ୍ଟ୍ରୋଲ ରୁମ, ରେଜିଷ୍ଟ୍ରେସନ ରୁମ ଖୋଲିବା ସହ ବାୟୋଫ୍ଲକ ଟ୍ୟାଙ୍କ, କେଜ କଲଚର ଡେମୋ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଷ୍ଟଲ ଖୋଲାଯିବ ଏବଂ ଏଲଇଡି ସ୍କ୍ରିନ ମାଧ୍ୟମରେ ସମସ୍ତଙ୍କୁ ବିଭିନ୍ନ ଯୋଜନା ଉପରେ ସୂଚନା ଦିଆଯିବ। ମେଳାରେ ଉନ୍ନତ କିସମର ଘୋଡା, ଗାଈ, ଛେଳି, ମେଣ୍ଢା ଓ କୁକୁଡା ପ୍ରଦର୍ଶନ କରାଯିବ। ୨ ଦିନ ଧରି ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଷୟରେ ବିଶେଷଜ୍ଞ ଦ୍ୱାରା ତାଲିମ ମଧ୍ୟ ଦିଆଯିବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି କୃଷି ଯାନ୍ତ୍ରିକ ମେଳା ଉପଖଣ୍ଡସ୍ତରୀୟ ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପଠାରେ ଆସନ୍ତା ଡିସେମ୍ବର ୭, ୮ ଓ ୯ ୩ ଦିନ ଧରି ଅନୁଷ୍ଠିତ ହେବ। ସେହିପରି ଜିଲାସ୍ତରରେ ଭବାନୀପାଟଣାରେ ଆସନ୍ତା ଡିସେମ୍ବର ୧୯ରୁ ୨୩ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବ୍ଲକରୁ ଚାଷୀ ତଥା ହିତାଧିକାରୀଙ୍କୁ ନିମନ୍ତ୍ରଣ କରାଯିବ। ଗତବର୍ଷ ଭଳି କୃଷି ମହାବିଦ୍ୟାଳୟ ପଡିଆରେ ଏହି ମେଳାରେ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷି ସମ୍ବନ୍ଧୀୟ ଯାନ୍ତ୍ରିକ ଉପକରଣ ପ୍ରଦର୍ଶନ, କୃଷିର ବିଭିନ୍ନ ସ୍କିମର ଷ୍ଟଲ ସହ ତାଲିମ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉପସ୍ଥିତ ଜିଲା ଆୟୋଜକ କମିଟି ସଭ୍ୟଙ୍କୁ ଜିଲାପାଳ ମେଳାର ବ୍ୟାପକ ପ୍ରଚାର ପ୍ରସାର, ଏଥିରେ ଅନ୍ତର୍ଭୁକ୍ତ ଚାଷୀଙ୍କୁ ମେଳା ପୂର୍ବରୁ ସଚେତନ କରି ସୁବିଧାରେ ମେଳା ସ୍ଥଳରେ ପହଞ୍ଚାଇବା ଓ ଅଧିକରୁ ଅଧିକ ଉପଯୋଗୀ, ଚାଷୀ ଓ ହିତାଧିକାରୀ ବିଭିନ୍ନ ଯୋଜନାରେ କିପରି ସାମିଲ ହେବେ ଓ ତାଙ୍କ ଆର୍ଥିକ ଅଭିବୃଦ୍ଧିରେ ଏହା କିଭଳି ସହାୟକ ହେବ ତାହା ଉପରେ ଦୃଷ୍ଟି ଦେବାକୁ ବିଶେଷ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟରେ ସମସ୍ତ ସମ୍ପୃକ୍ତ ବିଭାଗ ସହଯୋଗ କରିବାକୁ ସିଡିଭିଓ ସିଡିଏଓ ଅନୁରୋଧ କରିଥିଲେ। ସଭାରେ ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦରୱାନ, ଡିଆଇପିଆରଓ ମନୋଜ ବେହେରା, ଧର୍ମଗଡ଼ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ନିର୍ବାହୀ ଯନ୍ତ୍ରୀ (କୃଷି), ଡିପିସି (ମିଶନ ଶକ୍ତି), ଡିଡିଏଚ, ଏଲ ଡି ଏମ, ଜିଏମ, ଡିଆଇସି,ପିଡି ୱାଟର ସେଡ, ମତ୍ସ୍ୟ ଓ କୃଷି ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା,୧୦।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲା ବେଲଟୁକୁରୀ ଥାନା ଭାଲେଶ୍ୱର ଗାଁ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯୋଙ୍କ ଥାନା ମୁଁଡେଲା ଗାଁର କୁଞ୍ଜଲାଲ ସତନାମୀ। ମଙ୍ଗଳବାର ପୂର୍ବାହ୍ନରେ ମୁଡେଲା ଗାଁଙ୍କୁ କୁଞ୍ଜଲାଲ ବେଲକୁରୀକୁ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ଯାଇଥିଲେ। ଅପରାହ୍ନରେ କୁଞ୍ଜଲାଲ ବାଇକ୍‌ରେ ବେଲଟୁକୁରୀରୁ ଭାଲେଶ୍ୱର ଦେଇ ଫେରୁଥିଲେ। ଭାଲେଶ୍ୱର ଗାଁର ତୁଷାର ଚନ୍ଦ୍ରକାର ବାଇକରେ ଲୁହା ଏଙ୍ଗଲ ଧରି ବେଲଟୁକୁରୀ ପଟେ ଯାଉଥିଲେ। ଭାଲେଶ୍ୱର ଗାଁ ମୁଣ୍ଡର ଏକ ଫେବ୍ରିକେଶନ ଦୋକାନ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ କୁଞ୍ଜଲାଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ତୁଷାର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଶୁଦ୍ଧିକ୍ରିୟାରୁ ଫେରିବା ବାଟରେ ବାଇକ ଦୁର୍ଘଟଣାରେ କୁଞ୍ଜଲାଲଙ୍କ ଜୀବନ ଚାଲି ଯାଇଛି। ବୁଧବାର ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଦମ୍ପତିଙ୍କୁ ଆକ୍ରମଣ, ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

କୋକସରା,୧୦।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଡ଼ହଗାଁ ଖାରବନ୍ଧ ରାସ୍ତାରେ ଏକ ନିଛାଟିଆ ସ୍ଥାନରେ ବାଇକ୍‌ରେ ଆସୁଥିବା ଦମ୍ପତିଙ୍କୁ ୩ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିଛନ୍ତି। ମହିଳା ପିନ୍ଧିଥିବା ପ୍ରାୟ ୫ ଭରି ଓଜନର ସୁନାଗହଣା ନେଇ ଦୁର୍ବୃତ୍ତ ଚମ୍ପଟ ମାରିଛନ୍ତି। ସୂଚନା ମତେ ମୂଷାପାଲି ଗ୍ରାମର ଦମ୍ପତି ଡମ୍ବରୁ ଧର ଗୋପାଳ (୫୧) ଓ ଗଜମନି ଗୋପାଳ (୪୮) ସମ୍ପର୍କୀୟ ଘର ହାବସପୁରକୁ ବାଇକରେ ଯାଉଥିଲେ। ବାଟରେ ଲୁଟର ଶିକାର ହେଇଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶିକାର ହୋଇ ନିରୁପାୟ ଅବସ୍ଥାରେ ଦମ୍ପତିଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦମ୍ପତିଙ୍କ ଅଭିଯୋଗ ଆଧାରରେ କୋକସରା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବୋଡ଼େନଠାରେ ସଂକଳ୍ପ ସପ୍ତାହ ଉଦ୍‌ଯାପିତ

ବୋଡେନ,୧୦।୧୦(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ସମ୍ମିଳନୀ କକ୍ଷଠାରେ ସଂକଳ୍ପ ସପ୍ତାହ ଉଦଯାପିତ ହୋଇଯାଇଛି। ବଡିଓ ପ୍ରିୟରଞ୍ଜନ କୁମାର ଯୋଗଦେଇ ସମସ୍ତେ ସଂକଳ୍ପ ବଦ୍ଧହୋଇ ଗୋଟିଏ ଚିନ୍ତାରେ ଲକ୍ଷ ପଥରେ ଅଗ୍ରସର ହେଲେ ଆକାଂକ୍ଷା ବ୍ଲକ ଲକ୍ଷ ସାଧିତ ହେବ ଏବଂ ବିକସିତ ବ୍ଲକ ରୂପେ ପରିଗଣିତ ହେବ ବୋଲି ଅତିଥିମାନେ କହିଛନ୍ତି। ସଂକଳ୍ପ ସପ୍ତାହ ପାଳନରେ ମିଲେଟ ଖାଦ୍ୟ ଶସ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି ପୁଷ୍ଟିକର ଖାଦ୍ୟ ଦ୍ୱାରା ମନୁଷ୍ୟଙ୍କ ପୁଷ୍ଟିହୀନତା ଦୂର ହେବ। କ୍ଷୁଦ୍ର ଶସ୍ୟର ଉତ୍ପାଦିତ ଶସ୍ୟ ସହିତ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶିତ ହୋଇଥିଲା। ସମସ୍ତ ଦ୍ରବ୍ୟ ବିକ୍ରୀ ପାଇଁ ସୁନ୍ଦର ଗଚ୍ଛିତ ରଖାଯାଇଛି। ଆତ୍ମା ସହିତ ପଲ୍ଲୀ ବିକାଶର ସହାୟତାରେ ମିଲେଟ ଉତ୍ପାଦିତ ଦ୍ରବ୍ୟ ପ୍ରଦର୍ଶିତ ହେଉଛି।

### ଗଞ୍ଜେଇ ଜବତ, ୯ ମହିଳା ଗିରଫ

ନୂଆପଡ଼ା,୧୦।୧୦(ମକାରୁ ବେମାଲ)

ନୂଆପଡା ଅବକାରୀ ବିଭାଗ ୪ଟି ସ୍ଥାନରେ ଚଢ଼ାଉ କରି ୧୫୩ କେଜି ଗଞ୍ଜେଇ ଜବତ କରିବା ୯ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ସମସ୍ତେ ମଧ୍ୟପ୍ରଦେଶ ଅଞ୍ଚଳର ବୋଲି ଜିଲା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି। ନୂଆପଡା ଏସଆଇ ମୋବାଇଲ ୟୁନିଟ ସାନମହେଶ୍ୱର ଛକଠାରେ ଚଢ଼ାଉ କରି ୪୦ କେଜି ଜବତ କରିଥିବା ବେଳେ ଖରିଆର ରୋଡ଼ ମୋବାଇଲ ୟୁନିଟ ଖରିଆର ରୋଡ଼ଠାରେ ୩୮ କେଜି, ଖରିଆର ଟିମ ବରଗାଁ ଛକଠାରେ ୩୯ ଓ ସିନାପାଲି ଅବକାରୀ ବିଭାଗ ଟିମନପୁରଠାରେ ୩୬ କେଜି ଗଞ୍ଜେଇ ଜବତ କରିଛି। ସମସ୍ତେ ମଧ୍ୟପ୍ରଦେଶ ଯିବାକୁ ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲଣ କରାଯାଇଥିବା ଅବକାରୀ ଆଇଆଇସି ଗୁପ୍ତେଶ୍ୱର ପଟେଲ ସୂଚନା ଦେଇଛନ୍ତି।

### ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ

ବୋଡେନ,୧୦।୧୦(ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ବ୍ଲକ୍ ବିନୋପୁର୍‌ଠାରେ ନୂଆଁଖାଇ ଭେଟଘାଟ ପାଇଁ ଜିଲା ଯାଦବ ସମାଜର ଚୂଡାନ୍ତ ପର୍ଯ୍ୟାୟର ବିଭିନ୍ନ ଉପରେ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲା ଯାଦବ ସମାଜ ସଭାପତି ଭାରତ ଲାଲ ରାଉତଙ୍କ ସଭାପତିତ୍ୱରେ ହୋଇଥିଲା। ଆସନ୍ତା ୧୫ ତାରିଖରେ ବିନୋପୁର୍ ଗ୍ରାମ ପୋଖରୀରୁ ପାଣି ନେଇ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ସଭା ପଡିଆକୁ ବିଭିନ୍ନ ବାଦ୍ୟଯନ୍ତ୍ର କୀର୍ତ୍ତନ, ଘୁମାରା ନୃତ, ତାଳବାଜା, ବାଡିଖେଲ, ସମ୍ପ୍ରଦା କୀର୍ତ୍ତନ, ମାଧ୍ୟମରେ ହେବାର ଯୋଜନା କରାଯାଇଛି। ଏହି ବର୍ଷର ଶିକ୍ଷା କ୍ଷେତ୍ରରେ ପ୍ରଥମ ସ୍ଥାନ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯିବ। ସଭାରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଲମ୍ବୋଦର ନିଆଲ୍, ତ୍ରିନାଥ ପୁଞ୍ଜି, ବେଦବ୍ୟାସ ନାଗ, ସୁରେଶ ବାଗ, ବିଷ୍ଣୁ ପତି ବାଗ, ମାଲଖମ୍ ନାଗ, ଲିଙ୍ଗରାଜ ଘିଭେଲା, ରାଜକିଶୋର ହେର୍ଣ୍ଣାଙ୍କ ସହିତ ଯାଦବ ସମାଜ ସମସ୍ତ ବ୍ଲକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## କଳାକାର ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍


ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

କୋକସରା,୧୦।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶ୍ରୀ ନିତାଇ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ କୋକସରା ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଜିଲାସ୍ତରୀୟ ସଂକୀର୍ତ୍ତନ ମଣ୍ଡଳୀକୁ ନେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଜନାର୍ଦ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋକ୍ଷଧି ବାଗ, ମୁଖ୍ୟବକ୍ତା ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ସଂସ୍କାର ଭାରତୀର ଜିଲା ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର, ସଂସ୍କାର ଭାରତୀ ସଂଯୋଜକ ହରେକୃଷ୍ଣ ଭୋଇ, ଜଗନ୍ନାଥ ସଂସ୍କୃତି ଜିଲା ସଭାପତି ଦୁଷ୍ମନ୍ତ ପୁରୋହିତ, ସଂକୀର୍ତ୍ତନ ଗୁରୁ ତଥା ନୂଆପଡା ଜିଲା ସଂକୀର୍ତ୍ତନ ଦଳ ସଭାପତି ଅଶୋକ ନାୟକ, କୋକସରା ବ୍ଲକ ବିଏସଏସଓ ଦୀପକ ବେହେରା, ନାସିର ମହମ୍ମଦ, ନୂଆପଡା ଜିଲା ସଂକୀର୍ତ୍ତନ ବିକାଶ ପରିଷଦ ସଭାପତି ଅଶୋକ କୁମାର ନାଏକ, ସଂସ୍କାର ଭାରତୀ ସଭାପତି କଲମପୁର ବ୍ଲକ ସତ୍ୟ ନାରାୟଣ ରାଜପୁତ, ଉପ ସଭାପତି ଦୟାନିଧି ବାଣୁଆ, ରଫିଉଦ୍ଧିନ ଖାଁ, ଅଧ୍ୟାପକ ଐରି ନାସନ ଚିନ୍ଦା, ଯୁବ ସାମାଜିକ କର୍ମୀ ତ୍ରିଭୁବନ ନାଏକ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଙ୍ଗଯୋଷୀ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲାରେ ବିଭିନ୍ନ ଲୋକକଳା କ୍ଷେତ୍ରରେ କଳାକାରଙ୍କ ଯୋଗଦାନକୁ ନେଇ କଳାହାଣ୍ଡି ଆଜି ଗର୍ବିତ, ଓଡିଶାର ଲୋକକଳା ଆଜି ରାଜ୍ୟ ତଥା ଦେଶ ବିଦେଶରେ ଓଡ଼ିଆ କଳାକାରଙ୍କ କଳା ସୁଦୂର ପ୍ରସାରି ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ କୋକସରା ବ୍ଲକର ୨୨ଟି ପଞ୍ଚାୟତ ସମେତ ଜିଲାରୁ ଅନେକ ସଂକୀର୍ତ୍ତନ ଦଳର କଳାକାର ଉପସ୍ଥିତ ରହିଥିଲେ। ବ୍ଲକ ସଂକୀର୍ତ୍ତନ ସଂଘ ସଭାପତି ସୁଶିଳ କୁମାର ପଣ୍ଡା, ସମ୍ପାଦକ ବିଜୟ କୁମାର ପଣ୍ଡା, ଯୁଗଳ କିଶୋର ନାଗ, କୋଷାଧ୍ୟକ୍ଷ ଗଜିନ୍ଦ୍ର ନାଗ, ସୁନୀଲ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଲୁକ୍କାୟିତ ସଂକୀର୍ତ୍ତନ ଲୋକକଳାକୁ ଆଗାମୀ ଦିନରେ ସଂଘଠିତ କରିବାକୁ ଆହ୍ୱାନ ଦେଇଥିଲେ। ପଙ୍କଜ ପୋଢ ଓ ଯୁଗଳ କିଶୋର ନାଗ ମଞ୍ଚ ପରିଚାଳନା କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ବିରିଘାଟ ବିଜୟୀ

ଖଡ଼ିଆଳ,୧୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଶରଧାପୁରରେ ଜିଲା ପରିଷଦ ଜୋନ ୫ସ୍ତରୀୟ ବଡାପଲେନ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ଜିଲା ପରିଷଦ ସଦସ୍ୟା ତନୟା ଶବରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧୀନରେ ଥିବା ୯ଟି ପଞ୍ଚାୟତ ବିରିଘାଟ, ଲାଞ୍ଜି, ଡୁଆଝର ସରଧାପୁର, କିରିକିଟା, କେନ୍ଦୁପାଟି, ସୁନାରିସୀକୁଆ, ଦାବ୍ରି, ରାଣୀମୁଣ୍ଡା ଯୋଗଦେଇଛନ୍ତି। ସମ୍ମାନୀତ ଅତିଥି ଭାବେ ଲାଞ୍ଜି ସରପଞ୍ଚ ବୈଦେହୀ ମାଝି, ଅନ୍ୟତମ ଅତିଥି ଭାବେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ରାଜେନ୍ଦ୍ର ସାହା, ଚନ୍ଦ୍ରଭାନୁ ମାଝି, ବ୍ରଜ ମୋହନ ଶବର, ଠାକୁର ମାଝି, ରେହେମାନ ଖାନ, ଭୋଲା ନାଗ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଲାଞ୍ଜି ଓ ବିରିଘାଟ ମଧ୍ୟରେ ହୋଇଥିବା ବେଳେ ବିରିଘାଟ ଦଳ ୩-୦ରେ ବିଜୟ ଲାଭ କରିଛି। ଖେଳ ପରିଚାଳନା କରିଥିଲେ ମଣ୍ଟୁ ଯୋଶୀ, ଧାରା ବିବରଣୀ ପ୍ରଦାନ କରିଥିଲେ ତାବିଦ ଖାନ, ସହଯୋଗ କରିଥିଲେ ମନୋଜ, ନୀଳ, ସୁଜିତ, ପୂର୍ଣ୍ଣୋ ନନ୍ଦ, ମନରଞ୍ଜନ, ଚିତରଞ୍ଜନ ସମେତ ସମସ୍ତ ବଡାପଲେନ ଫୁଟବଲ ସଂଘ ସଦସ୍ୟ ଓ ସରଧାପୁର ଗ୍ରାମବାସୀ।

## ବରଗାଁଠାରେ ବାରିକ ସମାଜର ବୈଠକ

ଖଡ଼ିଆଳ,୧୦।୧୦ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବରଗାଁଠାରେ ବାରିକ ସମାଜର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିକ ସମାଜ ସଭାପତି ଜଗବନ୍ଧୁ ବାରିକଙ୍କ ଅଧ୍ୟକ୍ଷତାରେ ପ୍ରଥମେ ସ୍ୱର୍ଗତ ଧବଳେଶ୍ୱର ବାରିକ, ହୀରାଧର ବାରିଜ ଏବଂ ପୂର୍ଣଚନ୍ଦ୍ର ବାରିକଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଛି। ପରେ ସମାଜର ମନୋନୀତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଅର୍ପଣ ସହ ଶପଥପାଠ ପରେ ସମାଜର ରେଜିଷ୍ଟ୍ରେଶନ, ସମାଜର ସଭାପତି ଏବଂ ସମ୍ପାଦକ, କୋଷାଧ୍ୟକ୍ଷ ବ୍ୟାଙ୍କ ପାଶବୁକ ଖୋଲିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସମସ୍ତେ ଏକ ହୋଇ ସମାଜର ବିକାଶ ପାଇଁ କାମ କରିବେ, ସମସ୍ତେ ଆଗକୁ ଆଗେଇ ଆସିବା ପାଇଁ ଆହ୍ୱାନ କରାଯାଇଥିଲା। ସମାଜ ଦୀର୍ଘବର୍ଷ ହେଲା ଆରଣ୍ୟକ ଭଣ୍ଡାରୀ ସମାଜ ନାମରେ ନାମିତ ହୋଇଥିବା ବେଳେ ଏହାକୁ ପରିବର୍ତ୍ତନ କରି ନୂଆପଡା ଜିଲା ବାରିକ ସମାଜ ନାଁରେ ନାମିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉପସଭାପତି ଶ୍ରୀନିବାସ ବାରିକ, ସମ୍ପାଦକ ରଞ୍ଜିତ ବାରିକ, କୋଷାଧ୍ୟକ୍ଷ ହୃଷିକେଶ ବାରିକ, ସହ ସମ୍ପାଦକ ବିଭୁଷ ବାରିକ, ପୀତାମ୍ବର ବାରିକ, କେଦାର ବାରିକ, ସନ୍ତୋଷ ବାରିକ, ନବୀନ ବାରିକ, ଧୋବା ବାରିକ, ରାସବିହାରୀ ବାରିକଙ୍କ ସମେତ ଶତାଧିକ ସଂଖ୍ୟାରେ ସମାଜ କର୍ମକର୍ତା ଉପସ୍ଥିତ ଥିଲେ। ସମାଜ ସମ୍ପାଦକ ରଞ୍ଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି


ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା/ଖଡ଼ିଆଳ,୧୦।୧୦(ମକାରୁ ବେମାଲ/ସୁଜିତ୍ କୁମାର ପ୍ରଧାନ)

ନୂଆପଡା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଭାନପୁରଠାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଦିନେଶ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଭାନପୁର ଗ୍ରାମ ପଞ୍ଚାୟତ ବିଜୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ଭାନପୁର ନାରାୟଣ ବରିହା, ପୂର୍ବତନ ସରପଞ୍ଚ କୁଲିଆବନ୍ଧା ହୀରଲାଲ ପଟେଲ, ବରିଷ୍ଠ ସାମାଜିକ କର୍ମୀ ଲୋହିତ ଶବର, ଦାମୋଦର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ଚ୍ୟାରମ୍ୟାନ ମନ୍ଦିର ତାଣ୍ଡି ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଭାନପୁରର ପ୍ରଧାନ ଶିକ୍ଷକ ଦେବଦତ୍ତ କୁଅଁର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସ୍ଥାନିତ ଛାତ୍ରୀଛାତ୍ରମାନଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମଶାନକୁଣ୍ଡା କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ତଥା ଭାନପୁର ଗ୍ରାମବାସୀ ସହଯୋଗ କରିଥିଲେ। ଭାନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବଦତ୍ତ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚିନ୍ଦାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ରୁଦ୍ର ପଦ୍ମିନୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡା ସୁଶାନ୍ତ କୁମାର ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସିଆରସିସି ଓମ ପ୍ରକାଶ ଚଲାନଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଚିନ୍ଦାଗୁଡାର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଚିନ୍ଦାଗୁଡା ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ କିରଣ ଠାକୁର, ହିମାଂଶୁ ପୋଢ, ମନବୋଧ ଦାସ, ଶ୍ରୀକାନ୍ତ ସାମଲ, ବିଦ୍ୟାଳୟ କମିଟି ଚେୟାରମ୍ୟାନ ନୀଳାମ୍ବର ଦୁରିଆ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରି ଜୟଶ୍ରୀ ଦଣ୍ଡସେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଖଡ଼ିଆଳ,୧୦।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଆଶ୍ରମ ବିଦ୍ୟାଳୟଠାରେ ବିଶ୍ୱ ମାନସିକସ୍ୱାସ୍ଥ୍ୟଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ର ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଡଃ ଅର୍ଣ୍ଣବ୍ଦା ଶଙ୍କର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା, ପିଏଚଓ ବାଳଚନ୍ଦ୍ର ଛାତ୍ରିଆ, ଫାର୍ମାସିଷ୍ଟ ବ୍ରଜେଶ ମେହେର ଯୋଗଦେଇ ଜୀବନର ଚାରିସୂତ୍ରୀ ଶାରୀରିକ, ମାନସିକ, ସାମାଜିକ ଓ ଆଧାତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ ଶିକ୍ଷା ଗ୍ରହଣ କରିବା ଓ ମନକୁ ନିଜ ଆୟତରେ ରଖିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟର ସନ୍ତୁଳନ ଉପରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ପୁଷ୍ପା ଶିକା ପ୍ରଥମ, ରାଜମଣି ଭୋଇ ଦ୍ୱିତୀୟ, ପ୍ରିୟଙ୍କା ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ, ମିତାଞ୍ଜଳି ପାତ୍ର, ମମତାଞ୍ଜଳି ବାଗ, ଯଶୋଶ୍ୱିନୀ ପାଢ଼ୀ, ସଙ୍ଗୀତା ସାଗର, କ୍ଷୀତିମଣି ଚିନ୍ଦା, ହରିପ୍ରିୟା ମଲ୍ଲିକ, ଗୋବିନ୍ଦ ହଂସ ପ୍ରମୁଖ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସଚେତନତା ଶୋଭାଯାତ୍ରା।

## ପ୍ରକଳ୍ପ ସମ୍ପୂର୍ଣ୍ଣ, ବିସ୍ଥାପିତଙ୍କ ସମସ୍ୟା ଅସମ୍ପୂର୍ଣ୍ଣ

ଖଡ଼ିଆଳ,୧୦।୧୦(ସୁଜିତ୍ କୁମାର ପ୍ରଧାନ)


ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ବୈଠକରେ ଯୋଗଦେଇଥିବା ଅତିଥି।

**ଖଡ଼ିଆଳ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ବୈଠକ**

ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଏକ ଜରୁରୀ ବୈଠକ ମଙ୍ଗଳବାର ଖଡ଼ିଆଳସ୍ଥିତ ସମିତି କାର୍ଯ୍ୟାଳୟରେ ସଭପତି ନିତ୍ୟାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ରୂପେ ଉପଦେଷ୍ଟା ଯଦୁମଣି ପାଣିଗ୍ରାହୀ, ଅନ୍ୟତମ ଉପଦେଷ୍ଟା ଅମରେଶ ପଟ୍ଟନାୟକ ଓ କରୁଣା ହୋତା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସରକାର ଓ ପ୍ରଶାସନ ଦ୍ୱାରା ବିଭିନ୍ନ ସମୟରେ ବିସ୍ଥାପିତମାନଙ୍କୁ ନାନା ପ୍ରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରାଯାଇଛି, ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯାଇଛି କିନ୍ତୁ ବିସ୍ଥାପିତଙ୍କ ଅସୁମାରୀ ସମସ୍ୟା ପଡିରହିଛି। ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି ବୋଲି ବିସ୍ଥାପିତ ନେତୃମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ଥଇଥାନଠାରୁ ନେଇ ଜମି କ୍ଷତିପୂରଣ, କଟଅଫ ତାରିଖ, ଆଂଶିକ ଗ୍ରାମ ଗୁଡିକର ବିଭିନ୍ନ ସମସ୍ୟା ପଡି ରହିଛି। ଆଗାମୀ ଦିନରେ ସମିତି ପକ୍ଷରୁ ପ୍ରତିବର୍ଷ ପରି ନୂଆଁଖାଇ ଭେଟଘାଟ ହେବାକୁ ନିଷ୍ପତ୍ତି ନିଆଗଲା। ନୂଆଁଖାଇ ଭେଟଘାଟ ନାମରେ ବିସ୍ଥାପିତ ପରିବାରଙ୍କ ବିଭିନ୍ନ ସମସ୍ୟା ସହିତ ଭେଟଘାଟ ହେବ, ସଙ୍ଗଠନକୁ ସକ୍ରିୟ କରାଯିବ ଓ ଜୋରଦାର ଅନନ୍ଦୋଳନ ହେବ ବୋଲି ନେତୃମଣ୍ଡଳୀ ମନ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ସମ୍ବଲପୁର ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଦାବି ହାସଲ ପାଇଁ ଚେଷ୍ଟା କରାଯିବ। ସମାଧାନ ନ ହେଲେ ଦରକାର ପଡ଼ିଲେ ବିଧାନସଭା ଘେରାଉ କରାଯିବ ବୋଲି ବିଭିନ୍ନ ବକ୍ତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ସମିତି ସମ୍ପାଦକ ଗୋପୀନାଥ ରାଉତ ସଞ୍ଚାଳନ କରିଥିବା ବେଳେ ଧ୍ରୁବ ଦଳ, ଉମେଶ ପଟେଲ, ହୃଷୀକେଶ ବେହେରା, ଯୋଗେନ୍ଦ୍ର ନାଗ, ଜୟରାମ ମାଝି, ଉତଲ ବଛା, ବ୍ରଜରାଜ ଦଳ, ପ୍ରମୋଦ ଗୁଆଲ, ବନମାଳୀ ଗଉଡ଼, ଜୟଚନ୍ଦ୍ର ଦଳ, ଦୁର୍ବଳ ସଗରିଆ, ସାଗର ସଗରିଆ, ନାରାୟଣ ଅହୀର, ଟିକରାମ ମାଝିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ସଂକ୍ଷେପରେ

### କବାଡ଼ି ଚାମ୍ପିୟନଶିପ୍, ଆଜି ଫାଇନାଲ

**ପାଇକମାଲ, ୧୦।୧୦(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲ ଖେଳ ପଡ଼ିଆରେ ଜିଲା ସ୍ତରୀୟ କବାଡି ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ସମସ୍ତ ବାଳିକା ବାଳକ ବିଭାଗକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପାଇକମାଳ ବିଇଓ ଚୂଡ଼ାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଓ ପଦ୍ମପୁର ବିଇଓ ଲୋକନାଥ ଭୋଇ, ଏବିଇଓ ଶିବ ପ୍ରସାଦ ଯୋଶୀ, ପାଇକମାଲ ଥାନାଧିକାରୀ ସୁଶାନ୍ତ କୁମାର ବଡେଇ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା, ପାଇକମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ, ମାଣ୍ଡୋସିଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ପୋର୍ଣ୍ଣ ମିନତି ଟେଟେ, ସମାଜସେବୀ ଧନସିଂ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ଡୋଲାମଣି ମାହାର ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ସେମିଫାଇନାଲ ଓ ଫାଇନାଲ ଖେଳାଯିବା ପାଇଁ ସ୍ଥିର ହୋଇଛି।

### ବାଇକ୍ ଦୁର୍ଘଟଣାରେ ୨ ମୃତ

**ଉଲୁଣ୍ଡା,୧୦।୧୦(ଉରୁକ୍ରମ ପାଣ୍ଡିଆ):** ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମେଟାକାନୀ ବୁଲାଣି ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଳେଇ ଗ୍ରାମର କାହ୍ନା ମିଶ୍ର (୨୨)ଏବଂ ଅଇଁଲଛାଟର ସୁଶାନ୍ତ ସାହୁ (୨୭)। ପ୍ରକାଶ ଯେ, ସୋମବାର ରାତିରେ କାହ୍ନା ଓ ସୁଶାନ୍ତ ଉଲୁଣ୍ଡାକୁ ଯାତ୍ରା ଦେଖିବାକୁ ଯାଇଥିଲେ। ସକାଳ ସାଢେ ୫ଟା ବେଳେ ଉଭୟେ ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ମେଟାକାନୀ ବୁଲାଣି ରାସ୍ତାରେ କୌଣସି କାରଣରୁ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦୁହେଁ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ଏ ନେଇ ନଂ୧୪୧/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

### ଦହିତା, ବାନ୍ଧୁପାଲିରେ ସାଇବର ସଚେତନତା

**ପଦ୍ମପୁର,୧୦।୧୦(ପ୍ରଦୀପ୍ତ ଦାଶ):** ସାଇବର ଅପରାଧରୁ ମୁକ୍ତି ପାଇବା ପାଇଁ ବରଗଡ଼ ଜିଲା ପୋଲିସ ପକ୍ଷରୁ ସଚେତନ କରାଯାଉଛି। ଏହି କ୍ରମରେ ବୁଢେନ ଥାନା ଅଧୀନ ଦହିତା, ବାନ୍ଧୁପାଲିଠାରେ ସଚେତନତା ସଭା କରାଯାଇଥିଲା। ଦହିତା ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପରେ ଦହିତା ବଜାରରେ ସଚେତନ କରାଯାଇଥିଲା। ସରପଞ୍ଚ ଦମୟନ୍ତୀ ପାଣ୍ଡେ, ଜିଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ଜିଲା ସାଇବର ସେଲ୍‌ର ମଙ୍ଗଳ କିସ୍କୋ ଯୋଗଦାନ କରି ସାଇବର ଠକେଇ ପ୍ରତି ଗୁରୁତ୍ୱ ଦେବାକୁ ଆଲୋଚନା କରିଥିଲେ। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ଅଧକ୍ଷଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


କୃଷକ ସଚେତନତା ବୈଠକରେ ଉପସ୍ଥିତ ଚାଷୀବୃନ୍ଦ।

# ଆୟ ବଦଳରେ ରଣଭାର ୨ଗୁଣା

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

### କୃଷକ ସଚେତନତା ଆଲୋଚନା ବୈଠକରେ ଚାଷୀଙ୍କ ମତ

ବରଗଡ଼ ଜିଲା ଭଟଲି ବ୍ଲକ ଅଧୀନ ସୁଲସୁଲିଆଠାରେ ମଙ୍ଗଳବାର ଜୟ କିଷାନ ଆନ୍ଦୋଳନର ଏକ ଆଞ୍ଚଳିକ କୃଷକ ସଚେତନତା ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମାନଭଞ୍ଜନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଆଖପାଖ ଅଞ୍ଚଳର ବହୁସଂଖ୍ୟକ ଚାଷୀ ପ୍ରତିନିଧି ଯୋଗଦାନ କରିଥିଲେ। ଚାଷୀଙ୍କ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ଅବହେଳା କରୁଛନ୍ତି ତାହା ଉପରେ ଆଲୋଚନା ହୋଇଥିଲା।

ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧି ଶିବ ପ୍ରସାଦ ପ୍ରଧାନ, ଜୟ କିଷାନ ଆନ୍ଦୋଳନର ସାଧାରଣ ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, କିଶୋର ସାହୁ, ବିଜୟ ପ୍ରଧାନ ପ୍ରମୁଖ ଯୋଗଦେଇ କହିଥିଲେ, କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନା ତିଆରି କରୁଛନ୍ତି। କିନ୍ତୁ ତାହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଧାରି ପାରୁନାହିଁ। ପ୍ରଧାନମନ୍ତ୍ରୀ ୨୦୧୬ରେ ଘୋଷଣା କରିଥିଲେ, ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା ହେବ। କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଆୟ ବଢିବା ବଦଳରେ ରଣଭାର ଦୁଇଗୁଣା ହୋଇଛି। ରାଜ୍ୟରେ ଚାଷୀଙ୍କ ମାସିକ ହାରାହାରି ଆୟ ସର୍ବଭାରତୀୟ ଚାଷୀଙ୍କ ତୁଳନାରେ ଢ଼େର୍ କମ୍ ବୋଲି ଚାଷୀ ପ୍ରତିନିଧିମାନେ କହିଥିଲେ। ସର୍ବଭାରତୀୟସ୍ତରରେ ଚାଷୀଙ୍କ ମାସିକ ହାରାହାରି ଆୟ ୧୦ହଜାର ୨୧୮ ଟଙ୍କା ଥିବାବେଳେ ଓଡ଼ିଶାରେ ତାହା ମାତ୍ର ୫୧୧୨ ଟଙ୍କା ବୋଲି ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ଫସଲରୁ ମାତ୍ର ୧୫୯୬ ଟଙ୍କା, ମଜୁରୀରୁ ୨୬୪୯ ଟଙ୍କା, ଅଣକୃଷିରୁ ୪୪୯ ଟଙ୍କା ଏବଂ ଜମିରୁ ୨୯ ଟଙ୍କା ଆୟ ହୋଇଥାଏ ବୋଲି ସେମାନେ କହିଥିଲେ। ସର୍ବଭାରତୀୟ ସ୍ତରରେ ମେଘାଳୟର ଚାଷୀଙ୍କ ମାସିକ ହାରାହାରି ଆୟ ସର୍ବାଧିକ ୨୯ ହଜାର ୩୪୮ ଟଙ୍କା, ପଞ୍ଜାବରେ ୨୬ହଜାର ୭୦୧ ଟଙ୍କା ଏବଂ ହରିଆନାରେ ୨୨ହଜାର ୮୪୧ ଟଙ୍କା ବୋଲି ସୂଚନା ଦିଆଯାଇଥିଲା। ଦେଶରେ ଚାଷୀଙ୍କ ସ୍ଥିତି ଧୀରେ ଧୀରେ ଦୁର୍ବଳ ହେଉଥିବାବେଳେ ପ୍ରତିବର୍ଷ ସରକାର ବଡ଼ କମ୍ପାନୀମାନଙ୍କୁ ହଜାର ହଜାର କୋଟି ଟଙ୍କା ରଣଛାଡ଼ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ।

ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦିଆଯାଉ ନ ଥିବାବେଳେ ବଜାର ବ୍ୟବସ୍ଥା ଠିକ୍ ନ ଥିବା କାରଣରୁ କୃଷକ କଷ୍ଟୋପାର୍ଜିତ ଫସଲ ଅତି କମ୍ ମୂଲ୍ୟରେ ବିକିବାକୁ ବାଧ୍ୟ ହେଉଛି। ଏଭଳି ସ୍ଥିତିରେ ନିଜର ହକ୍ ପାଇଁ ଚାଷୀଙ୍କୁ ଲଢ଼େଇ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସର୍ବଦଳୀୟ ଗୃହ କମିଟିର ପ୍ରସ୍ତାବ ଅନୁଯାୟୀ ଧାନ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା ଦାବି ଏବଂ ଧାନବିକ୍ରି ସମସ୍ୟା, ବିଜୁଳି କ୍ଷେତ୍ରରେ ଘରୋଇକରଣ ବିରୋଧରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ସମ୍ପାଦକ ମିନିଷ୍ଟର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ବିରୋଧରେ ତାତିଲେ ଗ୍ରାମବାସୀ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ଗୁଡ଼ିଦା ଗ୍ରାମରେ ଦୀର୍ଘଦିନ ହେଲା ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମରେ ଚୋରି ସହ ଅସାମାଜିକ କାର୍ଯ୍ୟ ବଢ଼ି ଚାଲିଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ଗ୍ରାମବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ମଦ କାରବାର ବନ୍ଦ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ନଚେତ୍ ଗ୍ରାମବାସୀ ଏବଂ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଗ୍ରାମରେ ମଦ କାରବାର ବନ୍ଦ କରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଗୁଡ଼ିଦା ଗ୍ରାମରେ ଅନେକ ଶିକ୍ଷାନୁଷ୍ଠାନ ରହିଛି। ମଦ କାରବାର ଯୋଗୁ ଛାତ୍ରୀଛାତ୍ରମାନେ ରାସ୍ତାରେ ସ୍କୁଲ ଯିବାକୁ ନିରାପଦ ମଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଅବାଧ ମଦ କାରବାର ଯୋଗୁ ଗ୍ରାମର ଛାତ୍ରୀଛାତ୍ର, ଯୁବକଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବାବେଳେ ମହିଳାମାନେ ମଧ୍ୟ ପଦାକୁ ବାହାରିବା ପାଇଁ ଅସୁରକ୍ଷିତ ମଣୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ଗ୍ରାମକୁ ମଦମୁକ୍ତ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଗ୍ରାମବାସୀଙ୍କୁ ସହଯୋଗ କରିବା ପାଇଁ ଗ୍ରାମର ରଙ୍ଗବଲ୍ଲଭ ମେହେର, ପ୍ରଦୀପ କୁମାର ପ୍ରଧାନ, ନିରଞ୍ଜନ ପ୍ରଧାନ, ହରିଶଙ୍କର ମେହେର ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।


ମଦ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

# ବରଗଡ଼ର ୩ ଶିଶୁ ବୈଜ୍ଞାନିକଙ୍କ ଅଂଶଗ୍ରହଣ


ଗାଇଡ୍ ଶିକ୍ଷକଙ୍କ ଗହଣରେ ଜାତୀୟସ୍ତରୀୟ ବିଜ୍ଞାନମେଳାରେ ଭାଗ ନେଇଥିବା ବରଗଡ଼ର ୩ ଛାତ୍ରୀଛାତ୍ର।

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

### ଜାତୀୟସ୍ତରୀୟ ବିଜ୍ଞାନ ମେଳା

ନୂଆଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନ୍‌ଡ଼ୋର ଷ୍ଟାଡ଼ିୟମରେ ଚାଲିଥିବା ଏନ୍‌ଏଲ୍‌ଇପିସି ଜାତୀୟସ୍ତରୀୟ ବିଜ୍ଞାନ ମେଳାରେ ରାଜ୍ୟରୁ ୨୭ଜଣ ଶିଶୁ ବୈଜ୍ଞାନିକ ଭାଗ ନେଇଛନ୍ତି। ତନ୍ମଧ୍ୟରେ ବରଗଡ଼ର ୩ ଜଣ ରହିଛନ୍ତି। ସେମାନେ ହେଲେ ବରଗଡ଼ ଲସ୍ତଲା ହାଇସ୍କୁଲର କ୍ରୀଷ୍ଣା ସାହୁ, ଭେଡ଼େନ ବ୍ଲକ ବରପଦର ହାଇସ୍କୁଲର ଅଲିଭା ମେଲ୍ଲି, କମଗାଁ ହାଇସ୍କୁଲର ଆୟୁଷ ବୁଢ଼ିଆ। ରାଜ୍ୟର ଏହି ୨୭ ଜଣିଆ ଟିମ୍ କଟକ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାଏକଙ୍କ ନେତୃତ୍ୱ ଏବଂ ବରଗଡ଼ ଜିଲା ତରାକନା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ମନୋଜ କୁମାର ସାହୁ, ଦେଉଲି ହାଇସ୍କୁଲ ସତୀଭଟାର ବିଜ୍ଞାନ ଶିକ୍ଷକ ତନ୍ମୟ ଦେବତାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳାରେ ଭାଗ ନେଇ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି। ବିଜ୍ଞାନ ମେଳାରେ ଛାତ୍ରୀ କ୍ରୀଷ୍ଣାଙ୍କ ସ୍ମାର୍ଟ ହେଲଥ୍ କେୟାର, ଅଲିଭାଙ୍କ ପୋଲି ପକ୍ କଲେକ୍ସନ ଷ୍ଟିକ୍ ଏବଂ ଆୟୁଷଙ୍କ ସିଡ୍ ରିମୁଭର୍ କମ୍ ଗ୍ରାଇଣ୍ଡର ପ୍ରକଳ୍ପ ସ୍ଥାନିତ ହୋଇଛି। ବରଗଡ଼ ଜିଲାର ୩ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷାଧିକାରୀ ଏବଂ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରୀ ଗ୍ରାମଠାରୁ ଗୋଲବାହାଲି ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାକାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ପଲସଦା ଗ୍ରାମବାସୀ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ପଦକ୍ଷେପ ନେବାକୁ ସେମାନେ ସ୍ମାରକପତ୍ରରେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ପଲସଦା ଗ୍ରାମରେ ପଞ୍ଚାୟତ ଅଫିସ, ପ୍ରାଥମିକ ସ୍କୁଲରୁ ହାଇସ୍କୁଲ, ସେବା ସମବାୟ ସମିତି, ଆୟୁର୍ବେଦ ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଦି ରହିଛି। ଫଳରେ ଉକ୍ତ ରାସ୍ତା ଦେଇ ଅନେକ ଗ୍ରାମବାସୀ ଯାତାୟାତ କରିଥାନ୍ତି। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଏହି ଗ୍ରାମ ଦେଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ମାତ୍ର ଟେମରୀ ଗ୍ରାମଠାରୁ ଗୋଲବାହାଲି ମଧ୍ୟରେ ରାସ୍ତା ନିର୍ମାଣକୁ ବର୍ଷେ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଦବିଯାଇଥିବା ଅଭିଯୋଗ ହୋଇଛି। ଫଳରେ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହିତ ରାସ୍ତାକାକୁ ଠିକ୍ ଭାବେ କରିବା ପାଇଁ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଗ୍ରାମ ସୁରକ୍ଷା କମିଟିର ସଭାପତି ମିଳନ ସିଂ ବରିହା, ଭୋଜରାଜ ରଣା, କମଳାକାନ୍ତ ବରିହା, ବୈକୁଣ୍ଠ ପଟେଲ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଗ୍ରାମବାସୀ ନିବେଦନ କରିଛନ୍ତି।


ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

### ରାସ୍ତାକାମ ନିମ୍ନମାନର ଅଭିଯୋଗ

# ପଦ୍ମପୁର କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ପଦ୍ମପୁର,୧୦।୧୦(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ସଭାପତିତ୍ୱ କରିଥିଲେ। ତୃତୀୟ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନୂତନ ଭାବେ କଲେଜକୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ମୁଖ୍ୟ ସରୋଜ ନାଏକ, ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା, ଅଧ୍ୟାପକ ଜୟକୁମାର ଭୁଏ, ଅଧ୍ୟାପିକା ରୀନା ଧର୍ମବିନାୟକ, ସୁରେଶ୍ୱରୀ ପାଣ୍ଡେ ପ୍ରମୁଖ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଶିକ୍ଷା ଆହରଣ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ରୋଜିରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।


କଲେଜ କର୍ତ୍ତୃପକ୍ଷଙ୍କ ସହିତ ଅଭିଭାବକ ମହାସଂଘର ଆଲୋଚନା।

# ମହିଳା କଲେଜରେ ଅଭିଭାବକ ମହାସଂଘ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ର ଏକ ପ୍ରତିନିଧି ଦଳ ମଙ୍ଗଳବାର ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ମହାସଂଘର ଆବାହକ ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳ କଲେଜ କର୍ତ୍ତୃପକ୍ଷଙ୍କ ସହିତ ବରଗଡ଼ ଏଜୁକେଶନାଲ ଟ୍ରଷ୍ଟ ବୋର୍ଡ ଉପରେ ଆଲୋଚନା କରି ଏହାର ଉଦ୍ଦେଶ୍ୟ, ଅଧିନିୟମ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ କିଭଳି ଉପଯୋଗୀ ହୋଇପାରୁଛି ସେ ଉପରେ ପଚାରି ବୁଝିଥିଲେ। ଏହାସହିତ ଏ ନେଇ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ମହାସଂଘର ରମେଶ ପତି, ବାଲ୍ମୀକି ଷଡ଼ଙ୍ଗୀ, ଗୋପୀନାଥ ସାହୁ, ଦୀବିନ୍ଦ୍ର ସିଂ, ସାରଥୀ ମେହେର, ବୃନ୍ଦାବନ ବେହେରା, ସୁସେନ ବହିଦାର, ମାମୀ ମିଶ୍ର, ରଞ୍ଜିତା ମାହାନା ପ୍ରମୁଖ ଉପସ୍ଥିତ ଥିଲେ।

# ଅପରାଧ ରୋକିବାକୁ ଭାଜପାର ଦାବି

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ତଥା ଆଖପାଖ ଅଞ୍ଚଳର ଦୈନିକ, ସାପ୍ତାହିକ ବଜାରରୁ ଫେରୁଥିବା ସମୟରେ ଚାଷୀ ଏବଂ ବୁଣାକାରମାନଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲା ପୋଲିସ ମୁଖ୍ୟାଳୟକୁ ଯାଇ ଏସ୍‌ପି ପି.ଏସ୍ ମୀନାଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବରଗଡ଼, ବରପାଲି ଏବଂ ବିଜେପୁର ବ୍ଲକର ଚାଷୀ, ବୁଣାକାରମାନେ ବିଭିନ୍ନ ଦୈନିକ, ସାପ୍ତାହିକ ବଜାରକୁ ପରିବା, ସମ୍ବଲପୁରୀ ବସ୍ତ୍ର ଆଦି ବିକ୍ରି କରିବାକୁ ଆସୁଛନ୍ତି। ମାତ୍ର ସେମାନେ ଫେରିବା ବାଟରେ ଅପରାଧୀମାନେ ସେମାନଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ କରୁଛନ୍ତି। ଫଳରେ ବଜାରକୁ ଆସିବା ପାଇଁ ଚାଷୀ, ବୁଣାକାର ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏଭଳି ଭୟ ଯୋଗୁ ବଜାରକୁ ଯାଇ ନ ପାରି ସେମାନେ ନିଜ ଉତ୍ପାଦିତ ସାମଗ୍ରୀ ବିକ୍ରି କରି ପାରୁ ନ ଥିବା ଯୋଗୁ ସେମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଭାଜପା ଦାବି କରିଛି। ଭାଜପା ଜିଲା ସଭାପତି ଷଡ଼ଙ୍ଗୀଙ୍କ ସମେତ ସୁବ୍ରତ ହୋତା, ଅକ୍ରୁର ମଲ୍ଲିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।


ଜିଲା ପୋଲିସ ମୁଖ୍ୟାଳୟରେ ଭାଜପା ପ୍ରତିନିଧି।

# ଡକାୟତି ଯୋଜନା ବିଫଳ, ୩ ଗିରଫ

**ବରଗଡ଼,୧୦।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ଡକାୟତି ଯୋଜନା କରୁଥିବାବେଳେ ସ୍ଥାନୀୟ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା କମସରା ଗ୍ରାମର ରିଙ୍କୁ ନାଗ(୨୧), ବରଗଡ଼ ଟାଉନ ଥାନା ଅନ୍ତର୍ଗତ ନଦୀପଡ଼ାର ବନିଲ ଗଡ଼ତିଆ(୨୫) ଏବଂ ବିରେନ୍ଦ୍ର ଭୁଏ(୨୦)। ମଙ୍ଗଳବାର ସେମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ସେମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଅଫୁଟା ଗୁଳି, ଛୁରି, ଲୁହା ରଡ଼, ୫ଟି କଳାରଙ୍ଗର ମାସ୍କ, ୨ଟି ମୋବାଇଲ ଜବତ ହୋଇଛି। ଅନ୍ୟପଟେ ୨ ଅଭିଯୁକ୍ତ ଖସିଯାଇଛନ୍ତି ଏବଂ ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୫୮୮/୨୩) ରୁଜୁ ହୋଇଛି।

ବରଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଗିରଫ ୩ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ଜଣ ସୋମବାର ରାତିରେ ଜିରା ନଦୀ କୂଳ ନଦୀପଡ଼ା ନିକଟରେ ଡକାୟତି ଯୋଜନା କରୁଥିବା ନେଇ ଖବର ମିଳିଥିଲା। ସେହି ଖବରକୁ ଆଧାର କରି ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲଙ୍କ ନେତୃତ୍ୱରେ ପୋଲିସର ୨ଟି ଟିମ୍ ଜିରା ନଦୀର ଉଭୟ କୂଳ ପଟୁ ଘେରି ୩ ଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ବରଗଡ଼ ସହରର ଏକ ଦୋକାନରୁ ଡକାୟତି କରିବାକୁ ଯୋଜନା କରିଥିଲେ ଏବଂ ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ମାମଲା ରହିଥିବା ଅତିରିକ୍ତ ଏସ୍‌ପି ମହାନ୍ତି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି କଣ୍ଡାନକେଲ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୂଚନା ଦେଉଛନ୍ତି।


ଜବତ ପିସ୍ତଲ, ଗୁଳି, ଛୁରି।

## ସଂକ୍ଷେପରେ

### ଡମ୍ପର ଧକ୍କାରେ ଯୁବକ ମୃତ

**ରାଉରକେଲା,୧୦।୧୦(ଦିନେଶ ମିଶ୍ର):** ରାଉରକେଲା ଏନ୍ଏଚ୍-୧୪୩ରେ ସୋମବାର ବିଳମ୍ବିତ ରାତିରେ ଡମ୍ପର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଣପତି ତିଗା(୩୪)। ସୂଚନା ଅନୁସାରେ, ଜଲଦା ସି' ବ୍ଲକ ଅଞ୍ଚଳର ଗଣପତି ଠିକା ଶ୍ରମିକ ଭାବେ କାମ କରନ୍ତି। ସୋମବାର ବିଳମ୍ବିତ ରାତିରେ ସେ ସାଇକେଲ ଯୋଗେ ଲାଠିକଟାରୁ ଫେରୁଥିବା ବେଳେ ଏକ ଡମ୍ପର ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିବାରୁ ତାଙ୍କ ମୁଣ୍ଡ ଓ ଛାତିରେ ଜୋରରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପୋଲିସ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଛି।

### ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ମାମଲାରେ ଜେରା

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା):** ରାଉରକେଲା ସହକାରୀ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ସନ୍ଦେହଜନକ ମାମଲାରେ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ବନିତା ମାଝୀ ୪ ଜଣଙ୍କୁ ଜେରା କରିଛନ୍ତି। ମାଝୀ କହିଛନ୍ତି, ଆଜି ସେନସୋରୀ ପାର୍କର ୩ଜଣ କର୍ମଚାରୀ ଓ ଆସିଷ୍ଟାଣ୍ଟ କଲେକ୍ଟର ମିଞ୍ଜଙ୍କ ମୋବାଇଲ କଲ୍ ଲିଷ୍ଟରୁ ଜଣେ ବ୍ୟକ୍ତି କଥା ହୋଇଥିବା ଜଣାପଡିବା ପରେ ତାଙ୍କୁ ଜେରା କରାଯାଇଥିଲା। ତେବେ ଏହି ତଦନ୍ତ ଜାରି ରହିବ ବୋଲି ମାଝୀ କହିଥିଲେ।

### ଗ୍ରାମୀଣ ଫୁଟବଲ: ସୋରଡା ଚାମ୍ପିୟନ

**ରାଉରକେଲା,୧୦।୧୦(ବିପ୍ଳବ ରଞ୍ଜନ ଦାଶ):** ଆରଏସପିର ସିଏସ୍‌ଆର ବିଭାଗ ପକ୍ଷରୁ କାନବତ୍ରୀ ଗ୍ରାମରେ ନୂଆଗାଁ ବ୍ଲକ ଜୋନାଲସ୍ତରୀୟ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଟୁର୍ନାମେଣ୍ଟରେ ସୋରଡା ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏ ଏଣ୍ଡ ଆଇ ବିଭାଗର ସିଜିଏମ ସୁଦୀପ ପାଲ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗ ଜିଏମ ସୁଶ୍ରୀ ମୁନମୁନ ମିତ୍ରା, ଏଜିଏମ ଟି. ବି. ଟପ୍ପୋ,ଏ.ଏନ. ପତି, ଜିଲା ପରିଷଦ ସଭ୍ୟ ସୁଶ୍ରୀ ସିତା କିସ୍ପୋଟା ଓ ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ଇଦରିସ କୁଲୁ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ସୋରଡା ଓ ସତ୍ରା ମଧ୍ୟରେ ହୋଇଥିଲା। ଏଥିରେ ସୋରଡା ଦଳ ସତ୍ରା ଦଳକୁ ୩-୨ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ବିଜେତା ଦଳକୁ ୧୦ହଜାର ଓ ଉପବିଜେତା ଦଳକୁ ୮ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ସୋରଡାର ଦୁର୍ଗା ପ୍ରଧାନ, ଅମ୍ରିତ ଲାକ୍ରା ଓ ସତ୍ରାର ସୁରଜ ଓ କ୍ରୀଷ୍ଟା ପାନ୍ନାଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ୫ଦିନିଆଁ ଫୁଟବଲ ଟୁର୍ନାମେଣ୍ଟ ପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀର ସହଯୋଗ କ୍ରମେ ଅନୁଷ୍ଠିତ ହୋଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ମାସ୍କଟ ଓଲି ଉପସ୍ଥିତ।

# ସାଇବର ସଚେତନତାରେ ମାସ୍କଟ ଓଲି

**ରାଉରକେଲା,୧୦।୧୦(ଦିନେଶ ମିଶ୍ର)**

ରାଉରକେଲା ଜଗଦା ସ୍ଥିତ ନୀଳଶୈଳ ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅର୍ଥନୀତି ଅଧ୍ୟାପକ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ଉଦ୍‌ଘାଟକ ଭାବେ ଯୋଗଦେଇ ସାଇବର ସଚେତନତା ଉପରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଜୋନ-୧ ଡିଏସ୍‌ପି ପୁଷ୍ପାଞ୍ଜଳି ନିଙ୍ଗି, ଶକ୍ତିନଗର ଷ୍ଟେଟବ୍ୟାଙ୍କ ଶାଖା ପ୍ରବନ୍ଧକ ପି. ସୋରେଙ୍ଗ ଓ ଝିରପାଣି ଥାନାଧିକାରୀ ଶ୍ରୀକାନ୍ତ ଖମାରି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ସମ୍ପର୍କିତ ଠକେଇରୁ କିଭଳି ଆମେ ରକ୍ଷା ପାଇପାରିବା ସେ ନେଇ ଅତିଥମାନେ ବିଭିନ୍ନ ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପରେ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରାଧ୍ୟାପକ ପ୍ରଦୀପ କୁମାର ପାଣିଗ୍ରାହୀ ବିଦ୍ୟାର୍ଥୀମାନଙ୍କୁ ଇଣ୍ଟରନେଟ୍ ଓ ସୋସିଆଲ ମିଡିଆ ବ୍ୟବହାର ଉପରେ ଆଲୋଚନା କରିଥିଲେ। ସାଇବର ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଯୋଗାଇ ଦିଆଯାଇଥିବା ସେବା ଉପରେ ଏକ ବିବରଣୀ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ସାଇବର ରଥ ଓ ମାସ୍‌କଟ ଓଲି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲା। ଅଧ୍ୟାପିକା ପ୍ରିୟଙ୍କା ପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଅନୁପମା ପ୍ରଧାନ, ସୁମନ ସାହୁ, ମନୀଷା ଦାଶ, ତୃପ୍ତିରେଖା ପାତ୍ର, ନିତୁ ମାରାଣ୍ଡି, ପଦ୍ମାବତୀ ମୁର୍ମୁ, ପ୍ରଭାତ ରାଉତ, ଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଡ. ନେହା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ଚିନ୍ତାରୁ ମାନସିକ ରୋଗର ଉତ୍ପତ୍ତି

**ରାଉରକେଲା, ୧୦।୧୦(ଦିନେଶ ମିଶ୍ର)**




ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟୁତ୍ତର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ 'ନିଜର ମନ ପାଇଁ ଦୟାଶୀଳ ହୁଅ' ଶୀର୍ଷକ ବାର୍ତ୍ତା ଦେବା ପାଇଁ ଏକ ସଚେତନତା ପଦଯାତ୍ରା ମହାବିଦ୍ୟାଳୟର ପରିସରରେ କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। ଏହି ଅବସରରେ ଏକ କ୍ଷୁଦ୍ର ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସଭାରେ ଜୟପ୍ରକାଶ ହସ୍ପିଟାଲ ମାନସିକ ରୋଗ ବିଭାଗର ଡ. ରଜନୀ ବର୍ମା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ତ୍ତମାନ ଯୁବପିଢିଙ୍କଠାରୁ ଆରମ୍ଭ କରି ବୟସ୍କ ବର୍ଗର ଲୋକେ ମାନସିକ ଚାପର ଶିକାର ହେଉଛନ୍ତି। ଏହାଦ୍ୱାରା ଅନେକ ରୋଗ ଅକାରଣରେ ମାଡି ବସୁଛି। ଏତେସବୁ ପରେ ବି ଅଧିକାଂଶ ଲୋକ ମାନସିକ ସ୍ୱାସ୍ଥ୍ୟ ପ୍ରତି ଆଦୌ ସଚେତନ ନୁହନ୍ତି। ବ୍ୟସ୍ତ ବହୁଳ ଜୀବନଶୈଳୀ ସହ ବିଭିନ୍ନ ସମସ୍ୟା କାରଣରୁ ବହୁ ଲୋକ ଚିନ୍ତାଗ୍ରସ୍ତ ରହିଥାଆନ୍ତି। ଫଳରେ ମାନସିକ ରୋଗର ଉତ୍ପତ୍ତି ହୋଇଥାଏ ବୋଲି ଡ. ବର୍ମା କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ମହେନ୍ଦ୍ର ତନୟ ଟୁଡୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଡ. ବେହେରା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗର ସଂଯୋଜକ ସମୀର ସୌରଭ ପୃଷ୍ଟି ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲୋକିତା ଚନ୍ଦ୍ର ପ୍ରଥମ, ପିୟାଶ୍ରୀ ଦାସ ଦ୍ୱିତୀୟ ଏବଂ ପ୍ରିୟା ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦ ଆଦି ହୋଇଥିଲା। ମନସ୍ତତ୍ତ୍ୱ ବିଭାଗର ଅନିମା କିଣ୍ଡୋ, ଜ୍ୟୋତି ରେଖା ଦ୍ୱିବେଦୀ, ରାଜଶ୍ରୀ ରାଉତ ଓ ଶୁଭଶ୍ରୀ ନାଥ ପ୍ରମୁଖ ଅଧ୍ୟାପିକା ସହଯୋଗ କରିଥିଲେ।

# ମଙ୍ଗଳାଙ୍କୁ ଭେଟିଲେ ଜୁଏଲ ଓରାମ



ସୁନ୍ଦରଗଡ଼ ଏମ୍‌ପି ହସ୍ପିଟାଲରେ ମଙ୍ଗଳା କିଷାନଙ୍କୁ ଭେଟୁଛନ୍ତି।

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ର ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ସେକ୍ଟର-୧୯ସ୍ଥିତ ସୁପରସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ସୁନ୍ଦରଗଡ ଏମପି ଜୁଏଲ ଓରାମ ଓ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି କିଷାନଙ୍କୁ ଭେଟିଥିଲେ। କିଷାନଙ୍କ ବଡ଼ପୁଅଙ୍କ ସହ ଆଲୋଚନା କରି ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଗୋପବନ୍ଧୁ ଜୟନ୍ତୀ ପାଳନ, କୃତୀ ଛାତ୍ରୀଛାତ୍ର ପୁରସ୍କୃତ



ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର।

**ରାଉରକେଲା,୧୦।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ପୁରାତନ ସାହିତ୍ୟାନୁଷ୍ଠାନ ଆଦର୍ଶ ପାଠାଗାର ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସ୍ଥାନୀୟ ଆଦର୍ଶ ସାହିତ୍ୟ ଘରଠାରେ ପାଳିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆଙ୍କ ଆବାହକତ୍ୱ ଓ ଅଶୋକ ବଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାଶ ମୁଖ୍ୟଅତିଥି, ଡାକ୍ତର ଉତ୍ତମ ଚରଣ ଜେନା, ଉପଦେଷ୍ଟା ଇଂ. ଅଭୟ କୁମାର ଦାସ ସମ୍ମାନିତ ବକ୍ତା ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଯାଇନି ପ୍ରିୟଦର୍ଶନୀ ଜେନା, ଅନନ୍ୟା ପାଢୀ, ସୋମଦେବ ମହାରଣା, ମୋହିତ ପଣ୍ଡା, ଶ୍ରେୟସୀ ସାହୁ ଓ ଶାଳିନୀ ପୋଥାଳ ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ଦେଇଥିଲେ। ପୂର୍ବରୁ ଗୋପବନ୍ଧୁ ଜୟନ୍ତୀ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡାକ୍ତର ସମର ମୁଦାଲି, ଡାକ୍ତର ସୁମନ ଦତ୍ତ, ତାରିଣୀ ଚରଣ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବାଉରିବନ୍ଧୁ ସାହୁ, ଡା. ବସନ୍ତ ଦାସ, ବିଜୟ ପାତ୍ର, ସନାତନ ପ୍ରଧାନ, ପଞ୍ଚାନନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଦିବଂଗତ ଅଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା)**

ସୋମବାର ସନ୍ଧ୍ୟାରେ ସେକ୍ଟର-୬ ସ୍ଥିତ କଳିଙ୍ଗ କ୍ଲବ ପକ୍ଷରୁ ଦିବଂଗତ ରାଉରକେଲା ସହକାରୀ କଲେକ୍ଟର ସୁସ୍ମିତା ମିଞ୍ଜ ଓ ଉଦିତନଗର ଥାନା ଏଏସଆଇ ଆଲିଶ ନାରମି ଲୁଗୁନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଲା। ନିରବ ପ୍ରାର୍ଥନା ପରେ ଉକ୍ତ ମାମଲାଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଥିଲା। କ୍ଲବର ପଙ୍କଜ ନାୟକ, ଉପେନ୍ଦ୍ର ଯାଦବ, ଅଭିଷେକ ବିଶ୍ୱାଳ, ରବି ନାୟକ, ଗଣେଶ ଯାଦବ, ପାର୍ଥ ନାୟକ, ମନୋଜ ମହତୋ, ସରୋଜ ନାୟକ, ଅରବିନ୍ଦ ଶର୍ମାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଶ୍ରଦ୍ଧାଞ୍ଜଳି ଜଣାଇବାକୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଉଛି।

# ଜଗଦାରେ ସ୍ୱଚ୍ଛ ଭାରତ ଅଭିଯାନ




ମହିଳାମାନେ ସଫେଇ ଅଭିଯାନ କରୁଛନ୍ତି।

**ରାଉରକେଲା,୧୦।୧୦(ସଙ୍ଗୀତା ଜେନା)**

ଜଗଦାର ସାମାଜିକ ଅନୁଷ୍ଠାନ ଉତ୍କଳ ବିହାର ମହିଳା ସମିତି 'ଆରାଧ୍ୟା' ପକ୍ଷରୁ ମଙ୍ଗଳବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। ପ୍ରଥମେ ମହିଳାମାନେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପରେ ସଫେଇ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ସ୍ୱଚ୍ଛଭାରତ ଅଭିଯାନର ସୂର୍ଯ୍ୟ ମହାନ୍ତି, ଆଦିତ୍ୟ ତ୍ରିପାଠୀ, ରବି କିଶୋର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପାଦିକା ପ୍ରେମଲତା ମହାନ୍ତି, ରୋଜାଲିନ୍ ରାଉତ, ମମତା ତ୍ରିପାଠୀ, ବବିତା ରାଉତ, ସବିତା ମହାରଣା, ମୀନତି ମହାନ୍ତି, କୁନି ମିଶ୍ର, ଜୟଶ୍ରୀ ପାଣ୍ଡେ, ରଶ୍ମିତା ସ୍ୱାଇଁ, ଯମୁନା ମାହାଲି ପ୍ରମୁଖ ସଫେଇରେ ସାମିଲ ହୋଇଥିଲେ।

# ଗରିବ ଅସହାୟଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

**ରାଉରକେଲା,୧୦।୧୦(ଦିନେଶ ମିଶ୍ର)**



ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ସେକ୍ଟର-୮ ସ୍ଥିତ 'ବି' ବ୍ଲକ ଅଞ୍ଚଳରେ ଥିବା ଆଶାର ଆଲୋକ କେନ୍ଦ୍ରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ରାଉରକେଲା ମହାନଗର ନିଗମ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡିଶା ସରକାରଙ୍କ ମିଳିତ ପ୍ରୟାସରେ ଏହି କେନ୍ଦ୍ର ଗରିବ, ଭିକ୍ଷୁକଙ୍କ ପାଇଁ ଖୋଲାଯାଇଛି। ଇନରହୁଇଲ କ୍ଲବ ରାଉରକେଲା ମିଡ୍‌ଟାଉନ ପକ୍ଷରୁ ଆୟୋଜିତ ଏହି ଶିବିରରେ ସଭାପତି ସୌଦାମିନୀ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ୫୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇଥିଲା। ବିଶେଷ କରି ଉକ୍ତ କେନ୍ଦ୍ରରେ ବାସ କରୁଥିବା ଗରିବ ଲୋକଙ୍କ ବିପି, ପଲ୍‌ସ, ମଧୁମେହ ଭଳି ରୋଗ ଯାଞ୍ଚ କରାଯାଇଥିଲା। ଡାକ୍ତର ଭରତ କକ୍କଡ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିଲା ସେମାନଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା। କ୍ଲବର ସମ୍ପାଦିକା ବବିତା ଶୁକ୍ଲା, ଉପଦେଷ୍ଟା ଆରତି ମହାନ୍ତି, ରୁଚି କକ୍କଡ, ପ୍ରଶାନ୍ତ ରାୟ, ମାନସ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଶାନ୍ତିନଗର ରାସ୍ତାରେ ବର୍ଜ୍ୟଜଳ

**ରାଉରକେଲା,୧୦।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଜେଲ ରୋଡ୍ ସ୍ଥିତ ଶାନ୍ତିନଗର ବସ୍ତି ରାସ୍ତାରେ ଥିବା ଚ୍ୟାମ୍ବର ମଧ୍ୟରୁ ବର୍ଜ୍ୟଜଳ ନିଷ୍କାସିତ ହୋଇ ମୁଖ୍ୟ ରାସ୍ତାରେ ଭାସୁଛି। ଫଳରେ ରାସ୍ତା କାଦୁଅ ହେବା ସହିତ ପରିବେଶ ପ୍ରଦୂଷିତ ହେଉଛି। ଏ ନେଇ ଶାନ୍ତିନଗରବାସୀ ସ୍ୱେରେଜ ବିଭାଗର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜେଲ ରୋଡ ଶାନ୍ତିନଗରରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏଥିସହିତ ଶାନ୍ତିନଗର ରାସ୍ତାରେ ରହିଛି ସରକାରୀ ଆଇଟିଆଇ ପ୍ରଶିକ୍ଷଣ କେନ୍ଦ୍ର। ପ୍ରତ୍ୟେହ ଏହି ରାସ୍ତା ଦେଇ ହଜାର ହଜାର ଲୋକ ଓ ଛାତ୍ରୀଛାତ୍ର ଯାତାୟାତ କରନ୍ତି।



ଚ୍ୟାମ୍ବରରୁ ବର୍ଜ୍ୟଜଳ ବାହାରି ରାସ୍ତାରେ ବହୁଛି।

ମାତ୍ର ରାସ୍ତାରେ ବର୍ଜ୍ୟଜଳ ବହୁଥିବାରୁ ବସ୍ତିବାସିନ୍ଦା ବିବିଧ ସମସ୍ୟାର ସମ୍ମୁଖୀନ ହେବା ସହିତ ବିଭିନ୍ନ ଚର୍ମଜନିତ ରୋଗର ଶିକାର ହେଉଥିବା କହିଛନ୍ତି। ଚ୍ୟାମ୍ବର ଫାଟି ଯାଇଥିବାବେଳେ ରାସ୍ତା ଦେଇ ବର୍ଜ୍ୟଜଳ ବାହାରକୁ ବହୁଛି। ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ କରା ନ ଗଲେ ଆଗକୁ ବିଭାଗୀୟ ଅଫିସ ସମ୍ମୁଖରେ ଧାରଣା ଦେବୁ ବୋଲି ଶାନ୍ତିନଗରର ସାରଳା ଦାସ, ଶିବାନୀ ସାମଲ, ରଶ୍ମୀ ଦାସ, ମନୋରଞ୍ଜନ ଧଳ ପ୍ରମୁଖ ପ୍ରମୁଖ କହିଛନ୍ତି। ଏ ନେଇ ରାଉରକେଲା ସ୍ୱେରେଜ ବିଭାଗର ସାଧାରଣ ପରିଚାଳକ ଡାକୁଆ ବାବୁଙ୍କୁ ପଚାରିବାରୁ ସେ କହିଲେ, ତୁରନ୍ତ ଶାନ୍ତନଗର ସ୍ଥିତ ଚ୍ୟାମ୍ବର ତନଖି କରାଯିବା ସହ ଏହାର ସ୍ଥାୟୀ ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

# ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଉପରେ ଗୁରୁତ୍ୱ

## ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷଙ୍କ ଜମନକିରା ବ୍ଲକ ଗସ୍ତ

ସମ୍ବଲପୁର/ଜମନକିରା, ୧୦।୧୦(ବି.ଶଙ୍କର/ରବୀନ୍ଦ୍ର ଦାନି)

ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ମଙ୍ଗଳବାର ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି। ଗସ୍ତ ସମୟରେ ସେ ଜମନକିରା ବ୍ଲକର କଟଙ୍ଗପାଣି ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ବଡ଼ମାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଷଣ୍ଢପଥର ହାଇସ୍କୁଲ ଓ ହାୟାର ସେକେଣ୍ଡାରୀ ସ୍କୁଲ ପରିଦର୍ଶନ କରିଥିଲେ। ଷଣ୍ଢପଥର ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତଙ୍କ ସହିତ ଆଲୋଚନା କରିବା ସହିତ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ପ୍ରଧାନ ଶିକ୍ଷକ ଜଗତ ପାଣି ଓ ବିଦ୍ୟୁତ୍ ସମସ୍ୟା ବିଷୟରେ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ଏହାପରେ ବ୍ଲକ ସମ୍ମିଳନୀ କକ୍ଷଠାରେ ଅଧିକାରୀ ଓ ପିଆର୍‌ଆଇ ସଦସ୍ୟମାନଙ୍କୁ ନେଇ ବୈଠକ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ହେଲେ ପ୍ରଚାର ପ୍ରସାର ଠିକ୍‌ରେ ହୋଇ ନ ଥିବାରୁ କେବଳ ଜଣେ ଦୁଇଜଣ ସମିତି ସଭ୍ୟାସଭ୍ୟ ଓ ୩ରୁ ୪ ଜଣ ୱାର୍ଡ ସଭ୍ୟାସଭ୍ୟ ଆସିଥିଲେ। ଏହାକୁ ଦେଖି ଅଧ୍ୟକ୍ଷ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯୋଗାଣ ବିଭାଗ, ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉଥିବା ଖାଦ୍ୟ, ମଧ୍ୟାହ୍ନଭୋଜନ ଇତ୍ୟାଦି ତଦାରଖ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ବାଦ୍ ଦେବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହିତାଧିକାରୀଙ୍କ ତାଲିକା ପିଆର୍‌ଆଇ ସଦସ୍ୟମାନଙ୍କୁ ପ୍ରଦାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପରିଦର୍ଶନ ସମୟରେ ତାଙ୍କ ସହ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ, ଜମନକିରା ବିଡିଓ ପ୍ରସନ୍ନ କୁମାର ପଟେଲ, ତହସିଲଦାର ବ୍ରଜ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଧ୍ୟକ୍ଷ ଏକ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ପ୍ରସଙ୍ଗ ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ।


ସମୀକ୍ଷା କରିବା ଅବସରରେ ଖାଦ୍ୟ ସୁରକ୍ଷା ଆୟୋଗ ଅଧ୍ୟକ୍ଷ ଓ ଅନ୍ୟମାନେ।

### ସଂକ୍ଷେପରେ

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୦।୧୦(ଅଚ୍ୟୁତାନନ୍ଦ ପୁରୋହିତ):** ଚାରମାଳ ଥାନା ଗରଗଡବାହାଲ ରାସ୍ତାରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୋଚିବାହାଲ ପଞ୍ଚାୟତ ବାଗଡୋଲି ଗ୍ରାମର ରୋଶନ ବଦ୍ରା। ସୂଚନାମତେ ରୋଶନ ଅନ୍ୟଜଣେ ଯୁବକ ସିଲାଶ ଭଦ୍ରାଙ୍କ ସହ ଗରଗଡବାହାଲ ସ୍କୁଲକୁ ତାଙ୍କ ଭାଇଙ୍କୁ ଛାଡିବାକୁ ଯାଇ ବାଇକ୍ (ଓଡି୧୫ସି-୧୮୬୭)ରେ ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ୫ଟା ବେଳେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ରୋଶନ ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ ପଛରେ ବସିଥିବା ସିଲାଶ ସାମାନ୍ୟ ଆହତ ହୋଇଛନ୍ତି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ଚାରମାଳ ପୋଲିସ ନଂ.୧୨୭ରେ ମାମଲା ରୁଜୁ କରିଛି।

## କୁଚିଣ୍ଡା କଲେଜରେ ଆନ୍ତଃ ବିଭାଗ ପାଠଚକ୍ର

**କୁଚିଣ୍ଡା, ୧୦।୧୦(ବିରଞ୍ଚି ଦର୍କା):** କୁଚିଣ୍ଡା ମହାବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଉପରେ ୨୦୨୩-୨୪ ଶିକ୍ଷାବର୍ଷର ପ୍ରଥମ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଦର୍ଶନ ବିଭାଗ, ଶିକ୍ଷା ବିଭାଗ ଓ ଆଭ୍ୟନ୍ତରୀଣ ଗୁଣ ନିର୍ଦ୍ଧାରଣ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ମୁଖ୍ୟଅତିଥି, ପ୍ରାଧ୍ୟାପକ ଅମିୟ କୁମାର ପାତ୍ର, ଆଭ୍ୟନ୍ତରୀଣ ଗୁଣ ନିର୍ଦ୍ଧାରଣ କମିଟି ସଂଯୋଜିକା ଅଧ୍ୟାପିକା ସୁଭଦ୍ରା ଦାସ, ଡ. ମେନକା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠଚକ୍ରର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ରାଜେଶ୍ୱରୀ କୁରୁଆଁ, ଛାତ୍ରୀ ଅଙ୍କିତା ନାଏକ, ପୁନମ ଦେବ, କୁମୋଦିନୀ ପିଙ୍ଗ ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ବେଲାମତି କୁମୁରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବଦତ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ୟୁରେ ମାନସିଂହ କବିତା ସନ୍ଧ୍ୟା

**ସମ୍ବଲପୁର, ୧୦।୧୦(ବି.ଶଙ୍କର):** କବି ମାୟାଧର ମାନସିଂହଙ୍କ ୫୦ତମ ପୁଣ୍ୟ ତିଥି ଉପଲକ୍ଷେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ କବିତା ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମାୟାଧର ମାନସିଂହ ଗ୍ରନ୍ଥାଗାର ପ୍ରାଙ୍ଗଣରେ ଛାତ୍ରୀଛାତ୍ର ଓ ନିମନ୍ତ୍ରିତ କବିମାନେ କବିତା ଆବୃତ୍ତି କରିଥିଲେ। କୁଳପତି ପ୍ରଫେସର ଏନ୍ ନାଗାରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାଶ, ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଡ଼. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ରଞ୍ଜନ ସେଠୀ, ଗ୍ରନ୍ଥାଗାରିକ ପୁଷ୍ପାଞ୍ଜିନୀ ମହାନ୍ତି ମାନସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସମାରୋହର ଅୟମାରମ୍ଭ କରିଥିଲେ । ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର, ପ୍ରଫେସର ଗିରିବାଳା ମହାନ୍ତି କବିତା ଆବୃତ୍ତି କରିଥିଲେ।

# ସମ୍ବଲପୁରରେ କେନ୍ଦ୍ରୀୟ ବିଦ୍ୟାଳୟ-୩ ଖୋଲିବାକୁ ଦାବି

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ସମ୍ବଲପୁର, ୧୦।୧୦(ବି.ଶଙ୍କର)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟ-୧ ଓ ୨ ସମ୍ବଲପୁରରେ ଉତ୍କର୍ଷତା ଅନୁସରଣ ପୂର୍ବକ କାର୍ଯ୍ୟ କରିଆସୁଛି। ସମ୍ପ୍ରତି ସମ୍ବଲପୁର ସହରର ପରିସୀମା ଓ ଜନସଂଖ୍ୟା ସାଙ୍ଗକୁ ବାଳିକାବାଳକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁରରେ ତୃତୀୟ (ନମ୍ବର-୩) କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ଦାବି ହୋଇଛି। ଏ ନେଇ ମଙ୍ଗଳବାର ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ ଅଭିଭାବକ ସଂଘ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅନନ୍ୟା ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧି ଦଳରେ ଅଭିଭାବକ ସଂଘ ସଭାପତି ସରୋଜ ଦେଓ, ସରୋଜ ସାହୁ, ଦୁଲାଲ ଚନ୍ଦ୍ର ରାୟ, ଭାରତୀ ସାହୁ, ବିରାଜ ମିଶ୍ର, ଶ୍ରୀମନ୍ତ ପଣ୍ଡା, ପ୍ରକାଶ ପ୍ରଧାନ, ରାମଦାସ ପଣ୍ଡା, ସୁବ୍ରତ ପତି, ସୁଶାନ୍ତ ମହାପାତ୍ର, ସୁମନ୍ତ ପଣ୍ଡା, କାନନ ନାଗ ପ୍ରମୁଖ ସାମିଲ ଥିଲେ।

ସୂଚନାଯୋଗ୍ୟ, ୧୯୬୫ରେ ଓଡ଼ିଶାରେ ପ୍ରଥମେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହା ମଧ୍ୟରେ ସମ୍ବଲପୁର-୧ ଅନ୍ୟତମ। ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟ ଯୋଗୁ ଶିକ୍ଷାନଗରୀ ବୁର୍ଲାଠାରେ କେନ୍ଦ୍ରୀୟ ବିଦ୍ୟାଳୟ-୨ ସ୍ଥାପନ ହୋଇପାରିଛି। ତେବେ ସମ୍ବଲପୁର ସହରରେ ପ୍ରତିରକ୍ଷା ଏବଂ ପାରା-ସାମରିକ କର୍ମଚାରୀଙ୍କ ସମେତ ବାଳିକାବାଳକଙ୍କ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିକ୍ଷାବର୍ଷ ୨୦୨୪-୨୫ରୁ ଆଉ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ଅଭିଭାବକ ସଂଘ ଅନୁରୋଧ କରିଛି। ଏଥିସହ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ରେ ଦୀର୍ଘବର୍ଷ ହେବ ଲାଗିରହିଥିବା ବିଭିନ୍ନ ସମସ୍ୟା ସମାଧାନ କରିବାକୁ ସଂଘ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।



ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଯାଉଛନ୍ତି ଅଭିଭାବକ।

# ଭୀମ ଭୋଇ ଯୁଗପୁରୁଷ ଥିଲେ

## ଭୀମଙ୍କ କଥା: କଥାର ଭୀମ ଶୀର୍ଷକ ବକ୍ତୃତାମାଳା


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ସମ୍ବଲପୁର, ୧୦।୧୦(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଅଧ୍ୟାପନା ପ୍ରକୋଷ୍ଠ-୧ରେ ଅଷ୍ଟମ ଭୀମଭୋଇ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ରେ ଅତିଥିମାନେ ଉପରୋକ୍ତ ମତ ପ୍ରଦାନ କରିଛନ୍ତି। ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଶାନ୍ତିନିକେତନ ବିଶ୍ୱଭାରତୀର ପ୍ରଫେସର କୈଳାଶ ପଟ୍ଟନାୟକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭୀମଙ୍କ କଥା: କଥାର ଭୀମ ଶୀର୍ଷକରେ ଆଲୋଚନା କରିଥିଲେ। ସେ ଭୀମଭୋଇଙ୍କ ଉପରେ ରଚିତ ତିନୋଟି ଉପନ୍ୟାସର ସମୀକ୍ଷା କରିବା ସହ ସନ୍ଥକବିଙ୍କ ଚରିତ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ବିଶ୍ୱଭାରତୀର ପୂର୍ବତନ ଅଧ୍ୟାପିକା ତଥା ସାହିତ୍ୟିକା ପ୍ରଫେସର ଗିରିବାଳା ମହାନ୍ତି କହିଥିଲେ, ଊନବିଂଶ ଶତାବ୍ଦୀରେ ଓଡ଼ିଶାରେ ଅନେକ ଯୋଗଜନ୍ମା ସୃଷ୍ଟି ହୋଇଥିଲେ। ଯେତେବେଳେ ଭାରତ ବର୍ଷରେ ଶିକ୍ଷାଦୀକ୍ଷା ଧନଧାନ୍ୟରେ ଉତ୍ତୁଙ୍ଗ ମହାପୁରୁଷମାନେ ଆର୍ଯ୍ୟ ସମାଜ ଗଠନ କରୁଛନ୍ତି, ସେତେବେଳେ ଭୀମଭୋଇଙ୍କ ଭଳି ଜଣେ ଯୁଗପୁରୁଷ ତଳସ୍ତରରେ ରହି ସମାଜ ସହ ଲଢେଇ କରି ସଂସ୍କାର କଥା କହୁଥିଲେ । ଭୀମଭୋଇ ଚେୟାର ପ୍ରଫେସର ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବକ୍ତୃତାମାଳା ହୋଇଥିଲା। କୁଳପତି ପ୍ରଫେସର ଏନ୍ ନାଗାରାଜୁ ସ୍ୱାଗତ ଭାଷଣ ଦେଇ ଭୀମଭୋଇ ଚେୟାରର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି କହିଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାଶ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଓଡିଆ ବିଭାଗର ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଭୀମଭୋଇ ଚେୟାର ପକ୍ଷରୁ ଲେଖ ଅଲେଖ ଶୀର୍ଷକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଧ୍ୟାପକ ରଞ୍ଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

କୁଚିଣ୍ଡା, ୧୦।୧୦(ବିରଞ୍ଚି ଦର୍କା)

କୁଚିଣ୍ଡା ତାଲୁକ ଆଇନସେବା କମିଟି ପକ୍ଷରୁ ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ସଭାପତିତ୍ୱ କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁବୋଧ କୁମାର ନାୟକ, ଆଇନସେବା କମିଟି ସଦସ୍ୟ କରୁଣାକର କିଷାନ, କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶାନ୍ତନୁ କୁମାର ସାହୁ ସଭା ସଞ୍ଚାଳନ କରିଥଲେ। କୁଚିଣ୍ଡା କଲେଜ ଏନ୍‌ଏସ୍‌ଏସ୍ ସଂଯୋଜିକା ଅଧ୍ୟାପିକା ବେଲମତି କୁମୁରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏକକ ଅଭିନୟ ମାଧ୍ୟମରେ ମାନସିକ ଶିଶୁଙ୍କ ଯତ୍ନ ଓ ସଚେତନତା ଉପରେ ବାର୍ତ୍ତା ଦେଇଥିଲେ। ଶେଷରେ ବିଦ୍ୟାଳୟ ଉପଦେଷ୍ଟା ସଞ୍ଜୟ ମିଶ୍ର ଧନ୍ୟବାଦ ଦେଇଥିଲେ।

## ବିପଜ୍ଜନକ ଭାବେ ବିଦ୍ୟୁତ୍ ସଂଯୋଗ

କୁଚିଣ୍ଡା, ୧୦।୧୦(ବିରଞ୍ଚି ଦର୍କା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ଟାଇଁସରଠାରେ ବିପଜ୍ଜନକ ଅବସ୍ଥାରେ ଟ୍ରାନ୍ସଫର୍ମରରୁ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଟାଇଁସର ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ପାଇଁ ଗ୍ରାମରେ ଏକ ଟ୍ରାନ୍ସଫର୍ମର ରହିଛି। ଏଠାରୁ ତିନୋଟି ଫେଜ୍‌ରେ ଗ୍ରାମବାସୀଙ୍କୁ ସଂଯୋଗ ଦିଆଯାଇଛି। ବିପଦପୂର୍ଣ୍ଣ ଭାବେ ଦୁଇଗୋଟି ବାଉଁଶ ବାଡି ସହାୟତାରେ ତିନୋଟି ଯାକ ଫେଜ୍‌କୁ ଅଲଗା କରି ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଉପରୁ ଟ୍ରାନ୍ସଫର୍ମରକୁ ଆସୁଥିବା ଜୀବନ୍ତ ତାରକୁ ମଧ୍ୟ ଏକ ବାଉଁଶ ବାଡି ଦ୍ୱାରା ଅଲଗା କରି ରଖାଯାଇଛି। ଏଭଳି ବିପଜ୍ଜନକ ଅବସ୍ଥାରେ ଥିବା ଜୀବନ୍ତ ତାରକୁ ହଟାଇ କେବୁଲ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହାଛଡା ଜୀବନ୍ତ ବିଦ୍ୟୁତ୍ ଫେଜଗୁଡ଼ିକ ଭୂମିରୁ କମ୍ ଉଚ୍ଚତାରେ ଥିବାରୁ ଏହା ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସପ୍ତମେନ୍ଦୁ ରଏଙ୍କୁ ପଚାରିବାରେ ଏହା ମୋ ଦୃଷ୍ଟିକୁ ଆସି ନ ଥିଲା। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।


ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ସଂଯୋଗ।

# କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ

ନାକଟିଦେଉଳ, ୧୦।୧୦(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରା.ପ.ରେ ମଙ୍ଗଳବାର ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବସାଲୋଇ ଖେଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଗୌରୀ ଶଙ୍କର ପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତା ଏବଂ କଂଗ୍ରେସର ସଫଳତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେବା ସହ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ସାଲେଭଟା ଗ୍ରା.ପ. ସଭାପତି ବେଣୁଧର ଦାସ, ବାଟଗାଁ ପଞ୍ଚାୟତର ସମିତି ସଭ୍ୟ ଅଶୋକ କୁମାର ସାମଲ, ଗୋପୀନାଥ ସାହୁ, ବବୁଲୁ ସାହୁ, ପବିତ୍ର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀ।

## କାର୍ ସହ ଗଞ୍ଜେଇ ଜବତ

**ନାକଟିଦେଉଳ, ୧୦।୧୦(ବୈକୁଣ୍ଠ ନାଥ ସାହୁ):** ନାକଟିଦେଉଳ ପୋଲିସ ମଙ୍ଗଳବାର ଚଢାଉ କରି ଏକ କାର୍ ସହ ୨୨କେଜି ଗଞ୍ଜେଇ ଜବତ କରିଛି। ପୋଲିସ ସୂଚନା ଅନୁସାରେ ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ନାକଟିଦେଉଳ ଥାନା କେଲୋବେର୍ଣ୍ଣି ଗ୍ରାମ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଖବର ପାଇ ପୋଲିସ ପହଞ୍ଚିଥିଲା। ତେବେ ଦୁର୍ଘଟଣାଗ୍ରସ୍ତ କାର୍ ଯାଞ୍ଚ କରିବାରୁ ସେଥିରୁ ୨୨କେଜି ୨ଶହ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୋଲିସ କାର୍ (ଜେଏଚ୍୦୫ଡିଇ-୦୯୧୦) ସହିତ ଗଞ୍ଜେଇ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୪୯/୨୩) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ଦୁର୍ଘଟଣା ପରେ ଗାଡି ଚାଳକ ସମେତ ଅନ୍ୟମାନେ ଫେରାର ହୋଇଯାଇଛନ୍ତି।

## ମା’ ତୋର ସାହାରା ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍

ଜମନକିରା, ୧୦।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ସଦର ମହକୁମା ପୁରୁଣାଥାନା ପଡିଆରେ ମା’ ତୋର ସାହାରା ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗାଁ ଗୌନ୍ତିଆ ହେମନ୍ତ ପଟେଲ, ଗୋକୁଳାନନ୍ଦ ଦାନି, ଆଦିପ୍ରସାଦ ମହାକୁଳ, କଞ୍ଚନ ଜୟପୁରିଆ, ସୁଜାତା ଖୁଣ୍ଟିଆ, ନନ୍ଦଲାଲ ସାହୁ ପ୍ରମୁଖ ଯୋଗଦେଇଥିଲେ। ମା’ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭୋଗ ଅର୍ପଣ ପରେ ଅତିଥିମାନେ ଏକସାଙ୍ଗରେ ନୂଆଖାଇ ପ୍ରସାଦ ସେବନ କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାଏକ, ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ, ଜମନକିରା ବ୍ଲକ ବିଜେଡି ସଭାପତି ଆଦିପ୍ରସାଦ ମହାକୁଳ, ଗାଁ ଗୌନ୍ତିଆ ହେମନ୍ତ କୁମାର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ରକଷ୍ଟାର ରିଦମ ଗ୍ରୁପ ନିବାସ, ବିନକାର ଗୋପାଳ ପଣ୍ଡାଙ୍କ କଂସ ଅଭିନୟ ମୁଖ୍ୟ ଆକର୍ଷଣ ଥିଲା।

# ଭସାଣି ଶୋଭାଯାତ୍ରା ହେବ ନାହିଁ ବ୍ଲକ ଅଫିସ ଘେରିଲେ ଏସ୍‌ଏଚ୍‌ଜି ମହିଳା

## ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

ସମ୍ବଲପୁର, ୧୦।୧୦(ବି.ଶଙ୍କର)

ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ମଙ୍ଗଳବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ପୂଜା ନିମନ୍ତେ ଗାଇଡ୍‌ଲାଇନ ବିଷୟରେ ଆଲୋଚନା ହୋଇଥିଲା। ଚଳିତବର୍ଷ ଗାଇଡଲାଇନ ଅନୁଯାୟୀ କୌଣସି ଶୋଭଯାତ୍ରା ହେବ ନାହିଁ । କିନ୍ତୁ ରୀତିନୀତି ଅନୁସାରେ ପୂଜାମଣ୍ଡପ ପ୍ରବେଶ ଦ୍ୱାରରୁ ମା’ ଦୁର୍ଗାଙ୍କୁ ସ୍ୱାଗତ ଓ ଭଷାଣି ହେବ ବୋଲି ଆଲୋଚନା ହୋଇଥିଲା। ଷ୍ଟ୍ରିଟଲାଇଟ ସମସ୍ୟା ସମାଧାନ ପାଇଁ ଟିମ ଗଠନ ହେବ। ରାସ୍ତା ଖାଲଖମା ମରାମତି ସହ ସମସ୍ତ ପୂଜା ମଣ୍ଡପରେ ଜଣେ ସଫେଇ କର୍ମଚାରୀ ଆବଣ୍ଟନ କରାହେବ। ବୈଠକରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ ସାହୁ, ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ଏସ୍‌ପି ମୁକେଶ କୁମାର ଭାମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।


ଶାନ୍ତି କମିଟି ବୈଠକରେ ପୂଜା କମିଟି କର୍ମକର୍ତ୍ତା ଓ ଅଧିକାରୀମାନେ ।

## ରାତ୍ର ଜଗୁଆଳି ଚୟନରେ ଚଞ୍ଚକତା ଅଭିଯୋଗ

ଜମନକିରା, ୧୦।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଭାଟପୁରାର ୫-ଟି ଅଧୀନ ପଞ୍ଚାୟତ ହାଇସ୍କୁଲରେ ଡିମିରିମୁଣ୍ଡା ଗାଁର ମା’ ଦୁର୍ଗା ଏସ୍‌ଏଚ୍‌ଜିକୁ ଚଞ୍ଚକତା ଭାବେ ରାତ୍ର ଜଗୁଆଳି ଓ ସଫେଇ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାର ପ୍ରତିବାଦରେ ଏସ୍‌ଏଚ୍‌ଜି ସଂଘ ସଦସ୍ୟା ମଙ୍ଗଳବାର ବ୍ଲକ ଅଫିସ ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜି ଗ୍ରୁପକୁ ବାଦ ଦେଲେ ପଞ୍ଚାୟତର କୌଣସି ଏସ୍‌ଏଚ୍‌ଜି, ମିଶନ ଶକ୍ତିର ଏମ୍‌ବିକେ, ଅଙ୍ଗନୱାଡ଼ି କର୍ମୀ, ଜନସାଧାରଣ କିମ୍ବା ପଞ୍ଚାୟତ ଅଫିସଠାରେ ରାତ୍ର ଜଗୁଆଳି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପଞ୍ଚାୟତର କୌଣସି ଗାଁରେ ବିଜ୍ଞାପନ ଦିଆଯାଇ ନାହିଁ। ଶିକ୍ଷା ବିଭାଗ ବିଜ୍ଞାପନ ଚିଠି ନଂ.୮୭୨/ତା୫।୧୦।୨୦୨୩ ଅନୁଯାୟୀ ରାତ୍ର ଜଗୁଆଳି ଓ ସଫେଇ କାର୍ଯ୍ୟ ନିଯୁକ୍ତି ସମ୍ପର୍କରେ ଜଣାପଡ଼ିବାରୁ ଏସ୍‌ଏଚ୍‌ଜି ମହିଳା ସଂଘ ସମୂହ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ପଞ୍ଚାୟତର ଏସ୍‌ଏଚ୍‌ଜି ସମୂହ ବୈଠକ ଡାକି ଆଲୋଚନା କରିଥିଲେ। ବର୍ତ୍ତମାନ ସରପଞ୍ଚ ପରିବାରର ସଭ୍ୟା ଥିବା ମା’ ଦୁର୍ଗା ଏସ୍‌ଏଚ୍‌ଜିକୁ ଚଞ୍ଚକତା କରି ଦାୟିତ୍ୱ ଦିଆଯାଇଛି। ତେଣୁ ଏଭଳି ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରି ସ୍ୱଚ୍ଛତା ପୂର୍ବକ ସମସ୍ତ ଏସ୍‌ଏଚ୍‌ଜି ଉପସ୍ଥିତିରେ ନିୟମାନୁଯାୟୀ ପୁନଃ ରାତ୍ର ଜଗୁଆଳି ନିଯୁକ୍ତି କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ବିଡ଼ିଓ ବିଚାର କରିବାକୁ ଏସ୍‌ଏଚ୍‌ଜି ସଂଘ ସଦସ୍ୟାମାନେ ଦାବି ଜଣାଇଛନ୍ତି। ଆସନ୍ତା ୭ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏସ୍‌ଏଚ୍‌ଜି ସଂଘର ସଦସ୍ୟା, ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡ଼ିଓ ପ୍ରସନ୍ନ କୁମାର ପଟେଲଙ୍କୁ ପଚାରିବାରୁ ଏମ୍‌ବିକେ ଗ୍ରୁପରେ ଚିଠି ପ୍ରେରଣ କରାଯାଇଥିଲା। ଏମ୍‌ବିକେ ଚିଠି ପାଇବା ପରେ ଫଟୋ ଥାଇ ଗ୍ରୁପରେ ପୋଷ୍ଟ କରିଥିଲେ। କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା କ’ଣ ରହିଛି ତାହା ତଦନ୍ତ କଲେ ଜଣାପଡ଼ିବ ବୋଲି କହିଥିଲେ।


ବ୍ଲକ ଅଫିସ ଘେରାଉ ଅବସରରେ ଏସ୍‌ଏଚ୍‌ଜି ସଦସ୍ୟାମାନେ।

## ଫରେଷ୍ଟ ପାର୍କ ବୁଲି ଦେଖିଲେ ଜିଲାପାଳ

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ବନ ବିଭାଗ ନିର୍ମିତ ପାର୍କ ମଙ୍ଗଳବାର ବୁଲି ଦେଖିଛନ୍ତି ଜିଲାପାଳ ଚଞ୍ଚଳ ରାଣା। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ଅବସର ବିନୋଦନ ପାଇଁ ହରିଣ ପାର୍କ ପାଖରେ ନିର୍ମିତ ପାର୍କର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଗାମୀ ୧୩ ତାରିଖ ପାର୍କ ଉଦଘାଟନ ହେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏସ୍‌ପି ରଷିକେଶ ଖିଲାରି, ପାଟଣାଗଡ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ହରିଶଙ୍କର ବାନାଞ୍ଚଳ ଅଧିକାରୀ ସୁନିଲ କୁମାର ମିଶ୍ର, ନୂତନ ବାନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ବନପାଳ ସନ୍ଧ୍ୟାରାଣୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

କୋକସରା,୧୦।୧୦(ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ କରାଯାଇଛି। କଂଗ୍ରେସ ବ୍ଲକ ସଭାପତି ଲିଙ୍ଗରାଜ ବେହେରା ଯାଦବଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ କଂଗ୍ରେସ ସରକାରଙ୍କ ସମୟରେ ଦେଶବାସୀଙ୍କୁ ମିଳିଥିବା ସୁବିଧା ସୁଯୋଗ ଉପଲବ୍ଧିକୁ ନେଇ ସଚେତନତା କରିଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦ୍ୱାରା ଦରଦାମ ବୃଦ୍ଧି ଲୋକଙ୍କ ଆର୍ଥିକ ମାନଦଣ୍ଡକୁ ଦୋହଲାଇ ଦେଇଛି। ଆଗାମୀ ଦିନରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି କହିଛନ୍ତି। ଆମପାଣିଠାରୁ ଡୁମେର ବାହାଲ ଭାଲିଆଯୋର, ତଳାଗାଁ, ବାଞ୍ଜି ବାହାଲ, ବଡକେନ୍ଦୁଗୁଡା, କୁମୁ କାଉଡୋଳାରୁ କୋକସରା ପର୍ଯ୍ୟନ୍ତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ରବୀନ୍ଦ୍ର ପାଢ଼ଯୋଷୀ, ଜିଲା ଉପ ସଭାପତି ପୁରୁଷୋତ୍ତମ ଗୁପ୍ତା, ଜିଲା ସମ୍ପାଦକ ରାଜେନ୍ଦ୍ର ନାଏକ, ତ୍ରିଭୁବନ ନାଏକ, ରାଜ୍ୟ ଯୁବ ସମ୍ପାଦକ ବେଣୁପାଣି ଦୁର୍ଗା, ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସମ୍ପାଦକ ଦିଗାମ୍ବର ଦୁରିଆ, ପୂର୍ବତନ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଡାକେଶ୍ୱର ଲହଜଳ, ବ୍ଲକ କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ନାଏକ, ଆମପାଣି ଯୋନ ସଭାପତି ହରିଶ୍ଚନ୍ଦ୍ର ନାଏକ, କୋକସରା ଜୋନ ସଭାପତି କମଳ ଲୋଚନ ନାଏକ, ମୋଟେର ଜୋନ ସଭାପତି ଯତୀନ୍ଦ୍ର ଦଳାଇ, ଜିଲା ଛାତ୍ର କଂଗ୍ରେସ ସମ୍ପାଦକ ସୁଭାଷ ଚନ୍ଦ୍ର ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନଭେମ୍ବର ୨୮ରେ ଡଙ୍ଗରଗଡ଼ ମହୋତ୍ସବ

ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)



ଡଙ୍ଗରଗଡ଼ ମହୋତ୍ସବ ପାଇଁ ବୈଠକରେ ଆଲୋଚନା କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ କଲମ ପଞ୍ଚାୟତସ୍ଥିତ ଡ଼ଙ୍ଗରଗଡ଼ଠାରେ ମଙ୍ଗଳବାର ଡ଼ଙ୍ଗରଗଡ଼ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହେନ୍ଦ୍ର ବାଗ, ଚନ୍ଦ୍ରସେନ ବାଗ, କୀର୍ତ୍ତନ ମାଝି, ଶଶୀଦେବ ମାଝି, ଦେବ ମାଝି, ଜୟରାମ ମାଝି, ଜଗନ୍ନାଥ ଶବର, ମଳର ଶବର, ଯଦୁରାମ ମାଝି, ଜୟସେନ ସାହୁ, ହୃଦାପଟେଲ, ଟିକେ ଶବର, ତ୍ରିଲୋଚନ ମାଝି, ହରିଶଙ୍କର ମାଝି, ଭବାନୀ ବାଗ, କ୍ଷୀର ମାଝି, ନୀଲେ ମାଝି, ମଞ୍ଜୁସୁତା ମାଝି, ଜନକ ମାଝି, ଦଳିନି ମାଝି, ସୁରଦେଇ ମାଝି, ପାର୍ବତୀ ମାଝି, ସଂକ୍ରି ମାଝି, ବନିତା ମାଝି, ସୁରୁଦେଇ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହାର ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ହେବା ପାଇଁ ଉକ୍ତ ବୈଠକରେ ସ୍ଥିର କରିବା ସହ ପ୍ରତ୍ୟେକ ବର୍ଷ ନଭେମ୍ବର ୨୮ରେ ମହୋତ୍ସବ ପାଳନ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ ଯେ, ଡ଼ଙ୍ଗରଗଡ଼ ମହୋତ୍ସବର ମୁଖ୍ୟ ଉପଦେଷ୍ଟା ଡ଼. ଭବାନୀ ଶଙ୍କର ନିଆଲ ଅଛନ୍ତି। କଳା, ସଂସ୍କୃତି ଓ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ନେଇ ଗତ ଦିନରେ ବିଭିନ୍ନ ସମୟରେ ପାର୍ବତାରୋହଣ କାର୍ଯ୍ୟକ୍ରମ କରାଯାଇଥିଲା। ଡ଼ଙ୍ଗରଗଡ଼ରେ ୫ଟି ବଡ଼ ଜଳପ୍ରପାତ, ଟୁରିଷ୍ଟ ସ୍ପଟ ଓ ପାଖାପାଖି ୨୦ ହଜାର ବର୍ଷର ପଥର ଗୁମ୍ଫା ଚିତ୍ର ରହିଛି। ଏଠାରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଓ ଛତିଶଗଡର ଲୋକେ ବର୍ଷତମାମ ଆସିଥାନ୍ତି।

## ଅନମୋଲ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲାପାଳ

ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)

**ସଂସଦ ଭବନରେ ଇଂଲିଶରେ ବକ୍ତୃତା ଉପସ୍ଥାପନା କରି ଚର୍ଚ୍ଚାରେ ରହିଥିଲେ**

ନୂଆଦିଲ୍ଲୀ ସ୍ଥିତ ନୂଆ ସଂସଦ ଭବନରେ ଗତ ଅକ୍ଟୋବର ୨ ତାରିଖରେ ଲାଲବାହାଦୁର ଶାସ୍ତ୍ରିଜୀଙ୍କ ଉପରେ ଇଂଲିଶରେ ବକ୍ତୃତା ଉପସ୍ଥାପନା କରି ଜିଲା ତଥା ଦେଶରେ ହୃଦୟ ଜିତିଥିଲେ କଳାହାଣ୍ଡିର ଝିଅ ଅନମୋଲ୍ ଅଙ୍କିତା। ଏପରିସ୍ଥଳେ ମଙ୍ଗଳବାର ଅନମୋଲ ଅଙ୍କିତାଙ୍କୁ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ଖାଲି ସେତିକି ନୁହେଁ ଅନମୋଲଙ୍କ ସହ ତାଙ୍କ ବର୍ତ୍ତମାନ ଓ ଭବିଷ୍ୟତର ପାଠପଢା ସମ୍ପର୍କରେ ଆଲୋଚନା କରି ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ତଥା ତାହା ପାଇଁ ପ୍ରସ୍ତୁତି ବିଷୟରେ ମଧ ଜିଲାପାଳ ତାଙ୍କୁ ଉପଦେଶ ଦେଇଛନ୍ତି। ଏହି ସମୟରେ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ପ୍ରସନ୍ନ କୁମାର ମେହେର ଉପସ୍ଥିତ ଥିଲେ।



ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅନମୋଲ ଅଙ୍କିତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

## ଉତ୍କଳମଣି ସେବା ସଂସ୍ଥାର ପଞ୍ଚଦଶ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଜୁନାଗଡ଼,୧୦।୧୦(ସୁନୀଲ କୁମାର ସିଂହ/ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଓ ଉତ୍କଳମଣି ସେବା ସଂସ୍ଥାର ପଞ୍ଚଦଶ ବାର୍ଷିକ ଉତ୍ସବ ମଧୁ ସୂଦନ ପଣ୍ଡାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସ୍ଥାନୀୟ ଶହୀଦ ରଣ୍ଡୋ ମାଝି ସଂସ୍କୃତି ଭବନରେ ଅନୁଷ୍ଠିତ ସଭାରେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି, ଜୁନାଗଡ଼ ନଗରପାଳ ମୁକେଶ କୁମାର ଅଗ୍ରୱାଲ ସମ୍ମାନିତ ଅତିଥି, ପ୍ରଧାପକ ତଥା ବିଶିଷ୍ଟ ଲେଖକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଶିକ୍ଷାବିତ୍ ତଥା ଗବେଷକ ଉମେଶ ଚନ୍ଦ୍ର ଶତପଥୀ ସମ୍ମାନିତ ବକ୍ତା, ବିଶିଷ୍ଟ ଲେଖକ ସରୋଜ ସାମଲ ଅନ୍ୟତମ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଅଜୟ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ସୁପ୍ରିୟା ବେହେରା। ପଦ୍ମଶ୍ରୀ ପଟାୟତ ସାହୁଙ୍କୁ ସମ୍ବର୍ଦ୍ଧନା ସହିତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ, ମାଟ୍ରିକ୍ ଓ ଯୁକ୍ତ ୨ ଟପ୍ପରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ, ସେବା, ସାହିତ୍ୟ, ସାମ୍ବାଦିକତା ଓ ସ୍ୱାଧୀନତା ସଂଗ୍ରାମ ପାଇଁ ଚରମ ତ୍ୟାଗପୂତ ଜୀବନର ଅନନ୍ୟ ନଜିର ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ନିଜ ବକ୍ତବ୍ୟରେ ମନୋରଞ୍ଜନ ମହାନ୍ତି କହିଥିଲେ। ଉତ୍କଳମଣିଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ ଡ ଉମେଶ ଚନ୍ଦ୍ର ଶତପଥୀ। ଭଗବାନ ସାହୁ, ଦାମୋଦର ବେହେରା, ବିଜୟ ମଲ୍ଲିକ, ହେମନ୍ତ ସାସମଲ, କୃପାସିନ୍ଧୁ ଶତପଥୀ, ଶାନ୍ତନୁ ପରିଡା, ଜୟନ୍ତ ଜେନା, ନିରଞ୍ଜନ ସାହାଣୀ, ନବଘନ ସାହୁ, ଚନ୍ଦ୍ର ଶେଖର ସିଂହ, ସୁରେନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସାହୁ, ସ୍ୱର୍ଣ୍ଣଲତା ଦାସ, ମମତା ସାହାଣୀ ପରିଚାଳାନା କରିଥିଲେ। ଗୋପବନ୍ଧୁଙ୍କ ଜୀବନ ଓ ଆଦର୍ଶକୁ ନେଇ ଅନୁଷ୍ଠିତ କବିତା ଆସରରେ ରମେଶ ନାୟକ, କୈଳାସ ରାଉତ, ସୁଧିର ମେହେର, ଉଦ୍ଧବ ସାହୁଙ୍କ ସହିତ ୩୫ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡିକୁ ନେଇ ସଂକଳିତ ପୁସ୍ତକ 'ଉତ୍କଳମଣି ଗୋପବନ୍ଧୁ' ଉନ୍ମୋଚିତ ହୋଇଥିଲା।

## କ୍ଲଷ୍ଟରରେ ସୁରଭି, ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ସିନାପାଲି,୧୦।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ କୁଲିଆଡୁଙ୍ଗରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ସୁରଭି ଉତ୍ସବ ଉଦଘାଟନୀରେ ବରିଷ୍ଠଶିକ୍ଷକ ପଙ୍କଜ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ସିଆରସିସି ମହେଶର ଗୁଆଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି ପ୍ରଭାତ କୁମାର ପାତ୍ର, ବସନ୍ତ କୁମାର ଦାସ, ଦାମୋଦର ମେହେର ମଞ୍ଚାସୀନ ଥିଲେ। ଅପରାହ୍ନରେ ସିଆରସସି ମହେଶ୍ୱର ଗୁଆଲଙ୍କ ସଭାପତିତ୍ୱରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉଦିତ ନାରାୟଣ ଖର୍ସେଲ, ପଙ୍କଜ ପାତ୍ର ଉପସ୍ଥିତ ଥିଲେ। ସେହିଭଳି ଗୁଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମରେ ଅତିଥି ଭାବେ ପଙ୍କଜ ପାତ୍ର, ମନୋଜ କୁମାର ପାଣିଗ୍ରାହୀ, ଦୁର୍ଗାପ୍ରସାଦ ଗୁଆଲ, ଖଗେଶ୍ୱର ନାଏକ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଶିକ୍ଷକ ବଂଶୀଧର ଜଗତ ମଞ୍ଚ ପରିଚାଳନା ଏବଂ ପବିତ୍ର ଦୁରିଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ଯ୍ୟୋଧନ ନାଏକ, ଡିଗ୍ରେଶର ସୁନାନୀ, ଥବିର ପ୍ରଧାନ, ବ୍ରଜମୋହନ ଦେ, ପ୍ରଫୁଲ୍ଲ ଗୁଆଲ, ଚମାରୁ ନାଏକ, ଅରୁଣ କୁମାର ପାଢୀ, ସରୋଜକାନ୍ତ ନାଏକ, ସୀତାରାମ ବୈଠାରୁ, ମନୋରଞ୍ଜନ ପାଣିଗ୍ରାହୀ, ଚମରୁ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

## ଶିଶୁ ମହୋତ୍ସବ ସୁରଭି

ଗୁଡ଼ଭେଲା,୧୦।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଜମ୍ଫେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ର ଦେରା, ସମିତି ସଭ୍ୟ ଉଜ୍ଜ୍ୱଳ ଭୋଇ ଯୋଗଦେଇ କୃତୀ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ସମରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତ ମଞ୍ଜରୀ କିଲୋ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସିଆରସିସି ସୁଧାଂଶୁ ପୁଟା, ସ୍କୁଲ ପରିଚାଳନା କମିଟି ସଭାପତି ସୁବିଜ୍ଞ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଶିକ୍ଷକଙ୍କ ଘରୁ ଚୋରି

**ପ୍ରଥମେ ବାଇକ୍ ଏବେ ଘର ସାମଗ୍ରୀ**

ଜୁନାଗଡ଼,୧୦।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହର ୫ ନଂ. ୱାର୍ଡ ବିନାବିଷିପଡାର ତ୍ରିଲୋଚନ ନାୟକ ଜଣେ ଶିକ୍ଷକଙ୍କ ନିର୍ମାଣାଧୀନ ନୂଆ ଘରୁ ସୋମବାର ରାତିରେ ଚୋରି ହୋଇଛି। ଏ ନେଇ ମଙ୍ଗଳବାର ଶିକ୍ଷକ ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କ ନୂତନ ଘରୁ ଚୋରମାନେ ଗ୍ରୀଲ କବାଟ ତାଲା ଭାଙ୍ଗି ପଶି ସେଠାରେ ଲାଗିଥିବା ପାଇଖାନା କବାଟ, ବେସିନ, ବାଥରୁମ୍ ନଳ ଟ୍ୟାପ, ବଢେଇ ସାମଗ୍ରୀ, ଇଲେକ୍ଟ୍ରି ସାମଗ୍ରୀ ଆଦିକୁ ଚୋରି କରିନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ହଜାର ହେବ ବୋଲି ଜଣାପଡିଛି। ଏପରିକି ଶିକ୍ଷକ ନାୟକଙ୍କ ବାଇକକୁ ଗତ ରବିବାର ସାପ୍ତାହିକ ବଜାରଠାରୁ କେହି ଦୁର୍ବୃତ୍ତ ଚୋରି କରିନେଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ ମଧ ଦେଇଥିଲେ। ଅଦ୍ୟାବଧି ପୋଲିସ ଚୋରଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଜୁନାଗଡ ସହରରେ ଦିନକୁ ଦିନକୁ ଚୋରଙ୍କ ଉତ୍ପାତ ବଢିବାରେ ଲାଗିଥିବାବେଳେ ଏଥିପ୍ରତି ପୋଲିସ ବିଭାଗ କୌଣସି ତତ୍ପରତା ଦେଖାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## କୌଶିକ ବାବା ଯୁକ୍ତ୩ କଲେଜରେ ଅ' ଅଭିଯାନ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୦।୧୦(ପ୍ରଦୀପ କୁମାର ସାହୁ)



ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ ହେଉଛି।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗାସ୍ଥିତ କୌଶିକ ବାବା ଡିଗ୍ରୀ ମହାବିଦ୍ୟାଳୟଠାରେ ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆ ଶବ୍ଦ, ନୂଆ କଲମର ଅନ୍ୱେଷଣରେ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅ' ଅଭିଯାନ ଓ ପେଞ୍ଜୋରାଣୀ ପତ୍ରିକା ଉନ୍ମୋଚିତ ହୋଇଯାଇଛି। ସାରସ୍ୱତ ପ୍ରତିଭା ଅନ୍ୱେଷଣ ସଭା ଅଧାପକ ମାନସ ରଞ୍ଜନ ବାଗ ପରିଚାଳନା କରିଥିଲେ। ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷା ଲିପ୍ସାମୟୀ ଦୁବେ ସାହିତ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଅ'ପତ୍ରିକାର ପ୍ରତିଷ୍ଠାତା ନରେଶ କୁମାର ସାହୁ ଅ' ପତ୍ରିକାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ କାହ୍ନୁ ଚରଣ ସାହୁ କବିତାର ଭାବାବେଗ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ ଶବ୍ଦଶିଳ୍ପୀଙ୍କୁ ଲେଖିବାକୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ରାଜନୀତି ଅଧାପକ ରବି ମାଝି ଉପସ୍ଥିତିରେ ସାହିତ୍ୟ ସଭା ତଥା କବିତା ଲିଖନ ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟ ଓ ପୀରବତି ମହିଳା ଯୁକ୍ତ ୨ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀଭାଗ ନେଇ ନିଜ ସୃଜନୀ ପ୍ରତିଭାର ପରିଚୟ ପ୍ରଦାନ ପୂର୍ବକ କବିତା ଲେଖିଥିଲେ। କବିତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ମୂଳକ ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପତ୍ରିକା ସମ୍ପାଦକ ବିଶ୍ୱନାଥ ସାହୁଙ୍କ ସହଯୋଗରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ଲାଠୋର, ୧୦।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି କ୍ଲଷ୍ଟର ପତ୍ରାପାଲି ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚୂଡ଼ାମଣୀ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ମିନକେତନ ବରିହା, ସରେଇବାହାଲ ସ୍କୁଲ ପ୍ରଧାନଶିକ୍ଷକ ଦୟାସାଗର ମାଝି, ଟଙ୍କପାଣି ସ୍କୁଲ ପ୍ରଧାନ ଶିକ୍ଷକ ମାଧବ ଶବର, ଚୋରମୁଣ୍ଡା ସ୍କୁଲ ପ୍ରଧାନ ଶିକ୍ଷକ ତୁଲାରାମ ନାଏକ, ସୁନାମୁଦି ସ୍କୁଲ ପ୍ରଧାନ ଶିକ୍ଷକ କୁଳମଣି ଧରୁଆ, ଗୋଏଲମୁଣ୍ଡା ସ୍କୁଲ ପ୍ରଧାନ ଶିକ୍ଷକ ବ୍ୟାସଦେବ ବିଶ୍ୱାଳ, ମସିଣା ସ୍କୁଲ ପ୍ରଧାନ ଶିକ୍ଷକ ପଞ୍ଚୁ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟର ଅନ୍ତର୍ଗତ ୯ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀଣ ପଣ୍ଡା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା, ସମ୍ମାନୀତ ଅତିଥି ଭାବେ ଟଙ୍କପାଣି ସରପଞ୍ଚ ସୁନାଫୁଲ ବାଗ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ସୁନିଲ ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହ ଶିକ୍ଷକ ମୁକେଶ ସୁନା ସଭା ସଂଯୋଜନା କରିଥିଲେ।

## ଯୁଧିଷ୍ଠିର ପଧାନ ମାନସ ଯଜ୍ଞ କମିଟି ସଭାପତି

ଲୋଇସିଂହା,୧୦।୧୦(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଗୁଡ଼ୁଡିଖୋଲ ରାମ ମନ୍ଦିର ମାନସ ଯଜ୍ଞ କମିଟିର ବୈଠକ ରତ୍ନାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିରେ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏଥିରେ ସର୍ବସମ୍ମତକ୍ରମେ ଯୁଧିଷ୍ଠିର ପଧାନ ସଭାପତି , ବିକ୍ରମ ସିଂରାଏ ଓ ଉତ୍ତମ ଭୋଇ ଉପସଭାପତି, ବେଦପତୀ ପଧାନ, କିଶୋର ଦର୍ଜି ଓ ମଧୁସୂଦନ ପଧାନ ସମ୍ପାଦକ, ସୁଧାଂଶୁ ସାହୁ କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ରାମଗୋପାଳ ମଲ୍ଲିକ, ପଦ୍ମଲୋଚନ ପଟ୍ଟନାୟକ, ଶଙ୍କର ସାହାଣୀ, କୃଷ୍ଣ ବୁଧିଆ ଓ ରାଜକୁମାର ଦାସ ମନ୍ଦିର ପରିଚାଳନା କମିଟିରେ ରହିଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ପ୍ରହ୍ଲାଦ ପଧାନ, ନରସିଂହ ସାହୁ, ଗଦାଧର ଗଡତ୍ୟା, ପୁରୁଷୋତ୍ତମ ଦ୍ୱାରୀ, ବଳଦେବ ଭୋଇ ପ୍ରମୁଖ ରହିଛନ୍ତି।

## କେସିଙ୍ଗା ଜୋନ ୧ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

କେସିଙ୍ଗା,୧୦।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ ୧ କେସିଙ୍ଗା ଅନ୍ତର୍ଗତ ତହଶୀର ଶିବ ମନ୍ଦିରରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଆରମ୍ଭ କରାଯାଇଛି।




ନର୍ଲା ବିଧାୟକଙ୍କ ଦ୍ୱାରା ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଉଛି।

ପଦଯାତ୍ରା ତାହାଶିର, କଣ୍ଡୁପଡ଼ା, ବେନେକେଲା ଅମାଠ, ତୁଣ୍ଡଲା ହୋଇ ବେଲଖଣ୍ଡି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସଭା କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଏଥିସହ କିପରି ବିଭିନ୍ନ ଯୋଜନାରେ ସାମିଲ ହୋଇ ତାହାର ଲାଭ ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ସ୍କୁଲ ରୁପାନ୍ତିକରଣ ଯୋଜନା, ମହିଳା ସଶକ୍ତିକରଣ, ପାନୀୟ ଜଳ ଯୋଗାଣ ଯୋଜନା ସମ୍ପର୍କରେ ନର୍ଲା ବିଧାୟକ ଭୁପିନ୍ଦର ସିଂ ଅବଗତ କରାଇଥିଲେ। ପ୍ରତ୍ୟେକ ଗାଁରେ ରହିଥିବା ଥିବା ବିଭିନ୍ନ ଛୋଟ ବଡ଼ ସମସ୍ୟାଗୁଡ଼ାକୁ ଅତି ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତ। ପଦଯାତ୍ରାରେ ନର୍ଲା ବିଧାୟକ ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଜୋନ ନଂ. ୧ଜିଲା ପରିଷଦ ସଭ୍ୟା ଦୀପାଞ୍ଜଳି ସାହୁ, ଜିଲା ମିଶନ ଶକ୍ତି ସଭାନେତ୍ରୀ ବିଜୟ ଲକ୍ଷ୍ମୀ ପାଢ଼ୀ, ପରଲସିଙ୍ଗା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରମିଳା ସାହୁଙ୍କ ସମେତ ବିଭିନ୍ନ ମିଶନ ଶକ୍ତିର ମହିଳା ଯୋଗଦେଇଥିଲେ।

## କିକ୍ ବକ୍ସିଂରେ କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ, ୧ କାଂସ୍ୟ

**ରାଜ୍ୟ କିକ୍ ବକ୍ସିଂ ପ୍ରତିଯୋଗିତା**

ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)

ଭୁବନେଶ୍ୱରସ୍ଥିତ ଭୀମଟାଙ୍ଗୀ କମ୍ୟୁନିଟି ହଲରେ ଗତ ୮ ତାରିଖରେ ୨୪ତମ ଓଡିଶା ରାଜ୍ୟ କିକ ବକ୍ସିଂ ପ୍ରତିଯୋଗିତାରେ ପ୍ରତେକ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବର୍ଗର ଖେଳାଳିମାନେ ଭାଗ ନେଇଥିଲେ। ଏଥିରେ କଳାହାଣ୍ଡି ଜିଲା କିକ ବକ୍ସିଂ ସଂଘ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଜିଲାରୁ ୪ଜଣ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬ବର୍ଷରୁ କମ ବାଳିକା ବର୍ଗରେ ଅନନ୍ୟା ନାଏକ ପଏଣ୍ଟ ଫାଇଟରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୭ରୁ ୯ ବର୍ଷ ବାଳକ ବିଭାଗରେ ସୌହାର୍ଦ୍ଦ୍ୟ ବିହାରୀ ସ୍ୱର୍ଣ୍ଣ ପଦକ, ବାରଗିସ ନାଏକ ଟିନି ଟଟ୍ସ ବାଳକ ବିଭାଗରେ ସ୍ୱର୍ଣ୍ଣ ପଦକ, ୬ବର୍ଷରୁ କମ ବାଳକ ବିଭାଗରେ ନମନ ମହାରଣା କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଖେଳାଳିମାନେ ପଦକ ଜିତି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। ଗ୍ରାଣ୍ଡ ମାଷ୍ଟର ଏସଏସ ହରିଚନ୍ଦନ, ଅର୍ଗାନାଇଜିଂ ସେକ୍ରେଟାରୀ ପୃଥ୍ୱୀରାଜ ହରିଚନ୍ଦନ, ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଓ ରେଫରୀ, ଜଜ, ଅଫିସିଆଲଙ୍କ ମିଳିତ ପ୍ରଚେଷ୍ଟାରେ ୨୪ତମ ଓଡିଶା ରାଜ୍ୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ ଗ୍ରାଣ୍ଡ ସକ୍ସେକ୍ସ ହୋଇଥିଲା।




ଅତିଥିଙ୍କ ସହ ପଦକ ଜିତିଥିବା ପ୍ରତିଯୋଗୀମାନେ।

# ବର୍ଷେ ଗଲାନି, ରାସ୍ତାରୁ ଉଠିଗଲା ପିଚୁ

ସରଣ୍ଡା,୧୦।୧୦(ଯୁଧିଷ୍ଠିର ମହାପାତ୍ର)

ଗୋଡ଼ଭଗା-ସିଲେଟ କେନାଲ ଆର୍‌ଡ଼ି ରାସ୍ତା ନିର୍ମାଣକୁ ବର୍ଷେ ପୂରିନାହିଁ। ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହେଲାଣି। ସ୍ଥାନେ ସ୍ଥାନେ ପିଚୁ ମଧ୍ୟ ଉଠିଗଲାଣି। ପ୍ରତ୍ୟହ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ଏମିତି ସୋମବାର ଅଭିଯୋଗ କରିଛନ୍ତି ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ଅଞ୍ଚଳବାସୀ। ସୋମବାର ସମ୍ପୃକ୍ତ ଠିକାଦାର ଗାତଗୁଡିକରେ ମାଟି ପକାଉଥିବା ଦେଖି ଅଞ୍ଚଳବାସୀ ଏହାକୁ ବିରୋଧ କରିବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

ସୂଚନା ଅନୁସାରେ, ଗୋଡ଼ଭଗା-ସିଲେଟ କେନାଲ ରାସ୍ତାରେ କେନ୍ଦୁପାଲି, ଗୌରଟିକିରା, ଗୋଡଭଗା, ସହରାଟିକିରା, ସିଲାଟ, ଜାଙ୍ଗେଡ, ବାଟିମୁଣ୍ଡା, ଢେମସାର ଜନସାଧାରଣ ପ୍ରତିଦିନ ଯିବାଆସିବା କରୁଛନ୍ତି। ସେହିପରି ଏହି ରାସ୍ତା ହୀରାକୁଦ ନଦୀବନ୍ଧ ସହିତ ଯୋଡି ହୋଇଛି। ରାସ୍ତାକଡ଼ରେ ପଣ୍ୟାଗାର ଥିବାରୁ ଭାରିଯାନ ଚଳାଚଳ କରୁଛି। ଏହାକୁ ଦୃଷ୍ଟିରେ ରଖି ଗୋଡଭଗା-ସିଲାଟ ୫.୩୩ କି.ମି ରାସ୍ତାର ନିର୍ମାଣ କାମ ଭାରତ ସରକାରଙ୍କ ଗ୍ରାମ ବିକାଶ ଯୋଜନାରୁ ୨୦୨.୨୬ଲକ୍ଷ ଟଙ୍କା ବ୍ୟୟରେ ଗତ ତା୭।୯।୨୦୨୨ରିଖରେ ଶେଷ ହୋଇଥିଲା। ରାସ୍ତା କାମକୁ ବର୍ଷେ ନ ପୂରୁଣୁ ଅନେକ ସ୍ଥାନରେ ରାସ୍ତା ଦବିଯିବା ସହ ଗାତ ସୃଷ୍ଟି ହୋଇଛି। ରାସ୍ତାରେ ମାଟି ପକାଇ ମରାମତି କରିବା ପାଇଁ ସଂପୃକ୍ତ ଠିକାଦାର ଏକ ସ୍ଥାନରେ ମାଟି ପକାଉଥିବା ଖବର ପାଇ ଅଞ୍ଚଳବାସୀ ସେଠାରେ ପହଞ୍ଚି ବିରୋଧ କରିଥିଲେ। ସମ୍ପୂର୍ଣ୍ଣ ରାସ୍ତାକୁ ନୂତନ ଭାବେ ନିର୍ମାଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ଏବଂ ଦରକାର ପଡିଲେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଗୋଡ଼ଭଗା କେନାଲ ବିଭାଗ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାର ଏକ କଲଭର୍ଟ ଦବିଯାଇଥିବା ନେଇ ଗ୍ରାମବାସୀ ଜଣାଇଛନ୍ତି। ଆମେ ସମ୍ପୃକ୍ତ ଆର୍‌ଡ଼ି ବିଭାଗକୁ ଜଣାଇ ଦେଇଛୁ। ରାସ୍ତା ନିର୍ମାଣ ସମୟରେ ଷ୍ଟ୍ରକ୍‌ଚର ହୋଇନାହିଁ। ଅନ୍ୟପଟେ ସେହି ରାସ୍ତାକଡ଼ରେ ପିଏଚ୍‌ଡ଼ି ପାଣି ପାଇପ୍ ଯାଇଥିବାରୁ ମାଟି ଅତଡା ଖସି ଏପରି ହୋଇଛି। ଆଜି ସେହି ଜାଗାରେ ମୋରୁମ ପକାଯାଇଛି ବୋଲି ଭୋଇ କହିଥିଲେ।


ରାସ୍ତାରୁ ଉଠିଯାଉଥିବା ପିଚୁକୁ ଗ୍ରାମବାସୀ ଦେଖାଉଛନ୍ତି।

## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାଉଁଶୁଣୀ,୧୦।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଉଁଶୁଣୀଠାରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ତଥା କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ନେତୃତ୍ୱରେ ହୋଇଥିବା ଏହି ପଦଯାତ୍ରା ବାଉଁଶୁଣୀସ୍ଥିତ ଭୁବନେଶର ଶିବ ମନ୍ଦିରଠାରୁ ଆରମ୍ଭ ହୋଇ ଗଡଭିତର ଟିକିରାପଡା,ବାଉଁଶୁଣୀ ଛକ, ଜମଟାଙ୍ଗୀ ଦେଇ ଗୁଦୁଗୁଦା ସାପ୍ତାହିକ ହାଟ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଗୁଦୁଗୁଦା ସାପ୍ତାହିକ ହାଟ ନିକଟରେ ବ୍ଲକ ବିଜେଡି ସଭାପତି ବାଳ ମକୁନ୍ଦ ମେହେରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ମାନେ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ପଦଯାତ୍ରାରେ ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାଏକ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ପର୍ଯ୍ୟବେକ୍ଷକ ସୁଧୀର ମହାକୁଡ, ଭଗବାନ କହଁର, ସୁବୋଧ ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ବରିଷ୍ଠ ବିଜେଡି ନେତା ବିଜୟ ବାରିକ, ପ୍ରଶାନ୍ତ ରଣା, ପ୍ରେମରାଜ ରଣା,ବିପିନ ପ୍ରଧାନ, ସୁଭାଂଶୁ କର୍ଣ୍ଣ, ଅଭୟ ମହାକୁଳ, ଅନିଲ କୁମାର ମିଶ୍ରଙ୍କ ସମେତ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସହ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ଅପରପକ୍ଷରେ ଏହି ପଦଯାତ୍ରା ଅବସରରେ ବିଜେଡିର ମିଶ୍ରଣ ପର୍ବ ହୋଇଥିଲା। ପଦଯାତ୍ରା ସମୟରେ ବାଉଁଶୁଣୀ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା।

### ଶିକ୍ଷକଙ୍କ ଘରୁ ଚୋରି

**ପ୍ରଥମେ ବାଇକ୍ ଏବେ ଘର ସାମଗ୍ରୀ**

ଜୁନାଗଡ଼,୧୦।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ ସହର ୫ ନଂ. ୱାର୍ଡ ବିନାବିଷିପଡାର ତ୍ରିଲୋଚନ ନାୟକ ଜଣେ ଶିକ୍ଷକଙ୍କ ନିର୍ମାଣାଧୀନ ନୂଆ ଘରୁ ସୋମବାର ରାତିରେ ଚୋରି ହୋଇଛି। ଏ ନେଇ ମଙ୍ଗଳବାର ଶିକ୍ଷକ ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କ ନୂତନ ଘରୁ ଚୋରମାନେ ଗ୍ରୀଲ କବାଟ ତାଲା ଭାଙ୍ଗି ପଶି ସେଠାରେ ଲାଗିଥିବା ପାଇଖାନା କବାଟ, ବେସିନ, ବାଥରୁମ୍ ନଳ ଟ୍ୟାପ, ବଢେଇ ସାମଗ୍ରୀ, ଇଲେକ୍ଟ୍ରି ସାମଗ୍ରୀ ଆଦିକୁ ଚୋରି କରିନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ହଜାର ହେବ ବୋଲି ଜଣାପଡିଛି। ଏପରିକି ଶିକ୍ଷକ ନାୟକଙ୍କ ବାଇକକୁ ଗତ ରବିବାର ସାପ୍ତାହିକ ବଜାରଠାରୁ କେହି ଦୁର୍ବୃତ୍ତ ଚୋରି କରିନେଇଥିଲା। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ଅଦ୍ୟାବଧି ପୋଲିସ ଚୋରଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ। ଜୁନାଗଡ ସହରରେ ଦିନକୁ ଦିନକୁ ଚୋରଙ୍କ ଉତ୍ପାତ ବଢିବାରେ ଲାଗିଥିବାବେଳେ ଏଥିପ୍ରତି ପୋଲିସ ବିଭାଗ କୌଣସି ତତ୍ପରତା ଦେଖାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସୁରେଶ୍ୱରୀଙ୍କ ପୀଠରେ ଆରମ୍ଭ ହେଲା ସପ୍ତସତୀ ଚଣ୍ଡୀଯଜ୍ଞ


ଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ଅଙ୍କୁର ରୋପଣ କରାଯାଉଛି।

ସୋନପୁର, ୧୦।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଶାରଦୀୟ ପାର୍ବଣ ଅବସରରେ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ଅବସରରେ ସୁବର୍ଣ୍ଣପୁର ଦେବୋତ୍ତର କମିଟି ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ଶକ୍ତିପୀଠରେ ସପ୍ତସତୀ ଚଣ୍ଡୀଯଜ୍ଞ ଆୟୋଜିତ ହେଉଛି। ପ୍ରତ୍ୟହ ମା'ଙ୍କ ବେଶ, ମଙ୍ଗଳ ଆରତୀ, ଷୋଡଷ ଉପଚାର ପୂଜା, ସନ୍ଧି ପୂଜା ଓ କୁମାରୀ ପୂଜା ଆଦି ଅନୁଷ୍ଠିତ ହେବ। ମଙ୍ଗଳବାର ଏଥିପାଇଁ ଶୁଭସ୍ତମ୍ଭ ସ୍ଥାପନ ସହ ଅଙ୍କୁରରୋପଣ କାର୍ଯ୍ୟ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ କାଳୀଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀରୁ ଆସିଥିବା ବୈଦିକ ବ୍ରାହ୍ମଣ ମାନେ ପୂଜା କାର୍ଯ୍ୟ ସମ୍ପାଦିତ କରିବେ। ପ୍ରତିମା ଶତପଥୀ ସ୍ୱାମୀ ବୈକୁଣ୍ଠନାଥ ଏବଂ ଜ୍ୟୋତିରାଣୀ ମିଶ୍ର ଓ ସ୍ୱାମୀ ଅଟଳ ବିହାରୀ ମହାପାତ୍ର ଯଜ୍ଞରେ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ୧୩ ତାରିଖ ଶୁକ୍ରବାର ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁଙ୍କ ଆଜ୍ଞାମାଳ ଯଜ୍ଞସ୍ଥଳକୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ଅମାବାସ୍ୟା ମା'ଙ୍କ ଧବଳମୁଖି ବେଶ ଅନୁଷ୍ଠିତ ହେବ। ଅପରାହ୍ନରେ ସୁରେଶ୍ୱରୀ ମନ୍ଦିରରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ବାଉତି ଛତ୍ର ଶୋଭାଯାତ୍ରାରେ ଯିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ରେମଣ୍ଡାର ଶ୍ରୀ ଶ୍ରୀ କୃଷ୍ଣଗୁରୁ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରାଯିବ। ୧୫ ତାରିଖରେ ମା'ଙ୍କ କାଳୀ ବେଶ, ୧୬ରେ ତାରା ବେଶ, ୧୭ରେ ଷୋଡଶୀ ବେଶ, ୧୮ରେ ଭୈରବୀ ବେଶ, ୧୯ରେ ଭୁବନେଶ୍ୱରୀ ବେଶ, ୨୦ରେ ବଗଳା ବେଶ, ୨୧ରେ ଜୟଦୁର୍ଗା ବେଶ, ୨୨ରେ ମହିଷାମର୍ଦ୍ଦିନୀ ବେଶ, ୨୩ରେ ଧୂମାବତୀ ବେଶ ଓ ଦଶମକୁମାରୀ ପୂଜା, ୨୪ରେ ରାଜରାଜେଶ୍ୱରୀ ବେଶ ଓ ଅପରାଜିତା ପୂଜା ଏବଂ ପୂର୍ଣ୍ଣାହୁତି ଯଜ୍ଞ କରାଯିବାର କାର୍ଯ୍ୟସୂଚୀ ରହିଛି। ପ୍ରତ୍ୟହ ସକାଳେ ମଙ୍ଗଳ ଆରତୀ ପରେ ହୋମଯଜ୍ଞ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆୟୋଜିତ ହେବ ଓ ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ସୁରେଶ୍ୱରୀ ଶ୍ରଦ୍ଧାଳୁ କମିଟି ପକ୍ଷରୁ ଗଦାଧର ବାରିକ, ପ୍ରଦୀପ ପୁରୋହିତ, ଅଶ୍ୱିନୀ କୁମାର ଭୋଇ, ଲଡୁକିଶୋର ମଲ୍ଲିକ, ମୁନା ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ସୂଚନା ଦେଇଛନ୍ତି।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ସୋହେଲା,୧୦।୧୦(ଅଶ୍ୱିନୀ ପାତ୍ର)

ସୋହେଲା ମହାବିଦ୍ୟାଳୟରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋହେଲା ସବ୍‌ଜଜ୍ ଅମିତ ସରୂପ କୁମାର ସେଠ ମୁଖ୍ୟ ଅତିଥି, ଓକିଲ ସଂଘ ସଭାପତି ଅଶୋକ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓକିଲ ମିର୍ଜା ଆକବର ବେଗ, ପ୍ରମୋଦ ସାହୁ ମାନସିକ ସ୍ୱାସ୍ଥ୍ୟର ଉପକାରିତା ଓ ଦୈନନ୍ଦିନ ଜୀବନରେ ତାର ପ୍ରଭାବ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ଅଧ୍ୟାପକ ଗଣେଶ ଦାଶ ଉଦ୍ଦେଶ୍ୟ ଜ୍ଞାପନ ଏବଂ ଅଧ୍ୟାପକ ସୁରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମଚାରୀ ବାବା ଅଯୋଧ୍ୟା ଦାଶଙ୍କ ପରଲୋକ

ବିନିକା,୧୦।୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଚରଦା ପଞ୍ଚାୟତ ଫୁଲମୁଠି ଗ୍ରାମର ବାବା ଅଯୋଧ୍ୟା ଦାଶଙ୍କ (୬୫) ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଭଉଣୀ ଭାଇ ,ପୁତୁରା ଉପସ୍ଥିତ ଥିଲେ। ସେ ବ୍ରହ୍ମଚାରୀ ଥିଲେ। ଜଣେ ଲେଖନକାର ଭାବରେ ବେଶ ଜଣାଶୁଣା ଥିଲେ। ସାମୁହିକ, ବ୍ୟକ୍ତିଗତ ସମସ୍ୟା ଲେଖି ଲୋକଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ଏହାବ୍ୟତୀତ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପାପକ୍ଷୟ ଘାଟ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତୁରା ଆଶିଷ ଦାଶ ମୁଖାଗ୍ନି ଦେଇଥିଲେ। ଅନ୍ୟପକ୍ଷରେ ବିନିକା ମୁହୁରୀ ସଂଘ ପକ୍ଷରୁ ଆୟୋଜିତ ଶୋକସଭାରେ ସମସ୍ତ କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମାର ସଦାଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି,୧୦।୧୦(ଚିତ୍ତରଞ୍ଜନ ସାହୁ)

ବର୍ତ୍ତମାନ ପରିବେଶ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ଲୋପ ପାଇଯାଉଛନ୍ତି। ଓଡ଼ିଶାରେ ୪୭୯ ପ୍ରଜାତିର ପକ୍ଷୀ, ୪୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୧୦ସରୀସୃପ, ୩୦୦୦ ଉଦ୍ଭିଦ, ୧୨୦ ଅର୍କିଡ୍ ଓ ୨୧ ସେନକ୍ଚ୍ୟୁରି ଅଛନ୍ତି। ଏସବୁକୁ ରକ୍ଷା କରିବା ଆମର କର୍ତ୍ତବ୍ୟ। ବରପାଲି ବ୍ଲକ ଅନ୍ତର୍ଗତ ସତଲମା ହାଇସ୍କୁଲଠାରେ ଜିଲା ପରିବେଶ ସମିତି, ଜିଲା ପରିବେଶ ସଚେତନତା ସମିତି ବରଗଡ଼ ଏବଂ ସ୍କୁଲର ଇକୋ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଏଥିରେ ଡିଇସିଏସ୍ ସଭାପତି ତେଜରାଜ ଭୋଇ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଦୁର୍ଗପତି ଓଡ଼ିଶା ପୋଲିସ ବିଜୟ ପ୍ରକାଶ ବାବୁ ମୁଖ୍ୟଅତିଥି, ଶିକ୍ଷାବିତ୍ ପୁରନ୍ଦର ନନ୍ଦ ସମ୍ମାନିତ ଅତିଥି ଏବଂ ପରିବେଶବିତ୍ ଜେଠୁ ଭୋଇ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶବିତ୍ ଭୋଇଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଡୋଲାମଣି ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# କୌଶିକ ବାବା ଯୁକ୍ତ ୩ କଲେଜରେ ଅ' ଅଭିଯାନ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୦।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗାସ୍ଥିତ କୌଶିକ ବାବା ଡିଗ୍ରୀ ମହାବିଦ୍ୟାଳୟଠାରେ ଅ' ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆ ଶବ୍ଦ, ନୂଆ କଲମର ଅନ୍ୱେଷଣରେ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅ' ଅଭିଯାନ ଓ ପେଞ୍ଜୋରାଣୀ ପତ୍ରିକା ଉନ୍ମୋଚିତ ହୋଇଯାଇଛି। ସାରସ୍ୱତ ପ୍ରତିଭା ଅନ୍ୱେଷଣ ସଭା ଅଧ୍ୟାପକ ମାନସ ରଞ୍ଜନ ବାଗ ପରିଚାଳନା କରିଥିଲେ। ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଲିପ୍ସାମୟୀ ଦୁବେ ସାହିତ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଅ'ପତ୍ରିକାର ପ୍ରତିଷ୍ଠାତା ନରେଶ କୁମାର ସାହୁ ଅ' ପତ୍ରିକାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ କାହ୍ନୁ ଚରଣ ସାହୁ କବିତାର ଭାବାବେଗ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ ଶବ୍ଦଶିଳ୍ପୀଙ୍କୁ ଲେଖିବାକୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ରାଜନୀତି ଅଧ୍ୟାପକ ରବି ମାଝି ଉପସ୍ଥିତିରେ ସାହିତ୍ୟ ସଭା ତଥା କବିତା ଲିଖନ ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟ ଓ ପୀରବତି ମହିଳା ଯୁକ୍ତ ୨ ମହାବିଦ୍ୟାଳୟର ଛାତ୍ରୀଛାତ୍ରୀଭାଗ ନେଇ ନିଜ ସୃଜନୀ ପ୍ରତିଭାର ପରିଚୟ ପ୍ରଦାନ ପୂର୍ବକ କବିତା ଲେଖିଥିଲେ। କବିତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ମୂଳକ ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ପତ୍ରିକା ସମ୍ପାଦକ ବିଶ୍ୱନାଥ ସାହୁଙ୍କ ସହଯୋଗରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ ହେଉଛି।

## କ୍ଲଷ୍ଟରରେ ସୁରଭି, ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ସିନାପାଲି,୧୦।୧୦(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ କୁଲିଆଡୁଙ୍ଗରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରଭି ଉତ୍ସବ ଉଦଘାଟନୀରେ ବରିଷ୍ଠଶିକ୍ଷକ ପଙ୍କଜ କୁମାର ପାତ୍ର ସଭାପତିତ୍ୱ କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ସିଆରସିସି ମହେଶର ଗୁଆଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଆରସିସି ପ୍ରଭାତ କୁମାର ପାତ୍ର, ବସନ୍ତ କୁମାର ଦାସ, ଦାମୋଦର ମେହେର ମଞ୍ଚାସୀନ ଥିଲେ। ଅପରାହ୍ନରେ ସିଆରସିସି ମହେଶ୍ୱର ଗୁଆଲଙ୍କ ସଭାପତିତ୍ୱରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ ଯୋଗଦେଇଥିଲେ।

# କେସିଙ୍ଗା ଜୋନ ୧ରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା

କେସିଙ୍ଗା,୧୦।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜିଲା ପରିଷଦ ଜୋନ ୧ କେସିଙ୍ଗା ଅନ୍ତର୍ଗତ ତହଶୀର ଶିବ ମନ୍ଦିରରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଆରମ୍ଭ କରାଯାଇଛି। ପଦଯାତ୍ରା ତାହାଶିର, କଣ୍ଡୁପଡ଼ା, ବେନେକେଲା ଅମାଠ, ତୁଣ୍ଡଲା ହୋଇ ବେଲଖଣ୍ଡି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସଭା କରାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଏଥିସହ କିପରି ବିଭିନ୍ନ ଯୋଜନାରେ ସାମିଲ ହୋଇ ତାହାର ଲାଭ ପାଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ସ୍କୁଲ ରୂପାନ୍ତିକରଣ ଯୋଜନା, ମହିଳା ସଶକ୍ତିକରଣ, ପାନୀୟ ଜଳ ଯୋଗାଣ ଯୋଜନା ସମ୍ପର୍କରେ ନର୍ଲା ବିଧାୟକ ଭୁପିନ୍ଦର ସିଂ ଅବଗତ କରାଇଥିଲେ। ପ୍ରତ୍ୟେକ ଗାଁରେ ରହିଥିବା ଥିବା ବିଭିନ୍ନ ଛୋଟ ବଡ଼ ସମସ୍ୟାଗୁଡ଼ାକୁ ଅତି ଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତ। ପଦଯାତ୍ରାରେ ନର୍ଲା ବିଧାୟକ ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଜୋନ ନଂ. ୧ଜିଲା ପରିଷଦ୍ ସଭ୍ୟା ଦୀପାଞ୍ଜଳି ସାହୁ, ଜିଲା ମିଶନ ଶକ୍ତି ସଭାନେତ୍ରୀ ବିଜୟ ଲକ୍ଷ୍ମୀ ପାଢ଼ୀ, ପରଲସିଙ୍ଗା ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରମିଳା ସାହୁଙ୍କ ସମେତ ବିଭିନ୍ନ ମିଶନ ଶକ୍ତିର ମହିଳା ଯୋଗଦେଇଥିଲେ।



ନର୍ଲା ବିଧାୟକଙ୍କ ଦ୍ୱାରା ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ କରାଯାଉଛି।

# କିକ୍ ବକ୍ସିଂରେ କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ, ୧ କାଂସ୍ୟ

**ରାଜ୍ୟ କିକ୍ ବକ୍ସିଂ ପ୍ରତିଯୋଗିତା**

ଭବାନୀପାଟଣା,୧୦।୧୦(ଉତ୍ତମ କୁମାର ଦାଶ)

ଭୁବନେଶ୍ୱରସ୍ଥିତ ଭୀମଟାଙ୍ଗୀ କମ୍ୟୁନିଟି ହଲରେ ଗତ ୮ ତାରିଖରେ ୨୪ତମ ଓଡିଶା ରାଜ୍ୟ କିକ ବକ୍ସିଂ ପ୍ରତିଯୋଗିତାରେ ପ୍ରତେକ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ବର୍ଗର ଖେଳାଳିମାନେ ଭାଗ ନେଇଥିଲେ। ଏଥିରେ କଳାହାଣ୍ଡି ଜିଲା କିକ ବକ୍ସିଂ ସଂଘ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଜିଲାରୁ ୪ଜଣ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬ବର୍ଷରୁ କମ ବାଳିକା ବର୍ଗରେ ଅନନ୍ୟା ନାଏକ ପଏଣ୍ଟ ଫାଇଟରେ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୭ରୁ ୯ ବର୍ଷ ବାଳକ ବିଭାଗରେ ସୌହାର୍ଦ୍ଦ୍ୟ ବିହାରୀ ସ୍ୱର୍ଣ୍ଣ ପଦକ, ବାରଗିସ ନାଏକ ଟିନି ଟଟ୍ସ ବାଳକ ବିଭାଗରେ ସ୍ୱର୍ଣ୍ଣ ପଦକ, ୬ବର୍ଷରୁ କମ ବାଳକ ବିଭାଗରେ ନମନ ମହାରଣା କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଖେଳାଳିମାନେ ପଦକ ଜିତି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। ଗ୍ରାଣ୍ଡ ମାଷ୍ଟର ଏସଏସ ହରିଚନ୍ଦନ, ଅର୍ଗାନାଇଜିଂ ସେକ୍ରେଟାରୀ ପୃଥ୍ୱୀରାଜ ହରିଚନ୍ଦନ, ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ଓ ରେଫରୀ, ଜଜ, ଅଫିସିଆଲଙ୍କ ମିଳିତ ପ୍ରଚେଷ୍ଟାରେ ୨୪ତମ ଓଡିଶା ରାଜ୍ୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍ ଗ୍ରାଣ୍ଡ ସକ୍ସେସ୍ ହୋଇଥିଲା।



ଅତିଥିଙ୍କ ସହ ପଦକ ଜିତିଥିବା ପ୍ରତିଯୋଗୀମାନେ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ଦେବଗଡ (ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସଭାଗୃହଠାରେ ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଡିଆଇବି ଡିଏସ୍‌ପି ଅଜୟ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରୋଗ୍ରାମ ମ୍ୟାନେଜର ଉମେଶ ଚନ୍ଦ୍ର ଷଡ଼ଙ୍ଗୀ ଓ ପୋଲିସ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଡିପିଏଚ୍‌ଓ ଗଣେଶ୍ୱର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଯୁବ ରେଡକ୍ରସ୍‌ର ଜିଲା କାର୍ଯ୍ୟକାରିଣୀ ବୈଠକ

ଦେବଗଡ଼, ୧୦।୧୦(ଶଶାଙ୍କ ଶେଖର ଝାଙ୍କର): ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଦେବଗଡ଼ ମହାବିଦ୍ୟାଳୟ ଠାରେ ଜିଲାସ୍ତରୀୟ ଯୁବ ରେଡକ୍ରସ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଦାମ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାଏକ, ଉପଦେଷ୍ଟା ଡକ୍ଟର ଖଗେଶ୍ୱର ଦାସ, ଆବାହକ ମନୋରଞ୍ଜନ ମାରାଣ୍ଡି, ଜିଲା ରେଡ଼କ୍ରସ ସଂଯୋଜକ ବାରକୋଟ ଜୁନିଅର କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିପର୍ଯ୍ୟୟ ପ୍ରଶମନ, ରକ୍ତଦାନ ଶିବିର, ତାଲିମ୍ କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ଆଗାମୀ ଦିନରେ ଜିଲାରେ ଥିବା ସମସ୍ତ ମହାବିଦ୍ୟାଳୟରେ ଯୁବ ରେଡକ୍ରସର କାର୍ଯ୍ୟକ୍ରମଗୁଡିକୁ ଗତିଶୀଳ କରିବା ପାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରେଡ଼କ୍ରସ୍ କାଉନସିଲର ଅଧ୍ୟାପିକା ସସ୍ମିତା କେରକେଟା, ବବିତା ବାଞ୍ଜି, ଅଧ୍ୟାପକ ଲଗେନ କୁମାର ପ୍ରଧାନ ଯୋଗଦେଇଥିଲେ। ଚଳିତବର୍ଷ ଜିଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ୍ ଶିବିର ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ନୂଆଁପଡାଠାରେ କରିବା ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ କାଉନସିଲରମାନେ ଉପସ୍ଥିତ ଥିଲେ।

### ୨୩ ବର୍ଷ ପରେ ଫେରିଲେ ନିଖୋଜ ବ୍ୟକ୍ତି



ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର): ୨୩ ବର୍ଷ ପରେ ଘରକୁ ଫେରିଲେ ନିଖୋଜ ବ୍ୟକ୍ତି। ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ତାଳବାହିଳୀ ଗ୍ରାମର କୁଳମଣି ପ୍ରଧାନଙ୍କୁ ପରିବାର ଲୋକ ପୁଣି ଥରେ ଫେରି ପାଇଛନ୍ତି। ସ୍ମୃତିଶକ୍ତି ହରାଇ କୁଳମଣି କୁଆଡେ ଚାଲିଯାଇଥିଲେ। ଦୀର୍ଘ ୨୩ ବର୍ଷ ପରେ ସ୍ମୃତିଶକ୍ତି ଫେରି ପାଇବା ସହ ଗାଁ ମାଟିକୁ ଫେରି ଆସିଛନ୍ତି। ସେଥିପାଇଁ ପରିବାରରେ ସମସ୍ତେ ବେଶ ଖୁସିରେ ଆତ୍ମହରା ହୋଇପଡିଛନ୍ତି। କୁଳମଣି ସ୍ଥାନୀୟ ଅଞ୍ଚଳର ଜଣେ ଜଣାଶୁଣା ରୋଷେୟା ଭାବେ କାମ କରୁଥିଲେ। ପରେ ବୁଢାପାଳରେ ଏକ ହୋଟେଲ ଖୋଲି ବ୍ୟବସାୟ କରୁଥିବାବେଳେ ଧିରେ ଧିରେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ସ୍ମୃତିଶକ୍ତି ହରାଇ ବସିଥିଲେ। ଆଜିକୁ ପ୍ରାୟ ୨୩ ବର୍ଷ ତଳେ ଘର ଛାଡି କୁଆଡେ ଚାଲି ଯାଇଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୁଳମଣିଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଏହି କ୍ରମରେ ଗତ ଜୁଲାଇ ୫ରେ ରାଜସ୍ଥାନ ଯୋଧପୁର ସହର ଖେରପା ରୋଡରେ କୁଳମଣି ବୁଲୁଥିବା ବେଳେ ସ୍ଥାନୀୟ 'ଆପନା ଘର ଆଶ୍ରମ'ର ସଦସ୍ୟ ଦେଖିବାକୁ ପାଇଥିଲେ। ପରେ କୁଳମଣିଙ୍କୁ ଉଦ୍ଧାର କରି ନିଜ ଆଶ୍ରମକୁ ଆଣି ରଖିବା ସହ ସେବାଯତ୍ନ କରିଥିଲେ। ମାତ୍ର କୁଳମଣି ମାନସିକ ରୋଗରେ ଆକ୍ରାନ୍ତ ହୋଇଥିବାରୁ ମୁମ୍ବାଇର ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନକୁ ସ୍ଥାନାନ୍ତର କରାଯାଇ ତାଙ୍କର ଚିକିତ୍ସା କରାଯାଇଥିଲା। କୁଳମଣିଙ୍କ ଅବସ୍ଥାରେ ସୁଧାର ଆସିବା ପରେ ତାଙ୍କ ଠିକଣା ପାଇ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପରା ପଞ୍ଚାୟତର ତାଳବାହାଲି ଗ୍ରାମକୁ ଆସି ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ ପକ୍ଷରୁ ପରିବାର ଲୋକଙ୍କୁ କୁଳମଣିଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କୁଳମଣିଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ଥିବା ସାଙ୍ଗକୁ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ଅଧିକ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ଜିଲାପରିଷଦ ସଭ୍ୟ ସନ୍ତୋଷ କୁମାର ସାହୁ ଦାବି କରିଛନ୍ତି।



ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଅପୂର୍ବ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ପୁରସ୍କୃତ ଛାତ୍ରୀଛାତ୍ର।

# ସୁରଭିରେ କମାଲ ଦେଖାଇଲେ ଛାତ୍ରୀଛାତ୍ର

**ଶିଶୁ ମହୋତ୍ସବ ସୁରଭି, ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା**

ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସୁଗୁଡା ଅପୂର୍ବ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡିଶା ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୁରଭିରେ କମାଲ ଦେଖାଇଛନ୍ତି ଛାତ୍ରୀଛାତ୍ର। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଗୁଡା ସରପଞ୍ଚ କୁନୁ ବେହେରା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଜୟ ପ୍ରଧାନ, ସିଆରସିସି ପ୍ରାଣବନ୍ଧୁ ଘଡେଇ, ପୂର୍ବତନ ସିଆରସିସି ଭୋଲେଶ୍ୱର ପ୍ରଧାନ, ସାମନ୍ତରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ ସାହି ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ କୁଇଜ, ବକ୍ତୃତା, ସୃଜନଶୀଳ ଲିଖନ, ରଚନା, ଚିତ୍ରାଙ୍କନ, ଓଡିଶା ମିଲେଟ୍ସ ବରିଷ୍ଠ ବର୍ଗରେ ବକ୍ତୃତା, ରଚନା, ଜଣାଅଜଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ତିଲେଇବଣି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ଗୁଣ୍ଡୁରିପସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ହିମାଂଶୁ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋପବନ୍ଧୁ ପ୍ରଧାନ, ନେତ୍ରାନନ୍ଦ ବେହେରା, ପୁଷ୍ପାଞ୍ଜଳୀ ସାହୁ, ପିଣ୍ଟୁ ସାହୁ, ସୁନନ୍ଦା ପାତ୍ର, ମମିତା ସାହୁ, ବୈଜୟନ୍ତୀ ମାହାଣା, ଦିନେଶ ପାଢୀ, ପ୍ରତାପ ମିଶ୍ର, ତ୍ରିବେଣୀକାନ୍ତ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ରିଆମାଳ ବ୍ଲକରେ ସାଇବର ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପୋଲିସ ପକ୍ଷରୁ ରିଆମାଳ ବ୍ଲକ ଅନ୍ତର୍ଗତ ପଳସମା ମହାବିଦ୍ୟାଳୟ, ବାଘବର ଉଚ୍ଚ ବିଦ୍ୟାଳୟ ଓ କୁଣ୍ଢେଇଗୋଳାଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଜନସାଧାରଣ ଓ ଛାତ୍ରୀଛାତ୍ରମାନଙ୍କୁ ସାଇବର ଅପରାଧ ଉପରେ ସଚେତନତା କରିବା ସହ କୁଇଜ୍ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଲିଫ୍‌ଲେଟ, ଏଲିଡି ଶୋ ଓ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏହି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ପଳସମା ମହାବିଦ୍ୟାଳୟର ଅଧ୍ୟକ୍ଷ, ବାଘବର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ୟୁନିଅନ ବ୍ୟାଙ୍କ୍ ମ୍ୟାନେଜର, ଖଇରପାଲି, କୁଣ୍ଢେଇଗୋଳା ଆଇଆଇସି ପବିତ୍ର ସାହୁ, ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ମିଶନ ଶକ୍ତି ମେମ୍ବର ଓ ଜନସାଧାରଣ ଉପସ୍ଥିତ ଥିଲେ।





ସାଇବର ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ, ଛାତ୍ରୀଛାତ୍ର।

# ୟୁଥ୍ ହଷ୍ଟେଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପର୍ବତାରୋହଣ

ଦେବଗଡ଼, ୧୦।୧୦(ଶଶାଙ୍କ ଶେଖର ଝାଙ୍କର)

**ଅଂଶଗ୍ରହଣ କଲେ ୮୨ବର୍ଷୀୟା ବୃଦ୍ଧା**



ପର୍ବତାରୋହଣ କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀ ୮୨ ବର୍ଷୀୟା ବୃଦ୍ଧା ଉର୍ମିଳା।

ୟୁଥ ହଷ୍ଟେଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ରାଉରକେଲା ୟୁନିଟର ସଦସ୍ୟାସଦସ୍ୟମାନେ ମଙ୍ଗଳବାର ଦେବଗଡ଼ ନିକଟ ପ୍ରଧାନପାଟ ପର୍ବତ ଆରୋହଣ କରିଥିଲେ। ଦେବଗଡ଼ ଡେପୁଟି କଲେକ୍ଟର ରାଜୀବ ଲୋଚନ ନାୟକ ଓ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ପତାକା ଦେଖାଇ ପର୍ବତାରୋହଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୟୁଥ ହଷ୍ଟେଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ ରାଉରକେଲା ୟୁନିଟର ଉପସଭାପତି ପ୍ରତାପ କୁମାର ସ୍ୱାଇଁ, ସମ୍ପାଦକ ବୁଦ୍ଧଦେବ ବାସୁ, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା ଓ ନ୍ୟାଶନାଲ କାଉନସିଲ ମେମ୍ବରଙ୍କ ନେତୃତ୍ୱରେ ପର୍ବତାରୋହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସରୋଜ ପଟ୍ଟନାୟକ, ଏସ୍.କେ ଲେଙ୍କାଙ୍କ ସମେତ ୟୁଥ ଆସୋସିଏଶନ ଅଫ୍ ଇଣ୍ଡିଆ ରାଉରକେଲା ୟୁନିଟର ୭୦ ସଦସ୍ୟାସଦସ୍ୟ ଓ ଦେବଗଡ଼ ଜିଲାର ୧୦ ଜଣ ପର୍ବତାରୋହଣ କରିଥିଲେ। ସେମାନଙ୍କ ମଧ୍ୟରେ ଉର୍ମିଳା ଦାସ ନାମ୍ନୀ ଜଣେ ୮୨ ବର୍ଷୀୟା ବୃଦ୍ଧା ମଧ୍ୟ ଅଂଶଗ୍ରହଣ କରି ପର୍ବତାରୋହଣ କରିଥିଲେ। ତାଙ୍କ ଘର ରାଉରକେଲାରେ ବୋଲି ଜଣାପଡ଼ିଛି। ଦେବଗଡ଼ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ସିପୁନ ନାୟକ ଏହି ଦଳର ଗାଇଡ କରିଥିବାବେଳେ ଯୁବ ସ୍ୱେଚ୍ଛାସେବୀ ଆଲୋକ ପାତ୍ର ଓ ସୁଧୀର କୁମାର ଦାସ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିଲେ।

# ରେଡ୍‌କ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ ଶିବିର





ପ୍ରାଥମିକ ଚିକିତ୍ସା ତାଲିମ ଶିବିରରେ ଅତିଥି।

ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର)

ଭାରତୀୟ ରେଡକ୍ରସ ସୋସାଇଟି ଏବଂ ଜିଲା ରେଡକ୍ରସର ମିଳିତ ସହଯୋଗରେ ଦେବଗଡ଼ ଆଦର୍ଶ ମହାବିଦ୍ୟାଳୟରେ ତ୍ରିଦିବସୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଜରୁରୀକାଳୀନ ଅଧିକାରୀ ତଥା ଭାରତୀୟ ରେଡକ୍ରସ ସୋସାଇଟି ଦେବଗଡ଼ ସମ୍ପାଦକ ଶୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଦିବସରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ, ରେଡକ୍ରସ ସଂଯୋଜକ ରଶ୍ମିକୁମାର ଦାସ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଭାସ ଲେଙ୍କା ଏବଂ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ରେଡକ୍ରସରୁ ଗୋବିନ୍ଦ ରାଓ, ସୁମନ୍ତ ଦ୍ୱିବେଦୀ ପ୍ରମୁଖ ତାଲିମ ପ୍ରଦାନ ପାଇଁ ଆସିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ଅଭିନବ ଉପାୟରେ କିଭଳି ଜୀବନ ବଞ୍ଚାଯାଇ ପାରିବ ସେନେଇ ପରାମର୍ଶ କରିଥିଲେ। ଦୁର୍ଘଟଣାକୁ କିଭଳି ଏଡାଇ ହେବ ସେନେଇ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ କୌଶଳ ପ୍ରଦର୍ଶନ ପୂର୍ବକ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଦେବଗଡ ମହାବିଦ୍ୟାଳୟ ଓ ଏନଏମ ସେଣ୍ଟରର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୧୨ ତାରିଖ ଯାଏଁ ତାଲିମ ପ୍ରଦାନ କରାଯିବ ବୋଲି ଜଣାପଡିଛି।



ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଠିକାଦାରମାନେ ଆସିଛନ୍ତି।

# ରାସ୍ତା ଓ ଗୃହ ବିଭାଜନରେ ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ନିଯୁକ୍ତି କର

ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ଜିଲା ଠିକାଦାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ବିଗତ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ପୂର୍ତ୍ତ ବିଭାଗର ଦେବଗଡ଼ ରାସ୍ତା ଓ ଗୃହ ବିଭାଜନରେ ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ନ ଥିବାରୁ ଠିକାଦାରମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ଦେବଗଡ଼ ଜିଲା ଠିକାଦାର ସଂଘର ସଭାପତି ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଠିକାଦାରମାନେ ଦେବଗଡ଼ ଜିଲାପାଳଙ୍କ ନିକଟରେ ୭ ଦିନ ମଧ୍ୟରେ ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ପୂରଣ ନେଇ ଲିଖିତ ଦାବି ଜଣାଇଛନ୍ତି। ଏହି ଦାବି ପୂରଣ ନିମନ୍ତେ ପଦକ୍ଷେପ ନ ନିଆଗଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇବାକୁ ଲିଖିତ ଚେତାବନୀ ଦେଇଛନ୍ତି। ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ସଂଘ ସାଧାରଣ ସମ୍ପାଦକ ପ୍ରଜିତ କୁମାର ଭୋଜ, ବରିଷ୍ଠ ଠିକାଦାର ହରିହର ପାଣି, ଇଂ. ଅଜୟ ପ୍ରଧାନ, କିଶୋର ଚନ୍ଦ୍ର ଦାସ, ନନ୍ଦକିଶୋର ମହାପାତ୍ରଙ୍କ ସମେତ ଯୁବ ଠିକାଦାର ଇଂ. ନିହାର ରଞ୍ଜନ ପଟେଲ, ଇଂ. ତପନ କୁମାର ସାହୁ, ଅନୁପମ ମୋଦୀ, ଇଂ. କୁମାର ସ୍ୱସ୍ତିକ ମହାପାତ୍ର, ଧିରେନ ସାହୁ, ପ୍ରତାପ ଦେବ ଉପସ୍ଥିତ ଥିଲେ।

# ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ପାରପଷି ଚାମ୍ପିୟନ

ଦେବଗଡ଼, ୧୦।୧୦ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ରମ୍ଭେଇ ପଞ୍ଚାୟତ ପୁରୁକୁଣ୍ଡା ଗ୍ରାମରେ ଜଗତଜ୍ୟୋତି ଯୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ପାରପଷି ନାୟକ କ୍ଲବ ଓ ସୁନ୍ଦରଗଡ ଜିଲା ବଣେଇ ଅଞ୍ଚଳର ସିନ୍ଦୁରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସିନ୍ଦୁରକେଲା ଫୁଟବଲ ଦଳକୁ ଟ୍ରାଇବ୍ରେକର ଜରିଆରେ ୩–୦ ଗୋଲରେ ପରାସ୍ତ କରି ପାରପଷି ନାୟକ କ୍ଲବ ଚାମ୍ପିୟନ ହୋଇଥିଲା। ରେଫରୀ ଭାବେ ସାନି ସା, କୃଷ୍ଣଚନ୍ଦ୍ର କିଷାନ, ସରୋଜ ଗଡନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଜଗତଜ୍ୟୋତି ଯୁଥ କ୍ଲବ ସଭାପତି ଉଦିତ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଏବଂ ସମ୍ମାନିତ ଅତିଥି ଭାବେ ରମ୍ଭେଇ ପଞ୍ଚାୟତର ସରପଞ୍ଚ ରଶ୍ମିତ କୁମାର ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।





ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଉଛି।

# ଯୋଗୀହୁଳିର ଉନ୍ନତି ପାଇଁ ଅନୁଦାନ

ରିଆମାଳ, ୧୦।୧୦(ନିରଞ୍ଜନ ବେହେରା)

**ରିଆମାଳ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା**



ଦେବଗଡ଼ ଜିଲାପାଳଙ୍କୁ ରିଆମାଳ ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦରମହକୁମାରେ ଅବସ୍ଥିତ ଯୋଗୀହୁଳି ପାହାଡର ଏକ ସ୍ୱତନ୍ତ୍ରତା ରହିଛି। ଏହାର ଉନ୍ନତି, ବିକାଶ ପାଇଁ ଅନୁଦାନ ମିଳିଛି। ଏଥିପାଇଁ ଦେବଗଡ଼ ଜିଲାପାଳଙ୍କ ଯଥେଷ୍ଟ ଭୂମିକା ଥିବାରୁ ରିଆମାଳ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସବୁଜ ଗଛଭରା ସାଙ୍ଗକୁ ସମ୍ପୂର୍ଣ୍ଣ ଧଳା ପଥରରେ ଗଠିତ ଏହି ହୁଳି। ଦୂରରୁ ଦେଖିଲେ ଏହା ଏକ ସୁନ୍ଦର ମୁକୁଟ ଭଳି ଦେଖାଯାଏ। ଏହାର ଇତିହାସ ମଧ୍ୟ ଏକ ରହସ୍ୟମୟ । ଧଳାପଥର ଭରା ଏହି ପାହାଡର ଏକ ପାର୍ଶ୍ୱରେ ଏକ ରହସ୍ୟମୟ ଗୁମ୍ଫା ରହିଛି। ଏହାର ଅଗ୍ରଭାଗରେ ଏକ ଆଶ୍ରମ ମଠ ସହିତ ଯଜ୍ଞ ମଣ୍ଡପ ଏବଂ ଠାକୁର ପୂଜା ପାଆନ୍ତି। ରିଆମାଳ ଅଞ୍ଚଳର ବହୁ ତୀର୍ଥଯାତ୍ରୀ ଏଠାକୁ ପ୍ରତିବର୍ଷ ବୁଲିବାକୁ ଆସନ୍ତି। ରିଆମାଳ ମୁଖ୍ୟ ରାସ୍ତାଠାରୁ ପାହାଡ ଶୀର୍ଷ ପର୍ଯ୍ୟନ୍ତ ଏକ ପାହାଚର ରାସ୍ତା ରହିଛି। ପାହାଚରେ ଚଢି ଅଗ୍ରଭାଗକୁ ପହଞ୍ଚିଲେ ଯେଉଁ ସୌନ୍ଦର୍ଯ୍ୟ ଦେଖିବାକୁ ମିଳେ ତାହା ଅତି ମନୋରମ। ପାହାଡର ଅଗ୍ରଭାଗରେ ନିର୍ମିତ ଆଶ୍ରମରେ ପୂର୍ବରୁ ଏବଂ ଏବେ ମଧ୍ୟ ସାଧୁସନ୍ଥମାନେ ରହୁଛନ୍ତି। ଏହି ହୁଳିରେ ପ୍ରତିବର୍ଷ ଏକ ଯଜ୍ଞ ଅନୁଷ୍ଠିତ ହୁଏ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏହି ଯଜ୍ଞରେ ଯୋଗଦାନ କରିଥାଆନ୍ତି। କିନ୍ତୁ ହଜାର ହଜାର ବର୍ଷରୁ ଛିଡା ହୋଇଥିବା ଏହି ସୌନ୍ଦର୍ଯ୍ୟଭରା ପାହାଡ ଅବହେଳିତ ହୋଇଥିଲା। ଏହାର ଉନ୍ନତିକରଣ ପାଇଁ ଯୁବ ସମାଜସେବୀ ମୁନସୁନ କୁମାର ସାହୁ ଏବଂ ଧରିତ୍ରୀ ପ୍ରତିନିଧି ନିରଞ୍ଜନ ବେହେରା ଗତ ମାର୍ଚ୍ଚରେ ରିଆମାଳ ବିକାଶ ମଞ୍ଚ ଗଠନ କରିଥିଲେ। ବହୁ ବୁଦ୍ଧିଜୀବି, ଶିକ୍ଷାବିତ ତଥା ଅଞ୍ଚଳର ଯୁବଗୋଷ୍ଠୀକୁ ନେଇ ବିକାଶ ମଞ୍ଚ ପୂର୍ଣ୍ଣାଙ୍ଗ କରି ନିଜର ଶ୍ରମଦାନ କରି ପାହାଡ ରାସ୍ତାକୁ ସଫେଇ କାର୍ଯ୍ୟ ବହୁବାର କରିଛନ୍ତି। ଏ ଅଞ୍ଚଳର ଗର୍ବ ଓ ଗୌରବ ବୈଜ୍ଞାନିକ ଡ. ଶେଷଦେବ କିଷାନ ବିକାଶ ମଞ୍ଚ ସହିତ ଯୋଡି ହେବା ସୌଭାଗ୍ୟ ପରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ସଚିବ ଭିନିଲ କ୍ରିଷ୍ଣାଙ୍କ ଦେବଗଡ ଗସ୍ତ ସମୟରେ ବିକାଶ ମଞ୍ଚର ସଭାପତି ସାହୁ ଏବଂ ଡ. କିଷାନ ସାକ୍ଷାତ କରି ଯୋଗୀହୁଳିର ଉନ୍ନତି ପାଇଁ ଆଲୋଚନା କରିଥିଲେ। ଗତ ମାସରେ ମଞ୍ଚର ସଭାପତି ମୁନସୁନ କୁମାର ସାହୁ ଏବଂ ନିରଞ୍ଜନ ବେହେରା ଭୁବନେଶ୍ୱର ଯାଇ ୫–ଟି ସଚିବଙ୍କ ଉଦ୍ଦେଶ୍ୟରେ ଉନ୍ନତିକରଣର ପାଣ୍ଠି ପାଇଁ ଆବେଦନ କରିଥିଲେ। ଦେବଗଡ଼ ଜିଲାପାଳ ଯୋଗୀହୁଳିର ଉନ୍ନତିକରଣ ପାଇଁ ଏକ ପ୍ରୋଜେକ୍ଟ କରି ପଠାଇବା ପରେ ଏକ ବଡ ଅନୁଦାନ ମିଳିଛି। ସେଥିପାଇଁ ରିଆମାଳ ବିକାଶ ମଞ୍ଚ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ, ୫–ଟି ସଚିବ ଭି.କେ. ପାଣ୍ଡିଆନ, ସଚିବ ଭିନିଲ କ୍ରୀଷ୍ଣା ଏବଂ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଦେବଗଡ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଦେବା ସମୟରେ ସଭାପତି ମୁନସୁନ କୁମାର ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ବେହେରା, ଶିକ୍ଷାବିତ ରମାକାନ୍ତ ପ୍ରଧାନ, ମୌସମ ମାଝି, ଟିକେଶ୍ୱର ନନ୍ଦ, ମିତ୍ରଭାନୁ ବେହେରା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
Bhubaneswar, Wednesday, October 11/2023

**ଶେୟାର ବଜାର କାରବାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୬୭ (୫୬୬.୯୭) ପଏଣ୍ଟ ବୃଦ୍ଧି ଘଟି ୬୬,୦୭୯ (୬୫,୦୭୯.୩୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୭୭ (୧୭୭.୫୦) ପଏଣ୍ଟ ବଢ଼ି ୧୯,୬୯୦ (୧୯,୬୮୯.୮୫) ଅଙ୍କରେ କାରବାର ବନ୍ଦ କରିଥିଲା।



# ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ନୂଆଦିଲ୍ଲୀ ପ୍ରଗତି ମଇଦାନରେ ଓଡ଼ିଶା ମଣ୍ଡପ ହେବ ଆକର୍ଷଣୀୟ



**ଭୁବନେଶ୍ୱର,୧୦।୧୦(ଅନିଲ ଦାସ)**

ଚଳିତ ବର୍ଷ ନଭେମ୍ବର ୧୪ରୁ ୨୭ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନଠାରେ ୪୨ତମ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୩ ଅନୁଷ୍ଠିତ ହେବ। ଏଥରର ବିଷୟବସ୍ତୁ 'ବସୁଧୈବ କୁଟୁମ୍ବକମ୍-ୟୁନାଇଟେଡ୍ ବାଇ ଟ୍ରେଡ୍' ଆଧାରରେ ଓଡ଼ିଶା ଏଥିରେ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଲୋକସେବା ଭବନରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବାଣିଜ୍ୟିକ ପରମ୍ପରା ବହୁ ପ୍ରାଚୀନ। ପ୍ରାଚୀନ ନୌବାଣିଜ୍ୟଠାରୁ ଆରମ୍ଭ କରି ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପ, ବିଭିନ୍ନ କାରୁକାର୍ଯ୍ୟ ଭାରତର ବିଭିନ୍ନ ରାଜ୍ୟ ସମେତ ବିଶ୍ୱବାସୀଙ୍କ ପାଇଁ ଆକର୍ଷଣୀୟ ସାମଗ୍ରୀ ହୋଇଆସିଛି। ଓଡ଼ିଶାର ଜଗନ୍ନାଥ ସଂସ୍କୃତି, ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଆଭୂଷଣ, ଅଳଙ୍କାର ଏବଂ ଓଡ଼ିଶାର କୁଟିର ଶିଳ୍ପ ସମେତ ମିଲେଟ୍, ଅଦା ଓ ହଳଦୀ, କୋରାପୁଟ କଫି, ପର୍ଯ୍ୟଟନ, କ୍ରୀଡ଼ା, ଶିଳ୍ପାୟନ ଆଦିକୁ ଓଡ଼ିଶା ପାଭିଲିୟନ ମାଧ୍ୟମରେ ବିଶ୍ୱବାସୀଙ୍କ ନିକଟରେ ଠିକ୍ ଭାବେ ଉପସ୍ଥାପିତ କରିବାକୁ ଉନ୍ନୟନ କମିଶନର ଗର୍ଗ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ ଓ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି। ବାଣିଜ୍ୟ ମେଳାର ଫୁଡ୍ କୋର୍ଟରେ ମଧ୍ୟ ଓଡ଼ିଶା ଅଂଶଗ୍ରହଣ କରି ବିଶ୍ୱବାସୀଙ୍କୁ ରାଜ୍ୟର ଅନନ୍ୟ ସୁସ୍ୱାଦୁ ଖାଦ୍ୟ ଅନୁଭୂତି ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଗତବର୍ଷ ବାଣିଜ୍ୟ ମେଳାରେ ଓଡ଼ିଶା ପୁରସ୍କୃତ ହୋଇଥିବାରୁ ଚଳିତବର୍ଷ ମଧ୍ୟ ଏହି ପରମ୍ପରାକୁ ବଜାୟ ରଖିବାକୁ ଗର୍ଗ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ରାଜ୍ୟ ସରକାରଙ୍କ କୃଷି, ପଞ୍ଚାୟତିରାଜ, ପର୍ଯ୍ୟଟନ, ସଂସ୍କୃତି, ବୟନଶିଳ୍ପ, ଏମ୍ଏସ୍ଏମ୍ଇ, ଏସ୍ଟି ଓ ଏସ୍ସି ଉନ୍ନୟନ ଆଦି ବିଭାଗର ପ୍ରମୁଖ ଶାସନ ସଚିବ, ସଚିବ, ଆୟୁକ୍ତ ଓ ନିର୍ଦ୍ଦେଶକଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୨ ଦିନିଆ ହାଇଲାଇଫ୍ ଏକ୍ଜିବିଶନ ଉଦ୍ଘାଟିତ

**ଭୁବନେଶ୍ୱର,୧୦।୧୦(ଅଭୟ ଦାଶ)**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ହାଇଲାଇଫ୍ ଏକ୍ଜିବିଶନ ପକ୍ଷରୁ ଏକ ୨ ଦିନିଆ ସ୍ୱତନ୍ତ୍ର ପ୍ରଦର୍ଶନୀ ଭୁବନେଶ୍ୱରର ମେ ଫେୟାର କନ୍ଭେନଶନ ସେଣ୍ଟରଠାରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନରେ ୧୦୦ରୁ ଅଧିକ ଟପ୍ ଡିଜାଇନର ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କର ଫ୍ୟାଶନ, ଷ୍ଟାଇଲ, ଡେକର ଏବଂ ଲକ୍ଜୁରି ସାମଗ୍ରୀ ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟ ପାଇଁ ଉପଲବ୍ଧ ହେଉଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ମୁମ୍ବାଇ, ଚେନ୍ନାଇ, କୋଲକାତା, ନୂଆଦିଲ୍ଲୀ ସମେତ ହାଇଦ୍ରାବାଦ, ବାଙ୍ଗାଲୋର, ପାଟନା, ଅହମ୍ମଦାବାଦ, ଭୋପାଳ, ଆସାମ ଏବଂ ଜମ୍ମୁ ଓ କଶ୍ମୀରର ବ୍ୟବସାୟୀ ଓ ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱତନ୍ତ୍ର କଲେକ୍ସନ ଓ ଅନ୍ୟାନ୍ୟ ବାସୋପଯୋଗୀ ସାମଗ୍ରୀ ଉକ୍ତ ପ୍ରଦର୍ଶନୀରେ ଉପଲବ୍ଧ। ଏପରିକି ଗ୍ରାହକଙ୍କ ପାଇଁ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ପରିଧାନ ଓ ଫ୍ୟାଶନର ବିସ୍ତୃତ ବର୍ଗ ଉପଲବ୍ଧ। ଏ ସମ୍ପର୍କରେ ହାଇଲାଇଫ୍ର ଏମ୍ଡି ତଥା ସିଇଓ ଆବେୟ ପି ଡୋମିନିକ କହିଛନ୍ତି, ଫ୍ୟାଶନ, ଷ୍ଟାଇଲ, ଡେକର ଓ ଲକ୍ଜରି ଭଳି ସାମଗ୍ରୀ ସହ ଟ୍ରେଣ୍ଡି ଡିଜାଇନର ଡ୍ରେସ, ୱେଡ୍ଡିଂ କଲେକ୍ସନ, ଏଥେନିକ ଡିଜାଇନ ଏବଂ ଦୈନନ୍ଦିନ ପରିଧାନଯୋଗ୍ୟ ଫ୍ୟାଶନ୍ ସହ ଆପାରେଲ ଆସୋସିରିଜ, ଜୁଏଲେରି ଏବଂ ସୁଜ୍ ଓ ଘର ପାଇଁ ଅନ୍ୟାନ୍ୟ ଫ୍ୟାଶନ୍ ସାମଗ୍ରୀ ଉଭୟ କାରବାର ଓ ପ୍ରଦର୍ଶନୀ ପାଇଁ ରହିଥିବା ସେ ବିସ୍ତୃତ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଅକ୍ଟୋବର ୧୦ ଓ ୧୧ ତାରିଖ (୨ ଦିନିଆ) ଉକ୍ତ ପ୍ରଦର୍ଶନୀ ମେ ଫେୟାର କନ୍ଭେନଶନ ସେଣ୍ଟରଠାରେ ସକାଳ ୧୦ ଘଣ୍ଟାରୁ ସନ୍ଧ୍ୟା ୮ ଘଣ୍ଟା ପର୍ଯ୍ୟନ୍ତ ଜାରି ରହିବ।

# ଏମ୍ଏସ୍ଆଇଏଲ୍ର ସ୍ୱତନ୍ତ୍ର ରାଲି

## ଖାମ୍ରି ମୋ ସିକ୍କିମ୍




**ଭୁବନେଶ୍ୱର,୧୦।୧୦**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍(ଏମ୍ଏସ୍ଆଇଏଲ୍) ଏବଂ ଭାରତୀୟ ନୌସେନାର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର ରାଲିର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତୀୟ ଯୁବକମାନଙ୍କ ପାଇଁ 'ଖାମ୍ରି ମୋ ସିକ୍କିମ୍' ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ନେଭି (ନୌସେନା) କ୍ଷେତ୍ରରେ ଯୋଗଦେବା ଉଦ୍ଦେଶ୍ୟରେ ଉକ୍ତ ରାଲିର ଆରମ୍ଭ କରାଯାଇଛି। ଉତ୍ତର ଭାରତୀୟ ଯୁବକମାନେ ନୌସେନାରେ କ୍ୟାରିୟର କରିବା ସୁଯୋଗ ଆଦି ବିଷୟରେ ଉକ୍ତ ରାଲି ସଚେତନତା ସୃଷ୍ଟି କରିଛି। ୬,୫୦୦ କି.ମି. ଏହି ଦୁଃସାହସିକ ଯାତ୍ରା ଲୋନାଭାଲାର ଭାରତୀୟ ନୌସେନା ଘାଟିରୁ ୪୫ ନୌସେନା ଅଧିକାରୀଙ୍କ ଏକ ଟିମ୍ ପାର୍ଟି ଯାନରେ ଉକ୍ତ ଯାତ୍ରା ଆରମ୍ଭ କରିଛନ୍ତି। ଏହି ପାର୍ଟି ଯାନରେ ତିନିଟି ଦୁର୍ଗମ ମାରୁତି ସୁଜୁକି ଜିମ୍ନି ଅଫ୍ ରୋଡ୍ର ଏବଂ ଦୁଇଟି ଫ୍ଲାଗ୍ସିପ୍ ଗ୍ରାଣ୍ଡ ଭିଟାରା ଅଲ ଗ୍ରିପ୍ ଏସ୍ୟୁଭି ଆଦି ସାମିଲ ରହିଛି। ଏପରିକି ସେମାନେ ଆସନ୍ତା କିଛି ସପ୍ତାହ ପର୍ଯ୍ୟନ୍ତ ଉକ୍ତ ଯାତ୍ରାରେ ରହିବେ ଏବଂ ମୋହାଠାରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ଏହି ରାଲି ହେବାକୁ ଥିବାବେଳେ ଲକ୍ଷ୍ନୌ, ବାରାଣସୀ, ଗ୍ୟାଙ୍ଗଟକ, ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ଗନ୍ତବ୍ୟ ସ୍ଥଳକୁ ଅନ୍ତର୍ଭୁକ୍ତ କରିବେ।

ଗେମ୍ ଷ୍ଟାର୍ଟ ଓ ତୁସି ମୋଟର୍ସ ଆନୁକୂଲ୍ୟରେ ଭୁବନେଶ୍ୱର ଏକ ତାରକା ହୋଟେଲରେ ଉକ୍ତ ଟିମ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାରତୀୟ ନୌବାହିନୀର ଅଧିକାରୀଙ୍କ ସହ ତୁସି ମୋଟର୍ସର ଏମ୍ଡି ପ୍ରୀତି ପଲ୍ଲବୀ ପଟ୍ଟନାୟକ, ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକଙ୍କ ସମେତ ତମନ୍ନା ଦେହୁରୀ, ଜିତ୍ ସିଂ ଏବଂ ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୌସେନାର ଏହି ଉତ୍ତମ ପଦକ୍ଷେପକୁ ନିଜର ସମର୍ଥନ ଏବଂ ଏକତା ଦେଖାଇବା ପାଇଁ ଭୁବନେଶ୍ୱରସ୍ଥିତ ମାରୁତି କାର୍ ଡିଲର କମ୍ପାନୀ ତୁସି ମୋଟର୍ସ ଓ ଖେଳ ଓ ଅଭିଯାନ କମ୍ପାନୀ ଗେମ୍ ଷ୍ଟାର୍ଟ ଭୁବନେଶ୍ୱରରେ ଏକ ରାଲିରେ ଆୟୋଜନ କରୁଛନ୍ତି।

# ଦୀପାବଳି ସୁଦ୍ଧା ୩୩ ନୂଆ ଶୋ'ରୁମ୍ ଖୋଲିବ କଲ୍ୟାଣ

**ଭୁବନେଶ୍ୱର,୧୦।୧୦**




ଚଳିତ ବର୍ଷ ଦୀପାବଳି ସୁଦ୍ଧା ସାରା ଭାରତରେ କଲ୍ୟାଣ ଜୁଏଲର୍ସ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୩୩ଟି ନୂତନ ଶୋ'ରୁମ୍ର ଶୁଭାରମ୍ଭ (ଖୋଲିବ) କରାଯିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତ ଉକ୍ତ ଶୋ'ରୁମ୍ଗୁଡ଼ିକ ଅଣ ଦକ୍ଷିଣ ଭାରତୀୟ ଅଞ୍ଚଳଗୁଡ଼ିକରେ ଖୋଲି ସର୍ବଭାରତୀୟ ସ୍ତରରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖାଯାଇଛି। ଭାରତରେ ବର୍ତ୍ତମାନ ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସମେତ ୪ଟି ମଧ୍ୟପ୍ରାଚ୍ୟ ଦେଶରେ କଲ୍ୟାଣ ଜୁଏଲର୍ସର ଉପସ୍ଥିତି ରହିଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଟି.ଏସ୍. କଲ୍ୟାଣରମଣ କହିଛନ୍ତି, ସାରା ଦେଶର ପୃଷ୍ଠପୋଷକମାନଙ୍କଠାରୁ କଲ୍ୟାଣ ଜୁଏଲର୍ସ ବ୍ରାଣ୍ଡ ଯେଉଁ ଭଲ ପାଇବା ଓ ସମର୍ଥନ ହାସଲ କରିଛି, ତାହାକୁ ନେଇ ମୁଁ ଅତ୍ୟନ୍ତ ଖୁସି। ବ୍ରାଣ୍ଡ୍ କଲ୍ୟାଣର ଏହି ମହତ୍ତ୍ୱପୂର୍ଣ୍ଣ ଅଭିବୃଦ୍ଧି ଯାତ୍ରା ମୋତେ ବେଶ୍ ଗର୍ବିତ କରିଥିବା ବେଳେ ଏକ ବୃହତ୍ ବ୍ୟବସ୍ଥାରେ ବିପ୍ଳବ ଆଣିବାରେ ଆମେ ଆଗରେ ରହିଛୁ।

ଉଲ୍ଲେଖଯୋଗ୍ୟ,୨୦୨୩ ଅକ୍ଟୋବର ସୁଦ୍ଧା ବିହାର (କିଶନଗଞ୍ଜ, ବେଗୁସରାଇ, ହାଜିପୁର ଓ କଙ୍କରବାଗ୍), ହରିୟାଣା (ଫରିଦାବାଦ ଓ ପାନିପତ), ଓଡ଼ିଶାର (ଯାଜପୁର), ପଞ୍ଜାବ (ବର୍ନାଲ ଓ ଚଣ୍ଡିଗଡ଼), ମହାରାଷ୍ଟ୍ର (ସୋଲାପୁର), ଆନ୍ଧ୍ରପ୍ରଦେଶ (ଚିତୋର), ପଶ୍ଚିମବଙ୍ଗ (ପୁରୁଲିଆ) ଉତ୍ତରାଖଣ୍ଡ (କାଶୀପୁର) ଏବଂ ଉତ୍ତରପ୍ରଦେଶ(ମୋରାଦାବାଦ, ମଥୁରା, ଆଲିଗଡ଼, ଆଲମଗଡ଼ ଓ ଜୁଆନପୁର) ଠାରେ ନୂଆ ଶୋ'ରୁମ୍ଗୁଡ଼ିକ ଖୋଲାଯିବ। ଏହା ବ୍ୟତୀତ ମୁମ୍ବାଇର (ବାନ୍ଦ୍ରା, ମୁଲୁନ୍ଦ ଓ ଗୋରେଗାଓଁ), କୋଲକାତାର (ବାରାସତ ଓ ବାରାକପର) ଏବଂ ନୂଆଦିଲ୍ଲୀର (ଚାନ୍ଦିନୀଚୌକ ଓ ଶାହଦରା)ଠାରେ ନୂଆ ଶୋ'ରୁମ୍ର ଶୁଭାରମ୍ଭ କରାଯିବ। ଡିଜିଟାଲ୍ ମଡେଲକୁ ଅନୁସରଣକରି କଲ୍ୟାଣ ଜୁଏଲର୍ସ ପକ୍ଷରୁ ପ୍ରଥମ ଡିଜିଟାଲ ଗହଣା ପ୍ଲାଟ୍ଫର୍ମ କ୍ୟାଣ୍ଡିୟର ୭ନୂଆ ଶୋ'ରୁମ୍ ଦୀପାବଳି ପୂର୍ବରୁ ସ୍ଥାପନ କରାଯିବ।

# ଫାଇବ୍ ସହ ଆକ୍ସିସ୍ ବ୍ୟାଙ୍କର ସହଭାଗିତା

**ଭୁବନେଶ୍ୱର,୧୦।୧୦**

ଆକ୍ସିସ୍ ବ୍ୟାଙ୍କ ଏବଂ ଫିନ୍ଟେକ୍ କମ୍ପାନୀ ଫାଇବ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଭାରତର ପ୍ରଥମ ନମ୍ବର ବିହୀନ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିବା ପାଇଁ ଉକ୍ତ ସହଭାଗିତା ହୋଇଥିବା ଉଭୟ ସଂସ୍ଥା (କମ୍ପାନୀ) ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଏହି ନମ୍ବରବିହୀନ କ୍ରେଡିଟ୍ କାର୍ଡ ଗ୍ରାହକଙ୍କୁ ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ। କାରଣ ସେଥିରେ କାର୍ଡର ନମ୍ବର, ଏକ୍ସପାଏରି ତାରିଖ କିମ୍ବା ସିଭିଭି ନମ୍ବର ଲେଖା ହୋଇ ନ ଥିବ। ଫଳରେ ସହଜରେ ଗ୍ରାହକଙ୍କ ପରିଚୟ ଚୋରାଇ ହେବ ନାହିଁ, ଯାହା ସୁରକ୍ଷା ଓ ଗୋପନୀୟତାକୁ ସୁନିଶ୍ଚିତ କରିବ।

ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ କାର୍ଡ ଆଣ୍ଡ ପେମେଣ୍ଟ୍ସ ମୁଖ୍ୟ ସଂଜୀବ ମୋଘେ କହିଛନ୍ତି, ଏହି ବୈପ୍ଳବିକ ଉପସ୍ଥାପନାରେ ଫାଇବ ସହିତ ସହଯୋଗିତା ସ୍ଥାପନ କରିଥିବାରୁ ଆମେ ବେଶ୍ ଖୁସି ଅଛୁ, ଯାହା ଜରିଆରେ ଆମେ ଅଧିକ ଲୋକଙ୍କୁ ସେବା ପ୍ରଦାନ କରିପାରିବୁ।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ପ୍ରାୟ ୨୨% ବୃଦ୍ଧି

**ଭୁବନେଶ୍ୱର,୧୦।୧୦:** ଚଳିତ ବର୍ଷ ଏପ୍ରିଲ ପହିଲାରୁ ଅକ୍ଟୋବର ୯ ମଧ୍ୟରେ ଦେଶର ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ) ରେ ପ୍ରାୟ ୨୨%(୨୧.୮୨%) ବୃଦ୍ଧି ଘଟି ୯.୫୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ସରକାରଙ୍କ ପାଣ୍ଠିକୁ ବର୍ଷକୁ ବର୍ଷ ଭିତ୍ତିରେ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ୨୧.୮୨% ଅଭିବୃଦ୍ଧି ଘଟିଛି। ସେହିପରି ଆଡଭାନ୍ସ ଟ୍ୟାକ୍ସ କଲେକ୍ସନ ୧୭.୯୫% ବୃଦ୍ଧି ସହ ୧୧.୦୭ ଲକ୍ଷ କୋଟି ଟଙ୍କା ହୋଇଛି। ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନରେ ୪.୧୬ ଲକ୍ଷ କୋଟି ଟଙ୍କାର କର୍ପୋରେଶନ ଟ୍ୟାକ୍ସ ଏବଂ ୪.୪୭ ଲକ୍ଷ କୋଟି ଟଙ୍କାର ପର୍ଶନାଲ ଇନ୍କମ୍ ଟ୍ୟାକ୍ସ ବି ଅନ୍ତର୍ଭୁକ୍ତ ରହିଛି। ଏପରିକି ସେଥିରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍ଟିଟି) ମଧ୍ୟ ଅନ୍ତର୍ଭୁକ୍ତ ରହିଛି ବୋଲି ମଙ୍ଗଳବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏପରିକି ସିବିଡିଟିର ସୂଚନା ଅନୁଯାୟୀ ୨୦୨୩ ଏପ୍ରିଲ ୧ରୁ ଅକ୍ଟୋବର ୯ ମଧ୍ୟରେ ପ୍ରୋଭିଜନାଲ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ୮,୬୫,୧୧୭ କୋଟି ଟଙ୍କା ଥିଲା, ଯାହା ୨୦୨୨ ବର୍ଷ ତୁଳନାରେ ୨୩.୫% ଅଭିବୃଦ୍ଧି ଘଟିଛି।

---

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. eTenderCPMGSU BBS2023006, ତା.03.10.2023ରିଖ

**କାର୍ଯ୍ୟର ନାମ : MCL ଡିପୋଜିଟ୍ କାର୍ଯ୍ୟର 7-8 ଠାରୁ 9-10 ମଧ୍ୟରେ ଥିବା ସ୍ଵରଗୁଡ଼ିକର ଦୋହରୀକରଣ ସହିତ ସ୍ଵର 10 ଠାରେ ଅତିରିକ୍ତ ଲୁପ୍ ଲାଇନର ବ୍ୟବସ୍ଥା ସମ୍ବନ୍ଧୀୟ ଅତିରିକ୍ତ ବ୍ରିଜ୍ ନଂ.23(1x12.2 ମିଟର) ପ୍ଲେଟ୍ ଗର୍ଡ଼ର ପୋଲର ନିର୍ମାଣ ।**

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 227.08 ଲକ୍ଷ, EMD (₹) : 2,63,600/- । କାର୍ଯ୍ୟ ଶେଷ ହେବା ଅବଧି : 09(ନଅ) ମାସ ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.10.2023 ରିଖ 1200 ଘଟିକାରେ ।**

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡର ଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମଣ୍ଡଳ ରେଳ ପ୍ରବନ୍ଧକ,
ଖୋର୍ଦ୍ଧା ରୋଡ୍

PR-73/CG/23-24

---

**TPCODL**

**ଟିପି ସେଣ୍ଟ୍ରାଲ ଓଡ଼ିଶା**
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ପ୍ରୋଜେକ୍ଟ ଓ ମରାମତି କାର୍ଯ୍ୟ ପାଇଁ ଆଜି ସନ୍ତୋଳ ଗ୍ରାମ, ମହିଦରପଡ଼ା ଗ୍ରାମ, ଅରିଆପଦା, ଅମଣା ଗ୍ରାମ, ଜଗନ୍ନାଥପୁର, ଅଟଳା, ଜୋହଲ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୩ ଘଟିକା ଯାଏଁ, ମୂଳାପଡ଼ିଆ, ନୟାପଲ୍ଲୀ ବେହେରା ସାହି, ୟୁନିଟ୍ -୯ ରୋଡ଼ ୧ ରୁ ୭ ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ଯାଏଁ ଓ ବରମୁଣ୍ଡା ଗ୍ରାମରେ ସକାଳ ୮.୩୦ ଘଟିକାରୁ ଅପରାହ୍ନ ୨.୩୦ ଘଟିକା ଯାଏଁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।

ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

---

**Government of Odisha**
**Office of the Chief Construction Engineer**
**Rural Works Circle, Sambalpur**
E-mail Id:serwcirclesbp@yahoo.com

**Bid Identification No. Building Tender Online RWCSBP-39/2023-24, No:2845, Dated: 09.10.2023**

**No.O-1243:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 04 (Four) Nos. of Building work for the year 2023-24.

1.Name of work : Construction of Multi Purpose Hall (MPH) in different ULBs of the State. 2. No. of work: 04 (Four) Nos. of Building work detailes as per DTCN. 3. Estimated cost: Approximately Cost Rs.179.75 lakhs to Rs.249.53 lakhs. 4.Class of contractor : 'B' & "A" Class. 5.Cost of tender paper and mode of deposit : Rs. 10,000/- per set.( to be deposited On-line) in favour of concerned Executive Engineer. 6.Mode of submission of tender : Tender should be submitted only Online in website www.tendersorissa.gov.in. (https//tendersodisha.gov.in). 7.EMD and mode of deposit : 1% of estimated cost of the work to be remitted online as mentioned in DTCN.

**8. Summary of key dates are provided below:**

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & time for seeking clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-39/2023-24 | 16.10.2023 at 11.00 A.M. | 30.10.2023 upto 05.00 P.M. | 27.10.2023 upto 5.00 P.M. | 31.10.2023 at 11.00 A.M. | To be intimated later |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in). * Subsequent modification/ corrigendum/addendum if required shall appear in website only. * The amount put to bid is exclusive of GST. * Bidder should inspect the road before bidding and quote his rate accordingly.

OIPR-25091/11/0059/2324 **Sd./- Chief Construction Engineer, Rural Works Circle, Sambalpur**

---

See Career Appointment on every Wednesday & Saturday

---

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଟକ ମୁଖ୍ୟ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| କଟକ ମୁଖ୍ୟ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଜ୍ଞାନେଶ୍ୱରୀ ଆସୋସିଏଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ୱାଇ. ସତିଶ୍ କୁମାର / ଗ୍ୟାରେଣ୍ଟିଦାତା: ଶ୍ରୀ ୱାଇ. ଶ୍ରୀନିବାସ ରାଓ, ପିତା: ଶ୍ରୀ ୱାଇ. ରାମା ରାଓ, ଉଭୟଙ୍କ ଠିକଣା: ସା: ବାଉଁଶଗଳି, ପୋ: ବକ୍ସି ବଜାର, ଜିଲ୍ଲା: କଟକ-୭୫୩୦୦୧ | ୩୧.୧୨.୨୦୨୨ ସୁଦ୍ଧା ଟ.୭,୯୧,୫୧୮.୬୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୧.୦୩.୨୦୨୩ / ୧୦.୧୦.୨୦୨୩ | ଶ୍ରୀ ୱାଇ. ଶ୍ରୀନିବାସ ରାଓ, ପିତା: ଶ୍ରୀ ୱାଇ. ରାମା ରାଓଙ୍କ ନାମରେ ଥିବା ଜମି ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଲ, ଥାନା: ଟାଙ୍ଗି, ଥାନା ନଂ.: ୭୨, ତହସିଲ: ଟାଙ୍ଗି-ଚୌଦ୍ୱାର, ତହସିଲ ନଂ.: ୧୬୬, ମ୍ୟୁଟେସନ୍ ଖାତା ନଂ.: ୬୨୦/୩୭୦, ପ୍ଲଟ୍ |

ନଂ.: ୨୦୪୯/୩୯୬୩, ପରିମିତ କ୍ଷେତ୍ର: ଏକର୦.୦୪୦ ଡିସିମିଲି, **ସମୁଦାୟ କ୍ଷେତ୍ର: ୧୭୪୨ ବର୍ଗଫୁଟ**, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ନିଜସ୍ୱ, ଦକ୍ଷିଣ: ପ୍ଲଟ୍ ନଂ.: ୨୦୯୭, ପଶ୍ଚିମ: ଶ୍ରୀ ବଂଶୀଧର ସାହୁ

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୧୦.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

---

**ODISHA PUBLIC SERVICE COMMISSION**
**19, Dr. P.K. Parija Road, Cuttack-1**

**NOTICE**

**No.7779/P.S.C., Dt.10.10.2023**

**No.D-143:** It is information of all concerned that, some typographical error in respect of Name and Address of the following Examination Centres have seen noticed in the "Admission Certificate" of the candidates appearing for Odisha Civil Services Preliminary Examination, 2022. The detailed correct Name & Address of such Examination Centres are given below as mentioned against each.

| Sl. No. | Name of the Zone | Name & Address of the Examination Centre as reflected in the Admission Certificate | Corrected Name & Address of Examination Centre |
|---|---|---|---|
| 01. | Bhubaneswar | Binapani Sishu Bidya Mandir, Khordha | Binapani Sishu Bidya Mandir, near New Bus Stand, Khordha |
| 02. | Bhubaneswar | Women's College, Khordha | Women's College, Samantarapur, Khordha |
| 03. | Bhubaneswar | Saraswati Sishu Vidya Mandir, Khordha | Saraswati Sishu Vidya Mandir, Near Telephone Bhawan, Khordha |
| 04. | Bhubaneswar | Buxi Jagabandhu Bidyadhar High School, Khordha | Buxi Jagabandhu Bidyadhar High School, State Bank of India Chowk, Khordha |
| 05. | Bhubaneswar | Sum Nrushingh College, Near Sum Hospital, Campus-2, SOA University, Bhubaneswar | Sum Nursing College, Near Sum Hospital, Campus-2, SOA University, Bhubaneswar |
| 06. | Bhubaneswar | Govt. High School, Phase-1, Ail Vihar, Bhubaneswar | Govt. High School, Phase-1, Rail Vihar, Bhubaneswar |
| 07. | Bhubaneswar | Guidance English Medium School, Plot No.-1125/1, Dumduma, Housing Board Colony, Bhubaneswar | Guidance English Medium School, Plot No.1125/1, Phase-1, Dumduma, Housing Board Colony, Bhubaneswar |
| 08. | Bhubaneswar | Capital High School, Unit-II, Bhubaneswar | Capital Girls High School, Unit-II, Bhubaneswar |
| 09. | Balasore | Modern Public School, Balasore, Medhadambaru, Balasore | Modern Public School, Medhadambaru, Kuruda, Balasore |

OIPR-12002/11/0104/2324 **Sd./- Secretary**

---

**DIRECTORATE OF PRISONS AND CORRECTIONAL SERVICES, ODISHA**

**TENDER CALL NOTICE**

**No.D-142:** Applications in plain paper are invited from the intending suppliers/ firms/ co-operative societies/ contractors/ corporations who are registered dealers under GST ACT for registration of their names as approved suppliers for supply of "principal food grains" and other "misc. articles" including vegetables, chicken, eggs, milk, paneer etc. as per approved schedule of articles in respect of different Jails of Odisha during the year 2024-25 to be received by the Superintendent of concerned Jails relating to his Institutions only up to 5.00 P.M. of 30.11.2023. The broad guidelines for submission of application are as follows:-

1. The applicants should state in their applications, their financial capacity and past experience, if any, for consideration of their cases for registration as approved supplier.
2. The applicant should submit the IT Return having Gross Annual Income of Rs.8.00 Lakh and above for Circle Jails. Rs.6.00 Lakh and above for District Jails and Special Jails and Rs.4.00 Lakh and above for Special Sub-Jails and Sub-Jails for last three financial years (2020-21, 2021-22 and 2022-23) duly filed before the Competent Tax Authority.
3. The applicant having required Income Tax Returns should be allowed to supply materials to a Circle Jail/ District Jail/ Convict Jail/ Special Jail/ Special Sub-Jail & Sub-Jail, as the case may be. The photo copies of the documents duly self attested by the bidder in support of their Income Tax Returns and past experiences, if any, together with a copy of PAN card and GST Returns up to 30.09.2023 in sealed cover should be submitted, along with their applications for registration of their names in the Jail Office as approved supplier.
4. The Bidder should have a valid Food License under Food Safety and Standard Act. 2006.
5. Acknowledgement of application along with all the documents and the date & time of verification of such documents should be obtained from the Superintendent concerned.
6. On the date of registration, the original certificate of the above documents should be produced before the Superintendent for registering their names as approved supplier.
7. No application for registration will be entertained by the Superintendent of Jails concerned, if it is not received within the stipulated time.
8. The registered supplier will be eligible to submit the tender for that Jail only.
9. Paper submitted by the intended suppliers to participate in the tender process should be attended by the Jail Superintendent immediately and intimation to verify the original documents of the supplier may be given with sufficient reasonable time so that the Intended supplier may not fail to submit the original documents for verification by the Jail Superintendent on the due date.
10. If any intended supplier requests for extension of time for verification of original documents due to clash of verification date with other jails; their prayer may be considered and they may be allowed reasonable time to attend for verification of original documents in time.
11. Prior to submission of tender, the suppliers are required to obtain all other information concerning to the terms and conditions of contract and details of probable requirement of articles from the Superintendent of Jails concerned. As the Jail population fluctuates from time to time, exact requirement can not be indicated specifically at the time of submission of tender.
12. The approximate quantity of supplies of principal food grains and other Misc. articles for the year 2024-25 in respect of Jails of the State are titled as "Approved schedule of articles" and available with the Superintendent of Jails concerned. The articles are required to be delivered at the respective Jail gates.
13. The competent authority i.e. D.G of Prisons & D.C.S, Odisha reserves the right, in public interest, to reject any tender without assigning any reason thereof and may order the concerned Superintendent to purchase articles from the Open Market, if rates, terms and conditions of the tender are not agreeable.
14. After registration with the Superintendent of Jails and Sub-Jails, sealed tenders quoting rates etc. are to be submitted directly to the concerned Superintendent of Jail on or before 5.00 P.M. of 04.01.2024. Sealed tenders will be opened at 3.00 P.M. on 05.01.2024 in consultation with the Chairman of the concerned District level/Sub-Divisional level of Purchase Committee.
15. Please log on to **https://prisons.odisha.gov.in** / **https://www.odisha.gov.in** / all tender for further details.

OIPR-12024/11/0008/2324 **Sd./-D.G. of Prisons & D.C.S., Odisha**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗଣତାନ୍ତ୍ରିକ ଅଧିକାର ପାଇଁ ଜମ୍ମୁରେ ବିକ୍ଷୋଭ

**ଜମ୍ମୁ,୧୦।୧୦ :** ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଜନସାଧାରଣଙ୍କୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାର ପ୍ରଦାନ ଦାବିରେ ନ୍ୟାଶନାଲ କନ୍ଫରେନ୍ସ, ପିଡିପି, କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ୩ ଘଣ୍ଟା ଧାରଣାରେ ବସିଥିଲେ। ୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ପରେ ଏହା ପ୍ରଥମ ବଡ଼ ବିକ୍ଷୋଭ। ଜମ୍ମୁର ମହାରାଜା ହରି ସିଂ ପାର୍କଠାରେ ଅନୁଷ୍ଠିତ ବିକ୍ଷୋଭର ନେତୃତ୍ୱ ନ୍ୟାଶନାଲ କନ୍ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା ନେବାର ଥିଲା। ତେବେ ଅସୁସ୍ଥତା କାରଣରୁ ସେ ବିକ୍ଷୋଭ ସ୍ଥଳରେ ପହଞ୍ଚିପାରି ନ ଥିଲେ। ପ୍ରାଦେଶିକ ସଭାପତି ରତନଲାଲ୍ ଗୁପ୍ତାଙ୍କ ନେତୃତ୍ୱରେ ବରିଷ୍ଠ ନେତାମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ। ନିର୍ବାଚନ କମିଶନ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ନ କଲେ ଜନସାଧାରଣ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ରାସ୍ତାକୁ ଓହ୍ଲାଇବେ ବୋଲି ସୋମବାର ନ୍ୟାଶନାଲ କନ୍ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଥିଲେ।

# ଶଙ୍ଖକୁ ବିରୋଧ କରି ଓଡ଼ିଆ ସଂସ୍କୃତିକୁ ଅପମାନିତ କରୁଛି ଭାଜପା: ବିଜେଡି

**ଭୁବନେଶ୍ୱର,୧୦।୧୦(ଅନିଲ ଦାସ):** ଶଙ୍ଖ ଓଡ଼ିଆ ଜାତି ଓ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଆମ ପରମ୍ପରା ଅନୁସାରେ ସବୁ ଶୁଭ କାର୍ଯ୍ୟ ଆରମ୍ଭରେ 'ଶଙ୍ଖ' ବଜାଯାଏ। ରାଜ୍ୟ ଭାଜପା ନେତା କ'ଣ ଚାହୁଁଛନ୍ତି ଏହା ବନ୍ଦ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରକୁ ଶଙ୍ଖକ୍ଷେତ୍ର କୁହାଯାଏ। ଏହାର ନାମ ପରିବର୍ତ୍ତନ କରିବାକୁ କ'ଣ ବିରୋଧୀ ଦଳ ଚାହୁଁଛନ୍ତି କି ବୋଲି ବିଜେଡିର ବରିଷ୍ଠ ବିଧାୟକ ଡକ୍ଟର ଅରୁଣ ସାହୁ କହିଛନ୍ତି। ଅରୁଣ କହିଛନ୍ତି ଯେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ରାଜ୍ୟବାସୀଙ୍କ ପାଇଁ କରାଯାଉଥିବା କାର୍ଯ୍ୟକ୍ରମ। ଜନତା ନିଜ ପଞ୍ଚାୟତରେ ଯେଉଁ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ତାହାକୁ ଏହି ଯୋଜନାରେ କାର୍ଯ୍ୟକାରୀ କରାଯାଉଛି। ଲୋକଙ୍କ ପାଇଁ ହେଉଥିବା ଭଲ କାମରେ ଶୁଭ ଶଙ୍ଖ ରହିଲେ ରାଜ୍ୟ ଭାଜପା ନେତାଙ୍କୁ କଷ୍ଟ କ'ଣ ପାଇଁ ହେଉଛି। ପ୍ରତି କଥାରେ ରାଜନୀତି କରିବା ବିରୋଧୀ ଦଳର ଅଭ୍ୟାସ ହୋଇଗଲାଣି।

ଓଡ଼ିଶାରେ ହେଉଥିବା ଦ୍ରୁତ ବିକାଶ ଜନତା ଦେଖୁଛନ୍ତି, ଆଉ ଅନୁଭବ ମଧ୍ୟ କରୁଛନ୍ତି, ତାହା ବିରୋଧୀଙ୍କୁ ଅସହ୍ୟ ହେଉଛି। ତେଣୁ ରାଜ୍ୟ ଭାଜପା ନେତା ଜନ ବିରୋଧୀ କାର୍ଯ୍ୟରେ ନିଜକୁ ସାମିଲ କରି ବିକାଶ ପ୍ରକ୍ରିୟାରେ ବାଧା ଆଣୁଛନ୍ତି। ସାଢ଼େ ୪ କୋଟି ଓଡ଼ିଶାବାସୀ ଏଭଳି ଜନ ବିରୋଧୀଙ୍କୁ ଲଗାତର ପ୍ରତ୍ୟାଖ୍ୟାନ କରି ଆସୁଛନ୍ତି ଏବଂ ଆଗକୁ ମଧ୍ୟ କରିବେ। ଯେଉଁଥିପାଇଁ ବିରୋଧୀ ଦଳ ହତାଶ ହୋଇଗଲେଣି ବୋଲି ଅରୁଣ କହିଛନ୍ତି।

# 'କାର୍ଯ୍ୟକ୍ରମ ଭଣ୍ଡୁର ପାଇଁ ହୋଇଥିଲା ଷଡ଼ଯନ୍ତ୍ର'

**ବଲାଙ୍ଗୀର, ୧୦।୧୦ (ବୀରେନ୍ଦ୍ର କୁମାର ଝାଙ୍କର)**



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବଲାଙ୍ଗୀର ସର୍କିଟ ହାଉସଠାରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରୁଛନ୍ତି।

**ରାଜ୍ୟ ସଭାପତିଙ୍କ ସମ୍ମୁଖରେ ଭାଜପା ଦୁଇଗୋଷ୍ଠୀ ମାରପିଟ୍ ଘଟଣା**

- ବଲରାମ ସିଂ ଯାଦବ ଭାଜପାରେ ନାହାନ୍ତି: ମନମୋହନ
- ଅନନ୍ତ ଭାଜପାରେ ଅଛନ୍ତି, ଘଟଣାର ତଦନ୍ତ କରିବ ଶୃଙ୍ଖଳାଗତ କମିଟି
- ଭାଜପା ଦଳୀୟ ବିବାଦରେ ସମ୍ପୃକ୍ତି ନାହିଁ: ବିଜେଡି

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବଲାଙ୍ଗୀର ଶୋଭାଯାତ୍ରା ବେଳେ ସୋମବାର ଅପରାହ୍ଣରେ ସ୍ଥାନୀୟ ଆରଟିଓ ଅଫିସ ଛକଠାରେ ଭାଜପା ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ୍, ଧସ୍ତାଧସ୍ତି ଏବଂ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖି ରାଜ୍ୟ ସଭାପତି ସାମଲ ଏହାକୁ ଷଡ଼ଯନ୍ତ୍ର ବୋଲି ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

ମନମୋହନ କହିଥିଲେ ଯେ, ବଲରାମ ସିଂ ଯାଦବ ଭାଜପାରେ ନାହାନ୍ତି। ସେ ଶାସକ ଦଳର ଜଣେ ନେତା। ସୋମବାର ଭାଜପାର ରାଲି ଚାଲିଥିବାବେଳେ ବଲରାମ ସିଂ ଯାଦବ ଅସାମାଜିକ ଲୋକ, ଭଡାଟିଆ ଗୁଣ୍ଡା ଓ ମଦ୍ୟପଙ୍କୁ ଆଣି ତାଙ୍କ ରାଲିକୁ ବାଧା ଦେବାକୁ ଚେଷ୍ଟା କରିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ସେହି ଘଟଣା ଉପରେ ସୋମବାର ରାତିରେ ସେ ସମୀକ୍ଷା କରିଥିଲେ ଏବଂ ପରେ ତାଙ୍କ ନିର୍ଦ୍ଦେଶରେ ଯାଦବଙ୍କ ନାଁରେ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି ବୋଲି କହିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ଭାଜପାରେ କୌଣସି ଗୋଷ୍ଠୀ ବିବାଦ ନାହିଁ। ଅନନ୍ତ ଦାଶ ଭାଜପାରେ ଅଛନ୍ତି। ସୋମବାର ଅନନ୍ତଙ୍କ ଉପରେ ଯାହାକିଛି ହୋଇଛି ସେ ଉପରେ ରାଜ୍ୟସ୍ତରରୁ ଏକ ଶୃଙ୍ଖଳାଗତ କମିଟି ବଲାଙ୍ଗୀର ଆସି ତଦନ୍ତ କରିବ। ସେହି ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାମଲ କହିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ଶାଣିତ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇ ରାଜ୍ୟ ସଭାପତି ସାମଲ ସୋମବାରର ଘଟଣା ଭାଜପାର ଗୋଷ୍ଠୀ ବିବାଦ ନୁହଁ, ଏହା ଶାସକ ଦଳର ଷଡ଼ଯନ୍ତ୍ର ବୋଲି ବାରମ୍ବାର କହିଥିଲେ। ଖବରଦାତା ସମ୍ମିଳନୀରେ ସେ କିଛି ପୋଷ୍ଟର ଏବଂ ଛାପା କାଗଜ ଦେଖାଇ ବଲରାମ ସିଂ ଯାଦବ ବିଜେଡି ନେତା ଏବଂ ଏହା ତାଙ୍କର ଦସ୍ତାବିଜ ବୋଲି ପ୍ରଦର୍ଶନ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜ୍ୟ ସମ୍ପାଦକ ସରୋଜ କର, ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ, ରାଜ୍ୟ ସଂଯୋଜକ ଦିନେଶ ଶର୍ମା ମଞ୍ଚାସୀନ ଥିଲେ।

ବଲାଙ୍ଗୀର ଭାଜପା ରାଲିବେଳେ ଦଳର ଦୁଇ ଗୋଷ୍ଠୀର ମାରପିଟ୍ ଏବଂ ଗଣ୍ଡଗୋଳକୁ ଶାସକ ଦଳର ଷଡ଼ଯନ୍ତ୍ର ବୋଲି ମନମୋହନ ସାମଲଙ୍କ ଅଭିଯୋଗକୁ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଖଣ୍ଡନ କରିଛନ୍ତି। ଏହି ବିବାଦ ଭାଜପାର ଆଭ୍ୟନ୍ତରୀଣ ମାମଲା। ଏଥିରେ ବିଜେଡିର କିଛି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି। ବଲରାମ ସିଂ ଯାଦବ ବିଜେଡିରେ ନାହାନ୍ତି କି ତାଙ୍କୁ ସେ ଦେଖିବି ନାହାନ୍ତି ବୋଲି କହିଛନ୍ତି।

# ମାନସିକ ସ୍ଥିତି ଠିକ୍ ନ ଥିବାରୁ ବାଚାଳାମି କରୁଛନ୍ତି ଜୟନାରାୟଣ: ବିଜେଡି

**ଭୁବନେଶ୍ୱର,୧୦।୧୦(ଅନିଲ ଦାସ)**



ସବୁବେଳେ ଆମେ କହିଆସିଛୁ, ଜୟନାରାୟଣ ମିଶ୍ରଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। କୋଲକାତାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଶକ୍ ଟ୍ରିଟ୍‌ମେଣ୍ଟକୁ ଡରି ସେ ଲୁଚି ପଳାଇ ଆସିଛନ୍ତି। ଯେହେତୁ ଚିକିତ୍ସା ସମ୍ପୂର୍ଣ୍ଣ ହୋଇନି,ତେଣୁ ପ୍ରତିଦିନ କିଛି ନା କିଛି ବାଉଳିଚାଉଳି ହେଉଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଉପରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଡକ୍ଟର ଲେନିନ୍ ମହାନ୍ତି ଏହା କହିଛନ୍ତି।

ସେ କହିଛନ୍ତି ଯେ ଏହି ବାଚାଳାମିର ଆଉ ଏକ ଉଦାହରଣ ସମସ୍ତେ ଦେଖିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିଥିବା ବେଳେ ଜୟନାରାୟଣ କୋଲକାତାର ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେଣୁ ସେତେବେଳେ କ'ଣ ଘଟିଥିଲା ତାହା ଜାଣିବା ତାଙ୍କ ପକ୍ଷେ ସମ୍ଭବପର ନ ଥିଲା। ସେଥିପାଇଁ ଗଣମାଧ୍ୟମ ସାମ୍ନାରେ ପୁଣି ନିଜର ପାଗଳାମି ଦେଖାଇଛନ୍ତି।

ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କୁ ଅନୁରୋଧ, ତୁରନ୍ତ ମିଶ୍ରଙ୍କର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। ଆଉ ଚିକିତ୍ସା ନ ସରିବା ପର୍ଯ୍ୟନ୍ତ ଦୟାକରି ସମ୍ବଲପୁର ଯାଆନ୍ତୁନି। ନଚେତ୍ ବଲାଙ୍ଗୀରରେ ଆପଣ ସିନା ଅଳ୍ପକେ ମାଡ଼ ଖାଇବାରୁ ବର୍ତ୍ତିଗଲେ, ହେଲେ ସମ୍ବଲପୁରରେ ଜୟନାରାୟଣ ମିଶ୍ରଙ୍କ ବାଚାଳାମିରୁ ଆପଣ ବର୍ତ୍ତିପାରିବେ ନାହିଁ। ମନେଅଛି ନା ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ସହ କ'ଣ ଘଟିଥିଲା। ଦୟାକରି ରାଜ୍ୟ ଭାଜପା ନେତା ଜୟନାରାୟଣ ମିଶ୍ରଙ୍କର ସ୍ୱାସ୍ଥ୍ୟାବସ୍ଥାକୁ ଅଣଦେଖା କରନ୍ତୁ ନାହିଁ। ଯେତେଶୀଘ୍ର ପାରୁଛନ୍ତି ତୁରନ୍ତ ତାଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଉପଲବ୍ଧ କରାନ୍ତୁ ବୋଲି ଲେନିନ କହିଛନ୍ତି।

CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%

Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱଗୋପିନାଥ ହୋତା
ଆବିର୍ଭାବ : ତା.୧୬.୦୩.୧୯୫୫
ତିରୋଧାନ : ତା.୧୩.୧୦.୨୦୨୦

ଚାହିଁ ଚାହିଁ ତିନି ବର୍ଷ ବିତିଗଲା ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତୀ ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

: ଶୋକସନ୍ତପ୍ତ :
ବନ୍ଧୁ , ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୫୨୫

MARUTI GROUP OF INSTITUTION
BARGARH, ODISHA

MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)

MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.

Consultancy required contact:
7605930501, 9438066954
Eligibility for Admission for all +2 Science Pass

BADRIPRASAD
Group of Institutions

B.Sc Nursing
Eligibility : +2 Science PCB with 45% Genral, 40% ST/SC

PB BSc Nursing
Eligibility : GNM Pass with onmrc Registration

GNM
Eligibility : Candidates must have +2 passed in Any stream.

ANM
Eligibility : Candidates must have +2 passed in Any stream.

BADRIPRASAD
Institute of Medical Science
SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200

BADRIPRASAD
College of Nursing
BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028

Classified Everyday
0674-2580101, 2549949



MATRIMONIAL

BRIDE WANTED

Wanted Service bride for handsome Khandayat, Boy 1986, 6" B.Tech Serving Engineer TCS Bhubaneswar "Sunasansar". 9937512659. D-75234

Karan boy, 1990, Software Engineer, Bangalore required divorcee/ fresh. 9853366347. D-1512



REAL ESTATE

SALE

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-75048

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

**ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706.** D-75233

Duplex sale at Bhubaneswar @ 57 lakhs only. Contact: 9777433701. D-75232

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- 9658562429.** D-75224

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

Commercial 2000sqft. @ 1400 at Mancheswar (Owner). Contact: 7008711445, 6372801963. D-1532

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

**3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244.** D-1464

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot- 300/-. 7978663279. D-75231

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1384



**Office Space available at Esplanade Mall, Rasulgarh (1432sqft.). Contact: 9776505301.** D-1498

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com



Spa Kerala body Massage only best Therapist @699/- Bhubaneswar. 9337672475. D-1535

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

**Full body massage by expert therapist positively health benefits. 9938843929.** D-75153

**Full Body massage, expert Therapist positively health benefits. 8917243035 / 7205044659.** D-75156

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Newly open Spa positively Health benefit with expert. Contact: 7749976301. D-1469

**Body massage by experience, good looking therapist @999/-. (Bhubaneswar) 9078484455.** D-1533



**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

AFFIDAVIT

I, Sri Anjan Kumar Pattanaik, S/o Late Purusottam Patnaik, resident of Plot No- EB-673, Badagada Brit Colony, Behind Bhaskereswar Temple, Bhubaneswar, Dist.- Khurda, Odisha-751018 have changed my name from Sri Anjan Kumar Pattanaik to Anjan Kumar Patnaik vide affidavit dated 10 Oct. 2023 at Executive Magistrate, Bhubaneswar. D-1527

I, Parvati Patnaik, W/o- Anjan Kumar Patnaik, resident of Plot No- EB-673, Badagada Brit Colony, Behind Bhaskereswar Temple, Bhubaneswar, Dist.- Khurda, Odisha -751018 have changed my name from Parvati Patnaik to Pravati Patnaik vide affidavit dated 07 Oct. 2023 at Executive Magistrate, Bhubaneswar. D-1528

I, Laxmipriya Ranjit, W/o- Niranjan Ranjlt of Vill / PO/ PS- Gadishagoda, Dt.- Puri, state that in my LIC Policy No- 574520242 mentioned name Kausalya Martha. Henceforth Laxmipriya Ranjit & Kausalya Martha is one and same person. D-1531

By an affidavit sworn before the Notary Public, Jharsuguda, I, Gurmeet Singh, R/o. Ramgarh, PO. Orient Colliery, Dist. Jharsuguda (Odisha) declare that my actual name is Gurmeet Singh. But in my passport vide No.K4992210 and Educational Certificate my name has been mentioned as Gurmit Singh. That both the names relates to one and same person. D-1540

By an affidavit before Notary Public, Angul on dt. 09.10.2023, I, Rajiv Kumar Choudhury, At/ Po- Hemsurpada, Ps/ Dist.- Angul, declare that in my BSE, CHSE, name has been wrongly mentioned as Rajiv Kumar Chowdhury, S/o- Satya Nanda Chowdhury, M/o- Binodini Chowdhury instead of Rajiv Kumar Choudhury, S/o- Satyananda Choudhury, M/o- Binodini Choudhury. Also in D.L name wrongly mentioned Rajeev Kumar Chowdhury instead of Rajiv Kumar Choudhury. Henceforth, I shall be known as Rajiv Kumar Choudhury S/o- Satyananda Choudhury is the same and one person for all purposes and forever.
RAJIV KUMAR CHOUDHURY. D-1539

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କୁକୁଡ଼ାଙ୍କୁ ବୁଷ୍ଟର ଟିକା



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଚିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ। ୨୧ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ। ଏହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

# ବାଇଗଣରେ ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ। ନହେଲେ ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। ଅନ୍ୟପକ୍ଷରେ କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡ଼ା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମି.ଲି. ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମି.ଲି. ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡ଼ୁଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।



# ଡାଲିଜାତୀୟ ଫସଲ



ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡିଏସ୍ ଫିମ୍ପିନାଶକ ବିଷ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ପ୍ରାଣୀମାନଙ୍କ ବିଷାକ୍ତକରଣର ଲକ୍ଷଣ ଓ ଚିକିତ୍ସା



ଡା. ହିମାଂଶୁ ବେହେରା

ମନୁଷ୍ୟମାନଙ୍କ ତୁଳନାରେ ପ୍ରାଣୀମାନଙ୍କ ମଧ୍ୟରେ ବିଷାକ୍ତକରଣ(poisoning) ମାତ୍ରା ଅଧିକ ଭାବରେ ପରିଲକ୍ଷିତ ହୋଇଥାଏ। ଏହାର ପ୍ରଭାବରେ ପ୍ରାଣୀ ସମ୍ପଦର ହାନି ଘଟିବା ସହ ପ୍ରାଣୀପାଳନ କରୁଥିବା ଚାଷୀମାନଙ୍କ ମଧ୍ୟ ଅର୍ଥହାନି ହୋଇଥାଏ। ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କର ଶତ୍ରୁତାର ଶିକାର ମଧ୍ୟ ଅନେକ ସମୟରେ ପ୍ରାଣୀମାନଙ୍କୁ ଭୋଗିବାକୁ ପଡ଼ିଥାଏ। କେତେବେଳେ ଅଜାଣତରେ ପ୍ରାଣୀମାନେ ବିଷାକ୍ତକରଣର ଶିକାର ହେବା ସହ ଆଉ କେତେବେଳେ ସାମଜରେ କୁ-ପ୍ରକୃତିର ଲୋକମାନେ ଜାଣିଶୁଣି ପ୍ରାଣୀମାନଙ୍କୁ ବିଷାକ୍ତକରଣ କରିଥାଆନ୍ତି। ମୋଟାମୋଟି ଭାବରେ ବିଷାକ୍ତକରଣର ଉତ୍ସକୁ ୨ ଭାଗରେ ବିଭକ୍ତ କରାଯାଇପାରିବ। ତାହା ହେଲା-ପ୍ରାକୃତିକ ଉତ୍ସ ଏବଂ ମନୁଷ୍ୟ ଅଭିମୁଖୀ ବା ମନୁଷ୍ୟକୃତ ଉତ୍ସ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ଉତ୍ସକୁ ମଧ୍ୟ ପୁନଃ ଭାଗ କରାଯାଇପାରିବ, ଯେପରିକି : (୧) ବିଷଧର ପୁଷ୍ପ, ଲତା, ପତ୍ର ଇତ୍ୟାଦି, (୨) ବିଷଧର ସାପ, ବିଛା, ମହୁମାଛି, କୀଟପତଙ୍ଗ କାମୁଡ଼ିବା ଦ୍ୱାରା, (୩) ଖାଦ୍ୟରେ ଅତ୍ୟଧିକ ମାତ୍ରାରେ ଖଣିଜ ଲବଣ ବା ଧାତୁ-ଆର୍ସେନିକ ସୀମା, ପାରଦ, ସେଲେନିୟମ, କ୍ଷୟକାରକ ବାଷ୍ପ ଇତ୍ୟାଦି। ଏଥିଯୋଗୁ ମନୁଷ୍ୟକୃତ ଉତ୍ସକୁ ମଧ୍ୟ ପୁଣି ଭାଗ କରାଯାଇଛି, ଯେପରିକି, କୃଷି ସାର : ବିଭିନ୍ନ ପ୍ରକାର କୃଷି ବ୍ୟବହୃତ ସାର ଏବଂ ରସାୟନ ପଦାର୍ଥ, କୀଟନାଶକ ଦ୍ରବ୍ୟ, ମୂଷା ମାରିବା ପାଇଁ ଦ୍ରବ୍ୟ, କଳକାରଖାନାରୁ ନିର୍ଗତ ହେଉଥିବା ଦୂଷିତ ଦ୍ରବ୍ୟ ଏବଂ ବିକିରଣ ବିପଦ।

**ଇଚ୍ଛା ପୂର୍ବକ ବିଷାକ୍ତକରଣ :** ଏହାର ଅର୍ଥ ହେଉଛି ପ୍ରାଣୀମାନଙ୍କୁ କ୍ଷତିକାରକ ପଦାର୍ଥ ଦେଇ ବିଷାକ୍ତକରଣ କରାଇବା। ଏହାର ପ୍ରଭାବରେ ସେମାନଙ୍କ ଶରୀରରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ଅଙ୍ଗ, ଯକୃତ୍, କିଡ୍‌ନୀ, ଦାନ୍ତ, ହାଡ଼, ଚର୍ମ, ଖୁରା ଇତ୍ୟାଦି ପ୍ରଭାବିତ ହୋଇଥାଏ। କିଛି କ୍ଷେତ୍ରରେ ଏହା ଜରୁରୀ ଅବସ୍ଥାର ସଙ୍କେତ ଦେଇଥାଏ। ଏହି ଜରୁରିକାଳୀନ ପରିସ୍ଥିତି ଯେପରିକି ପାଟି, ଆଖି, ନାକ ଇତ୍ୟାଦିରୁ ଲାଳ ନିର୍ଗତ ହେବା, ବାନ୍ତିହେବା, ରକ୍ତ ବାହାରିବା, ଗର୍ଭ ନଷ୍ଟହେବା ଇତ୍ୟାଦି ଅସୁବିଧାକୁ ଯଥାସମ୍ଭବ ଶୀଘ୍ର ଚିକିତ୍ସା କରାଇବା ଦରକାର।

**ବିଷାକ୍ତକରଣର ପ୍ରକାର**

**ଅଳ୍ପ ସମୟରେ ବିଷାକ୍ତକରଣ :** ଏହାଦ୍ୱାରା ପ୍ରାଣୀମାନେ ଅତି କମ୍ ସମୟରେ ଅଧିକ ମାତ୍ରାରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। ପ୍ରାଣୀମାନଙ୍କ ଶରୀରରେ ବହୁ ମାତ୍ରାରେ ବିଷର ଲକ୍ଷଣ ପରିଲକ୍ଷିତ ହୋଇଥାଏ ଏବଂ ତୁରନ୍ତ ଚିକିତ୍ସା ଅଭାବରୁ ପ୍ରାଣୀମାନେ ମୃତ୍ୟୁବରଣ କରିଥାଆନ୍ତି।

**କିଛିଦିନ ମଧ୍ୟରେ ବିଷାକ୍ତକରଣ :** ଏହାଦ୍ୱାରା ପ୍ରାଣୀମାନେ ଧୀରେ ଧୀରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। କେତେକ କ୍ଷେତ୍ରରେ ଏହା ୯୦ଦିନ ପର୍ଯ୍ୟନ୍ତ ମଧ୍ୟ ହୋଇଥାଏ। ଉପଯୁକ୍ତ ଚିକିତ୍ସା କରାଇବା ଦ୍ୱାରା ପ୍ରାଣୀମାନେ ସୁସ୍ଥ ହୋଇଥାଆନ୍ତି।

**କିଛି ମାସ ବିଷାକ୍ତକରଣ :** ଏହାଦ୍ୱାରା ମୁଖ୍ୟତଃ ପ୍ରାଣୀମାନେ ୬ ମାସ ବା ଉର୍ଦ୍ଧ୍ୱ ସମୟ ପରେ ବିଷାକ୍ତକରଣର ଶିକାର ହୋଇଥାଆନ୍ତି। ଠିକ୍ ସମୟରେ ଏଭଳି ବିଷାକ୍ତକରଣକୁ ଚିହ୍ନଟକରି ଚିକିତ୍ସା କରିବା ଦ୍ୱାରା ପ୍ରାଣୀ ସୁସ୍ଥ ହୁଅନ୍ତି।

**ବିଷାକ୍ତକରଣ ଚିକିତ୍ସାର ସାଧାରଣ ମୂଳତତ୍ତ୍ୱ:** ଆନୁମାନିକ ଅଥବା ପରୀକ୍ଷାମୂଳକ ମାଧ୍ୟମରେ ବିଷାକ୍ତକରଣର କାରଣ ଜାଣିବା ପରେ ହିଁ ଚିକିତ୍ସା କରାଯାଇଥାଏ। ଚାଷୀମାନେ ବିଳମ୍ବ ନ କରି ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ଥିବା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଏହାର ଚିକିତ୍ସା ପଦ୍ଧତିକୁ ମୁଖ୍ୟତଃ ୫ ଭାଗରେ ବିଭକ୍ତ କରାଯାଇଛି।



**ସାଧାରଣ ଚିକିତ୍ସା :** ଏହି ଚିକିତ୍ସା ପ୍ରଣାଳୀରେ ବିଷାକ୍ତକରଣ ଉତ୍ସକୁ ଦୂରେଇଦେବା ପାଇଁ ଅଧିକ ପିଇବା ପାଣି ଦିଆଯାଇଥାଏ। ଏହି ପାଣିରେ ୩୦-୬୦ ଗ୍ରାମ ଲୁଣ ମିଶାଇ ଆକ୍ରାନ୍ତ ପ୍ରାଣୀଙ୍କୁ ପିଇବାକୁ ଦେବା ଦ୍ୱାରା ବାନ୍ତି ହୋଇଥାଏ ଏବଂ ବିଷାକ୍ତକରଣ ପ୍ରଭାବ କମ୍ ହୋଇଥାଏ। ୨୫୦-୫୦୦ ଗ୍ରାମର ମାଗ୍ନେସିୟମ ସଲ୍‌ଫେଟ୍ ଅଥବା ତୈଳ ଜାତୀୟ ପଦାର୍ଥ ଦେବା ଦ୍ୱାରା ଆକ୍ରାନ୍ତ ପ୍ରାଣୀମାନଙ୍କ ଖାଦ୍ୟନଳୀରେ ଥିବା ବିଷ ଝାଡ଼ା ଦ୍ୱାରା ବାହାରିଯାଇଥାଏ। ପ୍ରାଣୀର ଆଖି ଏବଂ ଚର୍ମ ବିଷାକ୍ତକରଣର ଶିକାର ହେବା ଦ୍ୱାରା ଅଧିକ ପରିମାଣରେ ପାଣି ବା ନର୍ମାଲ ସାଲାଇନ୍ ପାଣି ଦ୍ୱାରା ପ୍ରାଣୀଙ୍କୁ ଧୁଅନ୍ତୁ। ଅତ୍ୟଧିକ ପରିମାଣରେ ହୋଇଥିବା ବିଷାକ୍ତକରଣ ଦୂରକରିବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ନିହାତି ଦରକାର।

**ସାଧାରଣ ବିଷ ନିରୋଧକ ଔଷଧ :** ଦୁଇ ଭାଗ ଅକିଭେଟେଡ୍ ଚାର୍‌କୋଲ୍ ସହ ଏକ ଭାଗ ଟନିକ୍ ଏସିଡ୍ ୧ ଭାଗ ମ୍ୟାଗ୍ନେସିୟମ ଅକ୍ସାଇଡ୍ (ଯାହାକି ୨୫୦ ଗ୍ରାମ ବଡ଼ ପ୍ରାଣୀ ଏବଂ ୩୦ ଗ୍ରାମ ସାନ ପ୍ରାଣୀଙ୍କ ପାଇଁ)କୁ ମିଶାଇ ପ୍ରାଣୀଙ୍କୁ ଦିଅନ୍ତୁ। ୬-୮ଟି ଅଣ୍ଡାର ଧଳା ଅଂଶ ସହ ୫୦୦ ମିଲି ଦୁଗ୍ଧ ମିଶ୍ରଣକରି ଖାଦ୍ୟରେ ଦିଆଯାଇପାରିବ। ଏହା ଧାତବ ପଦାର୍ଥର ବିଷାକ୍ତକରଣରେ ବ୍ୟବହୃତ ହୋଇଥାଏ। ୧୦୦ ମି.ଲି. ପାଣିରେ ୨୦ ବୁନ୍ଦା ଟିଙ୍କଚର ଆୟୋଡିନ ମିଶାଇ ପ୍ରାଣୀଙ୍କୁ ପିଇବା ପାଇଁ ଦିଅନ୍ତୁ। ସେହିପରି ଅତ୍ୟଧିକ ଅମ୍ଳଜାତୀୟ ବିଷାକ୍ତ ଲବଣକୁ ଚୂନପାଣି ଦ୍ୱାରା ନିରୋଧ କରାଯାଇପାରିବ।

**ବିଷାକ୍ତକରଣ ପଦାର୍ଥ ପାଇଁ ନିର୍ଦ୍ଦିଷ୍ଟ ବିଷ ନିରୋଧକ ଔଷଧ :** ଏଚ୍‌ସିଏନ୍ ବିଷାକ୍ତକରଣ ପାଇଁ ସୋଡିୟମ ନାଇଟ୍ରାଇଟ୍ ଏବଂ ସୋଡିୟମ ଥାୟୋସଲ୍‌ଫେଟ୍, ନାଇଟ୍ରେଟ୍ ବିଷାକ୍ତକରଣ ପାଇଁ ମିଥାଇଲ ବ୍ଲୁ, ଓରୋଗାନୋ ଫସ୍‌ଫେଟ୍ ବିଷାକ୍ତକରଣ ପାଇଁ ଆଟ୍ରୋସିନ୍ ସଲ୍‌ଫେଟ୍ ଏବଂ ଅତ୍ୟଧିକ ସୀସା ଦ୍ୱାରା ବିଷାକ୍ତକରଣ ପାଇଁ କ୍ୟାଲ୍‌ସିୟମ ଡାଇସୋଡିୟମ ଇଡିଟିଏ ଦିଆଯାଇଥାଏ।

**ବିଷାକ୍ତକରଣର ଲାକ୍ଷଣିକ ଚିକିତ୍ସା :** ବିଷାକ୍ତକରଣର ଲକ୍ଷଣକୁ ନଜରରେ ରଖି ନିମ୍ନଲିଖିତ ଚିକିତ୍ସା କରାଯାଇଥାଏ। ହେଲେ ଏହି ଚିକିତ୍ସା ପୂର୍ବରୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ନିହାତି ଜରୁରୀ।

- ପ୍ରଥମତଃ ଶ୍ୱାସକ୍ରିୟାରେ କୌଣସି ପ୍ରକାର ବାଧା ଦୂରକରିବା।
- କିଛି କ୍ଷେତ୍ରରେ ଶ୍ୱାସକ୍ରିୟାର ଠିକ୍ ମାତ୍ରା ପାଇଁ ଶ୍ୱାସକ୍ରିୟା ଉତ୍ତେଜକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ।
- ଶରୀର ଆଲୋଡ଼ନକୁ ଶାନ୍ତକରିବା ଦ୍ରବ୍ୟ ଯେପିରକି ଡାୟାଜେମାସ ଇଞ୍ଜେକସନ ଦିଆଯାଇଥାଏ।
- ଶରୀରକୁ ଉତ୍ତେଜନ କରିପାରିବା ଭଳି ଦ୍ରବ୍ୟ ଯେପରି କାଫେଇନ୍ ବ୍ୟବହାର କରାଯାଇପାରିବ। (କ୍ରମଶଃ..)

-ଓୟୁଏଟି, ଭୁବନେଶ୍ୱର

# ପନିପରିବାରେ ଝାଉଁଳା ରୋଗର ପ୍ରତିକାର

ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡୋକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡ଼ା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ।





# ମାଛଚାଷ

ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ । ମାଛମାନଙ୍କୁ ଜୀବାଣୁଜନିତ ରୋଗ ଯଥା ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ୨ରୁ ୩ ଦିନ କରିବେ। ପଚା ଘା' ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

# କପାରେ ବକରା ପୋକ ଲାଗିଲେ..

କପାରେ ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।



# ଧାନ ଅମଳ ସମୟରେ...

ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ରୁ ୨୦ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ %, ଦାନାଦାର ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ ।





# ଭାରତ ଆଜି ଆଫଗାନିସ୍ତାନକୁ ଭେଟିବ

**ନୂଆଦିଲ୍ଲୀ,୧୦।୧୦(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ବିଜୟ ପରେ ବୁଧବାର ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଆଫଗାନିସ୍ତାନ ବିପକ୍ଷରେ ଖେଳିବ ଭାରତ। ଚେନ୍ନାଇର ସ୍ପିନିଂ ଟ୍ରାକ୍‌ରୁ ଖେଳି ଫେରିଥିବା ଭାରତ ଏକ ନୂତନ ଭେନ୍ୟୁରେ ଖେଳିବ। ଦିଲ୍ଲୀରେ ଖେଳା ଯାଇଥିବା ପ୍ରଥମ ମ୍ୟାଚ୍‌ରେ ୭୦୦ରୁ ଅଧିକ ରନ୍ ସଂଗୃହୀତ ହୋଇଥିଲା। ପିଚ୍ ପେସ୍ ବୋଲରଙ୍କୁ ସାମାନ୍ୟ ସହାୟତା କରୁଥିବା ବେଳେ ପ୍ରଥମ ମ୍ୟାଚ୍‌ର ଦଳରେ ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଚେନ୍ନାଇରେ ଖେଳୁଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ଭାରତ ମହମ୍ମଦ ଶାମିଙ୍କୁ ଖେଳାଇପାରେ। ବିଶ୍ୱକପ୍ ପୂର୍ବରୁ ଭିନ୍ନ ଭିନ୍ନ ଭେନ୍ୟୁରେ ଆଡ୍‌ଜଷ୍ଟ କରିବା ଭାରତ ପାଇଁ ବଡ ଚ୍ୟାଲେଞ୍ଜ ରହିବ ବୋଲି ରୋହିତ ଶର୍ମା କହିଥିଲେ। ଚଳିତ ବିଶ୍ୱକପ୍‌ରେ ଭାରତ ୮ଟି ଭିନ୍ନ ଭିନ୍ନ ଭେନ୍ୟୁରେ ଏହାର ମ୍ୟାଚଗୁଡିକ ଖେଳିବାକୁ ଥିବାବେଳେ ଏହା ଦଳ ପାଇଁ ସବୁଠୁ ବଡ ଚ୍ୟାଲେଞ୍ଜ ଭାବରେ ଉଭା ହେବ।



ନେଟ୍ସ ସେସନରେ ଅଧିନାୟକ ରୋହିତ ଶର୍ମାଙ୍କ ସହ କୋଚ୍ ରାହୁଲ ଦ୍ରାବିଡ।

ଅନ୍ୟପକ୍ଷରେ ଷ୍ଟାର ଭାରତୀୟ ବ୍ୟାଟର ତଥା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ର ହିରୋ ବିରାଟ କୋହଲି ନିଜ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବେ। ନିଜ ନାମରେ ନାମିତ ପ୍ୟାଭିଲିୟନ ଓ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବ୍ୟାଟିଂ କରିବାର ଚାପ ମଧ୍ୟ ରହିପାରେ। ତେବେ ଏଭଳି ଚାପର ମୁକାବିଲା କରିବାରେ କୋହଲି ସିଦ୍ଧହସ୍ତ। କୋହଲି ନିଜର ହୋମ୍‌କମିଙ୍ଗ ମ୍ୟାଚ୍‌ରେ ପୁଣି ଥରେ ଚେନ୍ନାଇର ସଫଳତା ଦୋହରାଇବାକୁ ଚାହିଁବେ।

ଡେଙ୍ଗୁ କାରଣରୁ ଶୁବମନ୍ ଗିଲ୍ ବାଦ୍ ପଡିଥିବା ବେଳେ ପୁଣି ଥରେ ଇଶାନ କିଶନଙ୍କୁ ଓପନ କରିବାର ସୁଯୋଗ ମିଳିବ। ତେବେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଖରାପ ଶଟ୍ ଖେଳି ଆଉଟ ହୋଇଥିବା ଇଶାନ କିଶନ ଓ ଶ୍ରେୟସ ଆୟରଙ୍କୁ ନିଜ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡିବ। ପୂର୍ବରୁ ଦିଲ୍ଲୀର ପିଚ୍ ତଳୁଆ ରହୁଥିବା ବେଳେ ପ୍ରଥମ ମ୍ୟାଚରେ କିନ୍ତୁ ୩୧ ଛକା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏସିଆ କପ୍‌ରେ ପ୍ରତ୍ୟାବର୍ତ୍ତନ ପରଠାରୁ ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ରହିଥିବା ଲୋକେଶ ରାହୁଲ୍‌ଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବ୍ୟାଟିଂ ବିଭାଗରେ ପରିବର୍ତ୍ତନର ସମ୍ଭାବନା କମ୍ ରହିଥିବା ବେଳେ ବୋଲିଂ ବିଭାଗରେ ଗୋଟିଏ ପରିବର୍ତ୍ତନ ଆଶା କରାଯାଇପାରେ। ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ମହମ୍ମଦ ଶାମି ଖେଳିପାରନ୍ତି। ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଦଳ ବିପକ୍ଷରୁ ଖେଳି ଆସିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ରନ୍ ଭୋଜିରେ ସାମିଲ ହେବାକୁ ପ୍ରୟାସ କରିବ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ପରାଜୟ ପରେ ଆଫଗାନିସ୍ତାନ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ସ୍ପିନରମାନେ ଆଫଗାନିସ୍ତାନ ବୋଲିଂର ମୁଖ୍ୟ ଅସ୍ତ୍ର ହୋଇଥିବା ବେଳେ ରଶିଦ୍ ଖାନ୍ ଓ ମୁଜିବ୍ ଉର୍ ରେହମାନଙ୍କ ଉପରେ ସମସ୍ତଙ୍କ ନଜର ରହିବ। ମୁଜିବ୍ ବୋଲିଂ ଓପନ୍ କରୁଥିବା ବେଳେ ରଶିଦ୍ ପାୱାର ପ୍ଲେ ଓଭର ପରେ ବୋଲିଂ କରିଥାନ୍ତି। ତେବେ ଟି୨୦ ଭଳି ସେ ପ୍ରଭାବ ବିସ୍ତାର କରି ନ ପାରନ୍ତି। ଅନ୍ୟପକ୍ଷରେ ଆଫଗାନିସ୍ତାନ ପକ୍ଷରୁ କେବଳ ଓପନର ରହମାନୁଲ୍ଲା ଗୁରବାଜଙ୍କୁ ଛାଡିଲେ କୌଣସି ବ୍ୟାଟର ଫର୍ମରେ ନାହାନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଆଫଗାନିସ୍ତାନ**

ସ୍ଥାନ: ଦିଲ୍ଲୀ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଭିନ୍ନ ଏକ ଚ୍ୟାଲେଞ୍ଜ

**ଗୌତମ ଗମ୍ଭୀର**

ନିକଟରେ ତାଲିବାନ ଶାସନାଧୀନ ଆଫଗାନିସ୍ତାନରେ ଭୂମିକମ୍ପରେ ୨,୪୪୫ ଲୋକ ନିହତ ହୋଇଥିବା ବେଳେ ୯,୨୪୦ ଆହତ ହୋଇଛନ୍ତି। ଏହି ଦୁଃଖଦ ପରିସ୍ଥିତିରେ ଆଫଗାନିସ୍ତାନ କ୍ରିକେଟ ଦଳ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ୍ ଖେଳୁଛି। ୨୦୦୮ରେ ହୋଇଥିବା ୨୬/୧୧ ଆତଙ୍କବାଦୀ ଆକ୍ରମଣ ଘଟଣା ମୋର ମନେପଡ଼ିଯାଉଛି। ସେତେବେଳେ ମୁଁ ଭାରତୀୟ କ୍ରିକେଟ ଦଳର ଜଣେ ସଦସ୍ୟ ଥିଲି ଏବଂ ଆମେ କଟକଠାରେ ଇଂଲଣ୍ଡ ବିପକ୍ଷରେ ଏକ ମ୍ୟାଚ ଖେଳୁଥିଲୁ। ନ୍ୟୁଜ୍ ଚ୍ୟାନେଲରେ ଘଟଣାଟିର ଫଟୋ ଦେଖି ଆମେ ସ୍ତମ୍ଭୀଭୂତ ହୋଇଯାଇଥିଲୁ। ପୁଣି ମୁମ୍ବାଇରେ ଆତଙ୍କବାଦୀଙ୍କ ଦ୍ୱାରା ନରସଂହାର ବାସ୍ତବିକ ହୃଦୟବିଦାରକ ଥିଲା। ବର୍ତ୍ତମାନ ଆଫଗାନିସ୍ତାନ ଏକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏଭଳି ପରିସ୍ଥିତିରେ ଟୁର୍ନାମେଣ୍ଟ ଖେଳୁଥିବା ଆଫଗାନିସ୍ତାନ ଦଳର ଖେଳାଳିଙ୍କ ମାନସିକତା କ'ଣ ଥିବ ତାହା ଅନୁମାନ କରିହେଉଥିବ। ଏହି ଦଳ ବୁଧବାର ଆୟୋଜକ ଭାରତକୁ ଭେଟିବ। ରଶିଦ ଖାଁ ତାଙ୍କର ସମସ୍ତ ବିଶ୍ୱକପ୍ ମ୍ୟାଚ ଫି ଭୂକମ୍ପ କ୍ଷତିଗ୍ରସ୍ତଙ୍କ ଉଦ୍ଦେଶ୍ୟରେ ଦାନ କରିଛନ୍ତି। କ୍ରିକେଟ ମହଲରୁ ଏଭଳି ସହାୟତା ମୁଁ ଆଶା କରୁଛି। ଏହା ଦୁଃଖର ବିଷୟ ଯେ, ଭୂକମ୍ପ ପ୍ରଭାବିତଙ୍କୁ ସମ୍ମାନ ଜଣାଇ ଏକ ମିନିଟ ନୀରବ ପ୍ରାର୍ଥନା କିମ୍ବା ଖେଳାଳିମାନେ କଳାପଟି ପିନ୍ଧି ଖେଳିବା ଦେଖିବାକୁ ମିଳି ନ ଥିଲା। ମୋର ମନେପଡୁଛି ଚଳିତବର୍ଷ ଓଡ଼ିଶାରେ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୨୬୦ଜଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାକୁ ଯାଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ ଫାଇନାଲ ବେଳେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଖେଳାଳି ଏକ ମିନିଟ ନୀରବ ପ୍ରାର୍ଥନା କରିବା ସହ ହାତରେ କଳାପଟି ବାନ୍ଧି ଖେଳିଥିଲେ। ଚଳିତ ବିଶ୍ୱକପ୍‌ରେ ଚେନ୍ନାଇଠାରେ ଅଷ୍ଟ୍ରେଲିଆକୁ ହରାଇ ଭାରତ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଅନେକେ ହୁଏତ ସହମତ ହୋଇ ନ ପାରନ୍ତି, ଚେନ୍ନାଇ ପିଚ୍‌ର ଲକ୍ଷଣକୁ କିନ୍ତୁ ମୁଁ ପସନ୍ଦ କରେ। ଏହି ପିଚ୍‌ରେ ଜଣେ ବ୍ୟାଟରଙ୍କ ଧୈର୍ଯ୍ୟ ଓ ଦକ୍ଷତାର ପରୀକ୍ଷା ହୋଇପାରିବ। ଚିଦାମ୍ବରମ ଷ୍ଟାଡିୟମରେ ଦର୍ଶକଙ୍କ ଭିଡ଼ ଦେଖିଲେ ମନେହୁଏ ସେମାନେ କମ୍ ସ୍କୋର ବିଶିଷ୍ଟ ମ୍ୟାଚ ଦେଖିବାକୁ ପସନ୍ଦ କରନ୍ତି। ୫୦ଓଭର ଫର୍ମାଟ ଖେଳକୁ ବଞ୍ଚାଇ ରଖିବାକୁ ହେଲେ ସନ୍ତୁଳିତ ପିଚ୍‌ର ଆବଶ୍ୟକ ରହିଛି। କେ.ଏଲ୍. ରାହୁଲ ଓ ବିରାଟ କୋହଲିଙ୍କ ବ୍ୟାଟିଂ ବାସ୍ତବିକ ଖୁବ୍ ଭଲ ଥିଲା। ରାହୁଲଙ୍କ ଚମତ୍କାର ଫୁଟ୍‌ୱର୍କ ସହ ଅଫ୍-ସାଇଡ ଶଟ୍ ମୋତେ ପ୍ରଭାବିତ କରିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କ ବ୍ୟାଟିଂ ଆପାତତଃ ତ୍ରୁଟିହୀନ ଥିଲା। ଭାରତ ଏକଦା ମାତ୍ର ୨ ରନରେ ୩ ଉଇକେଟ ହରାଇ ସାରିଥିବା ବେଳେ ଚାପରେ ଥାଇ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଚ୍ୟାଲେଞ୍ଜିଂ ଥିଲା। ଉଭୟେ ଇନିଂସକୁ ଯେପରି ଭାବେ ଆଗେଇ ନେଲେ ତାହା ଦର୍ଶନୀୟ ଥିଲା। ରବିବାର ରାହୁଲ ଓ କୋହଲିଙ୍କର ଅଲଗା ଅଲଗା ମାପଦଣ୍ଡର ପରୀକ୍ଷା ହୋଇଥିଲା। ଆଫଗାନିସ୍ତାନ ଦଳ ବିପକ୍ଷ ମ୍ୟାଚରେ ଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। (ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା)।




# ପ୍ରଥମ: ଗୋଟିଏ ମ୍ୟାଚ୍‌ରେ ୪ ଶତକ

## ହାଇସ୍କୋରିଂ ମ୍ୟାଚରେ ଶ୍ରୀଲଙ୍କାକୁ ହରାଇଲା ପାକିସ୍ତାନ



ଶତକ ହାସଲ ପରେ ମହମ୍ମଦ ରିଜୱାନ।

**ହାଇଦ୍ରାବାଦ,୧୦।୧୦**

ମଙ୍ଗଳବାର ଦିନିକିଆ କ୍ରିକେଟ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷରେ ୬ ଉଇକେଟରେ ବିଜୟ ହାସଲ କରିଛି ପାକିସ୍ତାନ। ବିଶ୍ୱକପରେ ପ୍ରଥମ ଥର ଏକ ମ୍ୟାଚ୍‌ରେ ୪ ଶତକ ଦେଖିବାକୁ ମିଳିଥିଲା। ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା କୁଶଲ ମେଣ୍ଡିସ୍ ଓ ସାଦିରା ସମରବିକ୍ରମାଙ୍କ ଶତକ ବଳରେ ୯ ଉଇକେଟ ହରାଇ ୩୪୪ ରନ୍ ସ୍କୋର କରିଥିଲା। ଜବାବରେ ଅବଦୁଲ୍ଲା ଶଫିକଙ୍କ ୧୧୩ ଓ ମହମ୍ମଦ ରିଜୱାନଙ୍କ ୧୩୧* ରନ୍ ବଳରେ ପାକିସ୍ତାନ ୪୮.୨ ଓଭରରେ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ କୁଶଲ ମେଣ୍ଡିସ୍ ୧୨୨ ଓ ସାଦିରା ସମରବିକ୍ରମା ୧୦୮ ରନ୍ କରିଥଲେ। ୭୭ ବଲ୍ ଖେଳି ମେଣ୍ଡିସ୍ ୧୪ ଚୌକା ଓ ୬ ଛକା ମାରିଥିଲେ। ଅନ୍ୟପକ୍ଷରେ ଦିନିକିଆ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ ସମରବିକ୍ରମା। ୮୯ ବଲ୍ ଖେଳି ସେ ୧୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଥୁମ୍ ନିଶଙ୍କା ୫୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ହସନ୍ ଅଲୀ ସର୍ବାଧିକ ୪ ଉଇକେଟ ନେଇଥିଲେ। ୩୪୫ ରନ୍ ଲକ୍ଷ୍ୟରେ ପାକିସ୍ତାନ ମାତ୍ର ୩୭ ରନରେ ଦୁଇ ଉଇକେଟ ହରାଇଥିଲା ପାକିସ୍ତାନ। ତେବେ ଅବଦୁଲ୍ଲା ଶଫିକ୍(୧୧୩) ଓ ମହମ୍ମଦ ରିଜୱାନ(୧୩୪*) ତୃତୀୟ ଉଇକେଟରେ ୧୭୬ ରନ୍ ଯୋଡିଥିଲେ। ଶଫିକ୍ ୧୦୩ ବଲ୍ ଖେଳି ୧୦ ଚୌକା ଓ ୩ ଛକା ମାରିଥିଲେ। ରିଜୱାନ ୧୨୧ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରି ଦଳକୁ ବିଜୟୀ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶନକା ୨ ଉଇକେଟ ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଥୀଷା ପଥିରାନା ଓ ମହୀଶ ଥିକ୍‌ସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।ଏହା ସହିତ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟମ ବିଜୟ ସହ ଅପରାଜେୟ ରେକର୍ଡ ବଜାୟ ରଖିଛି ପାକିସ୍ତାନ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୩୪୪/୯(କୁଶଲ ମେଣ୍ଡିସ୍-୧୨୨, ସାଦିରା ସମରବିକ୍ରମା-୧୦୮, ପାଥୁମ ନିଶଙ୍କା-୫୧, ହସନ ଅଲୀ-୪/୭୧, ହାରିସ୍ ରୌଫ୍-୨/୬୪, ଶଦାବ ଖାଁ-୧/୫୫)। ପାକିସ୍ତାନ ୪୮.୨ ଓଭରରେ ୩୪୬/୪(ଅବଦୁଲ୍ଲା ଶଫିକ୍-୧୧୩, ମହମ୍ମଦ ରିଜୱାନ-୧୩୧*, ଦିଲଶାନ ମଦୁଶନକା-୨/୫୪, ମଥିଶା ପଥିରାନା-୧/୬୩)।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ଭାରତ | ୧ | ୧ | ୦ | ୨ | +୦.୮୮୩ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୨ | ୧ | ୧ | ୨ | -୦.୬୫୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ଆଫଗାନିସ୍ତାନ | ୧ | ୦ | ୧ | ୦ | -୧.୪୩୮ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |



ଭାରତ-ଆଫଗାନିସ୍ତାନ ବିଶ୍ୱକପ ମ୍ୟାଚ ପୂର୍ବରୁ ମଙ୍ଗଳବାର ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଏକ ବିରାଟ ଜାତୀୟ ପତାକା ସହ ପିଲାମାନେ।

# ମଲାନଙ୍କ ଶତକ: ଇଂଲଣ୍ଡର ବୃହତ୍ ବିଜୟ

**ଧର୍ମଶାଳା, ୧୦।୧୦**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚରେ ପରାଜୟ ପରେ ଗତଥରର ଚାମ୍ପିୟନ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଦାୱିଦ ମଲାନଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏହି ଦଳ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ବୃହତ୍ ବ୍ୟବଧାନରେ ୧୩୭ ରନରେ ପରାସ୍ତ କରିଛି। ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୬୪ ରନ କରିଥିବାବେଳେ ବାଂଲାଦେଶ ୪୮.୨ ଓଭରରେ ୨୨୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶତକୀୟ ଇନିଂସ ପାଇଁ ମଲନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୨ ମ୍ୟାଚରୁ ଏହା ଇଂଲଣ୍ଡର ପ୍ରଥମ ବିଜୟ ହୋଇଥିବାବେଳେ ବାଂଲାଦେଶର ପ୍ରଥମ ପରାଜୟ। ଇଂଲଣ୍ଡ ନିଜର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ହାରି ଥିବାବେଳେ ବାଂଲାଦେଶ ପ୍ରତିପକ୍ଷ ଆଫଗାନିସ୍ତାନକୁ ପରାସ୍ତ କରିଥିଲା।

ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଦଳର ବୋଲରମାନେ ଆରମ୍ଭରୁ ସେମିତି କିଛି କରିସ୍ମା ଦେଖାଇପାରି ନ ଥିଲେ। ଫଳରେ ଇଂଲଣ୍ଡ ଓପନିଂ ଯୋଡ଼ିରେ ୧୧୫ ରନ ଯୋଗକରି ବଡ଼ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ନିଜର ଶତକ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିଲେ ଜନି ବେୟାରଷ୍ଟୋ। ସେ ୫୯ ବଲରୁ ୫୨ (୮ ଚୌକା) ରନକରି ପ୍ୟାଭିଲିୟନ ଫେରିଥିଲେ। ମଲାନ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୬ଷ୍ଠ ଦିନିକିଆ ଶତକ। ସେ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୧୦୭ ବଲ୍‌ରୁ ୧୬ ଚୌକା ଓ ୫ ଛକା ସହାୟତାରେ ୧୪୦ ରନ କରିଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ଶତକର ନିକଟତର ହୋଇଥିଲେ ହେଁ ଦୁର୍ଭାଗ୍ୟଜନକଭାବେ ୮୨ ରନକରି ଶୋରିଫୁଲ୍ ଇସଲାମଙ୍କ ଏକ ସୁଇଂ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ମୁଶଫିକର ରହିମଙ୍କୁ କ୍ୟାଚ ଦେଇଥିଲେ। ମିଡିଲ୍ ଏବଂ ଟେଲ୍ ଏଣ୍ଡରଙ୍କ ବିଫଳତା ସତ୍ତ୍ୱେ ଇଂଲଣ୍ଡ ୩୬୪ ରନର ବଡ଼ ସ୍କୋର ଛିଡ଼ା କରିଥିଲା। ବାଂଲାଦେଶ ପକ୍ଷରୁ ମେହଦି ହାସନ ସର୍ବାଧିକ ୪ଟି, ଶୋରିଫୁଲ ଇସଲାମ ୩ଟି ଏବଂ ତାସକିନ ଅହମଦ ଓ ଶାକିବ ଅଲ୍ ହାସନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଶତକ ମ୍ୟାଚରେ ବେୟାରଷ୍ଟୋଙ୍କ ଅର୍ଦ୍ଧଶତକ**



ଦାୱିଦ ମଲାନ

ବୃହତ୍ ଟାର୍ଗେଟର ଚାପ ବାଂଲାଦେଶ ଇନିଂସ ଆରମ୍ଭରୁ ପ୍ରତିଫଳିତ ହୋଇଥିଲା। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ୪୯ ରନ ମଧ୍ୟରେ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଇଂଲଣ୍ଡର ରିସି ଟୋପ୍‌ଲେ ବାଂଲାଦେଶର ଏହି ବିପର୍ଯ୍ୟୟ ଘଟାଇଥିଲେ। ଓପନର ଲିଟନ ଦାସ (୭୬ ରନ) ଓ ମିଡିଲ ଅର୍ଡରରେ ମୁଶଫିକର ରହିମ (୫୧) ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ ହେଁ ତାହା ଇଂଲଣ୍ଡକୁ ଚ୍ୟାଲେଞ୍ଜ ଦେବାପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ତୋହିଦ ହ୍ରିଦୟ ୩୯ ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ରିସି ଟୋପଲେ ୪ଟି, କ୍ରିସ୍ ୱୋକ୍ସ ୨ଟି ଏବଂ ସାମ୍ କୁରାନ, ମାର୍କ ଉଡ୍, ଆଡିଲ ରଶିଦ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୫୦ ଓଭରରେ ୩୬୪/୯(ଦାୱିଦ ମଲାନ-୧୪୦, ଜୋ ରୁଟ୍-୮୨, ଜନିବେୟାରଷ୍ଟୋ-୫୨, ମେହଦି ହାସନ-୪/୭୧, ଶୋରିଫୁଲ ଇସଲାମ-୩/୭୫, ତାସକିନ ଅହମଦ-୧/୩୮, ଶାକିବ ଅଲ୍ ହାସନ-୧/୫୨)। ବାଂଲାଦେଶ ୪୮.୨ ଓଭରରେ ୨୨୭/ଅଲ୍‌ଆଉଟ (ଲିଟନ ଦାସ-୭୬, ମୁଶଫିକର ରହିମ-୫୧, ରିସି ଟୋପ୍‌ଲେ-୪/୪୩, କ୍ରିସ୍ ୱୋକ୍ସ-୨/୪୯, ଲିଆମ ଲିଭିଂଷ୍ଟୋନ-୧/୧୩, ମାର୍କ ଉଡ୍-୧/୨୯, ଆଡିଲ ରଶିଦ-୧/୪୨, ସାମ୍ କୁରାନ-୧/୪୭)।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧୧/୨୦୨୩ Bhubaneswar, Wednesday, October 11/ 2023

# ଦେଶରେ ଉତ୍ସବର ପରିବେଶ: ମୋଦି

## ଏସିଆଡ୍ ମେଡାଲିଷ୍ଟଙ୍କୁ ସମ୍ବର୍ଦ୍ଧନା



ନୂଆଦିଲ୍ଲୀରେ ମଙ୍ଗଳବାର ଏସିଆନ ଗେମ୍ସ ପଦକ ବିଜେତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ,୧୦।୧୦(ପି.ଟି.)

ହାଙ୍ଗଝୋରେ ଉଦ୍‌ଯାପିତ ହୋଇଥିବା ଏସିଆନ୍ ଗେମ୍ସ ୨୦୨୩ରେ ପଦକ ବିଜେତା ଭାରତୀୟ ଖେଳାଳିଙ୍କୁ ମଙ୍ଗଳବାର ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସମସ୍ତ ଆଥଲେଟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୪୦ କୋଟି ଦେଶବାସୀଙ୍କ ପକ୍ଷରୁ ମୁଁ ସମସ୍ତ ଆଥଲେଟ ମାନଙ୍କୁ ସ୍ୱାଗତ କରିବାକୁ ଚାହୁଁଛି। ୧୯୫୧ରେ ଯେଉଁ ସ୍ଥାନରୁ ଏସିଆନ୍ ଗେମ୍ସ ଆରମ୍ଭ ହୋଇଥିଲା ସମାନ ସ୍ଥାନରେ ଆଥଲେଟ ମାନଙ୍କ ସହିତ ବସିବା ମୋ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିବା ସହିତ ନିରନ୍ତର ଅଧ୍ୟବସାୟ ପାଇଁ ଖେଳାଳି, କୋଚ୍, ଟ୍ରେନର ଓ ଫିଜିଓ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦେଶ ମାଟିରେ ଏହା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଏକ କ୍ରୀଡା ରାଷ୍ଟ୍ର ଭାବରେ ଆମେ ସଠିକ୍ ଦିଗରେ ଯାଉଥିବା ନେଇ ହୃଦବୋଧ ହେଉଛି ବୋଲି ମୋଦି କହିଥିଲେ। ଭାରତ ଚଳିତ ଗେମ୍ସରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହିତ ସମୁଦାୟ ୧୦୭ ପଦକ ହାସଲ କରିଛି। ଏହା ସହିତ ଖେଳାଳି ମାନଙ୍କ ଏହି ସଫଳତାକୁ ସ୍ୱଦେଶୀ ଟିକାର ସଫଳତା ସହିତ ପ୍ରଧାନମନ୍ତ୍ରୀ ତୁଳନା କରିଥିଲେ। ଶୁଟିଂ, ଆର୍ଚେରୀ, ସ୍କ୍ୱାଶରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ମହିଳା କ୍ରିକେଟ ଓ ପୁରୁଷ କ୍ରିକେଟ ଦଳ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ଶଟ୍‌ପୁଟ୍‌ରେ ୭୨ ବର୍ଷରେ, ୪X୪୦୦ ମିଟର ରିଲେରେ ୬୧ ବର୍ଷ ପରେ,ଇକ୍ୱିଷ୍ଟ୍ରିଆନରେ ୪୧ ଓ ବ୍ୟାଡମିଣ୍ଟନରେ ୪୦ ବର୍ଷ ପରେ ଭାରତ ପଦକ ହାସଲ କରିଥିଲା। ଦଶନ୍ଧି ଧରି ଭାରତ ଏହି ସବୁ ଇଭେଣ୍ଟରେ ପଦକ ହାସଲ କରି ନ ଥିବା ବେଳେ ଖେଳାଳି ମାନଙ୍କ ପ୍ରୟାସରେ ହିଁ ଏହା ସମ୍ଭବ ହୋଇ ପାରିଛି। ଭାରତ ପଦକ ହାସଲ କରିଥିବା ଇଭେଣ୍ଟ ମଧ୍ୟରୁ ୨୦ଟି ରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସଫଳ ହୋଇଥିବା ବେଳେ ଦେଶର ଯୁବ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ରାସ୍ତା ଉନ୍ମୁକ୍ତ କରିଛି।

ପ୍ରଧାନମନ୍ତ୍ରୀ ଦେଶର ନାରୀଶକ୍ତିକୁ ପ୍ରଶଂସା କରିବା ସହିତ ମହିଳା ଆଥଲେଟ ମାନଙ୍କୁ ଏହାର ଶ୍ରେୟ ଦେଇଥିଲେ। ଭାରତ ଯେତିକି ପଦକ ଜିତିଛି ଏହାର ଅଧାରୁ ଅଧିକ ମହିଳା ଖେଳାଳି ମାନେ ଜିତିଥିବା ବେଳେ ପୁରୁଷ ଖେଳାଳିଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରିଛନ୍ତି। ମହିଳା କ୍ରିକେଟ ଦଳ ପଦକ ଜିତି ଆରମ୍ଭ କରିଥିବା ବେଳେ ବକ୍ସିଂରେ ଭାରତୀୟ ଖେଳାଳି ସର୍ବାଧିକ ପଦକ ବିଜୟୀ ହେବାର ରେକର୍ଡ କରୁଛନ୍ତି। ଆଥଲେଟିକ୍ସରେ ମଧ୍ୟ ଭାରତୀୟ ମହିଳା ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ମଧ୍ୟ ଆମର ଆଥଲେଟ ମାନେ ଭଲ ପ୍ରଦର୍ଶନ କରୁଥିଲେ। ୨୦୧୪ ପରଠାରୁ ସରକାରଙ୍କ ଉଦ୍ୟମ କାରଣରୁ ଏଥିରେ ଉନ୍ନତି ଆସିଛି। ୨୦୧୪ ପରଠାରୁ କ୍ରୀଡା ବଜେଟ୍‌କୁ ୩ ଗୁଣ ବୃଦ୍ଧି କରାଯାଇଥିବା ବେଳେ ଖେଲୋ ଇଣ୍ଡିଆ ଓ ଟପ୍ସରେ ଭାରତ ଆଗୁଆ ରହିଛି। ଭାରତ ଆଗାମୀ ଦିନରେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାର ଆଶା ରହିଥିବା ବେଳେ ୨୦୨୬ରେ ଜାପାନରେ ହେବାକୁ ଥିବା ଆଗାମୀ ସଂସ୍କରଣରେ ମଧ୍ୟ ସମାନ ପ୍ରଦର୍ଶନ ଦୋହରାଇବା ନେଇ ଆଶା କରାଯାଉଛି ବୋଲି ମୋଦି କହିଥିଲେ। ବର୍ତ୍ତମାନ ଦେଶର କୋଣ ଅନୁକୋଣରୁ ଆଥଲେଟ ମାନେ ଖେଲୋ ଇଣ୍ଡିଆ ଜରିଆରେ ଚୟନ ହେଉଛନ୍ତି। ସେହିପରି ଯୁବ ଖେଳାଳି ମାନେ ବିଜୟୀ ହେବା କାରଣରୁ ଦେଶ ଏକ ସ୍ପୋର୍ଟିଂ ନେଶନ ହେବା ଆଡକୁ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି।

ଖେଲୋ ଇଣ୍ଡିଆ ବର୍ତ୍ତମାନ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ଏହା ମଧ୍ୟରୁ ୩ ହଜାର ଆଥଲେଟ ବାହାରିଥିବା ବେଳେ ବିଗତ ୯ ବର୍ଷ ମଧ୍ୟରେ ସରକାର ୨୫ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ଏହା ସହ ପ୍ରଧାନମନ୍ତ୍ରୀ କହିଥିଲେ ବର୍ତ୍ତମାନ ସୋସିଆଲ ମିଡିଆରେ ଗୋଟ୍ (ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ) ନାମକ ଶବ୍ଦ ବେଶ ଭାଇରାଲ ହେଉଛି। ଆମର ପ୍ରତ୍ୟେକ ଖେଳାଳି ଜଣେ ଜଣେ ଗୋଟ୍ ବୋଲି ମୋଦି କହିଥିଲେ। ଏହା ସହ ପଦକ ବିଜେତା ଆଥଲେଟ ମାନେ ଡ୍ରଗ୍ସ ବ୍ୟବହାର ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ମୋଦି ଆହ୍ୱାନ ମଧ୍ୟ ଦେଇଥିଲେ।

# ସାତ୍ତ୍ୱିକ-ଚିରାଗ ବିଶ୍ୱର ନମ୍ବର ୧

**ନୂଆଦିଲ୍ଲୀ, ୧୦।୧୦ (ପି.ଟି.):** ବ୍ୟାଡ୍‌ମିଣ୍ଟ ବ୍ୟାଡ୍‌ମିଣ୍ଟ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମଙ୍ଗଳବାର ବିଶ୍ୱ ର୍‍ୟାଙ୍କିଙ୍ଗ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଭାରତର ଷ୍ଟାର ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରଥମ ଭାରତୀୟ ଡବଲ୍ସ ଯୋଡ଼ି ଭାବେ ଏଥିରେ ନମ୍ବର ୱାନ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ହାଙ୍ଗ୍‌ଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ସେମାନେ ଏହି ଗୌରବ ଅର୍ଜନ କରିଛନ୍ତି। ଏହି ଦୁଇଜଣ ଭାରତର ପୂର୍ବତନ ବିଶ୍ୱର ନମ୍ବର ୱାନଙ୍କୁ ନେଇ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏଥିରେ ପ୍ରକାଶ ପାଦୁକୋନ୍, ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତଙ୍କ ନାମ ରହିଛି। ସାତ୍ତ୍ୱିକ ଓ ଚିରାଗ ହେଉଛନ୍ତି ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଓ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା। ଦୁହେଁ ଫାଇନାଲରେ ଦକ୍ଷିଣ କୋରିଆର ଚୋଇ ସୋଲ୍‌ଗ୍ୟୁ ଏବଂ କିମ୍ ଓନ୍‌ହୋଙ୍କୁ ୨୧-୧୮, ୨୧-୧୬ରେ ହରାଇ ଦେଇଥିଲେ। ସାତ୍ତ୍ୱିକ ଓ ଚିରାଗ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୩ ମାର୍ଚ୍ଚରେ ସୁଇସ୍ ଓପନ୍‌ରେ ସେମାନଙ୍କର ପ୍ରଥମ ଟାଇଟଲ ହାସଲ କରିଥିଲେ। ଏପ୍ରିଲରେ ଦୁବାଇରେ ଏସିଆନ ଚାମ୍ପିୟନଶିପ୍‌ରେ ସେମାନେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଜୁନ୍‌ରେ ଇଣ୍ଡୋନେସିଆ ଓପନରେ ପ୍ରଥମ ଭାରତୀୟ ଭାବେ ଏକ ବିଡବ୍ଲ୍ୟୁଏଫ୍ ସୁପର ୧୦୦୦ ଟୁର୍ନାମେଣ୍ଟ ଜିତିଥିଲେ। ସାତ୍ତ୍ୱିକ -ଚିରାଗ ପରେ କୋରିଆ ଓପନ ସୁପର ୫୦୦ ଟାଇଟଲ ଜିତି ର୍‍ୟାଙ୍କିଙ୍ଗ ତାଲିକାରେ ଉପରକୁ ଉଠିବାରେ ଲାଗିଥିଲେ।

# ସ୍କୁଲ୍ସ ଚେସ୍: ଆଂଶିକା, ଶ୍ରୀୟାଂଶ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୧୦।୧୦

(ତପନ ସ୍ୱାଇଁ)

ରାଜ୍ୟ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ସରକାରୀ ହାଇସ୍କୁଲ ପରିସରରେ ୬୭ତମ ରାଜ୍ୟ ସ୍କୁଲ୍ସ (୧୭ ବର୍ଷରୁ କମ୍) ଚେସ୍ ଚାମ୍ପିୟନଶିପ୍ ମଙ୍ଗଳବାର ଶେଷ ହୋଇଛି। ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୨୩ ଜିଲାରୁ ୫୪ ବାଳିକା ଓ ୭୪ ବାଳକ ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ଶେଷରେ ବାଳିକାରେ ଭୁବନେଶ୍ୱରର ଆଂଶିକା ପାଣ୍ଡେ ଓ ବାଳକରେ କଟକର ଶ୍ରୀୟାଂଶ ଦାସ ଚାମ୍ପିୟନ ହୋଇଛନ୍ତି। ଶ୍ରୀୟାଂଶ ୬.୫ ଓ ଆଂଶିକା ୫.୫ ପଏଣ୍ଟ ପାଇଛନ୍ତି। ବାଳିକା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଜୟଲକ୍ଷ୍ମୀ ସାହୁ, କନିସ୍କା ନାୟକ, ରାଜଶ୍ରୀ ପୁହାଣ ଓ ଅଞ୍ଜଳି ମିଶ୍ର ଟପ୍-୫ ଫିନିଶ୍ କରିଛନ୍ତି। ଏହି ପ୍ରତିଯୋଗୀମାନେ ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ନମସ୍ୟା ନଳିନୀ, ଆୟୁଷି ମହାନ୍ତି, ଋତପ୍ରଭା ସାହୁ ଓ ଶ୍ରେଷ୍ଟି ଶ୍ରେୟାସି ଷ୍ଟାଣ୍ଡବାଇ ରହିଛନ୍ତି। ସେହିପରି ବାଳକରେ ଶ୍ରୀୟାଂଶଙ୍କ ବ୍ୟତୀତ ପ୍ରିୟାଂଶ ଦାସ, ପ୍ରତ୍ୟୁଷ ନାୟକ, କୌସ୍ତୁଭ ଦାଶ ଓ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଟପ୍-୫ ଫିନିଶ୍ କରି ଆଗାମୀ ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ପାଇଛନ୍ତି। ଅଂଶୁମାନ ମହାନ୍ତି, ଦିବ୍ୟଜ୍ୟୋତି ମିଶ୍ର, ଆଦିତ୍ୟ ରଞ୍ଜନ ଦାସ ଓ ସତ୍ୟମ ଓଝା ଷ୍ଟାଣ୍ଡବାଇ ରହିଛନ୍ତି। ଏମ୍‌ପି ମହେଶ୍ୱର ସାହୁ, ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଫିଜିକାଲ ଏଜୁକେଶନ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ବିଭୁଦତ୍ତ ରଥ, ସୌମ୍ୟକାନ୍ତ ସାହୁ ଓ ସନ୍ତୋଷ କୁମାର ସାହୁ ତାଙ୍କୁ ସହାୟତା କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ